# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୩/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, January 13/2020 | ★★★★

୪୬ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି ଦାବିକଲେ ଯୁବକ

ମାଙ୍ଗାଲୋରର ଜଣେ ଯୁବକ ନିଜକୁ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପୁଅ ବୋଲି ଦାବି କରିଛନ୍ତି। ତାଙ୍କୁ ଐଶ୍ୱର୍ଯ୍ୟା ଆଇଭିଏଫ୍ ଜରିଆରେ ଲଣ୍ଡନରେ ଜନ୍ମ ଦେଇଥିବା ସେ କହିଛନ୍ତି। ୧୦

୧୫

## ଦୀନେଶଙ୍କୁ ସ୍ୱର୍ଣ୍ଣ ପଦକ

ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଦୀନେଶ କୁମାର।



ଆଜିଠାରୁ ଧରିତ୍ରୀର ମାଟ୍ରିକ ପରୀକ୍ଷା ସାଥୀ: ଦେଖନ୍ତୁ ପୃଷ୍ଠା – ୮ ଓ ୯

# ଲେଉଟିଲା ଶୀତ, ୫ ଦିନ ଥରାଇବ

- ୪.୮ ଡିଗ୍ରୀରେ ସୋନପୁର ଥଣ୍ଡା ସହର
- ୧୦ ଡିଗ୍ରୀ ତଳେ ୧୩ ସହର ତାପମାତ୍ରା
- ସୋମବାର ପାଇଁ ୬ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୨।୧ (ବ୍ୟୁରୋ)

ରାଜ୍ୟରେ ପୁଣି ଲେଉଟିଛି ଶୀତ। ଅଦିନିଆ ବର୍ଷା ମାଟି ଭିଜାଇ ଚାଲିଯିବା ପରେ ଶୀତ ମାଡ଼ି ଆସିଛି। ଅସହ୍ୟ ଥଣ୍ଡାରେ ଥରୁଛି ସାରା ଓଡ଼ିଶା। ରବିବାର ୧୩ ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲାବେଳେ ସୋନପୁର ପୁଣିଥରେ ସବୁଠାରୁ ଥଣ୍ଡା ସହର ପାଲଟିଛି। ସୋନପୁରରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀରେ ସର୍ବନିମ୍ନ ତାପାମାତ୍ରା ୫ ଡିଗ୍ରୀ ରହିଥିବାବେଳେ ଅନୁଗୋଳରେ ୬, ଟିଟିଲାଗଡ଼ରେ ୬.୫, ଦାରିଙ୍ଗବାଡ଼ିରେ ୭.୨, ଝାରସୁଗୁଡ଼ାରେ ୮.୪, କେନ୍ଦୁଝରରେ ୮.୮, କୋରାପୁଟରେ, ବଲାଙ୍ଗୀର ଓ ସମ୍ବଲପୁରରେ ୯, ଭବାନୀପାଟଣାରେ ୯.୩, ସୁନ୍ଦରଗଡ଼ରେ ୯.୫ ଓ ବାଲେଶ୍ୱରରେ ୯.୮ ରେକର୍ଡ କରାଯାଇଛି। ତେବେ କଟକରେ ସର୍ବାଧିକ ୧୦.୨ ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୩ ଡିଗ୍ରୀ ତାପମାତ୍ରା ରହିଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହିଭଳି ଶୀତ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୁଇଦିନ ପର୍ଯ୍ୟନ୍ତ ରାତି ସମୟରେ ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଆସନ୍ତା ୨ରୁ ୩ଦିନ ପର୍ଯ୍ୟନ୍ତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଘନ କୁହୁଡ଼ି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ସୋମବାର ବିଭିନ୍ନ ଜିଲାକୁ ଶୀତର ପ୍ରକୋପ ଅଧିକ ରହିବ। ତେଣୁ ଅନୁଗୋଳ, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର ଆଦି ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।



କନ୍ଧମାଳ ଜିଲା ବାଲିଗୁଡା ବସ୍‌ଷ୍ଟାଣ୍ଡ ଛକରେ ଲୋକେ ନିଆଁ ଜାଳି ବସିଛନ୍ତି।

### ଘନ କୁହୁଡ଼ି, ତୁଷାରପାତ: ଜନଜୀବନ ପ୍ରଭାବିତ

ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ତୁଷାରପାତ ଦେଖିବାକୁ ମିଳିଛି। ଦାରିଙ୍ଗବାଡ଼ି ସମେତ ଗ୍ରୀନ୍‌ବାଡ଼ି, ସିମନବାଡ଼ି, ପର୍ତ୍ତମାହା ☞ ପୃଷ୍ଠା–୪

■ ରାଜ୍ୟରେ ଖାଲିପଡ଼ିଛି ୪୦ରୁ ଅଧିକ ଆଇଏଏସ୍ ଅଫିସର ପଦବୀ

# ଡେପୁଟେଶନରୁ ଫେରୁନାହାନ୍ତି ବାବୁ

ଭୁବନେଶ୍ୱର, ୧୨।୧ (ବ୍ୟୁରୋ)

କୌଣସି ସର୍ବଭାରତୀୟ ସେବା କ୍ଷେତ୍ରରେ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ରହିବାର ନିୟମ ରହିଛି। ସେହି ଅନୁଯାୟୀ ଏହି ଡେପୁଟେଶନର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ରହିଛି। ସାଧାରଣତଃ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥାଆନ୍ତି। ଏହି ଅବଧି ପରେ ଅତିରିକ୍ତ ୨ ବର୍ଷ ପାଇଁ ଏହାକୁ ବୃଦ୍ଧି କରାଯାଇଥାଏ। ଏହିପରି ମୋଟ୍ ୭ ବର୍ଷ ପରେ ଅଧିକାରୀମାନେ ନିଜ ରାଜ୍ୟ କ୍ୟାଡରକୁ ଫେରିବା କଥା। ହେଲେ ଓଡ଼ିଶା କ୍ୟାଡରରେ ରାଜ୍ୟକୁ ଫେରିବାର ଉତ୍ସାହ ଦେଖିବାକୁ ମିଳୁନାହିଁ।

ବିଭିନ୍ନ ସମୟରେ କେନ୍ଦ୍ରକୁ ଡେପୁଟେଶନରେ ଯାଉଥିବା ବାବୁମାନେ ଓଡ଼ିଶାରେ ପୁନଃ ଯୋଗ ନ ଦେଇ କେନ୍ଦ୍ର ସରକାରଙ୍କ ଅଧୀନ ପଦପଦବୀରେ ନିୟୋଜିତ ହୋଇ କାର୍ଯ୍ୟ ଜାରି ରଖୁଛନ୍ତି। ନିର୍ଦ୍ଧାରିତ ସମୟ ପରେ ସେମାନେ ଓଡ଼ିଶାକୁ ଫେରୁନାହାନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୧୯୮୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଆଇ. ଶ୍ରୀନିବାସ। ତାଙ୍କ ଚାକିରିକାଳ ଆସନ୍ତା ମେ'ରେ ସରୁଛି। ସେ ୧୨ ଜୁନ୍, ୨୦୧୪ଠାରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ତେଣୁ ତାଙ୍କର ଓଡ଼ିଶା ଫେରିବା ସମ୍ଭାବନା କମ୍ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ସେହିପରି ୧୯୮୪ ବ୍ୟାଚ୍‌ର ଡକ୍ଟର ଅରୁଣ କୁମାର ପଣ୍ଡା ୨୨ ସେପ୍ଟେମ୍ବର, ୨୦୧୦ରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ୨୨ ସେପ୍ଟେମ୍ବର, ୨୦୧୭ରେ ସେ ରାଜ୍ୟକୁ ଫେରିବେ ବୋଲି ଆଶା କରାଯାଉଥିଲା। ହେଲେ ସେ ପୂର୍ବପରି କେନ୍ଦ୍ରୀୟ ଡେପୁଟେଶନରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସଚିବ ରୂପେ କାର୍ଯ୍ୟ କରୁଛନ୍ତି। ଆସନ୍ତା ଏପ୍ରିଲରେ ତାଙ୍କର ଚାକିରିକାଳ ସରିବାକୁ ଯାଉଛି। ସମାନ ବ୍ୟାଚ୍‌ର

### ଅତିରିକ୍ତ ଦାୟିତ୍ୱରେ ଅନେକ ଅଧିକାରୀ

ଅଫିସର ଅଶୋକ ମହାଦେଓ ରାଓ ଦଲୱାଇ ୩୦ ଏପ୍ରିଲ, ୨୦୧୦ରୁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ୨ ବର୍ଷ ପୂର୍ବେ ସେହି ପଦରେ ଥାଇ ସେ ଅବସର ଗ୍ରହଣ କରିଛନ୍ତି। ୧୯୮୫ ବ୍ୟାଚ୍‌ର ୟୁ.ପି. ସିଂହ ୨୫ ଏପ୍ରିଲ, ୨୦୧୧ରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେ ୨୬ ଏପ୍ରିଲ, ୨୦୧୬ରେ ଓଡ଼ିଶା ଫେରିବେ ବୋଲି ଆଶା କରାଯାଉଥିଲା। ଇତି ମଧ୍ୟରେ ସର୍ବାଧିକ ୭ ବର୍ଷ ସ୍ଥଳେ ପ୍ରାୟ ୯ ବର୍ଷ ରହିବା ପରେ ମଧ୍ୟ ସେ ରାଜ୍ୟକୁ ଫେରିନାହାନ୍ତି। ଅନୁରୂପଭାବେ ଏହି ଅଧିକାରୀମାନେ ଫେରିବା ନେଇ କୌଣସି ପ୍ରଶାସନିକ ଆଭାସ ମିଳୁନାହିଁ। ସମାନ ବ୍ୟାଚ୍‌ର ଏସ୍.ଏନ୍. ତ୍ରିପାଠୀ ୧୫ ଏପ୍ରିଲ ୨୦୧୩ରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଗତ ଏପ୍ରିଲରେ ତାଙ୍କର ଫେରିବାର ଥିଲା, ମାତ୍ର ସେ ମଧ୍ୟ ଉପରୋକ୍ତ ଅଫିସରମାନଙ୍କ ପରି କେନ୍ଦ୍ରୀୟ ଡେପୁଟେଶନରେ କାର୍ଯ୍ୟ କରୁଛନ୍ତି। ୧୯୯୧ ବ୍ୟାଚ୍‌ର ସତ୍ୟବ୍ରତ ସାହୁ ଗତ ମେ'ରେ ଡେପୁଟେଶନରୁ ଫେରିଥାନ୍ତେ, ଅଥଚ ସେ ମଧ୍ୟ ପୂର୍ବପରି କାର୍ଯ୍ୟ ଜାରି ରଖିଛନ୍ତି। ୨୦୦୨ ବ୍ୟାଚ୍‌ର ଦେବଯାନୀ ଚକ୍ରବର୍ତ୍ତୀ ୨୬ ଫେବୃୟାରୀ, ୨୦୧୮ ରେ ଫେରିବାର ଥିଲା, ମାତ୍ର ସେ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନ ମୋହ ଛାଡି ନାହାନ୍ତି। ଅପରପକ୍ଷରେ ୨୦୧୯ରେ ୧୯୯୮ ବ୍ୟାଚ୍ ଅଧିକାରୀ ଏସ୍.କେ. ବଶିଷ୍ଠ ରାଜ୍ୟକୁ ଫେରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ସେପରି କୌଣସି ଘଟଣା ଘଟିଲା ନାହିଁ। ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ପାଢ଼ୀଙ୍କ ଡେପୁଟେଶନ ଇତିମଧ୍ୟରେ ବୃଦ୍ଧି ପାଇଛି। ନିକଟରେ ୧୯୯୦ ବ୍ୟାଚ୍‌ର ନୀତେନ୍ ଚନ୍ଦ୍ର ଏବଂ ଗୁଡେ ଶ୍ରୀନିବାସ କେନ୍ଦ୍ରକୁ ଯାଇଛନ୍ତି। ୨୦୧୯ରେ ଟି.କେ. ପାଣ୍ଡେ, ସୁରେନ୍ଦ୍ର ମୀନା, ରାଜେଶ ବର୍ମା, ଚନ୍ଦ୍ରଶେଖର କୁମାର ପ୍ରମୁଖ ଡେପୁଟେଶନରେ ଯାଇଛନ୍ତି। ୨୦୧୮ରୁ ଏଯାବତ୍ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଅଧିକାରୀ ରାଜ୍ୟକୁ ଫେରୁଥିବାର ଏତେଟା ଲକ୍ଷ୍ୟ କରାଯାଇନାହିଁ। ପୂର୍ବରୁ ଆଇଏଏସ୍ ଅଫିସର ବିନୋଦ କୁମାର ନିଲମ୍ବିତ ହୋଇସାରିଛନ୍ତି। ନିକଟରେ ବିଜୟ କେତନ ଉପାଧ୍ୟାୟଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୪୦ରୁ ଅଧିକ ଆଇଏଏସ୍ ପଦବୀ ଖାଲି ପଡ଼ିଛି। ଅପରପକ୍ଷରେ କେନ୍ଦ୍ରୀୟ ଡେପୁଟେଶନରୁ ଅଧିକାରୀ ନ ଫେରିବା ଏବଂ ଏପରି ସ୍ଥଳେ ପୁଣି ଡେପୁଟେସନ ପାଇଁ ଅଧିକ ଅଧିକାରୀଙ୍କୁ ଅନୁମତି ଦିଆଯିବା ଦୀର୍ଘ ☞ ପୃଷ୍ଠା–୪

### ନିକଟରେ ଯାଇଛନ୍ତି

- ଜି. ଶ୍ରୀନିବାସ
- ନୀତେନ ଚନ୍ଦ୍ର
- ଟି.କେ. ପାଣ୍ଡେ
- ସୁରେନ୍ଦ୍ର ମୀନା
- ରାଜେଶ ବର୍ମା
- ଚନ୍ଦ୍ରଶେଖର କୁମାର
- ଜି.ଭି.ଭି. ଶର୍ମା

### ନିଲମ୍ବିତ ହୋଇଛନ୍ତି

- ବିନୋଦ କୁମାର
- ବିଜୟ କେତନ ଉପାଧ୍ୟାୟ

### ଆଜିର ସମ୍ପାଦକୀୟ

କଥାକଥାରେ

### ଆଜିର ମନ୍ତବ୍ୟ

"ସବୁ ଧର୍ମକୁ ସମ୍ମାନ ଦେବା ଭାରତୀୟଙ୍କ ରକ୍ତରେ ଅଛି।

–ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

### କିଛି ତଥ୍ୟ

ଜାନୁୟାରୀ ମାସରେ ପୁଞ୍ଜି ବଜାରର ଡେଟ୍ ସେଗ୍‌ମେଣ୍ଟରୁ ବିଦେଶୀ ନିବେଶକମାନେ ୩,୧୯୩ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି।

– ଷ୍ଟକ ବଜାର ଡିପୋଜିଟୋରୀ ତଥ୍ୟ


Vencobb FRESH CHICKEN

12.01.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 79 | 131 | 141 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 80 | 132 | 142 |
| BHM | 78 | 129 | 139 |

*Conditions Apply

Issued in the Interest of Consumers


# ନାବାଳିକାଙ୍କୁ ଗଣବଳାତ୍କାର

## ୨ ଅଟକ, ପୀଡ଼ିତାଙ୍କ ଅବସ୍ଥା ଗୁରୁତର

ବ୍ରହ୍ମପୁର ଅଫିସ, ୧୨।୧

ଗଞ୍ଜାମ ଜିଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୮ ମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ହାତଗୋଡ ବାନ୍ଧି ଗଣ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଜଣଙ୍କ ଚିକିତ୍ସିତ ହେଉଥିବା ଖବର ପାଇବା ପରେ ପୋଲିସ ସେଠାରେ ପହଞ୍ଚିଥିଲା। ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ମହିଳା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି। ଅନ୍ୟପଟେ ତାଙ୍କ ବୟାନକୁ ଆଧାର କରି ପୋଲିସ ୨ ଜଣ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି। ଏ ନେଇ ମାରାଇନ ଥାନାରେ ୧/୨୦ରେ ମାମଲା ରୁଜୁ କରାଯାଇଥିବା ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ପୀଡ଼ିତା ଜଣଙ୍କ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ସେ ଶୌଚ ହେବା ପାଇଁ ଯାଇଥିବା ବେଳେ ତାଙ୍କୁ ଏକତରଫା ଭଲ ପାଉଥିବା ଜଣେ ଯୁକ୍ତ ୩ ଛାତ୍ର ପାଖରେ ଥିବା ଏକ ବୁଦାମୂଳକୁ ଡାକି ନେଇଯାଇଥିଲେ। ସେଠାରେ ଅନ୍ୟ ୨ଜଣ ସାଙ୍ଗଙ୍କ ସହ ମିଶି ତାଙ୍କ ହାତଗୋଡ ବାନ୍ଧି ତାଙ୍କୁ କିଛି ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ। ପରେ ସେମାନେ ବଳାତ୍କାର କରିଥିଲେ ବୋଲି ପୀଡିତା ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଶନିବାର ସେ କୌଶଳକ୍ରମେ ସେଠାରୁ ଖସି ଆସି ଗୁରୁତର ଅବସ୍ଥାରେ ଘରକୁ ଫେରିଥିଲେ। ତାଙ୍କୁ ବ୍ରହ୍ମପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ପୀଡ଼ିତାଙ୍କ ମାମୁ କହିଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ ପୋଲିସ ଧରିପାରିବ ବୋଲି ଆଶା କରୁଛି। ଥାନାରେ ଅଟକ ଯୁବକଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ଜଣାପଡିଛି।

# ୩ ଆତଙ୍କବାଦୀ ନିହତ

## ୨ ନାଗରିକଙ୍କ ମୁଣ୍ଡ କାଟିଲା ବିଏଟି

ଶ୍ରୀନଗର, ୧୨।୧

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ତ୍ରାଲ ସେକ୍ଟରରେ ରବିବାର ସକାଳେ ଯବାନଙ୍କ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ସେକ୍ଟରର ଗୁଲ୍‌ଶାନପୋରା ଅଞ୍ଚଳରେ ଆତଙ୍କବାଦୀ ଲୁଚିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ସେହି ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଜବାବ ଦେଇଥିଲେ। ଘଟଣାସ୍ଥଳରୁ ୩ ଆତଙ୍କବାଦୀଙ୍କ ମୃତଦେହ ମିଳିଛି। ଅନ୍ୟପକ୍ଷରେ ପାକିସ୍ତାନୀ ସୈନ୍ୟବାହିନୀର ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବିଏଟି)ର ସଦସ୍ୟମାନେ ଭାରତୀୟ ସୀମାରେ ଅନୁପ୍ରବେଶ କରି ପୁଞ୍ଛ୍ ସେକ୍ଟରରେ ଦୁଇଜଣ ସାଧାରଣ ନାଗରିକଙ୍କ ମୁଣ୍ଡ କାଟ୍ କରିଛନ୍ତି। ସେମାନେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟବର୍ତ୍ତୀ ନିଜ କ୍ଷେତରେ କାମ କରୁଥିବାବେଳେ ବିଏଟି ସଦସ୍ୟ ଆକ୍ରମଣ କରିଥିଲେ। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।







# ପଶ୍ଚିମବଙ୍ଗରେ ମୋଦିଙ୍କ ନିର୍ବାଚନୀ ଭାଷଣ

 କୋଲକାତା, ୧୨।୧

କେନ୍ଦ୍ରରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ୨୦୨୧ରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନଜରରେ ରଖି ଭାଜପା ପାଇଁ ପ୍ରଚାର ଆରମ୍ଭ କରିଥିବା କୁହାଯାଉଛି। ଲୋକ ସଭା ନିର୍ବାଚନ ପରେ ଗୋଟିଏ ପରେ ଗୋଟିଏ ରାଜ୍ୟ ଭାଜପା ହାତରୁ ଖସୁଥିବାବେଳେ ପଶ୍ଚିମବଙ୍ଗରେ କ୍ଷମତା ଦଖଲ ଲାଗି ଦଳ ଜୋର୍‌ଦାର ଉଦ୍ୟମ ଚଳାଇଛି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ, ପଶ୍ଚିମବଙ୍ଗ ସରକାର ଆୟୁଷ୍ମାନ ଭାରତ ଏବଂ ପିଏମ୍ କିଷାନ ସମ୍ମାନ ନିଧି ଭଳି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରୁନାହାନ୍ତି। ତେବେ ରାଜ୍ୟବାସୀ କେନ୍ଦ୍ରୀୟ ଯୋଜନା ସୁବିଧା ହରାଇବାକୁ ବେଶିଦିନ ବରଦାସ୍ତ କରିବେ ନାହିଁ ବୋଲି ମୋଦି କହିଥିଲେ।



- ଶ୍ୟାମାପ୍ରସାଦଙ୍କ ନାମରେ ନାମିତ ହେଲା କୋଲକାତା ବନ୍ଦର
- ବିରୋଧୀଙ୍କ ସମାଲୋଚନା
- କାର୍ଯ୍ୟକ୍ରମରେ ଯୋଗଦେଲେନି ମମତା

ସିଏଏକୁ ସାରା ଦେଶରେ ବିରୋଧ ଜାରି ରହିଥିବାବେଳେ ଏହା କାହାର ନାଗରିକତ୍ୱ ଛଡାଇନେବା ପାଇଁ ନୁହେଁ ବରଂ ନାଗରିକତ୍ୱ ପ୍ରଦାନ କରିବା ପାଇଁ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଆଇନର ଯଥାର୍ଥତା ସମ୍ପର୍କରେ କହିବାକୁ ଯାଇ ମହାତ୍ମା ଗାନ୍ଧୀଙ୍କ ନାଁ ନେଇଥିଲେ ମୋଦି। ଏହି ଆଇନ ଆଣି ତାଙ୍କ ସରକାର ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି। ପାକିସ୍ତାନରେ ବିଦ୍ୱେଷର ସମ୍ମୁଖୀନ ହୋଇଥିବା ଧର୍ମୀୟ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଗାନ୍ଧିଜୀ ଚାହୁଁଥିଲେ ବୋଲି ପ୍ରଧାନମନ୍ତ୍ରୀ ବେଲୁର ମଠରେ ଉଦ୍‌ବୋଧନ ଦେଇ କହିଛନ୍ତି। ରାମକୃଷ୍ଣ ମିଶନର ମୁଖ୍ୟାଳୟ ବେଲୁର ମଠରେ ପ୍ରଧାନମନ୍ତ୍ରୀ ଶନିବାର ରାତ୍ରିଯାପନ କରିଥିଲେ। ରବିବାର ସକାଳେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ତଥା ଅନ୍ତର୍ଜାତୀୟ ଯୁବଦିବସ ଅବସରରେ ସେ ଯୁବଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସିଏଏକୁ ନେଇ ବିରୋଧୀ ☞ ପୃଷ୍ଠା–୪

## ଲଦାଖରେ ଭୂକମ୍ପ

ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ରବିବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୩ ଥିଲା। ରବିବାର ସକାଳ ୧୦ଟା ୫୪ରେ ଅନୁଭୂତ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ପାକ୍ ଅଧିକୃତ କଶ୍ମୀରରେ ବୋଲି ନ୍ୟାଶନାଲ ସେଣ୍ଟର ଫର ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ଭୟରେ ଲୋକେ ଘରୁ ବାହାରି ଆସିଥିଲେ। ତେବେ ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।




ଗୟାରେ ରବିବାର ମହିଳାମାନେ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



କଶ୍ମୀରର ତ୍ରାଲ ଅଞ୍ଚଳରେ ସେନା ଯବାନମାନେ ତଲାସୀ ଅଭିଯାନ ଚଳାଇଛନ୍ତି।



ବିକାନେରରେ ୨୭ତମ ଅନ୍ତର୍ଜାତୀୟ କ୍ୟାମେଲ ଫେଷ୍ଟିଭାଲରେ ପର୍ଯ୍ୟଟକମାନେ ପଗଡ଼ି ବନ୍ଧା ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

# ସିଏଏ ବିରୋଧରେ ବିପକ୍ଷ ମେଳି ଆଜି

**ଯୋଗ ଦେବେନି ମମତା ଓ ମାୟାବତୀ**

**ରାଜନୈତିକ ସ୍ଥିତି ନେଇ ଆଲୋଚନା ହେବ**

ନୂଆଦିଲ୍ଲୀ,୧୨।୧

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ସୋମବାର ଅପରାହ୍ଣରେ ବିରୋଧୀ ଦଳଗୁଡ଼ିକ ଏକାଠି ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଛାତ୍ର ଆନ୍ଦୋଳନ ପରବର୍ତ୍ତୀ ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଏହି ବୈଠକ ମାଧ୍ୟମରେ ବିରୋଧୀ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିବା ଆଶା କରାଯାଉଛି। ତେବେ ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଯୋଗଦେବେନି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୮ ତାରିଖ ଟ୍ରେଡ ୟୁନିୟନର ଭାରତ ବନ୍ଦ ବେଳେ ବାମଦଳ ଓ ତୃଣମୂଳ କଂଗ୍ରେସ ସଦସ୍ୟମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ କ୍ଷୁବ୍ଧ ମମତା ବିରୋଧୀଙ୍କ ବୈଠକରେ ସାମିଲ ହେବେନାହିଁ ବୋଲି କହିଥିଲେ। ସେହିପରି ରାଜସ୍ଥାନର କୋଟା ହସ୍ପିଟାଲରେ ଶିଶୁ ମୃତ୍ୟୁକୁ ନେଇ ମାୟାବତୀ ନିକଟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଉପରେ ବର୍ଷିଥିଲେ। କୋଟାରେ ଏତେସଂଖ୍ୟାରେ ଶିଶୁଙ୍କ ମୃତ୍ୟୁ ହେବା ସତ୍ତ୍ୱେ ସେଠାକୁ ଯାଇ ମାଆମାନଙ୍କୁ ସମବେଦନା ଜଣାଇବାକୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ପାଖରେ ସମୟ ନାହିଁ। ସେ ରାଜନୈତିକ ସ୍ୱାର୍ଥ ଓ କୁମ୍ଭୀରକାନ୍ଦଣା ପାଇଁ ଉତ୍ତରପ୍ରଦେଶ ଆସି ଆହତଙ୍କ ପରିବାରକୁ ଭେଟୁଛନ୍ତି ବୋଲି ବିଏସ୍‌ପି ନେତ୍ରୀ କହିଥିଲେ। ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ସୋନିଆ ସିଏଏକୁ ବିରୋଧ କରିଥିଲେ। ସରକାର ତୁରନ୍ତ ସିଏଏ ପ୍ରତ୍ୟାହାର କରିନେବା ସହ ଏନ୍‌ପିଆର ପ୍ରକ୍ରିୟା ବନ୍ଦ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା।

## ■ ରାହୁଲ, ମମତାଙ୍କୁ ଶାହାଙ୍କ ଚାଲେଞ୍ଜ
# କେମିତି ନାଗରିକତ୍ୱ ଯିବ ପ୍ରମାଣ ଦିଅ

**ଜବଲପୁର,୧୨।୧(ପି.ଟି.):** ସିଏଏ କାର୍ଯ୍ୟକାରୀ ହେବାର ଦୁଇଦିନ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କଂଗ୍ରେସ ଓ ଟିଏମ୍‌ସି ଉପରେ ବର୍ଷିଛନ୍ତି। ଅଯଥାରେ ଏହି ଦୁଇଦଳ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସିଏଏ ନାଗରିକତ୍ୱ ଛଡ଼ାଇ ନେବ ବୋଲି ଯାହା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ଏନେଇ ଲୋକଙ୍କୁ ଏଣୁ ତେଣୁ ଭୂତାଇ ବିଭ୍ରାନ୍ତ କରୁଛନ୍ତି। ଏନେଇ ଗୋଟିଏ ପ୍ରମାଣ ଦେଖାନ୍ତୁ ବୋଲି ଶାହା ଚାଲେଞ୍ଜ ଦେଇ କହିଛନ୍ତି। ମଧ୍ୟପ୍ରଦେଶର ଜବଲପୁରଠାରେ ଏକ ଜନସଭାକୁ ସମ୍ବୋଧନ କରି ପାକିସ୍ତାନ ଓ ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରର



ଉତ୍ପୀଡ଼ିତ ହିନ୍ଦୁ, ଖ୍ରୀଷ୍ଟିଆନ୍, ଶିଖ୍, ବୌଦ୍ଧ, ପାର୍ସି, ଜୈନ୍ ଧର୍ମର ଲୋକଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଉତ୍ପୀଡ଼ନ ସହି ନ ପାରି ଏମାନେ ଭାରତରେ ରହିବାକୁ ଚାହୁଁଛନ୍ତି। ସରକାର ସେମାନଙ୍କ ଲାଗି ସିଏଏ ଆଣିଛନ୍ତି। ଏମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ବିଶ୍ରାମ ନିଆଯାଇପାରିବନି ବୋଲି ଶାହା କହିଛନ୍ତି। ଏହାଦ୍ୱାରା ଭାରତୀୟଙ୍କ ନାଗରିକତ୍ୱ ପ୍ରତି କୌଣସି ବିପଦ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିରୋଧୀମାନେ ନିଜର ଭୋଟବ୍ୟାଙ୍କ ଲାଗି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏଥିଲାଗି ଭାଜପା ପକ୍ଷରୁ ଘରକୁ ଘର ବୁଲି ସଚେତନ କରାଯାଉଛି। କଂଗ୍ରେସ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିଛି। କେତେକ ଅଣଭାଜପା ରାଜ୍ୟ ଏହାକୁ ବିରୋଧ କରିଆସୁଛନ୍ତି। ରାଜ୍ୟରେ ଏହାକୁ ଲାଗୁ କରାଇ ନ ଦେବା ଲାଗି ଚକ୍ରାନ୍ତ କରୁଛନ୍ତି। କେନ୍ଦ୍ରୀୟ ଆଇନକୁ ସମ୍ମାନ ଜଣାଇବା ରାଜ୍ୟର ଧର୍ମ। ଏହା ନାଗରିକଙ୍କ ସୁରକ୍ଷା ଲାଗି ଉଦ୍ଦିଷ୍ଟ ବୋଲି ଶାହା ପ୍ରକାଶ କରିଛନ୍ତି।

## ମାଟିରେ ମିଶିଲା ୪ ବେଆଇନ ଆପାର୍ଟମେଣ୍ଟ



କୋଚି,୧୨।୧(ପି.ଟି.)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ମାଟିରେ ମିଶିଛି। ପରିବେଶ ନିୟମ ଉଲ୍ଲଂଘନ କରି ଘର କରୁଥିବା ଲୋକମାନଙ୍କୁ ଏହା ଏକ ଶକ୍ତ ବାର୍ତ୍ତା। ମରାଡୁ ମ୍ୟୁନିସିପାଲିଟିରେ ଥିବା ହୋଲି ଫେଥ୍ ଏବଂ ଟୁଇନ୍ ଟାୱାର ଆଲ୍‌ଫା ସେରେନ ଆପାର୍ଟମେଣ୍ଟକୁ ନିୟନ୍ତ୍ରିତ ବିସ୍ଫୋରଣ ପଦ୍ଧତିରେ ଭଙ୍ଗାଯାଇଥିଲା। ରବିବାର ଅନୁରୂପ ଭାବେ ଅନ୍ୟ ଦୁଇଟି ଅଟ୍ଟାଳିକାକୁ ଭାଙ୍ଗିଦିଆଯାଇଛି। ସେଗୁଡ଼ିକ ବେଆଇନ ଭାବେ ନିର୍ମାଣ କରାଯାଇଥିଲା, ଯାହାକି କୋଷ୍ଟାଲ୍ ରେଗୁଲେଶନ ଜୋନ୍‌ର ନିୟମ ଉଲ୍ଲଂଘନ କରୁଥିଲା। ଦେଶରେ ବେଆଇନ ଆପାର୍ଟମେଣ୍ଟ ଧ୍ୱଂସ କରାଯିବା ଏହା ପ୍ରଥମ ଘଟଣା। ୪ଟି ବିଲ୍ଡିଂରେ ୩୫୦ ଫ୍ଲାଟ ରହିଥିଲା, ଯାହା କେଇ ସେକେଣ୍ଡ ମଧ୍ୟରେ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ ସଫଳ ହୋଇଥିବା ଏର୍ନାକୁଲମ ଜିଲାପାଳ ଏସ୍ ସୁହାସ ଏବଂ କୋଚି ପୋଲିସ କମିଶନର ବିଜୟ ସଖାରେ କହିଛନ୍ତି। ହ୍ରଦ ପାର୍ଶ୍ୱରେ ଅବସ୍ଥିତ ଏହି ବିଲ୍ଡିଂଗୁଡ଼ିକୁ ଧ୍ୱଂସ କରିବାରେ ୭୫୦ କିଲୋଗ୍ରାମ ବିସ୍ଫୋରକ ବ୍ୟବହାର କରାଯାଇଥିଲା। ସେଗୁଡ଼ିକୁ ଭାଙ୍ଗିଦେବାକୁ ୮ ମାସ ପୂର୍ବେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଗିରଫ ଡିଏସ୍‌ପିଙ୍କୁ ଆତଙ୍କବାଦୀ ଭଳି ଜେରା କରାଯିବ

**ଶ୍ରୀନଗର,୧୨।୧:** ହିଜବୁଲ ମୁଜାହିଦ୍ଦିନ ଓ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କ ସହ ଧରାପଡିଥିବା ଜମ୍ମୁ-କଶ୍ମୀରର ଡିଏସ୍‌ପି ଦେବୀନ୍ଦର ସିଂଙ୍କୁ ଗିରଫ କରାଯାଇଛି। ସେ ପୂର୍ବରୁ ସ୍ପେଶାଲ ଅପରେଶନ ଗ୍ରୁପ୍‌ରେ ସାମିଲ ଥିଲେ ଓ ସାହସିକତା ପାଇଁ ଗତବର୍ଷ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ପଦକ ପାଇଥିଲେ। ଆତଙ୍କବାଦୀଙ୍କ ସହ ଗୋଟିଏ କାର୍‌ରେ ଯାତ୍ରା କରୁଥିବାବେଳେ ସେ ଧରାପଡ଼ିଥିଲେ। ଏହା ଏକ ଗୁରୁତର ଅପରାଧ। ଡିଏସ୍‌ପି ସିଂଙ୍କୁ ଜଣେ ଆତଙ୍କବାଦୀ ଭଳି ବ୍ୟବହାର ପ୍ରଦର୍ଶନ କରାଯିବା ସହ ସବୁ ସୁରକ୍ଷା ସଂସ୍ଥା ମିଳିତ ଭାବେ ତାଙ୍କୁ ଜେରା କରିବେ ବୋଲି କଶ୍ମୀର ପୋଲିସ ଆଇଜି ବିଜୟ୍ କୁମାର କହିଛନ୍ତି।






ପ୍ରୟାଗରାଜ: ମାଘମେଳା ଉତ୍ସବ ଅବସରରେ ବିଶ୍ୱହିନ୍ଦୁ ପରିଷଦ ପେଣ୍ଡାଲରେ ଜଣେ ଭିଏଚ୍‌ପି କର୍ମୀ ରାମମନ୍ଦିରର ପ୍ରତିକୃତି ସ୍ଥାପନ କରୁଛନ୍ତି।

## ଭାଜପା ଛାଡ଼ିବାକୁ ସୋନୋୱାଲଙ୍କୁ କଂଗ୍ରେସର ପ୍ରସ୍ତାବ

ଗୁଆହାଟୀ,୧୨।୧(ପି.ଟି.)

ବିଧାୟକମାନଙ୍କ ସହ ଭାଜପା ଛାଡ଼ି ସିଏଏ ବିରୋଧୀ ସରକାର ଗଠନ କରିବାକୁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ବିରୋଧୀ ଦଳ ନେତା ଦେବବ୍ରତ ସାଇକିଆ ପ୍ରସ୍ତାବ ଦେଇଛନ୍ତି। ସୋନୋୱାଲଙ୍କ ନେତୃତ୍ୱରେ ବିକଳ୍ପ ସରକାରକୁ କଂଗ୍ରେସ ସମର୍ଥନ ଯୋଗାଇଦେବ ବୋଲି ସେ କହିଛନ୍ତି। ଜାନୁୟାରୀ ୧୦ରୁ ଦେଶରେ ସିଏଏ କାର୍ଯ୍ୟକାରୀ ହେଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ଆସାମରେ ଲାଗୁ ନ କରିବାକୁ ହେଲେ ବିକଳ୍ପ ସରକାରର ଆବଶ୍ୟକତା ରହିଛି। ଏଥିପାଇଁ ସୋନୋୱାଲ ଓ ତାଙ୍କର ଦଳୀୟ ବିଧାୟକମାନେ ଭାଜପା ଛାଡ଼ି ସ୍ୱାଧୀନ ଭାବେ ସରକାର ଗଠନ କଲେ ଆମେ ସମର୍ଥନ ଯୋଗାଇଦେବୁ ବୋଲି ସାଇକିଆ ଖବରଦାତାମାନଙ୍କୁ କହିଛନ୍ତି।

## ■ ମହିଳା ଯାତ୍ରୀଙ୍କ ବିସ୍ଫୋରଣ ଧମକ
# ବିମାନର ଜରୁରୀ ଅବତରଣ

କୋଲକାତା,୧୨।୧

ବିସ୍ଫୋରଣରେ ବିମାନ ଉଡ଼ାଇଦେବେ ବୋଲି ଜଣେ ମହିଳା ଯାତ୍ରୀ ଶନିବାର ରାତିରେ ଧମକ ଦେବା ପରେ ମୁମ୍ବାଇ ଅଭିମୁଖେ ଯାଉଥିବା ଏୟାରଏସିଆର ଏକ ବିମାନକୁ ଫେରାଇ ଅଣାଯାଇ କୋଲକାତାର ନେତାଜୀ ସୁଭାଷଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ମୋହିନୀ ମଣ୍ଡଳ(୨୫) ନାମ୍ନୀ ଏହି ମହିଳାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର କୋଲକାତାର ସଲ୍ଟ ଲେକ୍ ଅଞ୍ଚଳରେ। କୋଲକାତାରୁ ବିମାନଟି ଉଡ଼ାଣ କରିବାର ୪୦ ମିନିଟ ପରେ ସେ ଜଣେ କ୍ୟାବିନ କର୍ମଚାରୀଙ୍କୁ ଏକ ଲେଖା ଦେଇ ପାଇଲଟ୍‌ଙ୍କୁ ଦେବାକୁ କହିଥିଲେ। ସେଥିରେ ଲେଖାଥିଲା, ତାଙ୍କ ଶରୀରରେ ବୋମା ଖଞ୍ଜାଯାଇଛି ଓ ଯେକୌଣସି ମୁହୂର୍ତ୍ତରେ ସେ ଏହାକୁ ବିସ୍ଫୋରଣ କରିପାରିବେ। ପାଇଲଟ୍ ଏ ସମ୍ପର୍କରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ଜଣାଇଥିଲେ। ସଙ୍ଗେସଙ୍ଗେ କୋଲକାତା ବିମାନବନ୍ଦରରେ ଜରୁରୀ ସ୍ଥିତି ଜାରି କରାଯାଇଥିଲା। ବିମାନଟି ଜରୁରୀ ଅବତରଣ କରିବା ପରେ ମହିଳା ଯାତ୍ରୀଙ୍କୁ ସିଆଇଏସ୍‌ଏଫ୍ ଯବାନମାନେ ଗିରଫ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ଯାଞ୍ଚରୁ ତାଙ୍କ ପାଖରେ ବୋମା ନ ଥିବା ଜଣାପଡିଥିଲା। ତେବେ ସେ କ'ଣ ପାଇଁ ଏଭଳି ଧମକ ଦେଲେ ତାହା ଜଣାପଡିନାହିଁ।

## ଇତିହାସର ଆଇନାରେ
### ଜାନୁୟାରୀ ୧୩ର ପ୍ରମୁଖ ଘଟଣା

୨୦୦୧ ଜାନୁୟାରୀ ୧୩ରେ ଏଲ୍ ସାଲଭେଡରରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ୯୦୦ ଲୋକ ପ୍ରାଣ ହରାଇଥିଲେ। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୭.୬ ରହିଥିଲା। ପ୍ରାୟ ୯ ହଜାର ଲୋକ ଏଥିରେ ଆହତ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୨୦୧୨ ଜାନୁୟାରୀ ୧୩ରେ ଇଟାଲି ଉପକୂଳରେ କୋଷ୍ଟା କଙ୍କୋର୍ଡିଆ କ୍ରୁଜ୍ ଜାହାଜ ବୁଡ଼ିଯିବା ଫଳରେ ୩୨ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ଏଥିରେ କ୍ୟାପ୍‌ଟେନ ଫ୍ରାନ୍‌ସେସ୍କୋ ଚେଟିନୋଙ୍କ ଦାୟିତ୍ୱହୀନତା ପଦାରେ ପଡ଼ିଥିଲା। ତାଙ୍କ ଅବହେଳା ଯୋଗୁ ଏହି ଜାହାଜ ବୁଡ଼ି ଲୋକେ ପ୍ରାଣ ହରାଇଥିଲେ।

## ■ ଜେଏନ୍‌ୟୁ ହିଂସାର ମାଷ୍ଟର ମାଇଣ୍ଡ କୁଳପତି
# ବହିଷ୍କାର ଦାବିକଲା କଂଗ୍ରେସ

ଜମ୍ମୁ,୧୨।୧(ପି.ଟି.)

ଜେଏନ୍‌ୟୁ ହିଂସାକାଣ୍ଡ ମାମଲାରେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସିଧାସଳଖ କୁଳପତି ଏମ୍ ଜଗଦେଶ କୁମାରଙ୍କୁ ଦୋଷ ଦେଇଛି। ସେ ହିଁ ଏହିସବୁ ଘଟଣାର ମାଷ୍ଟରମାଇଣ୍ଡ ଓ ତୁରନ୍ତ ବିଦା କରାଯାଇ ତାଙ୍କ ବିରୋଧରେ ଆପରାଧିକ ତଦନ୍ତ ଆରମ୍ଭ କରାଯିବା ଜରୁରୀ ବୋଲି କୁହାଯାଇଛି। ଜାନୁୟାରୀ ୫ରେ ମୁହଁରେ କନା ବାନ୍ଧି ଆକ୍ରମଣ କରାଯିବା ଘଟଣା ରାଜ୍ୟ ପ୍ରାୟୋଜିତ ବୋଲି ଟିମ୍ ସଦସ୍ୟ ସୁସ୍ମିତା ଦେବ ପ୍ରକାଶ କରିଛନ୍ତି। କୁଳପତିଙ୍କୁ ବିଦାକରି ସ୍ୱାଧୀନ ଭାବେ ତଦନ୍ତ କରାଯିବା ଉଚିତ ବୋଲି ସେ ଦାବି କରିଛନ୍ତି। ପ୍ରକାଶଥାଉ କି, ଜେଏନ୍‌ୟୁ ହିଂସାକାଣ୍ଡର ତଦନ୍ତ ଲାଗି କଂଗ୍ରେସ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲା। ସୁରକ୍ଷା ଯୋଗାଉଥିବା



ଏମ୍ ଜଗଦେଶ କୁମାର

କମ୍ପାନୀର ଚୁକ୍ତି ରଦ୍ଦ କରିବା ସହ ଷଡ଼ଯନ୍ତ୍ର ପଛରେ ଥିବା ଅନ୍ୟ ଫାକଲ୍ଟି ସଦସ୍ୟଙ୍କ ବିରୋଧରେ ଆପରାଧିକ ତଦନ୍ତ ଆରମ୍ଭ କରିବାକୁ ମହିଳା କଂଗ୍ରେସ ମୁଖ୍ୟ ଦାବି କରିଛନ୍ତି। ଦକ୍ଷିଣପନ୍ଥୀ ଚିନ୍ତାଧାରାସମ୍ପନ୍ନ ଲୋକଙ୍କୁ ଫାକଲ୍ଟି ସଦସ୍ୟଭାବେ ନିଯୁକ୍ତି ଦେଇ କୁଳପତି ସେମାନଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଜେଏନ୍‌ୟୁରେ ହଷ୍ଟେଲ ଫି ଶୀଘ୍ର ଓ ସମ୍ପୂର୍ଣ୍ଣ ଛାଡ଼ କରାଯିବା ଲାଗି ସେ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ବାଚିତ ଛାତ୍ରନେତାଙ୍କ ସହ ଏନେଇ ଆଲୋଚନା କରାଯିବା ଉଚିତ୍ ଥିଲା।

## ୨୦ରେ ନଡ୍ଡା ହେବେ ଭାଜପା ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୨।୧(ପି.ଟି.)

ଭାଜପାର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ଜାନୁୟାରୀ ୨୦ରେ ଭାଜପାର ଜାତୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ସମ୍ପ୍ରତି ଭାଜପାର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ନଡ୍ଡାଙ୍କୁ ସ୍ୱାଗତ କରିବା ଲାଗି ଦଳ ପକ୍ଷରୁ ଏକ ବଡ଼ ଉତ୍ସବର ଆୟୋଜନ କରାଯାଉଥିବା ଜଣାପଡ଼ିଛି। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପା ଅଧ୍ୟକ୍ଷ ଅମିତ୍ ଶାହା, କେନ୍ଦ୍ରମନ୍ତ୍ରୀ, ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ନଡ୍ଡାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଉଛି।



**ବିଦେଶୀ ପୁଞ୍ଜିନିବେଶ ପାଇଁ ଦ୍ୱାର ଖୋଲିବାକୁ ପିଏମ୍‌ଓର ଯୋଜନା**
# ଆଣବିକ ଶକ୍ତିରେ ଏଫ୍‌ଡିଆଇକୁ ମିଳିପାରେ ଅନୁମତି

ନୂଆଦିଲ୍ଲୀ,୧୨।୧(ଆଇଏଏନ୍‌ଏସ୍)

ଆଣବିକ ଶକ୍ତି କ୍ଷେତ୍ରରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ପକ୍ଷ ଭାବେ ଗଢ଼ି ତୋଳିବା ପାଇଁ ମୋଦି ସରକାର ଯୋଜନା କରୁଛନ୍ତି। ଏଥିପାଇଁ ଏହି କ୍ଷେତ୍ର ଲାଗି ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ)ର ଦ୍ୱାର ଖୋଲିବାକୁ ସରକାର ଚିନ୍ତା କରୁଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏନେଇ ବିଚାର କରୁଥିବାବେଳେ ଏପରି ନିଷ୍ପତ୍ତି ନିଆଗଲେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ପାଇଁ ଦେଶର ଆଣବିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରେ ପୁଞ୍ଜିନିବେଶର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବ। ଏହାସହ ଭାରତର ଆଣବିକ ବିଦ୍ୟୁତ୍ ଶକ୍ତି ନୀତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି।

ପିଏମ୍‌ଓ ସହ ବିସ୍ତୃତ ଆଲୋଚନା ପରେ ଆଣବିକ ଶକ୍ତି ବିଭାଗ (ଡିଏଇ)



ପକ୍ଷରୁ ଆଇନ ମନ୍ତ୍ରଣାଳୟଠାରୁ ଆଇନଗତ ମତାମତ ଲୋଡ଼ାଯାଇଛି। ଏଫ୍‌ଡିଆଇ ନୀତିରେ ସଂଶୋଧନ ଆଣିଲେ ବିଦେଶୀ ପୁଞ୍ଜିନିବେଶକୁ ମଞ୍ଜୁରୀ ମିଳିପାରିବ କି ନାହିଁ ସେନେଇ ଆଇନ ମନ୍ତ୍ରଣାଳୟ ଡିଏଇକୁ ଅବଗତ କରାଇବ। ଆଟମିକ୍ ଏନର୍ଜି କମିଶନଠାରୁ ନୀତିରେ ସଂଶୋଧନ ପାଇଁ ପରାମର୍ଶ ମିଳିବା ପରେ ଡିଏଇ ପକ୍ଷରୁ ପିଏମ୍‌ଓକୁ ଏକ ରିପୋର୍ଟ ଦିଆଯିବା ନେଇ ପ୍ରସ୍ତାବ ରହିଛି। ଗତ ୮ ତାରିଖରେ ଡିଏଇ (ଅଣୁଶକ୍ତି ଭବନ) ଯୁଗ୍ମ ସଚିବଙ୍କ ଏକ ପତ୍ରରୁ ଏହି ବିଷୟ ଜଣାପଡ଼ିଛି। ଆଣବିକ ଶକ୍ତିରେ ଘରୋଇ ଅଂଶଧନ ନେଇ ଡିଏଇର ସ୍ପଷ୍ଟ ଆଭିମୁଖ୍ୟ ରହିଥିବା ଉକ୍ତ ଚିଠିରୁ ଜଣାପଡ଼ିଛି। କୋଇଲା, ଗ୍ୟାସ, ଜଳ ବିଦ୍ୟୁତ୍ ଓ ପବନ ଶକ୍ତି ପରେ ଭାରତରେ ଆଣବିକ ଶକ୍ତି ହେଉଛି ବିଦ୍ୟୁତ୍ ଉତ୍ପାଦନର ପଞ୍ଚମ ବୃହତ୍ ଉତ୍ସ। ୨୦୧୯ ପର୍ଯ୍ୟନ୍ତ ଦେଶର ୭ ଆଣବିକ ଶକ୍ତି ପ୍ରକଳ୍ପରେ ୨୨ଟି ଆଣବିକ ରିଆକ୍ଟର ପ୍ରତିଷ୍ଠା କରାଯାଇ ପାରିଛି। ଏହିସବୁ ପାୱାର ପ୍ଲାଣ୍ଟର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହେଉଛି ୬୭୮୦ ମେଗାୱାଟ୍। ବିଦେଶୀ ପୁଞ୍ଜିନିବେଶକୁ ଏହି କ୍ଷେତ୍ରରେ ଅନୁମତି ମିଳିଲେ ଦେଶର ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବହୁଗୁଣିତ ହେବ ବୋଲି କୁହାଯାଉଛି।

## ୭ ଅଜଗର ଉଦ୍ଧାର

**ଢେଙ୍କାନାଳ ଅଫିସ/ ପରଜଙ୍ଗ(ଡି.ଏନ.ଏ.) ୧୨।୧:** ଢେଙ୍କାନାଳ ପୌରାଞ୍ଚଳ ଏବଂ ପରଜଙ୍ଗ ବ୍ଲକ କୁମୁସୀ ଗ୍ରାମରୁ ରବିବାର ୭ଟି ବିଶାଳକାୟ ଅଜଗର ଉଦ୍ଧାର କରାଯାଇଛି। ପୌରାଞ୍ଚଳର ୮ନଂ. ୱାର୍ଡ ଗଜମରା ଅଞ୍ଚଳରେ ଏକ ବଡ଼ ପାଇପ୍ ମଧ୍ୟରେ ଅଜଗର ସାପ ପଶିଥିଲେ। ଅଞ୍ଚଳବାସୀଠାରୁ ସୂଚନା ପାଇ ବନ୍ୟକ ସ୍ନେକ୍ ରେସ୍କ୍ୟୁ ସଂସ୍ଥାର ସଦସ୍ୟ ଶେଖ ଲାଲୁ, ପପୁନ ଦାସ, ମନୋଜ ଦାସ, ଆଲୋକ ମହାନ୍ତି, କାହ୍ନୁଚରଣ ମହାନ୍ତି ପ୍ରମୁଖ ପହଞ୍ଚି ସାପଗୁଡ଼ିକୁ ଉଦ୍ଧାର କରିଥିଲେ। ଉଦ୍ଧାର କରାଯାଇଥିବା ଅଜଗରଗୁଡ଼ିକ ମଧ୍ୟରେ ଗୋଟିଏ ୧୮ ଫୁଟ ବିଶିଷ୍ଟ। ଅନ୍ୟମାନଙ୍କ ଲମ୍ବା ଯଥାକ୍ରମେ ୧୬ଫୁଟ, ୧୨ଫୁଟ, ୧୦ଫୁଟ, ୮ଫୁଟ ଏବଂ ୬ଫୁଟ। ଶୁକ୍ରବାର ଉକ୍ତ ସ୍ଥାନରୁ ୧୨ଫୁଟ ଲମ୍ବର ଏକ ଅଜଗରକୁ ଉଦ୍ଧାର କରାଯାଇଥିଲା। ବନ ବିଭାଗକୁ ସୂଚିତ କରିବା ପରେ ସାପଗୁଡ଼ିକୁ ସଦର ରେଞ୍ଜ ଅଧୀନ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଶେଖ ଲାଲୁ ସୂଚନା ଦେଇଛନ୍ତି। ସେହିପରି କୁମୁସୀ ଖେଳପଡ଼ିଆ ନିକଟରୁ ୧୨ ଫୁଟ ଲମ୍ବର ଏକ ମାଈ ଅଜଗର ଉଦ୍ଧାର କରାଯାଇଛି।

### ■ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା

# ସର୍ବଭାରତୀୟ ସ୍ତରରେ ପୁରୀ ପୁରସ୍କୃତ

**ପୁରୀ ଅଫିସ, ୧୨।୧**

ପୁରୀକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। 'ମୋ ବିଟ୍' ହେଉ ଅବା 'ମୋ ପୁରୀ ସ୍ୱଚ୍ଛ ପୁରୀ' ଭଳି କାର୍ଯ୍ୟକ୍ରମ ପାଇଁ ଧୀରେ ଧୀରେ ଜାତୀୟସ୍ତରରେ ସଫଳତା ସାଉଣ୍ଟୁଛି ପୁରୀ। ନିକଟରେ ଭାରତର ଦ୍ୱିତୀୟ ସ୍ୱଚ୍ଛ ବେଳାଭୂମି ମାନ୍ୟତା ପାଇଥିବା ପୁରୀ ପୁଣି ସ୍ୱଚ୍ଛତା ପାଇଁ ସର୍ବଭାରତୀୟ ସ୍ତରରେ ସମ୍ମାନିତ ହୋଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ବାହ୍ୟ ମଳମୁକ୍ତ ସମ୍ପର୍କିତ କର୍ମଶାଳାରେ ରବିବାର ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କ୍ଷେତ୍ରରେ ପୁରୀ ପୁରସ୍କୃତ ହୋଇଛି।

ନୂଆଦିଲ୍ଲୀର ହୋଟେଲ ପ୍ରାଇଡ ପ୍ଲାଜା ଏରୋ ସିଟିରେ ବାହ୍ୟ ମଳମୁକ୍ତ ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କ୍ଷେତ୍ରରେ ପୁରୀ ଜିଲା ପକ୍ଷରୁ ଯେଉଁ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା ତାହା ବେଶ୍ ଆଦୃତି ଲାଭ କରିଥିଲା। ଏଥିପାଇଁ ପୁରୀକୁ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ (ଜଳ ସମ୍ପଦ ମନ୍ତ୍ରଣାଳୟ) ଏବଂ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ପକ୍ଷରୁ ପୁରସ୍କୃତ କରାଯାଇଛି। କର୍ମଶାଳାରେ ଅତିଥି ଭାବେ ଯୋଗଦେଇଥିବା ବଲିଉଡ୍ ଅଭିନେତା ଅମୀର ଖାନ୍‌ଙ୍କଠାରୁ ପୁରୀ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପୁରସ୍କାର ଗ୍ରହଣ କରିଛନ୍ତି। କର୍ମଶାଳାରେ ଅତିରିକ୍ତ ନିର୍ବାହୀ ଅଧିକାରୀ ସ୍ୱାଇଁ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ନେଇ ଜିଲା ପ୍ରଶାସନ ଯେଉଁ ପଦକ୍ଷେପ ଗ୍ରହଣ କରିଛି ତାହା ଉପସ୍ଥାପନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଏହି ସନ୍ଦର୍ଭକୁ ପଞ୍ଚାୟତିରାଜ ବିଭାଗ ଅନୁମୋଦନ କରି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲା। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କ୍ଷେତ୍ରରେ ଏହା ସର୍ବୋତ୍କୃଷ୍ଟ ବୋଲି ବିବେଚିତ ହେବା ସହ ଏହାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ।

ଗତ ଗାନ୍ଧୀଜୟନ୍ତୀଠାରୁ ପୁରୀକୁ ଶତ ପ୍ରତିଶତ ପ୍ଲାଷ୍ଟିକମୁକ୍ତ କରିବା ଲାଗି ଜିଲାପାଳ ବଳବନ୍ତ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମୋ ବିଟ୍ କାର୍ଯ୍ୟକ୍ରମରେ ବେଳାଭୂମି ସଫେଇ କରାଯାଉଛି। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ସମସ୍ତେ ସାମିଲ ହେଉଛନ୍ତି। ସେହିପରି ସହରକୁ ସ୍ୱଚ୍ଛ ରଖିବା ଲାଗି ଆରମ୍ଭ ହୋଇଛି ମୋ ପୁରୀ ସ୍ୱଚ୍ଛ ପୁରୀ କାର୍ଯ୍ୟକ୍ରମ। ସହରର ପ୍ରତ୍ୟେକ ୱାର୍ଡରେ ବୁଲୁଛି ସ୍ୱଚ୍ଛ ସବାରି ଗାଡ଼ି। ଏହି ଗାଡ଼ି ମାଧ୍ୟମରେ ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ କରାଯାଉଛି। ରାସ୍ତାଘାଟରେ ଯେପରି ଅଳିଆ ଆବର୍ଜନା ନ ପଡ଼ିବ ସେଥିଲାଗି ପଦକ୍ଷେପ ନିଆଯାଇଥିବାବେଳେ ଜରିମାନା ବ୍ୟବସ୍ଥା ବି କରାଯାଇଛି।



ଅଭିନେତା ଅମୀର ଖାନ୍‌ଙ୍କଠାରୁ ପୁରୀ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

## ପୂର୍ବତନ ଏମ୍‌ପି ମୋରିସ କୁଜୁରଙ୍କ ପରଲୋକ



**ସୁନ୍ଦରଗଡ଼, ୧୨।୧ (ଡି.ଏନ୍.ଏ.)**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ମୋରିସ କୁଜୁରଙ୍କ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ କିଞ୍ଜିରିକେଲା ଥାନା ବେଲମୁଣ୍ଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ବାଲିଶଙ୍କରା ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ କଂଗ୍ରେସ ଟିକେଟରେ ସୁନ୍ଦରଗଡ ଲୋକ ସଭା ଆସନରୁ ନିର୍ବାଚିତ ହୋଇ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଏମ୍‌ପି ଥିଲେ। ଏହା ପରେ ୧୯୯୬ରେ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇ ୨୦୦୨ ପର୍ଯ୍ୟନ୍ତ ଏମ୍‌ପି ଥିଲେ। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି ଜନଜାତି କମିଶନର ସଦସ୍ୟ ଓ ପରେ ଉପସଭାପତି ରହିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜ କିଶୋର ଷଡଙ୍ଗୀ, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ଡ. ପ୍ରଫୁଲ୍ଲ ମାଝି, ରାଜଗାଙ୍ଗପୁର ବିଧାୟକ ଡା. ସି.ଏଚ. ରାଜେନ ଏକ୍କା, ସୁନ୍ଦରଗଡ ଜିଲା କଂଗ୍ରେସର ପୂର୍ବତନ ସଭାପତି ବେଣୁ ମାଧବ ତ୍ରିପାଠୀ, ପିସିସିର ପୂର୍ବତନ ସମ୍ପାଦକ ଦୁଷ୍ମନ୍ତ ନାଏକ, ରାଉରକେଲା ଜିଲା କଂଗ୍ରେସର ପୂର୍ବତନ ସଭାପତି ବୀରେନ ସେନାପତି, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୋମବାର ସକାଳେ ତାଙ୍କ ଶେଷକୃତ୍ୟ ନିଜ ଗ୍ରାମରେ ସମ୍ପନ୍ନ ହେବ ବୋଲି କୁହାଯାଇଛି। ତାଙ୍କର ୨ପୁଅ, ୨ଝିଅ, ପୁତ୍ରବଧୂ, ଜ୍ୱାଇଁ, ନାତୁଣୀନାତି ଅଛନ୍ତି।

### ■ କାଳୀ ମନ୍ଦିରରୁ ଚୋରି

## ସୁନା ଆଖି, ଜିଭ ନେଇଗଲେ

**ଗୋପାଳପୁର,୧୨।୧:** ଗଞ୍ଜାମ ଜିଲା ଗୋପାଳପୁର ଥାନା ଆମ୍ବପୁଆସ୍ଥିତ କାଳୀ ମନ୍ଦିରରେ ଶନିବାର ରାତିରେ କଳାକନା ବୁଲାଇଛନ୍ତି ଲୁଟେରା। ମା' କାଳୀଙ୍କ ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡି ଭାଙ୍ଗି ଟଙ୍କା ନେଇଯାଇଛନ୍ତି। ନଂ.୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଆମ୍ବପୁଆସ୍ଥିତ ରାସ୍ତା ପାର୍ଶ୍ୱରେ ଥିବା କାଳୀ ମନ୍ଦିରରେ ଶନିବାର ରାତିରେ ପୂଜକ ପୂଜାର୍ଚ୍ଚନା ସାରି ପହଡ ପକାଇ ଚାଲିଯାଇଥିଲେ। ରାତିରେ ଲୁଟେରାମାନେ ମନ୍ଦିର କବାଟ ତାଲା ଭାଙ୍ଗି ଭିତରେ ପଶି ମା' କାଳୀଙ୍କ ଦୁଇଟି ରୁପା କିରୀଟ, ଦୁଇଟି ସୁନା ଆଖି, ସୁନା ଜିଭ ସହ ହୁଣ୍ଡିରେ ଥିବା ଟଙ୍କା ପଇସା ନେଇଯାଇଛନ୍ତି। ରବିବାର ସକାଳେ ପୂଜକ ଓ ସ୍ଥାନୀୟ ଲୋକେ କବାଟ ଖୋଲାଥିବା ଦେଖିଥିଲେ। ମନ୍ଦିର ଭିତରକୁ ଯିବାରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଗୋପାଳପୁର ଥାନାକୁ ଫୋନ କରି ଜଣାଇଥିଲେ। ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସଦଳବଳ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

SRI BALAJI VIDYAPEETH
ACCREDITED BY NAAC WITH 'A' GRADE
DEEMED UNIVERSITY
DECLARED U/S 3 OF THE UGC ACT, 1956
SBV Campus, Pillaiyarkuppam, Pondicherry - 607402.
www.sbvu.ac.in: Phone: 0413-2611807 & 2611805.
ANNOUNCEMENT OF Ph.D. PROGRAMME FOR 2020
Applications are invited from eligible and desirous candidates seeking admissions to the Ph.D. programmes (Part Time & Full Time) for 2020, offered by Sri Balaji Vidyapeeth. For application form, details of eligible Ph.D. guides of SBV and the Full Time M.V.K. Iyer Memorial Ph.D Fellowship and any other information visit our website, www.sbvu.ac.in . The Last date for submission of the filled in application forms is 24th January 2020.
REGISTRAR

### ପ୍ରେମରେ ପ୍ରତାରଣା ପରେ ଆତ୍ମହତ୍ୟା ଘଟଣା

# ଯୁବତୀଙ୍କ ବିରୋଧରେ ଅଭିଯୋଗ କଲେ ମୃତକଙ୍କ ଭାଇ

**କଟକ ଅଫିସ, ୧୨।୧**

ଯୁବତୀଙ୍କ ନିକଟରୁ ପ୍ରତାରଣାର ଶିକାର ହେବା ପରେ ମନୋଜ ସ୍ୱାଇଁ ନାମକ ଯୁବକ ଶନିବାର କଟକ ଜିଲା ମଧୁପାଟଣା ଥାନା ଅଧୀନ ତାଳଦଣ୍ଡା କେନାଲ ନିକଟ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ। ହେଲେ ମନୋଜଙ୍କ ବଡଭାଇ ବିନୋଦ ରବିବାର କଟକ ଜିଆରପି ଥାନାରେ ସମ୍ପୃକ୍ତା ଯୁବତୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଯୁବତୀ ଜଣକ ମନୋଜଙ୍କ ସହ ଭଲପାଇବାର ଅଭିନୟ କରୁଥିଲେ। ମନୋଜଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ନିକଟରୁ ଟଙ୍କା ନେଉଥିଲେ। ଏଥିସହ ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ମନୋଜ ଆତ୍ମହତ୍ୟା କରିଛନ୍ତି ବୋଲି ବିନୋଦ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଜିଆରପି ଏକ ମାମଲା(ନଂ.୨/୨୦) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମନୋଜଙ୍କ ଘର ନିଆଳି ଅଞ୍ଚଳରେ। ସେ କଟକ ରାଉସାପାଟଣାରେ ଘର ଭଡା ନେଇ ରହୁଥିଲାବେଳେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ଏହି ସମୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଢୁଥିବା ଯାଜପୁର ଜିଲାର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପ୍ରାୟ ୩ ବର୍ଷର ପ୍ରେମ ସମ୍ପର୍କ ଭିତରେ ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବାର ସ୍ୱପ୍ନ ଦେଖିଥିଲେ ମନୋଜ। ତେବେ ଯୁବତୀ ଜଣକ ତାଙ୍କୁ ବାହା ହେବାକୁ ମନା କରିଦେବାରୁ ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ମନୋଜ ଏକ ଭିଡିଓ ପ୍ରସ୍ତୁତ କରିଥିଲେ ଓ ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ୍ ମିଳିଥିଲା। ଉକ୍ତ ସୁଇସାଇଡ୍ ନୋଟ୍‌ରେ ମନୋଜଙ୍କ ମୃତ୍ୟୁ ପାଇଁ ତାଙ୍କ ପ୍ରେମିକା ହିଁ ଦାୟୀ ବୋଲି ଲେଖାଯାଇଥିଲା।

# 'ରାଜତନ୍ତ୍ର ନ ଥିଲେ ବି ଲୋକଙ୍କ କାମ କରିବି'


କଲ୍ୟାଣୀ ଦେବୀ

**ପାରଳା ରାଜବଂଶର ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ନିକଟରେ ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦାୟାଦ ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ପରଲୋକ ଘଟିବା ପରେ ରାଜକୁମାରୀ କଲ୍ୟାଣୀ ଦେବୀଙ୍କ ରାଜ୍ୟାଭିଷେକ ହୋଇଛି। ପାରଳା ରାଜବଂଶରେ ପ୍ରଥମ କନ୍ୟା ସନ୍ତାନ ଭାବେ ରାଜ ସିଂହାସନ ଆରୋହଣ କରି ନୂତନ ଇତିହାସ ରଚିଛନ୍ତି ରାଜକୁମାରୀ କଲ୍ୟାଣୀ ଦେବୀ। ଚେନ୍ନାଇରୁ ସ୍କୁଲ ଓ ବେଙ୍ଗାଲୁରୁରୁ କଲେଜ ଶିକ୍ଷା ନେଇଥିବା ରାଜକୁମାରୀ ଅବିବାହିତ ଅଟନ୍ତି। ରାଜ୍ୟାଭିଷେକ ପରେ ତାଙ୍କୁ ସାକ୍ଷାତ କରିଥିଲେ ଆମ ଗଜପତି ଜିଲା 'ଧରିତ୍ରୀ' ପ୍ରତିନିଧି।**

➤ ପାରଳା ରାଜ ସିଂହାସନରେ ବସିଛନ୍ତି, ଦାୟିତ୍ୱ କ'ଣ ରହିବ ?

● ନିଶ୍ଚିତ ଭାବେ ସାଧାରଣ ଲୋକଙ୍କ ପାଇଁ ଗୁରୁ ଦାୟିତ୍ୱ ରହିବ। ଯଦିଓ ବର୍ତ୍ତମାନ ସମୟରେ ରାଜତନ୍ତ୍ର ନାହିଁ, ତଥାପି ସେମାନଙ୍କ ପାଇଁ ସବୁ ସମୟରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବି।

➤ ଆଗକୁ ପାରଳା ମାଟିରେ ରହି ଲୋକଙ୍କ କଥା ବୁଝିବେ ନା' ଚେନ୍ନାଇ ଚାଲିଯିବେ ?

● ମୁଁ ଏବେ ପାରଳାଖେମୁଣ୍ଡିରେ ଅଛି। ମଝିରେ ମଝିରେ ଚେନ୍ନାଇ ଗଲେ ମଧ୍ୟ ଅଧିକ ସମୟ ପାରଳାଖେମୁଣ୍ଡିରେ ରହିବି।

➤ ରାଜ ପରିବାର ପ୍ରତି ଥିବା ଲୋକଙ୍କ ସମର୍ଥନ ଭୋଟରେ ପରିଣତ ହେଲା ନାହିଁ କାହିଁକି ?

● ନିର୍ବାଚନ ପୂର୍ବରୁ ଖୁବ୍ କମ୍ ସମୟ ପାଇଥିଲି। ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ ପାରଳା ମାଟି ପାଇଁ ମୁଁ ନୂଆ ମଧ୍ୟ ଥିଲି। ଏପରି କି ମୋତେ ଓଡ଼ିଆ ଜଣାନାହିଁ ବୋଲି ମିଥ୍ୟା ପ୍ରଚାର ଚାଲିଲା। ଦଳୀୟ ଭୋଟ ଭାଗ ହୋଇଯିବା ମଧ୍ୟ ମୋ ପରାଜୟର ବଡ଼ କାରଣ।

➤ ଆଗକୁ ସକ୍ରିୟ ରାଜନୀତିରେ ରହିବେ ନା' ଆଉ କିଛି ଚିନ୍ତା କରିଛନ୍ତି ?

● ବର୍ତ୍ତମାନ ରାଜନୀତିରେ ଅଛି ଏବଂ ବିଜେଡିରେ ରହିଛି। ହେଲେ ଆଗାମୀ ନିର୍ବାଚନ ରାଜନୀତି କଥା କହିହେବ ନାହିଁ। ସେତେବେଳର ପରିସ୍ଥିତି କ'ଣ ଥିବ, ତାହା ଏବେଠାରୁ କହିବା ସମ୍ଭବ ନୁହେଁ।

➤ ରାଜ ପରିବାର ବିବାଦ ଓ ରାଜା ଅମଳର ଜଗନ୍ନାଥ ମନ୍ଦିର ପୁନଃନିର୍ମାଣ ବିଷୟରେ କ'ଣ କହିବେ ?

● ଏବେକା ପରିସ୍ଥିତିରେ ସେ ବିଷୟରେ ତଥ୍ୟ ରଖିବା ଉଚିତ ହେବନାହିଁ।

**– ରିପୋର୍ଟ: ରଶ୍ମିରଞ୍ଜନ ମିଶ୍ର**

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ପୂର୍ଣ୍ଣଚନ୍ଦ୍ର ନାୟକ



ଲକ୍ଷ୍ମୀହୀରା ପାଣିଗ୍ରାହୀ



ସୁନିଲ ସାହୁ



ସୀମ୍ରନ ଦିଗଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ନୀଳାଚଳ ଇସ୍ପାତରୁ ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ

# ପୁଞ୍ଜି ଲଗାଇ ପୁନରୁଦ୍ଧାର କରାଯାଇପାରନ୍ତା: ଶ୍ରୀକାନ୍ତ



**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

କେନ୍ଦ୍ର କ୍ୟାବିନେଟ୍ ନିକଟରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ରୁ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଅଂଶଧନରୁ ପୁଞ୍ଜି ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇଛି। କେନ୍ଦ୍ରର ଏହି ପଦକ୍ଷେପକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ରବିବାର ସମାଲୋଚନା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ସରକାର ଚାହିଁଥିଲେ ପୁଞ୍ଜି ଲଗାଇ ଏହି ଉଦ୍ୟୋଗର ପୁନରୁଦ୍ଧାର କରିପାରିଥାନ୍ତେ। ହେଲେ କେନ୍ଦ୍ର ପୁଞ୍ଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛି। ଏହା ଅପରାଗତାର ପ୍ରମାଣ ବୋଲି ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ପୁଞ୍ଜି ପ୍ରତ୍ୟାହାର ବାହାନାରେ କେନ୍ଦ୍ର ସରକାର ଏହାକୁ ପରୋକ୍ଷରେ ବିକି ଦେବା ପାଇଁ ବାଟ ପ୍ରଶସ୍ତ କରିଛନ୍ତି। ଦୁଃଖର ବିଷୟ ରାଜ୍ୟ ସରକାର କେନ୍ଦ୍ରର ଏହି ନିଷ୍ପତ୍ତିକୁ ମୁଣ୍ଡପାତି ସହି ନେଇଛନ୍ତି। ପ୍ରତିବାଦ କରିବା ପରିବର୍ତ୍ତେ ସରକାର ରାଜ୍ୟ ବିରୋଧରେ ଚାଲିଥିବା ଷଡ଼ଯନ୍ତ୍ରରେ ଭାଗୀଦାର ହୋଇଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ନୀଳାଚଳ ଇସ୍ପାତର ଉତ୍ପାଦନ କ୍ଷମତା ବାର୍ଷିକ ୧.୧ ନିୟୁତ ଟନ୍ ରହିଛି। ଏହାକୁ ୧୦ନିୟୁତକୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଉଛି। ଦକ୍ଷତା ବୃଦ୍ଧି ପାଇଁ ପୁଞ୍ଜି ପ୍ରତ୍ୟାହାର ଏକମାତ୍ର ମାଧ୍ୟମ ନୁହେଁ। ସରକାର ଚାହିଁଥିଲେ ଆର୍ଥିକ ସହାୟତା ନେଇ ଏହି ସଂସ୍ଥାର ପୁନରୁଦ୍ଧାର କରିପାରିଥାନ୍ତେ। ୧୯୯୬ ମସିହାରେ ସେ କେନ୍ଦ୍ର କ୍ୟାବିନେଟ୍‌ରେ ମନ୍ତ୍ରୀ ଥିବା ସମୟରେ ୧୨୦କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିଲେ। ଫଳସ୍ୱରୂପ ଏହାର ଉତ୍ପାଦନ ବୃଦ୍ଧି ଘଟିଥିଲା। ନରେନ୍ଦ୍ର ମୋଦିଙ୍କ ସରକାର ଶାସନକୁ ଆସିବା ପରଠୁ ଉଦ୍ଦେଶ୍ୟମୂଳକ ଭାବେ ଏହି ସଂସ୍ଥାକୁ ରୁଗ୍ଣ ଦର୍ଶାଇ ବିକିଦେବା ପାଇଁ ମସୁଧା ଆରମ୍ଭ ହୋଇଯାଇଥିଲା। ୨୦୧୩ ମସିହାରେ ଏନ୍‌ଆଇଏନ୍‌ଏଲ୍‌କୁ ସୁନ୍ଦରଗଡ଼ରେ କେପ୍‌ଟିଭ୍ ମାଇନ୍ସ ମିଳିଥିଲା। ୬ବର୍ଷରୁ ଅଧିକ ସମୟ ବିତିଗଲାଣି, ହେଲେ କେନ୍ଦ୍ର ସରକାର ଏହି ଖଣିକୁ ପରିବେଶ ମଞ୍ଜୁରୀ ଦେଉନାହାନ୍ତି। ଫଳରେ ବଜାର ଦରଠାରୁ ଅଧିକ ଦରରେ ଲୁହାପଥର କିଣୁଛି। ତଥାପି ଏନ୍‌ଆଇଏନ୍‌ଏଲ୍ ଲାଭ କରୁଛି। ଗତ ବର୍ଷ ୨୧୦୦ କୋଟି ଟଙ୍କାର ବ୍ୟବସାୟ କରିଛି। କୌଣସି ଗୋଟିଏ ବର୍ଷ କୌଣସି ଏକ ଶିଳ୍ପ ସଂସ୍ଥା ଯଦି କ୍ଷତି କରୁଛି, ତେବେ ତାକୁ ବନ୍ଦ କରିଦେବା ବିକଳ୍ପ ନୁହେଁ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିଭଳି ରାଜ୍ୟ ସରକାର ୩୯ ପ୍ରତିଶତ ଅଂଶଧନର ପୁଞ୍ଜି ପ୍ରତ୍ୟାହାର ପାଇଁ ରାଜି ହୋଇଛନ୍ତି। ହେଲେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବ୍ୟାଙ୍କ୍‌ରେ ୨ ହଜାର କୋଟି ଟଙ୍କା ରହିଛି। କେବଳ ରାଜ୍ୟ ସରକାର ଚାହିଁଥିଲେ ମଧ୍ୟ ଏନ୍‌ଆଇଏନ୍‌ଏଲ୍‌ର ପୁନରୁଦ୍ଧାର କରିପାରିଥାନ୍ତେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶ୍ରୀମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ସେରକ କୁକୁରକୁ ଦେଇ ଧାନ ସେରକ ପାଇଁ ପରହାତ ଧରିବା।**

ନିର୍ବୁଦ୍ଧିଆ। ବହୁତ ଦେଇ ଅଳ୍ପ ଆଶା କରିବା, ଭଲ ଜିନିଷ ଦେଇ ଖରାପ ଜିନିଷ ପାଇଁ ପଛରେ ଗୋଡ଼େଇବା। ବୃଥା ବିନିର୍ବ୍ୟୟ କରି ପରଦ୍ୱାରସ୍ଥ ହେବା ବୁଦ୍ଧିହୀନତାର ପରିଚୟ ହୋଇଥିବାସ୍ଥଳେ ନିଜର ସମ୍ପଦ ଅନ୍ୟମାନେ ଉପଭୋଗ କଲାବେଳେ ନିଜେ ଅନ୍ୟ ପାଖରେ ସାମାନ୍ୟ ଜିନିଷ ପାଇଁ ହାତ ପତେଇବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଟୁ ଆଇଁଷ, ବେଣ୍ଟ ନିରାମିଷ।**

ଆମିଷ ରାନ୍ଧିବା ବେଳେ ବା ପରଷିବା ବେଳେ ଚଟୁ ଆଇଁଷ ଓ ହାତରେ ଥିବା ବେଣ୍ଟ ନିରାମିଷ ହେବା କାନକୁ ବିଶ୍ୱାସ ହୋଇ ନ ଥାଏ। ପରସ୍ପର ବିରୋଧଭାବ। ବସ୍ତୁର ଏକ ଅଂଶ ଦୋଷମୁକ୍ତ ସ୍ଥଳେ ଅନ୍ୟ ଅଂଶ ଦୋଷଯୁକ୍ତ ହେବା ଅସମ୍ଭବ କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶ୍ରୀମନ୍ଦିର ଭିତର ଫଟୋ, ଭିଡିଓ ଭାଇରାଲ

**ପୁରୀ ଅଫିସ, ୧୨।୧**

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ। ବିଭିନ୍ନ ସମୟରେ ଭକ୍ତମାନେ ମନ୍ଦିର ଭିତରେ ସେଲ୍ଫି ନେଇ ଓ ଫଟୋ ଉଠାଇ ଏହାକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି। ରବିବାର ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ। ଏଥିରେ ବାନା ବନ୍ଧାଯିବାର ଫଟୋ ଓ ଭିଡିଓ ରହିଛି। ଦୁଇମାସ ମଧ୍ୟରେ ଏଭଳି ତୃତୀୟ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ବିଗତ କିଛିବର୍ଷ ହେଲା ଏନ୍ଏସ୍ଜି ମଧ୍ୟ ଆସି ମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ଏଥିପାଇଁ ଡାକବାଜି ଯନ୍ତ୍ର ଯୋଗେ ଭକ୍ତଙ୍କୁ ସଚେତନ କରାଯିବା ସହ ଚାରିଦ୍ୱାରରେ ସୂଚନାଫଳକ ଲଗାଯାଇଛି। ପ୍ରବେଶ ପଥରେ ପୋଲିସ ମୋବାଇଲ ଫୋନ ଯାଞ୍ଚ କରି ଭକ୍ତଙ୍କୁ ଭିତରକୁ ଛାଡୁଛି। ଏହାସତ୍ତ୍ୱେ ଭିତରକୁ ମୋବାଇଲ ଯାଉଛି କିପରି ତାହାକୁ ନେଇ ଉଠିଛି ପ୍ରଶ୍ନବାଚୀ। ରବିବାର ଯେଉଁ ଭିଡିଓ ଓ ଫଟୋ ଭାଇରାଲ ହୋଇଛି ତାହା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇ ଦେଇଛି। ଉତ୍ତରପ୍ରଦେଶ ବାରବାଙ୍କୀ ଅଞ୍ଚଳର ନିଧି ଶୁକ୍ଳା ନାମ୍ନୀ ଜଣେ ଯୁବତୀଙ୍କ ଫେସ୍ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତରୁ ବାନା ବନ୍ଧାଯିବାର ଭିଡିଓ ଓ ଫଟୋ ଅପ୍ଲୋଡ ହୋଇଛି।

ଏଠାରେ ପ୍ରଶ୍ନ ଉଠୁଛି ମନ୍ଦିର ଭିତରକୁ ସେ ମୋବାଇଲ ଫୋନ ନେଲେ କିପରି? ଶ୍ରୀମନ୍ଦିରର ଚାରିଦ୍ୱାରରେ ମାଳ ମାଳ ପୋଲିସ ଥାଇ ମଧ୍ୟ କିପରି ଜାଣିପାରୁନାହାନ୍ତି? ଏମିତି ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି ସାହୁ କହିଛନ୍ତି, ଆମ ନଜରକୁ ଏହା ଆସିନାହିଁ। ଶ୍ରୀମନ୍ଦିର ପ୍ରଶାସନ ଯଦି ଏ ସମ୍ପର୍କରେ ଅବଗତ କରାନ୍ତି ନଚେତ ପୋଲିସ ମଧ୍ୟ ନିଜ ଆଡୁ ପଦକ୍ଷେପ ନେବ ବୋଲି କହିଛନ୍ତି।

**ରହିଛି ବାନା ବନ୍ଧାର ଦୃଶ୍ୟ**

ସୂଚନାଥାଉ କି, ଗତବର୍ଷ ଡିସେମ୍ବର ୨୧ରେ ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲା। ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ସୋମ୍ ମୋଡାକଙ୍କ ଫେସ୍ବୁକ ଆକାଉଣ୍ଟରେ ଏହା ଅପ୍ଲୋଡ ହୋଇଥିଲା। ସେହିପରି ଗତବର୍ଷ ନଭେମ୍ବରରେ ଜଣେ ନାବାଳିକା ଶ୍ରୀମନ୍ଦିର ଭିତରେ ଟିକ୍ଟିକ୍ ଭିଡିଓ ଶୁଟିଂ କରି ଏହାକୁ ଭାଇରାଲ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଡେପୁଟେଶନରୁ...

ସମୟ ପାଇଁ ପଦବୀ ଖାଲି ରହିବାର ପ୍ରମୁଖ କାରଣ ହେଉଥିବା ସମୀକ୍ଷକମାନେ ମତ ଦେଇଛନ୍ତି।

ଅପରପକ୍ଷରେ ଉଷା ପାଢ଼ୀ ଜୁଲାଇ, ୨୦୨୦ରେ ଓଡ଼ିଶା ଫେରିବେ ବୋଲି ଆଶା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ୨୦୦୩ ବ୍ୟାଚ୍ର ଅଶ୍ୱାଥି ଏସ୍ ଏବଂ ୧୯୮୮ ବ୍ୟାଚ୍ର ପରାଗ ଗୁପ୍ତା ଚଳିତ ବର୍ଷ ରାଜ୍ୟକୁ ଫେରିପାରନ୍ତି ବୋଲି ଆଶା କରାଯାଉଛି। ଅନୁରୂପ ଭାବେ ଆନ୍ତଃ ରାଜ୍ୟ ଡେପୁଟେଶନରେ ଥିବା ୨୦୦୦ ବ୍ୟାଚ୍ର ମନୀଷ କୁମାର ବର୍ମା ଏବଂ ୨୦୦୯ ବ୍ୟାଚ୍ର ଗୌରୀ ପରାସର ଯୋଶୀ ଆସନ୍ତା ଏପ୍ରିଲରେ ଓଡ଼ିଶା ଫେରିପାରନ୍ତି ବୋଲି ଜଣାପଡ଼ିଛି। ୧୯୮୭ ବ୍ୟାଚ୍ର ନିକୁଞ୍ଜ କିଶୋର ସୁନ୍ଦରାୟ, ୨୦୦୧ ବ୍ୟାଚ୍ର ସନ୍ଥନ୍ ଗୋପାଲନ୍ ଆର୍ ୭ ଅକ୍ଟୋବର ୨୦୨୨ରେ ରାଜ୍ୟକୁ ଫେରିବେ। ଅନ୍ୟମାନଙ୍କ ମଧ୍ୟରେ ୧୯୯୦ ବ୍ୟାଚ୍ର ମନୋଜ ଆହୁଜା ଏବଂ ଆରତି ଆହୁଜା ଯଥାକ୍ରମେ ୨ ନଭେମ୍ବର ୨୦୨୨, ୧୬ ଜୁଲାଇ ୨୦୨୨ରେ ରାଜ୍ୟକୁ ଫେରିବେ। ୧୯୯୧ ବ୍ୟାଚ୍ର ସଞ୍ଜୟ ରସ୍ତୋଗୀ ୨୯ ନଭେମ୍ବର ୨୦୨୨ରେ ରାଜ୍ୟକୁ କେନ୍ଦ୍ରୀୟ ଡେପୁଟେଶନରୁ ଫେରିବେ ବୋଲି ଆଶା କରାଯାଉଛି। ହେଲେ ଅଧିକାରୀମାନେ ପ୍ରାଥମିକ ଭାବେ ୫ ବର୍ଷ ଡେପୁଟେଶନ ପରେ ୨ ଅତିରିକ୍ତ ବର୍ଷରେ ରହିବାକୁ ପସନ୍ଦ କରୁଛନ୍ତି। ଏହାପରେ ମଧ୍ୟ ଡେପୁଟେଶନ ଅବଧି ବୃଦ୍ଧିର ସୁଯୋଗ ରହୁଥିବାରୁ ଡେପୁଟେଶନରୁ ଫେରୁ ନ ଥିବା ଜନୈକ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ ମତ ରଖିଛନ୍ତି। ଏହି ପ୍ରସଙ୍ଗ ଉପରେ ମତ ରଖି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି ଯେ, ଅଧିକାଂଶ ଅଫିସର କେନ୍ଦ୍ରୀୟ ପଦବୀରେ ରହିବାକୁ ପସନ୍ଦ କରୁଛନ୍ତି। ରାଜ୍ୟକୁ ଫେରିବା ପାଇଁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ସେମାନେ ନ ଫେରିବା ଦ୍ୱାରା କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରେ ରହିବାକୁ ପଡୁଛି। ଅପରପକ୍ଷରେ ଜାତୀୟସ୍ତରର କାର୍ଯ୍ୟଦକ୍ଷତା ଏବଂ ଅଧିକ ଅଭିଜ୍ଞତା ପାଇଁ ଡେପୁଟେଶନର ମଧ୍ୟ ଆବଶ୍ୟକତା ରହିଥିବା ସହଦେବ କହିଛନ୍ତି।

## ଲେଉଟିଲା...

ଓ କିଲାବାଡ଼ି ସମେତ ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତୁଷାରପାତ ହୋଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଅଞ୍ଚଳରେ ମଧ୍ୟ ତୁଷାରପାତ ହୋଇଥିଲା। ବିଭିନ୍ନ ସହରରେ ତାପମାତ୍ରା କମ୍ ସାଙ୍ଗକୁ ଘନ କୁହୁଡ଼ିର ମାତ୍ରା ଏତେ ଅଧିକ ରହିଥିଲା ଯେ, ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଶୂନ୍ଶାନ୍ ହୋଇଯାଇଥିଲା। ସକାଳ ୧୦ଟା ପର୍ଯ୍ୟନ୍ତ ଲୋକେ ବାହାରକୁ ଆସିବା ପାଇଁ ଡରିଥିଲେ। କୁହୁଡ଼ି ଯୋଗୁ ୧୦ ମିଟର ପର୍ଯ୍ୟନ୍ତ କିଛି ଦେଖାଯାଉ ନ ଥିଲା। ଏଥିଯୋଗୁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିବାବେଳେ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଏସବୁ ଅଞ୍ଚଳର ବହୁ ଲୋକେ କାମଧନ୍ଦା କରିପାରି ନ ଥିବା ଦେଖିବାକୁ ମିଳିଥିଲା।

## ପଶ୍ଚିମବଙ୍ଗରେ...

ଦଳଗୁଡ଼ିକ ଯୁବସମାଜକୁ ବିଭ୍ରାନ୍ତ କରୁଛନ୍ତି। ନ୍ୟସ୍ତସ୍ୱାର୍ଥକୁ ନେଇ ବିରୋଧୀମାନେ ମିଥ୍ୟା ପ୍ରଚାର ଚଳାଇଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ସେ କହିଥିଲେ, ସିଏଏକୁ ନେଇ ବିବାଦ ସାରା ବିଶ୍ୱରେ ପାକିସ୍ତାନର ମୁଖା ଖୋଲିଦେଇଛି। ପାକିସ୍ତାନୀରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କ ପ୍ରତି ଅତ୍ୟାଚାର କରାଯାଉଥିବା ବିଶ୍ୱ ଜାଣିବାକୁ ପାଇଛି।

ରବିବାର ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ କୋଲକାତା ବନ୍ଦରକୁ ଜନସଂଘ ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ କରିଛନ୍ତି। ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ସହ ମୋଦିଙ୍କୁ ଗେମ୍ ଚେଞ୍ଜର ନୁହନ୍ତି, ଜଣେ ନେମ୍ ଚେଞ୍ଜର ବୋଲି କହିଛନ୍ତି। କେବଳ ନାଁ ବଦଳାଇଦେଲେ ତାହା ବନ୍ଦରର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବ ନାହିଁ ବୋଲି ସିପିଆଇ(ଏମ୍) କହିଛି। କୋଲକାତା ପୋର୍ଟ ଟ୍ରଷ୍ଟର ୧୫୦ତମ ବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱାଧୀନତା ପରବର୍ତ୍ତୀ ଭାରତର ବିକାଶରେ ଶ୍ୟାମାପ୍ରସାଦ ଏବଂ ବି.ଆର୍. ଆମ୍ବେଦକରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତେବେ ସରକାରରୁ ଇସ୍ତଫା ଦେବା ପରେ ସେମାନଙ୍କ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଭାରତରେ ଉଦ୍ୟୋଗୀକରଣର ସ୍ରଷ୍ଟା ଶ୍ୟାମାପ୍ରସାଦ ଗୋଟିଏ ରାଷ୍ଟ୍ର ଗୋଟିଏ ସମ୍ବିଧାନ ପାଇଁ ବଳିଦାନ ଦେଇଥିଲେ ବୋଲି ନେତାଜୀ ଇନ୍ଡୋର ଷ୍ଟାଡିୟମରେ ଉଦ୍ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ଯୋଗଦେବା କାର୍ଯ୍ୟକ୍ରମ ଥିଲେ ହେଁ ସେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଏଥିରେ ଯୋଗଦେଇ ନ ଥିଲେ।

# ଶ୍ରୀନଅରରେ ଗଜପତିଙ୍କ ପୁଷ୍ୟାଭିଷେକ

**ପୁରୀ ଅଫିସ, ୧୨।୧**



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ କରାଯାଉଛି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ରବିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟିପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ, ସୁଧାଂଶୁ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥିଲେ। ବିଜେ, କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ, ବ୍ରାହ୍ମଣ, ବୈଷ୍ଣବଙ୍କୁ ମହାପ୍ରସାଦ ସେବାରେ ଆପ୍ୟାୟିତ କରାଯାଇଥିଲା। ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଏହାପରେ ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳ ଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥାନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥାନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ନିଜ ଗୃହରେ ଅବସ୍ଥାନ କରି ପାରିବାରିକ ସୁସମ୍ପର୍କ ମଧ୍ୟରେ ସୁଖ, ସମୃଦ୍ଧି ପ୍ରଦାନ କରିବେ। ଯାହା ପାଇବା ପାଇଁ ଚିନ୍ତା କରୁଛନ୍ତି ତାହା ପାଇବେ କିନ୍ତୁ ସାମାନ୍ୟ ଝିନ୍ଝଟ୍ ମଧ୍ୟରେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସୁଫଳ ମିଳିବ।

**ବୃଷ**
ଅଣ୍ଡାଜନିତ ସ୍ୱାସ୍ଥ୍ୟହାନି, ଅର୍ଥସଂକଟ, ବାଣିଜ୍ୟ, ବ୍ୟବସାୟରେ ଝଗଡ଼ାଜନିତ ଦୁଶ୍ଚିନ୍ତା ଦେଖାଦେବ। ଅନ୍ୟମାନଙ୍କୁ ମନେଇ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଚେଷ୍ଟା କଲେ ନିରାଶ ହେବାକୁ ପଡ଼ିବ ନାହିଁ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ**
ସହକର୍ମୀଙ୍କ ସାହାଯ୍ୟରେ ଆର୍ଥିକ ଦୁଃସ୍ଥିତି ସୁଧୁରି ଯିବା ସହ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। ଦୀର୍ଘ ଦିନରୁ କଥାବାର୍ତ୍ତା କରୁ ନ ଥିବା ବନ୍ଧୁଟି ନିକଟତର ହେବାର ଉପକ୍ରମ କରିପାରେ। ଆଜିର ପ୍ରାତଃଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ।

**କର୍କଟ**
ଚନ୍ଦ୍ରଙ୍କ ଶୁଭତ୍ୱରୁ ନୂତନ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆଜି ଦିନଟିର ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, ପରିବାର ସଦସ୍ୟଙ୍କ ଆନ୍ତରିକତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶାପୂରଣ ଓ ଯାତ୍ରାରେ ସଫଳତା ପାଇପାରିବେ। କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ରହିଛି।

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟା ସହ ସଂଘର୍ଷ କରି ଲକ୍ଷ୍ୟ ହାସଲ କରିବେ ମାତ୍ର ମାନସିକ ସୁସ୍ଥତା ପାଇ ପାରିବେ ନାହିଁ। ପରୋକ୍ଷ ଶତ୍ରୁତା କରୁଥିବା ନିଜର ଆତ୍ମୀୟ ଓ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ମଧ୍ୟ ଭଲ ରହି ନ ପାରେ। ଗୁରୁଜନମାନଙ୍କ ପ୍ରେରଣାରେ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ।

**କନ୍ୟା**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିଲେ ମଧ୍ୟ ପାରିବାରିକ ସହଯୋଗ ମନକୁ ହାଲୁକା ରଖିବାରେ ସହାୟକ ହେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସ୍ୱାର୍ଥସାଧନ ଆଶାନେଇ ସହଯୋଗର ହାତ ବଢ଼ାଇପାରନ୍ତି। ସହକର୍ମୀଙ୍କ କଥାରେ ପଡ଼ି ପ୍ରଶାସନିକ ସ୍ତରରେ ସମସ୍ୟାଗ୍ରସ୍ତ ହୋଇପାରନ୍ତି।

**ତୁଳା**
ଅର୍ଥ ସମ୍ପର୍କୀୟ ଆଲୋଚନାକୁ କେନ୍ଦ୍ରକରି ପରିବାର ମୁଖ୍ୟଙ୍କ ସହ ଯୁକ୍ତିତର୍କ ଲାଗିପାରେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣା, ଅର୍ଥସମ୍ପର୍କୀୟ ଆଲୋଚନା, ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ବିବାଦୀୟ ସ୍ଥିତି ଲାଗି ରହିବ।

**ବିଛା**
ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ ଏବଂ କର୍ମକ୍ଷେତ୍ରରୁ ଅର୍ଥ ଓ ସାମାଜିକ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମଟି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସମ୍ପନ୍ନ ହୋଇପାରିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ସାମୟିକ ବିରୋଧ, କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ, କଳା, ଆନୁଷ୍ଠାନିକ କାମ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ବିବାଦୀୟ ପରିସ୍ଥିତି ବଦଳି ଯାଇଥିବା କାରଣରୁ ଏକପ୍ରକାର ସୁସ୍ଥ ମାନସିକତା ଅନୁଭବ କରିବେ। କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାର ସୁଯୋଗ ମିଳିବ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଗୃହସୀମାକୁ କେନ୍ଦ୍ରକରି ନିର୍ମାଣକୁ ନେଇ ଝଗଡ଼ା ଲାଗିପାରେ।

**ମକର**
ଭଲ ସମ୍ପର୍କ ରହିଥିବା ପରିଚିତ ବ୍ୟକ୍ତି ଙ୍କ ଦ୍ୱାରା ସ୍ଥଗିତ ରହି ଯାଇଥିବା କାମଟିକୁ ସାମାନ୍ୟ ଝିନଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିବେ। ଅନ୍ୟମାନଙ୍କ ସହଯୋଗ ନେଇ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ସକାଳୁ ସକାଳୁ ଅନୁଷ୍ଠାନିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପାଖ ପଡ଼ୋଶୀଙ୍କ ସାହାଯ୍ୟରୁ ଉପକୃତ ହେବେ। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ନିଜ ପରିବାର ଲୋକଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆଦାୟ ଅପେକ୍ଷା ଖର୍ଚ୍ଚ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଚିନ୍ତାପ୍ରକଟ କରିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାର ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ପରିଜନଙ୍କ ସାହାଯ୍ୟ ନେଇ ବ୍ୟବସାୟ, ବାଣିଜ୍ୟ, ଜନକଲ୍ୟାଣକର କର୍ମରୁ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୩ ତାରିଖ, ମାଘ କୃଷ୍ଣ ତୃତୀୟା ସୋମବାର, ରାଶି ନକ୍ଷତ୍ର-ଦିବା ଘ.୧୦।୨୬ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୫ମି. ମଧ୍ୟେ ଘ.୧୦।୫୧ମି. ଗତେ, ଘ.୦୧।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୯।୧୫ମି. ଗତେ ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୭।୫୦ ଗତେ ଘ.୦୯।୧୨ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300. D-68467

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68471

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 12ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9439542019. D-16147

ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋଇ ଉପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056. D-68470

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68538

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452. D-68749

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

**to-let**

Hall area 30x70x14 install and run cold storage by own investment. 8917525377. D-16128

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies & gents smart therapist, 9668814589. D-68750

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Full body herbal massage with refreshment expert therapist. 7381239385, 06742540855. D-68955

Ayurvedic full body massage ladies/gents smart experts therapist:- 8480939300. D-68753

Experience full body massage with us (expert). Call: 7377048581, 06742597822. D-68956

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Sai herbal spa refresh your body with smart, expert therapist. 7608062524. D-68954

**AFFIDAVIT**

Affidavit before Executive Magistrate, Kamakhyanagar, on 06.09.2019, my surname has changed from Sethi to Sethy and date of birth changed from 24.04.1960 to 24.04.1962. Which wrongly mentioned Pranabandhu Sethi, S/o. Gurudeb Sethi and date of birth is 24.04.1960 in my service record and A.G office record. Henceforth I shall be known as Pranabandhu Sethy, S/o. Gurudeb Sethy, Vill/PO.-Kantapal, PS-Tumusinga, Dist-Dhenkanal and date of birth is 24.04.1962 for all purposes. D-66843


**କୃତିତ୍ୱ**



ଶୁଭଙ୍କର



ଶାଶ୍ୱତୀ



ସୁରଜ

ପୁରୀ ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବର୍ତ୍ତମାନର ସପ୍ତମ ଶ୍ରେଣୀର ତିନିଜଣ ଛାତ୍ରଛାତ୍ରୀ ଶୁଭଙ୍କର ବେହେରା, ଶାଶ୍ୱତୀ ନାୟକ ଏବଂ ସୁରଜ କୁମାର ସାହୁ ଶିକ୍ଷାବର୍ଷ ୨୦୧୮-୧୯ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସରକାରଙ୍କ ଷଷ୍ଠଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ପୁରୀ ମ୍ୟୁନିସିପାଲିଟିରେ ଯଥାକ୍ରମେ ୫ମ ସ୍ଥାନ, ୬ଷ୍ଠ ସ୍ଥାନ ଏବଂ ୮ମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ସମସ୍ତ ଶିଶୁଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ଧ-୬୯୦୦୬

**ଦଶମ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀମାନ୍ ଆୟୁଷ ରଞ୍ଜନ ସାହୁ
କତରାପାଲି, ନାକଟିଦେଉଳ, ଜିଲ୍ଲା: ସମ୍ବଲପୁର
ସ୍ୱାମୀ ନିଖିଳେଶ୍ୱର ନନ୍ଦ ମହାରାଜାଙ୍କ ଆଶୀର୍ବାଦରୁ ତୋର ଚଲାପଥ କୁସୁମିତ ହେଉ। ଏହା ଜଗତରନାଥ ଶ୍ରୀଜଗନ୍ନାଥଙ୍କଠାରେ ଆମର ବିନୀତ ପ୍ରାର୍ଥନା।
ଶୁଭେଚ୍ଛା ସହ:
ତୋର ବାପା, ମାଆ, ଅଜା, ଆଈ, କକା, କାକୀ, ସାନଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ।
ଧ-୧୬୧୬୯

**ନିରୁଦ୍ଦିଷ୍ଟ**



ନାମ: ଆଦ୍ରାସ୍ ଖରୱା, ବୟସ ୫, ପିତା: ଅରୁନ୍ ଖରୱା, ମାଷ୍ଟରକାଣ୍ଟିନ୍, ଭୁବନେଶ୍ୱର, ଗତ ୩୧।୧୨।୨୦୧୯, ୮ ଘଟିକା ସମୟରେ କେଉଁଆଡ଼େ ହଜିଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଖାରବେଳନଗର ଥାନାରେ, 6287367535ରେ ଜଣାଇବା ପାଇଁ ଅନୁରୋଧ। ଧ-୧୬୧୬୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଅଧିକ ସ୍ୱଚ୍ଛତା ପାଇଁ ଗଠନଧର୍ମୀ ପ୍ରସ୍ତାବ ରଖିଲେ କର୍ମଚାରୀ

**ଭୁବନେଶ୍ୱର, ୧୨।୧ (ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ସୁଧାର ଆଣିବା ପାଇଁ ସରକାର ଗତ ୧୦ ତାରିଖରେ ଏକ ସଂକଳ୍ପ ପତ୍ର ଜାରି କରିଛନ୍ତି। ଏଥିରେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ପଦୋନ୍ନତି ଦେବା ପାଇଁ ଚୟନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଏକ ବର୍ଷର ପଦୋନ୍ନତି ପାଇଁ ପୂର୍ବବର୍ଷର ଡିସେମ୍ବର ଶେଷପକ୍ଷରେ ଚୟନ ପ୍ରକ୍ରିୟା ସମାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଫଳରେ ଯୋଗ୍ୟ କର୍ମଚାରୀ ପଦୋନ୍ନତି ପାଇବେ। ସରକାରଙ୍କ ଏହି ନିଷ୍ପତ୍ତିକୁ କର୍ମଚାରୀ ମହଲରେ ସ୍ୱାଗତ କରାଯାଇଛି।

ପଦୋନ୍ନତି କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ ଚଳିତ ମାସ ଶେଷ ସପ୍ତାହରୁ ପଦୋନ୍ନତି ଅଦାଲତ ମାଧ୍ୟମରେ କର୍ମଚାରୀଙ୍କ ଅଭିଯୋଗ ଶୁଣାଣି କରିବେ। ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପ୍ରକାଶିତ ନିୟମ ଅନୁସାରେ, ବର୍ଷର ଅର୍ଥ ଜାନୁୟାରୀରୁ ଡିସେମ୍ବର ବୋଲି ଧରାଯାଏ। ଏହି ସମୟ ମଧ୍ୟରେ ଖାଲି ପଦବୀର ମଧ୍ୟ ଆକଳନ କରାଯିବା କଥା। ଜାନୁୟାରୀ ମାସରେ ହିଁ ଚୟନ କମିଟି ବସିବ ବୋଲି ଧାର୍ଯ୍ୟ କରାଯାଇଛି। ଉକ୍ତ କମିଟିର ତାଲିକା ଅବଧି ଜାନୁୟାରୀରୁ ଡିସେମ୍ବର ରହିଛି। ଅପରପକ୍ଷରେ ପଦୋନ୍ନତି କମିଟି ଅତୀତରେ ଧାର୍ଯ୍ୟ ସମୟରେ ପ୍ରାୟତଃ ବସେନାହିଁ। ବିଳମ୍ବରେ କମିଟି ବସିଆସୁଥିବାରୁ ଚୟନରେ ମଧ୍ୟ ବିଳମ୍ବ

**ପଦୋନ୍ନତି ପ୍ରସଙ୍ଗ**

ହୋଇଆସୁଛି। ଏହା ଦ୍ୱାରା ପଦବୀ ଖାଲି ଥାଇ ସୁଦ୍ଧା ଯୋଗ୍ୟ କର୍ମଚାରୀ ପଦୋନ୍ନତି ପାଉ ନ ଥିଲେ। ଏହା ଆର୍ଥିକ କ୍ଷତି ସହ ପରବର୍ତ୍ତୀ ପଦୋନ୍ନତି ପାଇଁ ଆବଶ୍ୟକ ସର୍ବନିମ୍ନ ଚାକିରିକାଳ କ୍ଷେତ୍ରରେ ମଧ୍ୟ କର୍ମଚାରୀମାନେ କ୍ଷତି ସହିଥାଆନ୍ତି। କେତେକ ସମୟରେ କମିଟି ଦ୍ୱାରା ପ୍ରସ୍ତୁତ ତାଲିକାକୁ ବଳବତ୍ତର ରଖାଯାଇ ପରବର୍ତ୍ତୀ ବର୍ଷର ଖାଲି ପଦବୀକୁ ମଧ୍ୟ ସେଥିରୁ ପୂରଣ କରାଯାଇଥାଏ। ଏହା ଆଇନର ବିରୁଦ୍ଧାଚରଣ କରୁଥିବା କର୍ମଚାରୀ ମତ ରଖିଛନ୍ତି, ଯାହା ପଦୋନ୍ନତି କମିଟି ବିଳମ୍ବ ବସିବାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି। ନୂତନ ନିୟମ କାର୍ଯ୍ୟକାରୀ ହେଲେ ଧାର୍ଯ୍ୟ ସମୟରେ ପଦୋନ୍ନତି ମିଳିବ। ହେଲେ ସଚିବାଳୟର କେତେକ ବରିଷ୍ଠ କର୍ମଚାରୀ କୁହନ୍ତି ଯେ ଧାର୍ଯ୍ୟ ସମୟରେ ଯଦି ପଦୋନ୍ନତି ନ ହୁଏ, ତେବେ କର୍ମଚାରୀଙ୍କ କ୍ଷତି କିପରି ଭରଣା ହେବ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ କରାଯାଇନାହିଁ। ନିଜ ଭୁଲ୍ ପାଇଁ ଅଧିକାରୀ ଦଣ୍ଡ ପାଇପାରନ୍ତି ହେଲେ ଏହା ଦ୍ୱାରା କର୍ମଚାରୀଙ୍କ ଲାଭ କ'ଣ ବୋଲି କେତେକେ ପ୍ରଶ୍ନ କରିଛନ୍ତି। ଏପରି କି ସରକାରୀସ୍ତରରେ ବିଳମ୍ବ ହେଲେ ଯେଉଁଦିନ ପଦୋନ୍ନତି ଅଧିସୂଚନା ପ୍ରକାଶ ପାଉନା କାହିଁକି, ପଦୋନ୍ନତି ଜାନୁୟାରୀ ପହିଲା କିମ୍ବା ପଦବୀ ଖାଲି ହେଲା ଦିନଠାରୁ ପିଛିଲା ଭାବେ ଲାଗୁ କରାଯାଉ ବୋଲି ଦାବି ଉଠିଛି। ସର୍ବଭାରତୀୟ ସେବାରେ ଏପରି ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ରାଜ୍ୟ କର୍ମଚାରୀଙ୍କ କ୍ଷେତ୍ରରେ ଏହାକୁ ପ୍ରଚଳନ ପାଇଁ ଦାବି ଉଠିଛି। ଗୁପ୍ତ ଚରିତ୍ର ପଞ୍ଜିକା(ସିସିଆର୍) ନ ମିଳିବା ବା ରେକର୍ଡ ନ ହେବା କାରଣରୁ ମଧ୍ୟ କର୍ମଚାରୀମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥାନ୍ତି। ଏପରିସ୍ଥଳେ ପୂର୍ବ ବର୍ଷର ସିସିଆର୍‌କୁ ବିଚାରକୁ ନେବା ପାଇଁ ଦାବି ହୋଇଛି। ସୂଚନା ଅନୁସାରେ, ଗୃହ ବିଭାଗର ଏଏସ୍‌ଓରୁ ଏସ୍‌ଓକୁ ପଦୋନ୍ନତି ୨୦୧୮, ୨୦୧୯ ମସିହାରେ ହୋଇନାହିଁ। ଏହିପରି ଗୃହ ବିଭାଗ ଅଧୀନରେ ଥିବା ଦିଲ୍ଲୀସ୍ଥିତ ଆବାସିକ କମିଶନଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଦୀର୍ଘବର୍ଷ ହେଲା ପଦୋନ୍ନତି ପାଉନାହାନ୍ତି। ଏହି କାରଣରୁ ଇସ୍ପାତ ଓ ଖଣି ବିଭାଗ ନିର୍ଦ୍ଦେଶାଳୟର କର୍ମଚାରୀମାନେ ଦୀର୍ଘଦିନ ଧରି ପଦୋନ୍ନତି ପାଇପାରିନାହାନ୍ତି।

**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୮୯୦୮୧୫୭୧୭୦**

# ସିଲେକ୍ସନ ପଦ୍ଧତିରେ ବଛାଯିବେ ଯୁବ କଂଗ୍ରେସ ସଭାପତି

**ଭୁବନେଶ୍ୱର, ୧୨।୧ (ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଯୁବ ସଙ୍ଗଠନକୁ ସଜାଡିବା ଲାଗି ଦଳ ଭିତରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଦଳ ପକ୍ଷରୁ ନୂଆ ଯୁବ ସଭାପତି ଚୟନ କରାଯିବ ବୋଲି ସୂଚନା ମିଳିଛି। ପିସିସି ପକ୍ଷରୁ ଯୁବ ସଙ୍ଗଠନକୁ ସଜାଡିବାକୁ ଏକ କମିଟି ଗଠିତ ହୋଇସାରିଛି। ଉକ୍ତ କମିଟି ପକ୍ଷରୁ ରବିବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ କରାଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଦଳ ପାଇଁ କାର୍ଯ୍ୟ କରୁଥିବା ଯୁବ କର୍ମୀ ଓ ନେତାଙ୍କୁ ସାମିଲ ହେବା ପାଇଁ କୁହାଯାଇଥିଲା। ସେହି ଅନୁଯାୟୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୦ରୁ ଅଧିକ ଯୁବ ନେତା ଆସି କମିଟି ସଦସ୍ୟଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ନୂଆ ଯୁବ ସଭାପତି ଚୟନ ହେବାକୁ ଥିବାବେଳେ ଏହା ନିର୍ବାଚନ ପ୍ରକ୍ରିୟା ନା ସିଲେକ୍ସନ ପଦ୍ଧତିରେ ହେବା ଦରକାର ସେ ନେଇ ଯୁବ ନେତାମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଛି। ପରେ ଏନେଇ ଏକ ରିପୋର୍ଟ ଉକ୍ତ କମିଟି ପ୍ରସ୍ତୁତ କରିଛି। କମିଟିରେ ଆବାହକ ଥିବା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ପର୍ଯ୍ୟାୟକ୍ରମେ ବହୁ ଯୁବ ନେତାଙ୍କ ସହ ଆଲୋଚନା କରିଛୁ। ଅଧିକାଂଶ ଯୁବକଙ୍କ ମତ ସଭାପତି ଚୟନ ସିଲେକ୍ସନ ପଦ୍ଧତିରେ ହେବା ଦରକାର। ନିର୍ଦ୍ଦିଷ୍ଟ କେତେଗୁଡିଏ ପ୍ରସଙ୍ଗରେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବା ଜରୁରୀ ବୋଲି ମଧ୍ୟ କେତେଜଣ ମତ ରଖିଛନ୍ତି। ଯାହା ବି ମତାମତ ଆସିଛି ସେହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରି ପିସିସିକୁ ପଠାଇଦେବୁ। ପିସିସି ସଭାପତି ଯୁବ ସଭାପତି ଚୟନ କିପରି ହେବ ସେନେଇ ଯୁବ କଂଗ୍ରେସକର୍ମୀ ଏବଂ ନେତା କ'ଣ ଚାହୁଁଛନ୍ତି ତା'ର ରିପୋର୍ଟ ପ୍ରସ୍ତୁତ କରି ଦେବାକୁ କହିଥିଲେ। ସେହି ଅନୁସାରେ ରିପୋର୍ଟ ପ୍ରସ୍ତୁତ କରି ସୋମବାର ପିସିସିକୁ ପ୍ରଦାନ କରାଯିବ ବୋଲି ପ୍ରଦୀପ କହିଛନ୍ତି। ଏହାସହ ଭେଟିବାକୁ ଆସିଥିବା ନେତାଙ୍କ ମଧ୍ୟରୁ ଯୁବ ସଭାପତି ପଦ ପାଇଁ ୫ଜଣ ଆଗ୍ରହୀ ଥିବା ସେ କହିଛନ୍ତି।

## ସାଧାରଣ ବୀମା କମ୍ପାନୀଙ୍କୁ ମିଳିପାରେ ପୁଞ୍ଜି

**ମୁମ୍ବାଇ, ୧୨।୧:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆଗାମୀ ବଜେଟରେ ସାଧାରଣ ବୀମା କମ୍ପାନୀଗୁଡିକ ଲାଗି ଦ୍ୱିତୀୟ ପର୍ଯ୍ୟାୟ ପୁଞ୍ଜି ଘୋଷଣା କରିପାରନ୍ତି। କମ୍ପାନୀଗୁଡିକର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ସରକାର ଏଭଳି ପଦକ୍ଷେପ ଘୋଷଣା କରିବା ସମ୍ଭାବନା ରହିଛି। ବଜେଟ ୨୦୧୯-୨୦ରେ ସରକାର ନ୍ୟାଶନାଲ ଇନସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ ବୀମା କମ୍ପାନୀଙ୍କୁ ସରକାର ବଜେଟରେ ୨,୫୦୦ କୋଟି ଟଙ୍କାର ପୁଞ୍ଜି ପ୍ରଦାନ କରିଥିଲେ।

# ମା'ଙ୍କୁ ମୁଖାଗ୍ନି ଦେଇ ଜେଲ ଫେରିଲେ ପୁଞ୍ଜିଲାଲ

**ବଲାଙ୍ଗୀର ଅଫିସ/ ପାଟଣାଗଡ଼, ୧୨।୧ (ଡି.ଏନ.ଏ.)**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ମେହେର ରବିବାର ପାଟଣାଗଡ଼ ରାମପୁର ଯାଇ ମା' ଇନ୍ଦୁମତୀ ମେହେର(୭୨)ଙ୍କୁ ମୁଖାଗ୍ନି ଦେଇ ବଲାଙ୍ଗୀର ଜିଲା କାରାଗାରକୁ ଫେରିଛନ୍ତି।

 କ୍ୟାନସର ରୋଗରେ ପୀଡିତ ମା' ଇନ୍ଦୁମତୀଙ୍କ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଥିଲା। ପୁଞ୍ଜିଲାଲ ବଲାଙ୍ଗୀର ଜେଲରେ ଥିବାରୁ ମୃତା ମା'ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇପାରି ନ ଥିଲା। ତାଙ୍କ ପରିବାର ଲୋକେ ଓକିଲଙ୍କ



ମୁଖାଗ୍ନି ପରେ ପୁଞ୍ଜିଲାଲଙ୍କୁ ଶ୍ମଶାନରୁ ନିଆଯାଉଛି।

ଜରିଆରେ ପାଟଣାଗଡ଼ ଏଡିଜେ ଏବଂ ଏସ୍‌ଡିଜେଏମ୍ କୋର୍ଟରେ ପୁଞ୍ଜିଲାଲଙ୍କ ଜାମିନ ଆବେଦନ କରିଥିଲେ। ପୁଞ୍ଜିଲାଲ ଏକମାତ୍ର ପୁତ୍ର ହୋଇଥିବାରୁ ସେ ଜେଲରୁ ଆସିବା ପରେ ମା'ଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଇଥିଲେ। ଏପରିକି ଇନ୍ଦୁମତୀଙ୍କ ମରଶରୀରକୁ ଘରକୁ ନିଆ ନ ଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାର ଫ୍ରିଜରରେ ରଖାଯାଇଥିବା କୋର୍ଟକୁ ଅବଗତ କରାଇଥିଲେ। ଶନିବାର ପାଟଣାଗଡ଼ ଏଡିଜେ ଶିଖାରାଣୀ ରଥ ପୁଞ୍ଜିଲାଲଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ। ଗାଁକୁ ଯାଇ ମା'ଙ୍କ ଶେଷକୃତ୍ୟରେ ଯୋଗଦେଇ ମୁଖାଗ୍ନି ଦେବାକୁ ଅନୁମତି ଦେଇଥିଲେ। ଅନୁମତି ପରେ ରବିବାର ଅପରାହ୍ନ ୨ଟାରେ କଡ଼ା ସୁରକ୍ଷା ମଧ୍ୟରେ ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜେଲରୁ ପାଟଣାଗଡ଼ ଥାନାକୁ ନିଆଯାଇଥିଲା। ଜେଲରୁ ବାହାରିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନେ ପୁଞ୍ଜିଲାଲଙ୍କୁ ମା'ଙ୍କ ମୃତ୍ୟୁ ନେଇ ପ୍ରଶ୍ନ କରିବାରୁ ଏଥିରେ ସେ ବହୁତ ଦୁଃଖିତ ବୋଲି କହିବା ସହ ଜୀବନର ସବୁଠୁ ମୂଲ୍ୟବାନ୍ ଲୋକଙ୍କୁ ହରାଇଥିବା କହିଥିଲେ। ପାଟଣାଗଡ଼ ପହଞ୍ଚିବା ପରେ ଥାନାରେ ତାଙ୍କୁ ରଖାଯାଇଥିଲା। ପାଟଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ଶ୍ମଶାନରେ ମା'ଙ୍କ ମରଶରୀରରେ ମୁଖାଗ୍ନି ଦେଇଥିଲେ। ପୁଞ୍ଜିଲାଲ କହିଥିଲେ ଯେ, ସେ କେବେ ବି ପାଟଣାଗଡ଼ ଜେଲରୁ ଫେରାର ହେବାକୁ ଚେଷ୍ଟା କରି ନ ଥିଲେ। ପାଟଣାଗଡ଼ ଜେଲର ସିସିଟିଭି ଯାଞ୍ଚ କଲେ ସବୁ କଥା ସ୍ପଷ୍ଟ ହୋଇଯିବ। ମୁଖାଗ୍ନି ପରେ ପୋଲିସ ହେପାଜତରେ ପୁଞ୍ଜିଲାଲ ତାଙ୍କ ରାମପୁରସ୍ଥିତ ବାସଭବନକୁ ଯାଇଥିଲେ। ସେଠାରେ ପରିବାରବର୍ଗଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ପୁଣି ଜିଲା କାରାଗାରକୁ ଅଣାଯାଇଥିଲା।

# ଜାତିଭିତ୍ତିକ ଜନଗଣନା ନିଷ୍ପତ୍ତିକୁ ବିରୋଧୀଙ୍କ ସମାଲୋଚନା

**ଭୁବନେଶ୍ୱର, ୧୨।୧ (ବ୍ୟୁରୋ)**

ରାଜ୍ୟରେ ସାମାଜିକ, ଆର୍ଥିକ ଏବଂ ଜାତିଭିତ୍ତିକ ଜନଗଣନା ହେବ। ୨୦୨୧ ଜନସଂଖ୍ୟା ଗଣନା ବେଳେ ଏକାସାଙ୍ଗରେ ଏହି ଗଣନା କରାଯିବ। ଶନିବାର ରାଜ୍ୟ କ୍ୟାବିନେଟ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ପରେ ରାଜ୍ୟ ରାଜନୀତି ଜୋର୍ ଧରିଛି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ କେନ୍ଦ୍ର ନିକଟରେ ଦାବି ରଖିବାକୁ କହୁଥିବାବେଳେ ଭାଜପା ଏହାକୁ ସମାଲୋଚନା କରିଛି। ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟ ସରକାର ଓବିସି ଏବଂ ଏସ୍‌ଇବିସି ଜାତିଭିତ୍ତିକ ଗଣନାକୁ ସର୍ବାଧିକ ଗୁରୁତ୍ୱ ଦେବା କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା। ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଓବିସି ଏବଂ ଏସ୍‌ଇବିସିମାନଙ୍କୁ ଶିକ୍ଷା କିମ୍ବା ଚାକିରି କ୍ଷେତ୍ରରେ ସଂରକ୍ଷଣ ଲାଗୁ କରିପାରିଲେନାହିଁ। ଓବିସିମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସେମାନଙ୍କ ସାମ୍ବିଧାନିକ ଅଧିକାର। କିନ୍ତୁ ସରକାର ଓବିସିମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ ରଖିଛନ୍ତି। କେନ୍ଦ୍ର ସରକାର ଶିକ୍ଷା ଏବଂ ସରକାରୀ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖିଛନ୍ତି। ସବୁ ରାଜ୍ୟ ଏହି ନିୟମ ପାଳନ କରୁଥିବାବେଳେ ରାଜ୍ୟ ସରକାର ଏହାକୁ ଏ ପର୍ଯ୍ୟନ୍ତ ଲାଗୁ କରିପାରିଲେ ନାହିଁ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏହା କିଛି ଐତିହାସିକ ନିଷ୍ପତ୍ତି ନୁହେଁ। ଭୋଟ ଭଳି ଏହା କେବଳ ଗୋଟିଏ ଭାବନା, ଚିନ୍ତା ଓ କାର୍ଯ୍ୟକ୍ରମ ସଦୃଶ। ଆଜି ପର୍ଯ୍ୟନ୍ତ ଏମାନେ କେଉଁଠି ଥିଲେ। ଗୋଟିଏ ନୂଆ ବାହାନା ଆରମ୍ଭ କରିଛନ୍ତି। ୨୦୧୧ରେ ଏସ୍‌ଇବିସି ଏବଂ ଏସ୍‌ସି/ଏସ୍‌ଟିଙ୍କ ଗଣନା ତାଲିକା କୁଆଡେ ଗଲା ବୋଲି ସୁର ପ୍ରଶ୍ନ କରିଛନ୍ତି।



## ଜିଲା ଟିଠି
### କଟକ

## କଷି, ପାକଳ

**କ**ଷି, ପାକଳ। ଏହି ଦୁଇଟି ଶବ୍ଦ ଏବେ କଟକରେ ଏକ ଭିନ୍ନ ଅର୍ଥ ସୃଷ୍ଟି କରିଛି। ବାହାର ଅଞ୍ଚଳରୁ ଆସିଥିବା ଲୋକେ ଏହି ଶବ୍ଦ ଶୁଣିବାମାତ୍ରେ ଫଳ ଆଡ଼କୁ ଟାଣି ହୋଇଯାଉଛନ୍ତି। କିନ୍ତୁ ବୁଝିବା ଲୋକେ ଠିକଭାବେ କଥାର ଅର୍ଥକୁ ବୁଝିପାରି ମୁରୁକି ହସା ମାରୁଛନ୍ତି। କଷି, ପାକଳ ଶବ୍ଦ ବ୍ୟାପିବା ପଛର କାରଣ ବୁଝିଲା ବେଳକୁ ଜଣେ କୁହାଳିଆ ରାସ୍ତାକଡ଼ରେ ନୂଆବର୍ଷ ଉପଲକ୍ଷେ ଲାଗିଥିବା ହୋର୍ଡିଂ ଆଡ଼କୁ ଆଙ୍ଗୁଠି ଦେଖେଇଲେ। ହୋର୍ଡିଂର ଉପରଭାଗରେ ଦଳୀୟ ଛାମୁଆ ନେତାମାନଙ୍କ ଫଟୋ ଲାଗିଥିବାବେଳେ ତଳଭାଗରେ ସ୍ଥାନୀୟ ୱାର୍ଡସ୍ତରୀୟ ନେତାମାନଙ୍କ ଫଟୋ ଲାଗିଛି। କିଏ ହାତଯୋଡ଼ା ଭଙ୍ଗିରେ ତ କିଏ ହାତ ହଲେଇ ଅଭିବାଦନ ଗ୍ରହଣ କରିବା ମୁଦ୍ରାରେ ଫଟୋ ଉଠାଇ ଲଗାଇଛନ୍ତି। ସହର ସାରା ଏହିଭଳି ହୋର୍ଡିଂ ଛାଇଯାଇଛି। ହୋର୍ଡିଂଗୁଡିକ ମଧ୍ୟରୁ କେତେକର ଛବି ପୁରୁଣା ଅର୍ଥାତଥ ପ୍ରତିବର୍ଷ ଏହି ଛବିମାନଙ୍କୁ ଦେଖିବାକୁ ମିଳିଥାଏ। ମାତ୍ର ପୁରୁଣାଙ୍କ ସଂଖ୍ୟାଠାରୁ ନୂଆଙ୍କ ସଂଖ୍ୟା ଢେର ବଢ଼ିଯାଇଛି। କାରଣ ହେଉଛି ଆଗକୁ ପୌର ନିର୍ବାଚନ ଆସୁଛି। ତେଣୁ ପୌର ନିର୍ବାଚନ ନିମନ୍ତେ ଏମାନେ ଏଭଳି ହୋର୍ଡିଂ ମାଧ୍ୟମରେ କୁଆଡେ ନିଜ ପ୍ରାର୍ଥିତ୍ୱର ସୂଚନା ଦେଉଛନ୍ତି। କଷି ନେତାଙ୍କ ଫଟୋ ମରା ହୋର୍ଡିଂକୁ ଦେଖି ପାକଳମାନେ ଦାନ୍ତ କାମୁଡୁଛନ୍ତି। ହୋର୍ଡିଂକୁ ଚାହିଁ ଓଃ କମ୍ ବଡ଼ ନେତାଟା କି। ଏନ୍ତୁଡ଼ି କାଠରେ ଉଇ ଲାଗି ନ ଥିବ ପୁଅ ନେତାହେବାକୁ ଚାଲି ଆସିଲାଣି। ଏଇଟାକୁ ବୋଧେ କଲେଜ ନିର୍ବାଚନ ଭାବିଛି। ଗୋଟିଏ ଥରରେ ରଙ୍ଗଢଙ୍ଗ ସବୁ ଛାଡ଼ିଯିବ ଯେ। ବୋପାର କିଛି ପଇସା ଅଛି ତ, ପୁଅ ସେଇଥିପାଇଁ କୁତୁକୁତୁ ହେଉଛି ଇତ୍ୟାଦି ପାକଳମାନେ କହୁଛନ୍ତି। ଠିକ୍ ସେହିପରି ପାକଳ ନେତାଙ୍କ ହୋର୍ଡିଂକୁ ଦେଖି କଷିମାନେ ମଧ୍ୟ ମନଇଚ୍ଛା ବକି ଯାଉଛନ୍ତି। ଏଇଟା ଟାଉଟର ଟା। ୱାର୍ଡ ଭିତରକୁ ଆଉ ପଶି ପାରିବନି। ୱାର୍ଡ ଭିତରକୁ ଗଲେ ୟାଙ୍କୁ ମହିଳା ଝାଡୁରେ ସେକିବେ। କେବଳ ୟାରି ପାଇଁ ଦଳ, ନେତା ବଦନାମ ଓ ଆମ ସଂଗଠନ ସବୁ ବଦନାମ ଓ ବରବାଦ। ଏଥର ୟାକୁ ଟିକେଟ ମିଳୁନି ମ। ଜମାରୁ ବ୍ୟସ୍ତ ହୁଅନା ଇଏ ଏଥର ସାତପାଞ୍ଚିରୁ ଯିବ ଇତ୍ୟାଦି କଷି ନେତାମାନେ କହୁଛନ୍ତି। କଷି ଓ ପାକଳ ନେତାଙ୍କଠାରୁ ଏଭଳି କଥା ଶୁଣି ଲୋକେ କୁହାକୁହି ହେଉଛନ୍ତି ନିର୍ବାଚନ କେବେ କି। ଆଉ କିଛି ତୁରନ୍ତ ଉତ୍ତର ଦେଉଛନ୍ତି ନିର୍ବାଚନ କେବେ ହେବ ତାହା ଏମାନଙ୍କୁ ଜଣା ନ ଥିବ। ଏମାନଙ୍କ ୱାର୍ଡ ବର୍ଗୀକରଣ ହେବା ପରେ କେଉଁ ରୂପ ନେବ ତାହା ଏମାନଙ୍କୁ ଜଣାନାହିଁ। କିନ୍ତୁ ଏବେଠାରୁ ପାଗ ଭିଡି ମନେ ମନେ ନେତାଗିରି ଦେଖାଉଛନ୍ତି। ଏମିତି ହୋଇ କେତେବେଳେ ଏ କଷି ଆଉ ପାକଳ ରାସ୍ତାରେ କୁଣ୍ଢାକୁଣ୍ଢି ହୋଇ ଗଡ଼ାପଡ଼ା ହେବେ ତାହା ଦେଖିବାକୁ ବାକି ରହିଲା ବୋଲି ଲୋକେ ଆଲୋଚନା କରୁଛନ୍ତି।

– ନିର୍ମଳ ପଣ୍ଡା




କାଙ୍କଡ଼ପାଳ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ବର୍ଷଟି ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ହେଉ।

**ଶ୍ରୀମତୀ ସବିତା ମହାନ୍ତ**
ସରପଞ୍ଚ, କାଙ୍କଡ଼ପାଳ ପଞ୍ଚାୟତ

କାଳିଆପାଣି ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ବର୍ଷଟି ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ହେଉ।



**ଶ୍ରୀମତୀ କଳ୍ପନା ଜେନା**
ସରପଞ୍ଚ, କାଳିଆପାଣି ପଞ୍ଚାୟତ

DADLS-84



**ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
**୧୩ ଜାନୁଆରୀ ୨୦୨୦**

ଅପରାହ୍ନ ୩ ଘଟିକା - ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ତରଫରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର।

**ସାଧାରଣ ସଭା**

ସମୟ – ସଂଧ୍ୟା ୬ ଘଟିକା | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନିତ ଅତିଥିଗଣ - ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁ, ମାନ୍ୟବର ବିଧାୟକ
ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା, ମାନ୍ୟବର ବିଧାୟକ
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ
ଶ୍ରୀମତୀ ସୂର୍ଯ୍ୟମଣୀ ବୈଦ୍ୟ, ମାନ୍ୟବର ବିଧାୟିକା
ଶ୍ରୀମତୀ ଭି. ସୁଜ୍ଞାନ କୁମାରୀ ଦେଓ, ପୂର୍ବତନ ବିଧାୟିକା
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ

ସ୍ୱାଗତ ଭାଷଣ - ଶ୍ରୀଯୁକ୍ତ ସଂଜୟ କୁମାର ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର କମିଶନର ତଥା ଶାସନ ସଚିବ

ଧନ୍ୟବାଦ ଅର୍ପଣ - ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ

ସଭା ପରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0119/1920

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ

# କଥାକଥାରେ

ସମ୍ବିଧାନର ଅନୁଚ୍ଛେଦ ୧୯ ଅନୁଯାୟୀ ଇଣ୍ଟରନେଟ୍ ସେବା ପାଇବା ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ ୧୦ ଜାନୁଆରୀରେ ସ୍ପଷ୍ଟ କରିଛନ୍ତି। ଅନୁଚ୍ଛେଦ ୩୭୦ରେ ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ୫ ଅଗଷ୍ଟ ୨୦୧୯ରେ ଉଚ୍ଛେଦ ହେବା ପରେ ନିରାପତ୍ତାଜନିତ ଭୟ ଆଶଙ୍କା କରି କେନ୍ଦ୍ର ସରକାର ସେଠାରେ ଇଣ୍ଟରନେଟ୍ ଓ ଫୋନ୍ ସେବା ଅଚଳ କରିଦେଇଥିଲେ। ଏହାପରେ 'କଶ୍ମୀର ଟାଇମ୍ସ' ସମ୍ପାଦକ ଅନୁରାଧା ଭାସିନ୍, କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓ ଅନ୍ୟ କେତେକ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଇଣ୍ଟରନେଟ୍ ସେବା ନାଗରିକଙ୍କ ମୌଳିକ ଅଧିକାର ବୋଲି କହିଛନ୍ତି। ଏଥିସହିତ ସପ୍ତାହକ ମଧ୍ୟରେ ଏହାର ସମୀକ୍ଷା କରିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘଦିନ ଧରି ଇଣ୍ଟରନେଟ୍ ସେବା ବ୍ୟାହତ ହୋଇଥିବାରୁ ପରିସ୍ଥିତିର ଗମ୍ଭୀରତା ଓ ଜନସାଧାରଣଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ତାଗିଦ୍ କରିବା ସ୍ୱାଗତଯୋଗ୍ୟ। କେବଳ ସେତିକି ନୁହେଁ, ନିକଟରେ ଶୀର୍ଷ ଅଦାଲତର ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ କେନ୍ଦ୍ର ସରକାର ଯେଉଁଭଳି ଭାବେ ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ କରିଛନ୍ତି, ତାହା ଉପରେ ଦେଇଥିବା ଟିପ୍ପଣୀ ପ୍ରଣିଧାନଯୋଗ୍ୟ। ସେ କହିଛନ୍ତି ଯେ, ଯେତେବେଳେ ଯାଏ ଦେଶରେ ହିଂସା ନ କମିଛି ଓ ଶାନ୍ତି ଫେରିଆସି ନାହିଁ, ସେଯାଏ ସିଏଏ ସଂକ୍ରାନ୍ତ ମାମଲାର ଶୁଣାଣି କରିବା ଅନୁଚିତ। ଏହାର ଅର୍ଥ ହେଉଛି, ଦେଶରେ ଅସ୍ଥିରତା ଲାଗି ରହିଛି ବୋଲି ପ୍ରଧାନ ବିଚାରପତି ସ୍ୱୀକାର କରିଛନ୍ତି।

ଇଣ୍ଟରନେଟ୍ ବ୍ୟବହାର ଉପରେ ଲଗାଯାଇଥିବା ପ୍ରତିବନ୍ଧକ ପ୍ରସଙ୍ଗକୁ ଫେରିବା। ସମ୍ବିଧାନର ଅନୁଚ୍ଛେଦ ୧୯ରେ କୁହାଯାଇଛି ଯେ, ନାଗରିକମାନେ ବାକ୍ ସ୍ୱାଧୀନତା ଓ ଯେକୌଣସି ବୃତ୍ତି ଗ୍ରହଣ କିମ୍ବା ବ୍ୟବସାୟ ବା ବାଣିଜ୍ୟ କରିବା ଲାଗି ଇଣ୍ଟରନେଟ୍‌କୁ ମାଧ୍ୟମ ଭାବେ ବ୍ୟବହାର କରିବେ। ଆବଶ୍ୟକ ସ୍ଥଳେ ଜାତୀୟ ସୁରକ୍ଷା ବିପନ୍ନ ହେଲେ କଟକଣା ଲଗାଯାଇପାରେ। ହେଲେ ଜମ୍ମୁ ଓ କଶ୍ମୀର କ୍ଷେତ୍ରରେ ଦୀର୍ଘଦିନ ଧରି ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ୍ ଓ ଫୋନ୍ ସେବା ବନ୍ଦ କରାଯିବା ଦ୍ୱାରା ସେଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଖବରକାଗଜ, ଟେଲିଭିଜନ୍ ଆଦି ଗଣମାଧ୍ୟମ ସକାଶେ ଇଣ୍ଟରନେଟ୍ ବ୍ୟବହାର ନିତାନ୍ତ ଦରକାର। ସେହିପରି ହସ୍ପିଟାଲ, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟାଙ୍କ କାରବାର ଲାଗି ଏହା ଅତ୍ୟାବଶ୍ୟକ ମାଧ୍ୟମ ପାଲଟିଛି। ଏପରି କି ଯେଉଁ ସମୟରେ ଜମ୍ମୁ ଓ କଶ୍ମୀରରେ ଇଣ୍ଟରନେଟ୍ ବନ୍ଦ କରିଦିଆଗଲା, ସେତେବେଳେ ପ୍ରଚୁର ପରିମାଣର ଆପଲ୍ ବା ସେଓ ଉତ୍ପାଦନ ହେଉଥିଲା। ଦୀର୍ଘଦିନ ବାହାର ରାଜ୍ୟର ବ୍ୟବସାୟୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସେଗୁଡ଼ିକ ପଚିଶଢ଼ି ଗଲା। ଏହି କାରଣରୁ ଉଭୟ ଚାଷୀ ଓ ବ୍ୟବସାୟୀ ଘୋର କ୍ଷତି ସହିଛନ୍ତି। ପୁଣି ସେହି ସମୟରେ ପର୍ଯ୍ୟଟନ ଋତୁ ଥିଲା। ଇଣ୍ଟରନେଟ୍ ବ୍ୟାହତ ଓ ଅନ୍ୟସବୁ କଟକଣା ଲାଗୁ ହେବାରୁ କଶ୍ମୀର ପର୍ଯ୍ୟଟନ ଶିଳ୍ପକୁ ଘୋର କ୍ଷତି ସହିବାକୁ ପଡ଼ିଛି। ୩୭୦ ଉଚ୍ଛେଦ ବେଳେ ଜମ୍ମୁ ଓ କଶ୍ମୀରରେ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲା। ସ୍କୁଲ ଓ କଲେଜ ଅଦ୍ୟାବଧି ଖୋଲିପାରି ନାହିଁ। ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ସିଧାସଳଖ ପ୍ରଭାବ ପଡ଼ିଛି। ଏପରିକି ଯୁବଶକ୍ତି ସେଠାରେ ପୂର୍ବାପେକ୍ଷା ଅଧିକ ବେକାର ହୋଇଯାଇଛନ୍ତି।

ଦେଖିବାକୁ ଗଲେ ଇଣ୍ଟରନେଟ୍ ସେବା ବନ୍ଦ ହେବା ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଜୀବନ ବ୍ୟାହତ ହେବା ସହ ବାଣିଜ୍ୟିକ କ୍ଷତି ଘଟିଛି। ମାସ ମାସ ଧରି ଲୋକେ ଔଷଧ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେତେବେଳେ କୌଣସି ସ୍ଥାନରେ ଦଙ୍ଗା କିମ୍ବା ଅରାଜକତା ଭଳି ସ୍ଥିତି ଉପୁଜେ, ସେତେବେଳେ ଗୁଜବ କିମ୍ବା ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ପ୍ରଶାସନ ପକ୍ଷରୁ ଇଣ୍ଟରନେଟ୍ ଓ ଫୋନ୍ ସେବା ଉପରେ କଟକଣା ଲାଗୁ କରାଯାଇଥାଏ। କାରଣ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ କିମ୍ବା ମେସେଜ୍ ପ୍ରେରଣ ଦ୍ୱାରା ଦୁଷ୍ଟ ଶକ୍ତି ତତ୍‌କ୍ଷଣାତ୍ ଘଟଣାକୁ ବଡ଼ ଆକାର ଦେଇଦେଇଥାଆନ୍ତି। ହେଲେ କଥାକଥାରେ ଏହିସବୁ ସେବାକୁ ବନ୍ଦ କରିଦିଆଗଲେ ତାହା ଲୋକଙ୍କ ଜୀବନଯାପନ ଓ ବାଣିଜ୍ୟ ଉପରେ ପ୍ରବଳ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଜମ୍ମୁ ଓ କଶ୍ମୀରରେ ନୁହେଁ, ନିକଟ ଅତୀତରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଓ ସିଏଏକୁ ନେଇ ସ୍ୱର ଉତ୍ତୋଳନ ହେଉଥିବାରୁ ତାହାକୁ ଚାପି ଦେବା ପାଇଁ କେନ୍ଦ୍ର ସରକାର ଦେଶର ବିଭିନ୍ନ ପ୍ରାନ୍ତରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦେଉଛନ୍ତି। ଇଣ୍ଟରନେଟ୍ ଗବେଷଣା ସଂସ୍ଥା ଟପ୍‌୧୦ ଭିପିଏନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ବାରମ୍ବାର ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଥିବାରୁ ୨୦୧୯ରେ ଦେଶକୁ ୧.୩ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଛି। ଏଥିଯୋଗୁ ଇରାକ୍ ଓ ସୁଦାନ ପରେ ଭାରତ ବିଶ୍ୱର ତୃତୀୟ ଦେଶ ଭାବେ ଆର୍ଥିକ କ୍ଷତିରେ ପଡ଼ିଛି। ଉଲ୍ଲେଖଯୋଗ୍ୟ, ଇରାକ୍ ଓ ସୁଦାନରେ ଇଣ୍ଟରନେଟ୍ ସେବା ଉପରେ ପ୍ରତିବନ୍ଧକ ପରେ କ୍ଷତି ପରିମାଣ ରହିଛି ଯଥାକ୍ରମେ ୨.୩ ବିଲିୟନ ଡଲାର ଓ ୧.୮୭ ବିଲିୟନ ଡଲାର। ଭାରତ କଥାକୁ ଦେଖିଲେ ଏହା ଏବେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଇଣ୍ଟରନେଟ୍ ସେବା ବନ୍ଦ ହେବା ସେହି କ୍ଷତିର ପରିମାଣକୁ ବଢ଼ାଇ ଚାଲିଛି।

ଆଜିର କେନ୍ଦ୍ର ସରକାର ନିଜକୁ ସୁହାଇଲା ଭଳି ପଦକ୍ଷେପ ନେବା ବେଳେ ଜାତୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ଏକ ଖରାପ ପରମ୍ପରା ସୃଷ୍ଟି କରୁଛି। ବିରୋଧ କରୁଥିବା ବ୍ୟକ୍ତି ବା ସଙ୍ଗଠନର ମୁହଁ ବନ୍ଦ କରିବା ଲାଗି ଯୋଗାଯୋଗର ମାଧ୍ୟମକୁ ଦୀର୍ଘଦିନ ଧରି ବନ୍ଦ କରି ରଖାଯିବା ଦ୍ୱାରା ଏହାର ପ୍ରଭାବ ସାମାଜିକ ବ୍ୟବସ୍ଥା ଉପରେ ପଡୁଛି। ଏବେ ସୁପ୍ରିମକୋର୍ଟ ଏହା ଉପରେ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଥିବାରୁ ସରକାର ଏହାକୁ ହେଜିବା ଦରକାର। କୌଣସି ଭାବେ ଚାପ ପ୍ରୟୋଗ କରି ନିର୍ବାଚନକୁ ପ୍ରଭାବିତ କରିବା ହେଉ ବା ଜମ୍ମୁ ଓ କଶ୍ମୀରର ଡେମୋଗ୍ରାଫି ବା ଜନସଂଖ୍ୟା ତତ୍ତ୍ୱ ବଦଳାଇବାର ଉଦ୍ଦେଶ୍ୟ ହେଉ ଆଜିର ଭାରତରେ ତାହା କରିବା ସହଜ ନୁହେଁ। ଦେଶବ୍ୟାପୀ ଏନ୍‌ଆର୍‌ସି ଓ ସିଏଏକୁ ବିରୋଧ ଏହାର ସଂକେତ ଦେଉଛି। ଜନସାଧାରଣଙ୍କ ମନ କଥା ନ ବୁଝି କଥାକଥାରେ ଜୋରଜବରଦସ୍ତି ଚାପ ପକାଇଲେ ତାହା ବୁମେରାଂ ହେବାର ଯଥେଷ୍ଟ ଆଶଙ୍କା ରହିଛି।

# ଜାଣିଛ ମୁଁ କିଏ



ପ୍ରକାଶ ତ୍ରିପାଠୀ

ତାଜା ଚା'ର ଧ୍ୟାନ ଆକର୍ଷଣକାରୀ ବିଜ୍ଞାପନଟିଏ ଟିଭିରେ ପ୍ରଦର୍ଶିତ ହେଉଛି। ନେତାଙ୍କ ବେଶରେ ଥିବା ଜଣେ ବ୍ୟକ୍ତି ବିମାନବନ୍ଦର କାଉଣ୍ଟରରେ ଧାଡି ଭାଙ୍ଗି ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ବିମାନର ଝରକା ପାଖ ସିଟ୍ ଟିକେଟ ମାଗୁଛନ୍ତି। କାଉଣ୍ଟରରେ ଥିବା କର୍ମଚାରୀ ଆଉ ଟିକେଟ ନ ଥିବା ପ୍ରକାଶ କରନ୍ତେ ଉକ୍ତ ନେତା ଉତ୍‌କ୍ଷିପ୍ତ ହୋଇ କହୁଛନ୍ତି- ଜାଣିଛ, ମୁଁ କିଏ। ଶୀଘ୍ର କିଛି କରନ୍ତୁ। ତତ୍‌କ୍ଷଣାତ୍ ଉକ୍ତ କର୍ମଚାରୀ ଗୋଟେ ଢୋକ ଚା ପିଇ ଉପସ୍ଥିତ ଯାତ୍ରୀମାନଙ୍କୁ ମାଇକରେ ଅନୁରୋଧ କରି କହୁଛନ୍ତି- ''ଏ ମହାଶୟ ଜାଣନ୍ତି ନାହିଁ ସେ କିଏ। ଦୟାକରି ଏ ମହାଶୟଙ୍କୁ ତାଙ୍କ ପରିଚୟ ଜାଣିବାରେ କେହି ସାହାଯ୍ୟ କରିବେ କି?'' ଲେଖିବା ବାହୁଲ୍ୟ ଯେ, ଉକ୍ତ ବିଜ୍ଞାପନଟି ଆମ ଦେଶର ପ୍ରଭାବଶାଳୀ ଭିଆଇପି ସଂସ୍କୃତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୧୭ ଜୁନ ମାସର ଘଟଣା। ଚେନ୍ନାଇର ନାମା ମେଟ୍ରୋ ଗ୍ରୀନଲାଇନର ଉଦ୍‌ଘାଟନ ପାଇଁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଆସିବାର ଥାଏ। ସୁରକ୍ଷା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଯିବା ରାସ୍ତାରେ ଅନ୍ୟ କୌଣସି ଯାନବାହନକୁ ଯିବାକୁ ଦିଆଯାଉ ନ ଥାଏ। ନିରାପତ୍ତା ଦୃଷ୍ଟିରୁ କଡାକଡି ନିୟମ ପାଳନ କରୁଥାନ୍ତି ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ। ହଠାତ୍ ସାଇରନ ବଜାଇ ଆମ୍ବୁଲାନ୍ସଟିଏ ଆସିଲା ଓ ତାକୁ ମଧ୍ୟ ଅଟକାଇ ଦିଆଗଲା। ଡ୍ୟୁଟିରେ ଥିବା ଅନ୍ୟତମ ସବ୍‌ଇନ୍ସପେକ୍ଟର ଏମ୍.ଏଲ. ନିଜଲିଙ୍ଗାପ୍ପା ଆମ୍ବୁଲାନ୍ସ ଭିତରେ ଶୋଇଥିବା ରୋଗୀଙ୍କୁ ଦେଖି ତୁରନ୍ତ ଗାଡିଟିକୁ ରାଷ୍ଟ୍ରପତିଙ୍କ ଯିବା ରାସ୍ତାରେ ଛାଡି ଦେଇଥିଲେ। ଉପରିସ୍ଥ ପୋଲିସ ଅଧିକାରୀମାନଙ୍କ ବିରୋଧ ସତ୍ତ୍ୱେ ନିଜଲିଙ୍ଗାପ୍ପା ଭ୍ୟାନଟିକୁ ଯିବାକୁ ଦେଇଥିଲେ। ସମସ୍ତେ ଭାବି ନେଇଥିଲେ ଯେ ସବ୍‌ଇନ୍ସପେକ୍ଟର ନିଜଲିଙ୍ଗାପ୍ପାଙ୍କ ଚାକିରି ଗଲା। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ଏହି ସେବା ପାଇଁ ତାଙ୍କୁ ପୁରସ୍କୃତ ସହ ସମ୍ବର୍ଦ୍ଧିତ ବି କରାଗଲା। ୨୦୧୦, ଡିସେମ୍ବର ମାସର ଘଟଣା। ନୂଆଦିଲ୍ଲୀର ଅନିଲ ଜୈନଙ୍କର ହଠାତ୍ ଛାତିରେ ଯନ୍ତ୍ରଣା ଆରମ୍ଭ ହେଲା। ଆତ୍ମୀୟମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ଗୁରୁ ତେଗ୍ ବାହାଦୁର ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଗଲେ। ମାତ୍ର ସେଠାରେ ପେସ୍‌ମେକର ନ ଥିବାରୁ ଜୈନଙ୍କୁ ଗୋବିନ୍ଦ ବଲ୍ଲଭ ପନ୍ଥ ହସ୍ପିଟାଲ ନେବାକୁ ପରିବାର ଲୋକେ ବାହାରିଲେ। ମାତ୍ର ରାଜଘାଟଠାରେ ଆମ୍ବୁଲାନ୍ସକୁ ଆଗକୁ ଯିବାକୁ ଦିଆଯାଇ ନ ଥିଲା। କାରଣ ସେହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଗାଡି ଯିବାର ଥିଲା। ପୋଲିସକୁ ବାରମ୍ବାର ଆକୁଳ ନିବେଦନରୁ କୌଣସି ସୁଫଳ ମିଳି ନ ଥିଲା। ପ୍ରଧାନମନ୍ତ୍ରୀଙ୍କ ଗାଡି ଯିବା ପରେ ଆମ୍ବୁଲାନ୍ସ ହସ୍ପିଟାଲକୁ ଯାଇଥିଲା ସତ, ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ରୋଗୀଙ୍କ ମୃତ୍ୟୁ ହୋଇସାରିଥିଲା। ୨୦୧୭ ନଭେମ୍ବର ମାସ। ଗୌହାଟୀ ବିମାନବନ୍ଦରରେ ବିମାନଯାତ୍ରାର ବିଳମ୍ବକୁ ନେଇ ଜଣେ ମହିଳା ଡାକ୍ତରଙ୍କ ସହ ଜଣେ କେନ୍ଦ୍ରମନ୍ତ୍ରୀଙ୍କର ଯୁକ୍ତିତର୍କ ହୋଇଥିଲା। ସେଦିନ ରାଷ୍ଟ୍ରପତିଙ୍କ ବିମାନ ଅବତରଣ କରିବାକୁ ଥିବାରୁ ତାହାର ଅନେକ ସମୟ ପୂର୍ବରୁ କୌଣସି ବିମାନକୁ ଉଡିବାକୁ ଦିଆଯାଇ ନ ଥିଲା। ଫଳରେ ଉକ୍ତ ମହିଳା ଡାକ୍ତର ତାଙ୍କ ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେଇ ପାରି ନ ଥିଲେ। ଉପରୋକ୍ତ ତିନୋଟି ଘଟଣା କେତୋଟି ଉଦାହରଣ ମାତ୍ର ହୋଇପାରେ। ଏହିପରି ଅନେକ ଘଟଣା ବର୍ଷବ୍ୟାପୀ ଘଟିଚାଲେ ଭାରତରେ, ଯାହାକି ପ୍ରମାଣ ଦେଇଥାଏ ଭାରତରେ ଭିଆଇପି ସଂସ୍କୃତି କେତେ ସୁଦୃଢ ଓ ଏହାଦ୍ୱାରା ସାଧାରଣ ଜନତା କେତେ ପ୍ରପୀଡିତ।

ପୋଲିସ ଗାଡିଟିଏ ସାଇରନ ବଜାଇ ଆଗେ ଆଗେ ଯାଉଥିବ। ଗାଡିର ଉଭୟ ପଟରୁ ଝୁଙ୍କିପଡି ପୋଲିସଭାଇ ରୋଲବାଡିରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ରାସ୍ତାରୁ ହଟିଯିବାକୁ ନିର୍ଦ୍ଦେଶ ଦେଉଥିବେ। ପୋଲିସଗାଡି ପଛକୁ ପଛ ଅନେକ ଗାଡି ଛୁଟୁଥିବ। ଏଭଳି ଦୃଶ୍ୟ ଆମେ ଅନେକ ସମୟରେ ଦେଖିଥାଉ। ଦେଖି ବୁଝିଯାଉ ଯେ କେହି ଜଣେ ଭିଆଇପି ଗସ୍ତ କରୁଛନ୍ତି। ପୋଲିସର ଭୟରେ ରାସ୍ତାର ଦୁଇକଡକୁ ଘୁଞ୍ଚିଯାଇ ଭିଆଇପିଙ୍କ ଯାତ୍ରାକୁ ସୁରକ୍ଷିତ କରିଦେଉ। ଟିଭିରେ ଦେଖୁ ଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥା। କଳା ପୋଷାକ ପିନ୍ଧି, ହାତରେ ଏ.କେ. ୪୭ ଭଳି ଉନ୍ନତମାନର ରାଇଫଲ ଧରି ସୁରକ୍ଷା କର୍ମୀମାନେ ଆମ ଭିଆଇପିଙ୍କ ଚାରିପଟେ ଘେରି ରହିଥାନ୍ତି। ଭିଆଇପିଙ୍କୁ ସେବା ପ୍ରଦାନ ପାଇଁ ଚବିଶ ଘଣ୍ଟା କର୍ମଚାରୀ ପ୍ରସ୍ତୁତ ରହିଥାନ୍ତି। ସଭାସମିତିରେ ଆଗଧାଡିରେ ଆସନ ସୁରକ୍ଷିତ ଥାଏ। ସେମାନଙ୍କ ପାଇଁ କୌଣସି କାଉଣ୍ଟରରେ ଧାଡିରେ ଠିଆ ହେବାର ଆବଶ୍ୟକତା ନ ଥାଏ। ଚାହୁଁ ଚାହୁଁ ସବୁ ସୁବିଧା ସୁଯୋଗ ପାଖରେ ପହଞ୍ଚିଯାଉଥିବା ପଦବୀଟି ହେଲା ଏହି ଭିଆଇପି। କାହାର ବା ଇଚ୍ଛା ନ ହେବ ଆମ ଦେଶରେ ଭିଆଇପିଟିଏ ନ ହେବାକୁ। ପରିବାରରେ ଜଣେ କେହି ଭିଆଇପି ହୋଇଗଲେ ପରିବାରର ସମସ୍ତ ସଦସ୍ୟ ବି ସମସ୍ତ ସୁବିଧା ସୁଯୋଗ ପାଇବାକୁ ପରୋକ୍ଷ ହକ୍‌ଦାର ବନିଯାନ୍ତି। ଏଭଳି ସୁଯୋଗ ହାସଲ କରିଥିବା ଭିଆଇପିଙ୍କଠାରୁ ଏହି ବ୍ୟବସ୍ଥା କାଢି ନିଆଗଲେ ସେ ବିରୋଧ ନ କରିବ ବା କାହିଁକି। କାରଣ ଭିଆଇପିଙ୍କୁ ମିଳୁଥିବା ବ୍ୟବସ୍ଥାକୁ ଆମ ଦେଶରେ ଆଭିଜାତ୍ୟର ସନ୍ତକ, ସଂଭ୍ରାନ୍ତର ପ୍ରତୀକ ବୋଲି ଧରି ନିଆଗଲାଣି। 'ଜାଣିଛ ମୁଁ କିଏ, ଜାଣିଛ ମୁଁ କାହା ପୁଅ, ଜାଣିଛ ମୁଁ କାହା ପତ୍ନୀ' ଭଳି ବାକ୍ୟ ଆମରି ଦେଶରେ ବେଶି ଶୁଣିବାକୁ ମିଳିଥାଏ ନିଜକୁ ଭିଆଇପି ଭାବେ ପ୍ରତିପାଦିତ କରିବା ପାଇଁ। ବ୍ରିଟିଶ ଶାସନ ବେଳେ ଉଚ୍ଚପଦାଧିକାରୀ ପଦରେ ସେମାନଙ୍କ ଦେଶର ଲୋକେ ରହୁଥିଲେ ଓ ଆମ ଦେଶରେ ସେମାନେ ନିଜକୁ ସେତେଟା ସୁରକ୍ଷିତ ମଣୁ ନ ଥିଲେ। ସେଥିପାଇଁ ବିଭିନ୍ନ ଆଦବ କାଇଦା, ସୁରକ୍ଷା ବ୍ୟବସ୍ଥା ତଥା ସେବା ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା। ବ୍ରିଟିଶ ଦେଶ ଛାଡି ଚାଲିଗଲେ ସତ, ହେଲେ ସେମାନଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଏହି ଭିଆଇପି ବ୍ୟବସ୍ଥା ଆଜି ବେଶ୍ ହୃଷ୍ଟପୁଷ୍ଟ ହୋଇଯାଇଛି। ନିଜ ଦେଶର ଲୋକଙ୍କ ଆଗରେ ବି ଭିଆଇପିମାନେ ସୁରକ୍ଷିତ ମଣୁନାହାନ୍ତି, ଯଦ୍ୱାରା ଭିଆଇପି ସଂସ୍କୃତି ଆଳରେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଭାବୁଛନ୍ତି।

ଭାରତରେ ବର୍ଦ୍ଧିତ ଜନସଂଖ୍ୟା ଭଳି ଭିଆଇପିଙ୍କ ସଂଖ୍ୟା ବି ବିଶ୍ୱରେ ସର୍ବାଧିକ। ଆମେରିକା, ଫ୍ରାନ୍ସ, ବ୍ରିଟେନ, ଜାପାନ, ରୁଷିଆ ଓ ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନାରେ ଭିଆଇପିଙ୍କ ସଂଖ୍ୟା ୫୦୦ ଟପି ପାରୁ ନ ଥିଲା ବେଳେ ଭାରତରେ ଭିଆଇପିଙ୍କ ସଂଖ୍ୟା ୫ ଲକ୍ଷରୁ ଊର୍ଦ୍ଧ୍ୱ। ଏମାନଙ୍କ ମଧ୍ୟରେ ରାଜନୀତିଜ୍ଞ, କ୍ରୀଡାବିତ୍, ଶିଳ୍ପପତି, ବ୍ୟୁରୋକ୍ରାଟ ଓ ଅନ୍ୟାନ୍ୟ ସେଲିବ୍ରିଟି ଅନ୍ତର୍ଭୁକ୍ତ। ପ୍ରକାଶିତ ତଥ୍ୟ ଅନୁସାରେ ଆମ ଦେଶରେ ଜଣେ ଭିଆଇପିଙ୍କ ପାଇଁ ହାରାହାରି ତିନିଜଣ ପୋଲିସ କର୍ମଚାରୀ ନିଯୁକ୍ତ ଥିଲାବେଳେ ୬୬୩ଜଣ ସାଧାରଣ ନାଗରିକଙ୍କ ପାଇଁ ମାତ୍ର ଜଣେ ପୋଲିସ ଅଛନ୍ତି। ସାଧାରଣ ଜନତାଙ୍କ ପ୍ରଦତ୍ତ କରରେ କିପରି ଭିଆଇପି ସଂସ୍କୃତି ଆମ ଦେଶରେ ତିଷ୍ଠିଛି, ତା'ର ଏକ ପ୍ରମାଣ ମିଳିଥିଲା ୨୦୧୩ରେ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଉପସ୍ଥାପିତ ଏକ ସତ୍ୟପାଠରୁ। କେବଳ ଦିଲ୍ଲୀରେ ଭିଆଇପିଙ୍କ ସୁରକ୍ଷା ଲାଗି ଖର୍ଚ୍ଚ ହୋଇଥିଲା ୩୪୧ କୋଟି ଟଙ୍କା। ସମଗ୍ର ଭାରତରେ ଏ ବାବଦରେ ସରକାରୀ ତହବିଲରୁ କେତେ ଖର୍ଚ୍ଚ ହେଉଛି ତାହା ଏହି ସତ୍ୟପାଠରୁ ସହଜରେ ଅନୁମେୟ।

ଭିଆଇପି ସଂସ୍କୃତି ଉତ୍ତର ଓ ପୂର୍ବ ଭାରତରେ ବ୍ୟାପକ ଦେଖାଯାଇଥାଏ। ବିହାର, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ ଓ ପଞ୍ଜାବ ଆଦି ରାଜ୍ୟରେ ଭିଆଇପି ସଂସ୍କୃତିକୁ ସମ୍ଭ୍ରାନ୍ତପଣର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଭାରତୀୟମାନେ ଏହି ସାମନ୍ତବାଦୀ ଢାଞ୍ଚାରେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ନିଜ ସାଇକେଲରେ ଅଫିସକୁ ଆସିବା, ବ୍ରିଟେନ ପ୍ରଧାନମନ୍ତ୍ରୀ ଲୋକାଲ ଟ୍ରେନରେ ସିଟ୍ ନ ପାଇ ଠିଆ ହୋଇ ଯାତ୍ରା କରିବା, ରୁଷିଆ ରାଷ୍ଟ୍ରପତି ପେଟ୍ରୋଲ ପମ୍ପରେ ନିଜ ଗାଡିରେ ନିଜେ ତେଲ ଭରିବା, ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବା ପରେ ବାରାକ ଓବାମା ହୋଟେଲରେ ଖାଦ୍ୟ ପରଷିବା କାର୍ଯ୍ୟ କରିବା ଅବା ମାସାଚ୍ୟୁସେଟ୍‌ସର ଗଭର୍ଣ୍ଣର ପ୍ରତ୍ୟେକ ଦିନ ସାଧାରଣ ପରିବହନ ବସରେ କାର୍ଯ୍ୟାଳୟକୁ ଯିବା ଖବର ବା ଚିତ୍ର ଦେଖିବା ପରେ ଆମେ ଆଶ୍ଚର୍ଯ୍ୟ ପ୍ରକଟ କରିଥାଉ। କାରଣ ଆମ ଦେଶରେ ଉଚ୍ଚ ପଦବୀ ବା କ୍ଷମତାରେ ଥିବା ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଏପରି ଆଚରଣ ଆମ ପାଇଁ ସ୍ୱପ୍ନ। ଆମ ଦେଶରେ କ୍ଷମତାରେ ନ ଥିବା ବେଳେ ବି ଜେଡ୍ ସିକ୍ୟୁରିଟି ବଦଳରେ ଏକ୍ସ ସିକ୍ୟୁରିଟି ଯୋଗାଇଦେଲେ ପ୍ରତିବାଦର ସ୍ୱର ସଂସଦରେ ଉଠେ। ଜାତୀୟ ରାଜପଥରେ ଥିବା ଟୋଲ ପ୍ଲାଜାଗୁଡିକରେ ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ଲେନ କରାଯିବାକୁ ଦାବି ହୁଏ। ନୂଆ ଭାରତରେ ଭିଆଇପି କେହି ନାହାନ୍ତି। ସମସ୍ତ ନାଗରିକ ଜଣେ ଜଣେ ଭିଆଇପି। ଏପରି ଭାବନା ସୃଷ୍ଟି ହୋଇପାରିଲେ ଆମ ଦେଶ ସବୁକିଛି ହାସଲ କରିପାରିବ ବୋଲି ମନ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ପରେ ଅନେକ କିଛି ପରିବର୍ତ୍ତନର ଆଶା ସୃଷ୍ଟି ହୋଇଛି। କିଛି ଅତି ବିଶିଷ୍ଟ ପଦପଦବୀରେ ଥିବା ବ୍ୟକ୍ତିଙ୍କ ଗାଡିକୁ ବାଦ୍‌ଦେଲେ ଅନେକ ଭିଆଇପିଙ୍କ ଗାଡିରୁ ନାଲିବତି କାଢି ନିଆଗଲାଣି ସତ, ହେଲେ ଭିଆଇପି ମାନସିକତା ଦୂର ହୋଇପାରିନାହିଁ। ଅନେକ ଧନଶାଳୀ ଓ ସେଲିବ୍ରିଟି ନିଜ ଖର୍ଚ୍ଚରେ ନିଜର ନିରାପତ୍ତା ବଳୟ ସୃଷ୍ଟିକରି ଭିଆଇପି ଗିରିକୁ ଉପଭୋଗ କରିଚାଲିଛନ୍ତି। ପଦପଦବୀ, କ୍ଷମତା, ଧନସମ୍ପତ୍ତି ନିର୍ବିଶେଷରେ ଆମେ ସମସ୍ତେ ସାଧାରଣ ମଣିଷ। ଏଭଳି ଭାବନା ସୃଷ୍ଟି ହୋଇପାରିଲେ ଭିଆଇପି ସଂସ୍କୃତିର ବିଲୋପ ଘଟିପାରନ୍ତା। ସାଧାରଣ ମଣିଷ ଓ ଭିଆଇପି ମଧ୍ୟରେ ଦୂରତା କମିପାରନ୍ତା। ଯେଉଁ କ୍ଷମତାକୁ ନେଇ ଗର୍ବ କରୁଛୁ, ତାହା ଦିନେ ଚାଲିଯିବ। ଯେଉଁ ଧନକୁ ନେଇ ଅହଂକାର କରୁଛୁ ତାହା ଦିନେ ଆମ ପ୍ରାଣକୁ ରକ୍ଷା କରିପାରିବ ନାହିଁ। ଯେଉଁ ଶରୀରକୁ ନେଇ ଅଭିମାନ କରୁଛୁ, ତାହା ବି ଦିନେ ଆମ ଆତ୍ମାକୁ ବୋହିପାରିବ ନାହିଁ। କୌଣସି ପଦପଦବୀ, କ୍ଷମତା ବା ଧନ ନୁହେଁ, ପବିତ୍ର ମନୋଭାବ ଓ ଉଚ୍ଚ ମାନବୀୟ ଆଚରଣ ହିଁ ମଣିଷକୁ ଭିଆଇପିର ପରିଚୟ ଦେଇଥାଏ। ସେତେବେଳେ ଆଉ କହିବାର ଆବଶ୍ୟକତା ନ ଥାଏ 'ଜାଣିଛ, ମୁଁ କିଏ'।

ଇମେଲ-prakastripathy09@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | B | | | | 2 | | 4 | | | 1 |
| | | 4 | | 7 | | 1 | | A | | | 0 | | D | 5 |
| | | | D | 3 | A | | | 9 | | | | | | 2 |
| B | 8 | | | | 5 | | | | 1 | | | | E | |
| 7 | 2 | | | | | 0 | | 5 | | | | | A | 3 |
| | | 8 | 7 | | C | | | 3 | 6 | | | | | |
| A | | 2 | | | | | 6 | | 4 | | | | | |
| 4 | | | | | 9 | | | D | 8 | | | | 7 | |
| 6 | | | | | | | 4 | | 9 | | 1 | D | | |
| E | | | 3 | | | 9 | | | 0 | 2 | B | | 6 | |
| 8 | B | | E | | | | | C | D | 1 | 2 | 3 | | 4 |
| | | 5 | | 0 | | 3 | | E | | 7 | | | B | |
| | | | | | D | | | B | | | | | | |
| | | A | | | | 6 | | | C | | | | | 8 |
| | | D | A | | | 5 | | 0 | | 3 | | C | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | C | 9 | 8 | 6 | 3 | 7 | B | A | D | 5 | 1 | 0 | 4 | 2 |
| A | 1 | B | 0 | 5 | 2 | 6 | 4 | 9 | E | 8 | C | D | 3 | 7 |
| 7 | 0 | 6 | 4 | D | B | 1 | E | 8 | 3 | 2 | 9 | C | 5 | A |
| 4 | 5 | D | C | E | 7 | 2 | 3 | 0 | B | 6 | A | 8 | 9 | 1 |
| 2 | 3 | 8 | 1 | A | 9 | C | D | 5 | 7 | 4 | 0 | 6 | E | B |
| 9 | B | 7 | E | 3 | 0 | 8 | 6 | 4 | A | C | 2 | 1 | D | 5 |
| 5 | 6 | A | D | 1 | 4 | E | 9 | C | 0 | B | 8 | 2 | 7 | 3 |
| 1 | 8 | C | B | 2 | A | 3 | 5 | 7 | 6 | E | D | 9 | 0 | 4 |
| 0 | 2 | E | 6 | 9 | 5 | D | A | 1 | 4 | 7 | 3 | B | 8 | C |
| 3 | D | 4 | 7 | 8 | C | 0 | 2 | B | 9 | 1 | 5 | A | 6 | E |
| B | 4 | 0 | 5 | 7 | 8 | 9 | 1 | 3 | C | A | 6 | E | 2 | D |
| 8 | 9 | 5 | 2 | 0 | D | A | 7 | E | 1 | 3 | B | 4 | C | 6 |
| D | 7 | 1 | 3 | C | E | B | 0 | 6 | 2 | 9 | 4 | 5 | A | 8 |
| C | E | 2 | A | B | 6 | 4 | 8 | D | 5 | 0 | 7 | 3 | 1 | 9 |
| 6 | A | 3 | 9 | 4 | 1 | 5 | C | 2 | 8 | D | E | 7 | B | 0 |

ଗତକାଲିର ଉତ୍ତର

# ସମାଲୋଚନା ଓ ଫକୀରମୋହନ



ବିଭୁପ୍ରସାଦ ମହାପାତ୍ର

ଯୁକ୍ତରାଷ୍ଟ୍ର ଆମେରିକାର ଲେଖକ ତଥା ଦାର୍ଶନିକ ଏଲ୍‌ବର୍ଟ ଗ୍ରୀନ୍ ହବାର୍ଡ (୧୮୫୬-୧୯୧୫) ମାର୍କିନ ମୋଟର ନିର୍ମାତା ଓ ରାଜନେତା ଜନ୍ ନର୍ଥ ୱିଲିସ୍ (୧୮୭୩-୧୯୩୫)ଙ୍କ ଉପରେ ଏକ ପୁସ୍ତକ ରଚନା କରିଛନ୍ତି। ଉକ୍ତ ପୁସ୍ତକର ଏକ ଉକ୍ତି ହେଲା-"Do nothing, say nothing, and be nothing, and you will never be criticized." (ସମାଲୋଚନାରୁ ମୁକ୍ତି ଚାହୁଁଥିଲେ କିଛି କରନ୍ତୁ ନାହିଁ, କିଛି କୁହନ୍ତୁ ନାହିଁ ଏବଂ କିଛି ହୁଅନ୍ତୁ ନାହିଁ।) ଯେଉଁଠି କର୍ମ ହେଉଛି 'ଜୀବନର ମାନଦଣ୍ଡ', ସେଠି କିଛି ନ କରି ସମାଲୋଚନା ଭୟରେ ରହିହେବ କି?

ତେବେ ଯେକୌଣସି ଇତର କର୍ମ ହେଉ କି ସାହିତ୍ୟ ସୃଜନ ପରି ଜ୍ଞାନାଶ୍ରିତ ଉତ୍ତମ କର୍ମ, ସମାଲୋଚନା ରହିବ ହିଁ ରହିବ। ଷୋଡ଼ଶ ଶତାବ୍ଦୀରେ ଅତିବଡୀ ଜଗନ୍ନାଥ ଦାସ ମାନକ ଓଡ଼ିଆ ଭାଷାରେ 'ଭାଗବତ' ରଚନା କଲେ ଏବଂ ତାହା ପ୍ରାକୃତ ତଥା ଜନସାଧାରଣଙ୍କ କଥିତ ଭାଷାରେ ରଚନା ହୋଇଥିବାରୁ ସର୍ବଜନାଦୃତ ହୋଇଥିଲା। ଓଡ଼ିଆଙ୍କ ଚଳଣି ସହ ଯୋଡି ହୋଇଯାଇଥିବା ଯେଉଁ କୃତିକୁ ଲୋକେ ଗାଁ ଗାଁରେ ଭାଗବତ ଟୁଙ୍ଗି ସ୍ଥାପନ କରି 'ଭାଗବତ ଗୋସେଇଁ' ରୂପେ ପୂଜା କରିଆସୁଛନ୍ତି, ଦିନ ଥିଲା ସେହି ଅତୁଳନୀୟ କୃତିକୁ ସଂସ୍କୃତପ୍ରଧାନ ସମାଜ ତଥା ବ୍ରାହ୍ମଣ ଶାସନମାନଙ୍କରେ 'ତେଲୀ ଭାଗବତ'ର ଆକ୍ଷେପ ଶୁଣିବାକୁ ପଡ଼ିଥିଲା। ଜଣେ ସଚ୍ଚା ସମାଲୋଚକର କର୍ତ୍ତବ୍ୟ ହେଲା- ନିରପେକ୍ଷ ଭାବେ ବ୍ୟକ୍ତିଗତ ଆକ୍ଷେପ ନ କରି କୃତିଟିର ଗୁଣଦୋଷ ବାଛିବା, ସାହିତ୍ୟ ସମାଲୋଚକଟିଏ ସାହିତ୍ୟକୃତିର ବିଶ୍ଳେଷଣ ପୂର୍ବକ କେବଳ କୃତିକୁ ନୁହେଁ, ସାହିତ୍ୟକୁ ସୁଧାରିଥାଏ। ସେ ଚାଟୁକାର ସ୍ତାବକ ହୋଇ ନ ପାରେ କି ଦ୍ୱେଷପ୍ରଚୋଦିତ ଦୋଷଦର୍ଶୀ ନୁହେଁ। ଅବଶ୍ୟ ନିର୍ବିକଳ୍ପ ଏବଂ ଦ୍ୱେଷରହିତ ସମାଲୋଚକ ଆଜିକା ସମୟରେ ବିରଳ କହିଲେ ଚଳେ। ତଥାପି କିଛି ସାହିତ୍ୟିକ ଉଦାର ହୃଦୟରେ ସମାଲୋଚନାକୁ ଗ୍ରହଣ କରୁଥିବା ବେଳେ ଆଉ ଥୋକେ ସମାଲୋଚନାର ଶରବ୍ୟ ଓ ସମାଲୋଚକର ଉଦ୍ଦେଶ୍ୟପ୍ରଣୋଦିତ ଆକ୍ଷେପରେ କ୍ଷୁବ୍ଧ ହୋଇଥାନ୍ତି।

ଓଡ଼ିଆ ପିଲାମାନଙ୍କ ନିମନ୍ତେ ପାଠ୍ୟପୁସ୍ତକ ଅଭାବକୁ ଲକ୍ଷ୍ୟ କରି ଭାଷା ଆନ୍ଦୋଳନର

### ୧୩ ଜାନୁୟାରୀ ଜୟନ୍ତୀ ଉପଲକ୍ଷେ

ସେନାପତି ତଥା ରିଙ୍ଗ୍ ଲିଡର ଫକୀରମୋହନ ସେନାପତି (୧୮୪୩-୧୯୧୮) 'ଭାରତବର୍ଷର ଇତିହାସ' (୧ମ ଭାଗ) ରଚନା କରନ୍ତି। ଉତ୍କଳ ଦୀପିକାର ସମ୍ପାଦକ ଓଡ଼ିଆପ୍ରାଣ କର୍ମବୀର ଗୌରୀଶଙ୍କର ରାୟ (୧୮୩୮-୧୯୧୭) ପୁସ୍ତକଟିକୁ ତ୍ରୁଟିଯୁକ୍ତ ଥିବା ଦେଖି ଯାହା ଲେଖିଥିଲେ- ''ଅତଏବ ଏମନ୍ତ କାଳରେ ନୂତନ ପୁସ୍ତକମାନ ମୁଦ୍ରିତ ଓ ପ୍ରଚାର ହେବାର ଦେଖି ବଡ଼ ଆନନ୍ଦବୋଧ ହୁଅଇ କିନ୍ତୁ ପକ୍ଷାନ୍ତରେ ଏ ସମସ୍ତ ପୁସ୍ତକ ରଚନା ପାଠ କରି ଅତ୍ରତ୍ୟ ଲୋକମାନେ କ୍ରମେ ଉତ୍କଳ ଭାଷାକୁ ପାସୋରି ଏକ ବିବାଦୀୟ ବଙ୍ଗୋତ୍କଳ ମିଶ୍ରିତ ଭାଷା ଶିକ୍ଷା କରିବେ, ଏହା ମନେ ପଡିବାରୁ ଅପାର ଦୁଃଖ ଜାତ ହୁଅଇ। ...ଗ୍ରନ୍ଥର ରଚନା ପ୍ରତି ଦୃଷ୍ଟି ଦେଲେ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ଗ୍ରନ୍ଥକର୍ତ୍ତା ବିଷମୟ ମିଷ୍ଟାନ୍ନ ପ୍ରସ୍ତୁତ କରି ଉତ୍କଳ ଭାଷାର ବିକାଶ ସାଧନ ପକ୍ଷରେ ଯେ ରୂପ ଦୃଢପ୍ରତିଜ୍ଞ ହୋଇଅଛନ୍ତି, ତହିଁରେ ତାହାଙ୍କୁ କପଟବନ୍ଧୁ ଭିନ୍ନ ଆଉ କି ଜ୍ଞାନ କରିବୁ?''

ଉତ୍କଳ ବରେଣ୍ୟ ଫକୀରମୋହନ 'ଭାରତବର୍ଷର ଇତିହାସ' (୨ୟ ଭାଗ) ରଚନା କରିବା କାଳରେ ସମାଲୋଚନାକୁ ସହୃଦୟତାର ସହ ଗ୍ରହଣ ପୂର୍ବକ ପୁସ୍ତକଟିକୁ ତ୍ରୁଟିରହିତ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କଲେ। ବାଲେଶ୍ୱରର ଉତ୍କଳ ପ୍ରେସ୍‌ରେ ମୁଦ୍ରିତ ହୋଇଥିବା ଉକ୍ତ ଗ୍ରନ୍ଥର ଏକକିତା ଉପହାର ସ୍ୱରୂପ କର୍ମବୀରଙ୍କୁ ପ୍ରଦାନ କରିଥିଲେ। ମହାମନା ସେନାପତି ଉଦାର ହୃଦୟରେ ସମାଲୋଚନାକୁ ଗ୍ରହଣ କରି ପୁଣି ସ୍ୱୟଂ ସମାଲୋଚକ ନିକଟକୁ କପିଟିଏ ପଠାଇଥିବାରୁ ଆନନ୍ଦିତ ହୋଇ 'ଉତ୍କଳ ଦୀପିକା'ରେ ଯାହା ଲେଖିଥିଲେ- ''ଏମନ୍ତ କିଏ ରଚନା କରିବ କି ଯହିଁରେ ଗୋଟିଏ ହୋଇ ଭ୍ରମ ନ ଥିବ? ମାତ୍ର ସେହି ବ୍ୟକ୍ତି ପ୍ରଶଂସନୀୟ ଯେ କି ଭ୍ରମର କଥା ଶୁଣିଲାରୁ ତହିଁରେ ବିରକ୍ତ ନ ହୋଇ ଭବିଷ୍ୟତକୁ ତାହା ପକ୍ଷରେ ଯତ୍ନ କରଇ।... ନୋହିଲେ ଏମନ୍ତ ଲୋକ ନାହାନ୍ତି କି ତାହାଙ୍କର ଭ୍ରମ କେହି ଦେଖାଇଦେଲେ ଗୌରବର କ୍ଷତି ଜ୍ଞାନ କରି ରାଗାନ୍ୱିତ ହୁଅନ୍ତି ଓ ଆପଣାର ଭ୍ରମ ସଂଶୋଧନ ତେଣିକି ଥାଉ, ଅପର ବ୍ୟକ୍ତିର କାର୍ଯ୍ୟରେ ଛିଦ୍ର ଅନୁସନ୍ଧାନ କରି ବୁଲୁଥାନ୍ତି।''

ଏପରି ମହାମନା ଥିଲେ ଆମ ପ୍ରିୟ ଫକୀରମୋହନ। ସେଥିପାଇଁ କୁହାଯାଏ- ସତ୍‌ପାତ୍ର ସିନା ଗୁଣଦୋଷର ମର୍ମ ଗ୍ରହଣ କରିବ ଅପାତ୍ରରେ କହି ଲାଭ କି ଅଛି?

ଭୋଗଡା, ଖୋର୍ଦ୍ଧା, ମୋ-୭୦୦୮୦୫୩୫୯୭

## ଆମ ସମସ୍ୟା

### ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଦିଗଫଳକ ଲଗାଯାଉ

ମହାଶୟ,

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦିଗଫଳକ ନ ଥିବାରୁ, ମେଡିକାଲ ଯିବାକୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ମେନରୋଡ଼ରୁ କୁଆଡେ ଗଲେ ମେଡିକାଲ ପଡିବ ପାଖ ଲୋକ କିମ୍ବା ଦୋକାନୀଙ୍କୁ ପଚାରିବାକୁ ପଡୁଛି। ଏହା ଫଳରେ ଜରୁରୀ ସମୟରେ ରୋଗୀକୁ ନେଇ ଯିବାରେ ଲୋକେ ଅସୁବିଧାର ସାମ୍ନା କରୁଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଏହାର କିଛି ଲାଭ ଏ ଯାଏଁ ମିଳିପାରିନି । ଏଣୁ ପ୍ରଶାସନ ପକ୍ଷରୁ ଚିକିତ୍ସାଳୟ ରାସ୍ତାକୁ ଏକ ଦିଗଫଳକ ଲଗାଇବାକୁ ଅନୁରୋଧ ।

ବିଶ୍ୱଜିତ୍ ସାହୁ, ଆଇଆଇଏମ୍‌ସି, ଢେଙ୍କାନାଳ

### ପାଞ୍ଚ ପ୍ରତିଶତ ମହଙ୍ଗା ଭତ୍ତା କେବେ

୨୦୧୯ ଜୁଲାଇରୁ ପାଞ୍ଚ ପ୍ରତିଶତ ମହଙ୍ଗା ଭତ୍ତା ମିଳିବା କଥା। କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ସହିତ ଅନ୍ୟ କେତେକ ରାଜ୍ୟର କର୍ମଚାରୀମାନେ ୧୨ ପ୍ରତିଶତ ମହଙ୍ଗା ଭତ୍ତାରେ ୫ ପ୍ରତିଶତ ବୃଦ୍ଧି ଘଟି ଦୀପାବଳିଠାରୁ ୧୭ ପ୍ରତିଶତ ପାଇସାରିଲେଣି। କିନ୍ତୁ ଆମ ରାଜ୍ୟ ସରକାର ଭତ୍ତା ବୃଦ୍ଧି କରୁନାହାନ୍ତି। ପୁନଶ୍ଚ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ଦୀର୍ଘଦିନର ଦାବି ଚିକିତ୍ସା ଭତ୍ତା ପ୍ରତି ମଧ୍ୟ ସରକାର ବିମୁଖ। ଅନ୍ୟାନ୍ୟ ଜନହିତକାରୀ ଯୋଜନାରେ ଜଡିତ ବ୍ୟକ୍ତିବିଶେଷଙ୍କର ଭତ୍ତା ବୃଦ୍ଧି ହେବା ବେଳେ ଚିକିତ୍ସା ଭତ୍ତା ମଞ୍ଜୁର କରିବା ଉଚିତ ନୁହେଁ କି?

କୃଷ୍ଣଚନ୍ଦ୍ର ହୋତା, ବଳଙ୍ଗା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଜଣେ ଆଇଏଏସ୍ ଅଧିକାରୀ ନିଆରା ସେବା ମାଧ୍ୟମରେ ସମାଜରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଦଳାଇ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅଧିକାରୀ ଜଣଙ୍କ ହେଉଛନ୍ତି ରାଜସ୍ଥାନର ସହର ଭିତ୍ତିଭୂମି ବିକାଶ ପରିଯୋଜନା(ଆର୍‌ୟୁଆଇଡିପି)ର ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ସୋନି । ଏହା ପୂର୍ବରୁ ଜାଲୋର ଜିଲାପାଳ ଥିବା ସମୟରେ ସେ 'ଚରଣପାଦୁକା ଅଭିଯାନ' ଆରମ୍ଭ କରି ୧୫ ଦିନ ମଧ୍ୟରେ ଜିଲାରେ ଖାଲି ପାଦରେ ସ୍କୁଲ ଯାଉଥିବା ୩୦ ହଜାର ପିଲାଙ୍କୁ ଚପଲ ଯୋଗାଇ ଦେଇଥିଲେ। ତାଙ୍କର ଏହି ଅଭିଯାନକୁ ସାରା ରାଜ୍ୟରେ ଲାଗୁ କରାଯାଇ ଏବେ ସୁଦ୍ଧା ୧,୭୬,୦୦୦ ପିଲାଙ୍କୁ ଚପଲ ଯୋଗାଇଦିଆଗଲାଣି। ପାଲି ଜିଲାରେ ପ୍ରୋବେଶନାରୀ ଅଧିକାରୀ ଥିବାବେଳେ ସେ 'ବିଦ୍ୟାପ୍ରବାହିନୀ'ଯୋଜନାରେ ସ୍କୁଲ ପିଲାମାନଙ୍କ ବସ୍‌ରେ ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷା ସମ୍ବନ୍ଧୀୟ ଅଡିଓ ଓ ଭିଡିଓ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରିଥିଲେ। ଏହି ଯୋଜନାରେ ଜିଲା କର୍ତ୍ତୃପକ୍ଷ ଏବଂ ସ୍ୱେଚ୍ଛାସେବୀମାନେ ନିୟମିତ ସନ୍ଧ୍ୟାରେ ବସ୍ତିକୁ ଯାଇ ପିଲାମାନଙ୍କୁ ପଢାଉଥିଲେ। ଝଲାୱାଡ ଜିଲାପାଳ ଥିବା ସମୟରେ 'ରକ୍ତକୋଷ' ଅଭିଯାନ ମାଧ୍ୟମରେ ଓ'ନେଗେଟିଭ ରକ୍ତ ସଂଗ୍ରହ କରି ପୀଡିତମାନଙ୍କୁ ଯୋଗାଇ ଦେଇ ଅନେକ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ।

## ଚିରନ୍ତନୀ

ହେ ପୁରୁଷ, ଭୁବନର ଗୌରବ, ପାଳକ,
ସୁନ୍ଦର, ସୁଭଗ ମମ ନୟନର ଜ୍ୟୋତି,
ତୋହରି ନିର୍ଦ୍ଦେଶେ ମୁଁ ଯେ ଚଳେଁ ମଥା ପୋତି
ତୋର ବିନୁ ଅନ୍ଧୁଣୀ ମୁଁ, ଜୀବନ-ଚାଳକ! (ପୁରୁଷ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୧୩ ଜାନୁୟାରୀ ୧୯୯୫

- ଭାରତ ଓ ବ୍ରୁନେଇ ମଧ୍ୟରେ ବିମାନ ସେବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- କଲମ୍ବିଆର ଏକ ବିମାନରେ ବିସ୍ଫୋରଣ ଘଟି ୫୧ ଜଣଙ୍କ ପ୍ରାଣହାନି।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୫- ଭାରତର ପ୍ରଥମ ଲୋକ ସଭାର ସଦସ୍ୟ ଥିବା କମଲ ବାହାଦୁର ସିଂଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା।

୬- ଇରାନ ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ହତ୍ୟା ପରେ ତେହେରାନ ୨୦୧୫ର ଆଣବିକ ଚୁକ୍ତିନାମା ମାନିବ ନାହିଁ ବୋଲି ଘୋଷଣା କରିଛି।

୭- ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ୪ ଦୋଷୀଙ୍କୁ ଆସନ୍ତା ୨୨ ତାରିଖ ସକାଳେ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଯିବ ବୋଲି ଦିଲ୍ଲୀର ଏକ ସ୍ଥାନୀୟ କୋର୍ଟ ରାୟ ଦେଇଛନ୍ତି।

୮- ଇରାକସ୍ଥିତ ଆମେରିକା ଓ ମେଣ୍ଟ ବଳର ଦୁଇଟି ସେନା ଶିବିର ଉପରେ ଇରାନ ୨୨ଟି ବାଲିଷ୍ଟିକ୍ ମିଶାଇଲ ମାଡ଼ କରିବା ଫଳରେ ଆମେରିକାର ୮୦ ସୈନ୍ୟ ନିହତ ଓ ୨୦୦ ଆହତ ହୋଇଥିବା ଇରାନ ଦାବି କରିଛି।

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ



ସ୍ୱତନ୍ତ୍ର କୁମାରଙ୍କ

## ଆର୍ଥିକ ସ୍ୱାଧୀନତା ହାସଲ କରିବାର ୬ଟି ମନ୍ତ୍ର

ଆନ୍ତରିକ ଶାନ୍ତି ସନ୍ଧାନରେ ଲୋକମାନେ ହିମାଳୟକୁ ଯାଇଥାନ୍ତି। କିନ୍ତୁ ଆର୍ଥିକ ଶାନ୍ତି ପାଇଁ କ'ଣ କରାଯିବ? ଯାହା ବି ହେଉ, ଭଲ ଖବର ହେଉଛି, ଏହାର ସନ୍ଧାନରେ ଆପଣଙ୍କୁ କେଉଁଠିକୁ ଯିବାକୁ ପଡ଼ିବ ନାହିଁ। ଆପଣଙ୍କୁ କେବଳ ଏହି ଆର୍ଥିକ ମନ୍ତ୍ରଗୁଡ଼ିକୁ ଅଭ୍ୟାସ କରିବାକୁ ହେବ।

### ମନ୍ତ୍ର ୧
**ନିଜ ଆର୍ଥିକ ସ୍ଥିତିର ବିଶ୍ଳେଷଣ କରନ୍ତୁ**

ଆପଣଙ୍କ ମନକୁ କିଛି ଆନ୍ଦୋଳିତ କଲେ କିମ୍ବା କିଛି ଗୋଟେ ଠିକ୍ ନ ଥିଲା ଭଳି ଆପଣଙ୍କୁ ଲାଗିଲେ, ଶାନ୍ତି ଆପଣଙ୍କ ପରମକାମ୍ୟ ହୋଇଯାଏ।

**ତେଣୁ:** ଆପଣଙ୍କ ଆର୍ଥିକ ସ୍ଥିତିରେ ଭୁଲ୍ କେଉଁଠି ଅଛି ପ୍ରଥମେ ତାହାକୁ ଚିହ୍ନଟ କରନ୍ତୁ ।

**କେମିତି:** ନିଜ ଆର୍ଥିକ ଜୀବନର ମୂଲ୍ୟାୟନ କରନ୍ତୁ। ନିଜର ସମସ୍ତ ପରିସମ୍ପତ୍ତି ଓ ଦେୟତାଗୁଡ଼ିକୁ ମାତ୍ରା ନିର୍ଦ୍ଧାରଣ କରନ୍ତୁ। ନିଜର ଆୟ ଓ ବ୍ୟୟଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ । ନିଜର ଆର୍ଥିକ ଶକ୍ତି ଓ ଦୁର୍ବଳତାଗୁଡ଼ିକୁ ବୁଝିବାକୁ ଭୁଲନ୍ତୁ ନାହିଁ ।

### ମନ୍ତ୍ର ୨
**ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ**

ଯେବେ ଆପଣଙ୍କ ଜୀବନ ଅବନତି ପଥରେ ଚାଲିଥାଏ, ଆପଣ ଚାହାନ୍ତି କେହିଜଣେ ଆପଣଙ୍କ ସହ କଥା ହେଉ, ଆପଣଙ୍କୁ ଆଶ୍ୱାସନା ଦେଉ ଓ ଆପଣଙ୍କୁ ମାର୍ଗଦର୍ଶନ କରାଉ। ସେ ଆପଣଙ୍କ ବନ୍ଧୁ ହୋଇପାରନ୍ତି କିମ୍ବା ଶିକ୍ଷକ, ପୃଷ୍ଠପୋଷକ କିମ୍ବା ପିତାମାତା, ଏପରିକି ପରାମର୍ଶଦାତା ହୋଇପାରନ୍ତି।

**ତେଣୁ:** ନିଜ ଆର୍ଥିକ ଜୀବନ ସମ୍ପର୍କରେ ଆପଣ କାହା ସହିତ ଆଲୋଚନା କରିପାରିବେ ସ୍ଥିର କରନ୍ତୁ।

**କେମିତି:** ସାଙ୍ଗସାଥୀ, ସହକର୍ମୀଙ୍କଠାରୁ କିମ୍ବା ଇଣ୍ଟରନେଟ୍ ଇତ୍ୟାଦିରୁ ଆର୍ଥିକ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣନ୍ତୁ ଏବଂ ବାଛିଥିବା ଆର୍ଥିକ ପରାମର୍ଶଦାତାଙ୍କ ପୃଷ୍ଠଭୂମିକୁ ଭଲଭାବେ ଯାଞ୍ଚ କରିନିଅନ୍ତୁ । ଏହାପରେ, ସେମାନଙ୍କ ଯୋଗ୍ୟତା ଓ ଅଭିଜ୍ଞତା ସମ୍ପର୍କରେ ଜାଣନ୍ତୁ। ଆହୁରିମଧ, ଅନ୍ୟାନ୍ୟ ପ୍ରଶ୍ନ ସମେତ ସେମାନଙ୍କୁ ତାଙ୍କର ସଫଳତା ହାର, ସହବନ୍ଧନ ଇତ୍ୟାଦି ସମ୍ପର୍କରେ ପଚାରନ୍ତୁ ।

### ମନ୍ତ୍ର ୩
**ଆର୍ଥିକ ଲକ୍ଷ୍ୟ ସ୍ଥିର କରନ୍ତୁ**

ନିଜର ଏକାଗ୍ରତାକୁ ଉନ୍ନତ କରିବା, ଦୁଃଶ୍ଚିନ୍ତା ଏବଂ ଅବସାଦ ହ୍ରାସ କରିବା ପାଇଁ ଆପଣ ଧ୍ୟାନ କରିଥାନ୍ତି।

**ତେଣୁ:** ଆପଣଙ୍କ ଟଙ୍କାର ଯିବା ପାଇଁ ବହୁତ ବାଟ ଅଛି। ଆପଣଙ୍କୁ ପ୍ରଥମେ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବାକୁ ହେବ।

**କେମିତି:** ମନେପକାନ୍ତୁ ଆପଣ ଚାହୁଁଥିବା କେତେ ଛୋଟ ବଡ଼ ଜିନିଷ ଆପଣ ଟଙ୍କା ଅଭାବରୁ କିଣିପାରୁ ନ ଥିଲେ। ଏଗୁଡ଼ିକ ଆପଣଙ୍କ ଲକ୍ଷ୍ୟରେ ପରିଣତ ହୋଇଯାଇଛି। ଏହାପରେ, ତାହାକୁ ହାସଲ କରିବାର ସମୟସୀମା ସ୍ଥିର କରନ୍ତୁ ।

### ମନ୍ତ୍ର ୪
**ନିଜ ଲକ୍ଷ୍ୟ ପାଇଁ ସଞ୍ଚୟ କରନ୍ତୁ**

ଆପଣଙ୍କୁ ଶାନ୍ତି ଦେବା ପାଇଁ ପର୍ବତ ଆପଣଙ୍କୁ ହାତଠାରି ଡାକୁଛି, କିନ୍ତୁ ଚଢ଼ିବା ପାଇଁ ଆପଣଙ୍କ ନିକଟରେ ଶକ୍ତି ଅଛି କି?

**ତେଣୁ:** ଏବେ ଆପଣ କ'ଣ ଚାହୁଁଛନ୍ତି ତାହା ଜାଣିଲେ, ସେଥିପାଇଁ ସଞ୍ଚୟ କରିବା ଆରମ୍ଭ କରନ୍ତୁ।

**କେମିତି:** ପ୍ରତିମାସରେ ନିଜ ଲକ୍ଷ୍ୟ ପାଇଁ ଏବଂ ଜରୁରିକାଳୀନ ପରିସ୍ଥିତି ପାଇଁ ପୃଥକ୍ ଭାବେ ଅଳ୍ପ ପରିମାଣର ଅର୍ଥରାଶି ଅଲଗା କରି ରଖନ୍ତୁ। ଏକ ସାଧାରଣ ନିୟମ ଭାବେ, ଆପଣ ନିଜ ମାସିକ ଆୟର ଅନ୍ୟୁନ ୨୦% ସଞ୍ଚୟ କରିବା ଚେଷ୍ଟା କରିବା ଜରୁରୀ। ଶତକଡ଼ା ଯେତେ ଅଧିକ ହେବ, ଆପଣଙ୍କ ଆର୍ଥିକ ସ୍ଥିତି ସେତେ ଭଲ ହେବ।

### ମନ୍ତ୍ର ୫
**ନିବେଶ କରନ୍ତୁ**

ମାନସିକ ଶାନ୍ତି ହାସଲ କରିବା ପାଇଁ ଆପଣ ନିଜର ସମୟ ଓ ଟଙ୍କା ନିବେଶ କରିଥାନ୍ତି। ଆର୍ଥିକ ଶାନ୍ତି ପାଇଁ ମଧ ସେଇଆ କରନ୍ତୁ ।

**ତେଣୁ:** ଧନ ସୃଜନ କରିବା, ଲକ୍ଷ୍ୟ ପାଇଁ ସଞ୍ଚୟ କରିବା ଓ ଜରୁରିକାଳୀନ ପରିସ୍ଥିତି, ଟିକସ ସଞ୍ଚୟ କରିବା ଓ ଏକ ଆରାମଦାୟକ ଅବସରକାଳୀନ ଜୀବନ ପାଇଁ ନିଜ ସଞ୍ଚୟଗୁଡ଼ିକୁ ନିବେଶ କରନ୍ତୁ।

**କେମିତି:** ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଦୀର୍ଘ ମିଆଦରେ ଆପଣଙ୍କୁ ଧନ ସୃଜନ କରିବାରେ ସାହାଯ୍ୟ କରିପାରିବ। ଆପଣ ଇକ୍ୱିଟି ଲିଙ୍କ୍ଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍)ରେ ନିବେଶ କରି ନିବେଶ ଉପରେ ବାର୍ଷିକ ₹୧.୫ ଲକ୍ଷ ପର୍ଯ୍ୟନ୍ତ ଟିକସ ସଞ୍ଚୟ କରିପାରିବେ। ନିଜ ଅବସରକାଳୀନ ପାଣ୍ଠିକୁ ବ୍ୟବସ୍ଥିତ ଢଙ୍ଗରେ ଗଢ଼ିବା ପାଇଁ, ଆପଣ ସଲ୍ୟୁସନ୍ ଓରିଏଣ୍ଟେଡ୍ ରିଟାୟରମେଣ୍ଟ ଫଣ୍ଡରେ ନିବେଶ କରିପାରିବେ। ଅଧିକନ୍ତୁ, ନିଜର ଜରୁରିକାଳୀନ ସଞ୍ଚୟକୁ ବୃଦ୍ଧି କରିବା ପାଇଁ, ଆପଣ ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରିବେ।

### ମନ୍ତ୍ର ୬
**ନିଜ ନିବେଶଗୁଡ଼ିକର ସମୀକ୍ଷା କରନ୍ତୁ**

ମନ୍ତ୍ରଗୁଡ଼ିକ ଆପଣଙ୍କ ପାଇଁ ପ୍ରଭାବୀ ହେଉଛି କି ନାହିଁ ତାହାକୁ ନିଶ୍ଚିତ କରିବା ଲାଗି ଯେମିତି ଆପଣ ଚେଷ୍ଟା କରନ୍ତି ସେହିଭଳି ଆପଣଙ୍କ ନିବେଶଗୁଡ଼ିକ ଆପଣଙ୍କ ଲକ୍ଷ୍ୟକୁ ହାସଲରେ ଆପଣଙ୍କୁ ସାହାଯ୍ୟ କରୁଛି କି ନାହିଁ ତାହା ମଧ ସୁନିଶ୍ଚିତ କରିନେବା ଆବଶ୍ୟକ।

**ତେଣୁ:** ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ପୋର୍ଟଫୋଲିଓକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରନ୍ତୁ।

**କେମିତି:** ଆପଣଙ୍କ ଫଣ୍ଡର ନେଟ୍ ପରିସମ୍ପତ୍ତି ମୂଲ୍ୟ ଆପଣଙ୍କୁ ଏହାର ୟୁନିଟ୍ ପିଛା ବଜାର ମୂଲ୍ୟ ବିଷୟରେ ଧାରଣା ଦେଇଥାଏ। ସହାୟତା ପାଇଁ ଆପଣ ଆର୍ଥିକ ପରାମର୍ଶଦାତାଙ୍କ ସହ ଯୋଗାଯୋଗ ମଧ କରିପାରନ୍ତି।

## ଜ୍ଞାନର ଉପହାର

ଏକ ଶୁଭ ୨୦୧୯ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ କରିବା ବେଳେ ଆପଣ ଆପଣଙ୍କ ପାଇଁ ଏହି ବର୍ଷକୁ ବାଧାବିଘ୍ନମୁକ୍ତ କରିବାରେ କଠିନ ପରିଶ୍ରମ କରିଥିବା ସେହି ଲୋକମାନଙ୍କ ବିଷୟରେ ଚିନ୍ତା କରିଛନ୍ତି କି? ସେମାନେ ହେଉଛନ୍ତି ଆପଣଙ୍କ ଚାକରାଣୀ, ସିକ୍ୟୁରିଟି ଗାର୍ଡ, ଲିଫ୍ଟମ୍ୟାନ୍, କେୟାରଟେକର୍, ଏପରିକି ଡ୍ରାଇଭର୍ । ସେମାନଙ୍କୁ କିଛି ଉପହାର ଦେଇ ଆପଣ ନିଜର କୃତଜ୍ଞତା ଅଭିବ୍ୟକ୍ତ କଲେ କେମିତି ହୁଅନ୍ତା?




**ଜ୍ଞାନର ଉପହାର ଏତେ ମୂଲ୍ୟବାନ୍ କାହିଁକି?**

ସଞ୍ଚୟ ଓ ନିବେଶ କରିବାର ମହତ୍ତ୍ୱ ଆପଣଙ୍କୁ ବେଶ୍ ଜଣା। କିନ୍ତୁ ଆପଣଙ୍କ ସହାୟକମାନଙ୍କ ପାଇଁ ହୁଏତ ତାହା ଅଜଣା ହୋଇପାରେ। ଜ୍ଞାନକୁ ଛାଡ଼ିଦେଲେ ଅନ୍ୟ ସବୁକିଛି ଏକ ଏକ୍ସପାଏରୀ ତାରିଖ ସହିତ ଆସିଥାଏ। କିନ୍ତୁ ଯଦି ଆପଣ ସେମାନଙ୍କୁ ଆର୍ଥିକ ଜ୍ଞାନ ଦିଅନ୍ତି ତେବେ ଦିନ ଆସିବ ସେହି ଉପହାରଗୁଡ଼ିକୁ କିଣିବା ପାଇଁ ସେମାନଙ୍କ ନିକଟରେ ଯଥେଷ୍ଟ ଟଙ୍କା ରହିବ।

**ଉପହାର କିପରି ଦେବେ?**

- ସଞ୍ଚୟ, ନିବେଶ ଓ ନିଜର ଜୀବନ ଓ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାର ମହତ୍ତ୍ୱ ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଅନ୍ତୁ ।
- ସେମାନଙ୍କ ଟଙ୍କା କିପରି ବହୁଗୁଣିତ ହୋଇଯିବ ତାହା ଦେଖାଇବା ପାଇଁ କାଲକୁଲେଟର୍ ଓ ସାଧାରଣ ହିସାବର ସହାୟତା ନିଅନ୍ତୁ ।
- ସେମାନଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଉତ୍ସାହିତ କରନ୍ତୁ।
- ସେମାନଙ୍କୁ ନ୍ୟୂନତମ ନିବେଶ ପରିମାଣ ସହିତ ନିବେଶ କରିବା ସମ୍ପର୍କରେ ଶିକ୍ଷିତ କରନ୍ତୁ । ଉଦାହରଣସ୍ୱରୂପ, ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି)ରେ ₹୫୦୦ ନିବେଶ କରି ସେମାନେ କିପରି ନିଜର କଷ୍ଟୋପାର୍ଜିତ ଟଙ୍କାକୁ ବହୁଗୁଣିତ କରିପାରିବେ।

ମନେରଖନ୍ତୁ, ସେମାନଙ୍କୁ ଆର୍ଥିକ ଜ୍ଞାନ ଦେଇ ଆପଣ ସେମାନଙ୍କୁ ଏକ ସୁରକ୍ଷିତ ଭବିଷ୍ୟତର ଉପହାର ଦେଉଛନ୍ତି ।

ଏହି ବିଷୟବସ୍ତୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ମୋର ଚାକିରି ହରାଇଛି, କିନ୍ତୁ ଖୁବ୍‌ଶୀଘ୍ର ଆଉ ଏକ ଚାକିରିରେ ଯୋଗ ଦେବାକୁ ଯାଉଛି। ଏଥିଯୋଗୁଁ ମୋତେ ଲାଗୁଛି ମୁଁ ମୋର କେତୋଟି ଏସ୍ଆଇପି କିସ୍ତି ଦେଇପାରିବି ନାହିଁ । ଦେଇ ନ ପାରିଲେ କିଛି ଜରିମାନା ଲାଗିବ କି?



**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**ସୁନୀଲ ଜାକବ୍**
ପ୍ରତିଷ୍ଠାତା, ହାର୍ଭେଷ୍ଟ ଆସେଟ୍ ମ୍ୟାନେଜମେଣ୍ଟ ସର୍ଭିସେସ୍

ମାସିକ ଏସ୍ଆଇପି ପେମେଣ୍ଟ ଦେଇ ନ ପାରିବା ସହ କୌଣସି ଜରିମାନା ଜଡ଼ିତ ନୁହେଁ ଏବଂ ଏଥିଯୋଗୁଁ ଫୋଲିଓ ବନ୍ଦ ହୋଇଯିବ ନାହିଁ । ହେଲେ, ଯଦି ଆପଣ ନିରନ୍ତର ଭାବେ ତିନୋଟି କିସ୍ତି ନ ଦିଅନ୍ତି ତେବେ ଏସ୍ଆଇପି ସ୍ୱଚାଳିତ ଭାବେ ନିଷ୍କ୍ରିୟ ହୋଇଯିବ। ଯଦି ଆପଣ ଭାବୁଛନ୍ତି ଯେ ଆପଣ କିସ୍ତିଗୁଡ଼ିକୁ ପରେ ପୈଠ କରିଦେବେ ତେବେ ତାହା ମଧ ସମ୍ଭବ ନୁହେଁ । କାରଣ ଖାତାରେ ଟଙ୍କା ଲାଗିଲା ପରେ ହିଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ସଂଘଟିତ ହୋଇଥାଏ, ଆପଣ ପଛ ତାରିଖରୁ ଫଣ୍ଡ ୟୁନିଟ୍ କିଣିପାରିବେ ନାହିଁ, ଏହାର ଅର୍ଥ ହେଉଛି ଆପଣ ପରବର୍ତ୍ତୀ ମାସରେ ଏସ୍ଆଇପିକୁ ବୃଦ୍ଧି କଲେ ମଧ, ପୂର୍ବବର୍ତ୍ତୀ ମାସରେ ପ୍ରଚଳିତ ଥିବା ମୂଲ୍ୟରେ ଆପଣ ୟୁନିଟ୍‌ଗୁଡ଼ିକୁ କ୍ରୟ କରିପାରିବେ ନାହିଁ । ତଥାପି, ଆପଣଙ୍କୁ ଏହା ଧ୍ୟାନରେ ରଖିବାକୁ ହେବ ଯେ ଇଲେକ୍ଟ୍ରୋନିକ୍ କ୍ଲିୟରିଂ ସର୍ଭିସ୍ (ଇସିଏସ୍) ପାଇଁ ବାଞ୍ଛିତ ବାଲାନ୍ସ ବଜାୟ ନ ରଖିଲେ ବ୍ୟାଙ୍କ ତରଫରୁ ଆପଣଙ୍କ ଉପରେ କିଛି ଜରିମାନା ଲାଗୁ କରାଯାଇପାରେ ।

## ଗୁରୁ କୁହନ୍ତି



**ବିଶ୍ୱନାଥ ସି ପି**
ଆର୍ଥିକ ପରାମର୍ଶଦାତା, ପ୍ରତିଷ୍ଠାତା, ନିର୍ଦ୍ଦେଶକ, ମେସର୍ସ ଭିସିଜି ସର୍ଭିସେସ୍ ପ୍ରା. ଲିଃ

**ମୁଁ ପ୍ରତିମାସରେ ମୋର ମ୍ୟୁଚୁଆଲ ଫଣ୍ଡ ଏସ୍ଆଇପି ପରିମାଣକୁ ବଦଳାଇପାରିବି କି?**

ଅନେକ ବର୍ଷ ଧରି ଛୋଟ ପରିମାଣରେ ଓ ନିୟମିତ ଭିତ୍ତିରେ ନିବେଶକୁ ଅନୁମତି ଦେଉଥିବାରୁ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି) ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଏକ ଲୋକପ୍ରିୟ ଉପାୟରେ ପରିଣତ ହୋଇଛି । ଏହାର ଅର୍ଥ କ'ଣ ଆପଣ ଯେଉଁ ପ୍ରାରମ୍ଭିକ ପରିମାଣ ସହ ଏସ୍ଆଇପି ଆରମ୍ଭ କରିଥିଲେ ସେହି ପରିମାଣକୁ ସବୁଦିନ ପାଇଁ ବଜାୟ ରଖିବେ? ଉତ୍ତର ହେଉଛି ନା । ଯଦିଓ ଆପଣ ପ୍ରତିମାସରେ ସ୍ୱଚାଳିତ ଭାବେ ନିଜର ଏସ୍ଆଇପି ପରିମାଣକୁ ବୃଦ୍ଧି କରିପାରିବେ ନାହିଁ, କିନ୍ତୁ ଆପଣ ଟପ୍-ଅପ୍ ମାଧ୍ୟମରେ ତ୍ରୈମାସିକ କିମ୍ବା ବାର୍ଷିକ ଭଳି ନିର୍ଦ୍ଦିଷ୍ଟ ବ୍ୟବଧାନରେ ଏହାକୁ ବୃଦ୍ଧି କରିପାରିବେ । ଏସ୍ଆଇପି ହେଉଛି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଏକ ଶୃଙ୍ଖଳିତ ଉପାୟ ଯାହା ଆପଣଙ୍କୁ ଦୀର୍ଘ ମିଆଦରେ ଟଙ୍କା ମୂଲ୍ୟ ହାରାହାରିକରଣ ଏବଂ କମ୍ପାଉଣ୍ଡିଂର ଶକ୍ତି ଜରିଆରେ ବଜାର ଅସ୍ଥିରତାକୁ ପରିଚାଳନା କରିବାର ଦ୍ୱୈତ ଲାଭ ପ୍ରଦାନ କରିଥାଏ । ଆପଣ ଅଧିକ ଟଙ୍କା ନିବେଶ କରିବାକୁ ଚାହୁଁଥିଲେ ଆପଣ ନିଜ ଏସ୍ଆଇପି ଖାତା ଫୋଲିଓରେ ଅତିରିକ୍ତ କ୍ରୟ କରିପାରିବେ ।

### ପାଠକୀୟ ମତ

ଆପଣଙ୍କ ବାଞ୍ଛିତ ଅବସରକାଳୀନ ବୟସକୁ ଧ୍ୟାନରେ ରଖି ଅବସର ପାଇଁ ଆପଣ କେତେ ସଞ୍ଚୟ ଆବଶ୍ୟକ କରନ୍ତି ତାହାର ଆକଳନ କରିଛନ୍ତି କି?

ହିଁ | ନା

ନିଜ ଉତ୍ତର ଏସ୍ଏମ୍ଏସ୍ ମାଧ୍ୟମରେ ପଠାନ୍ତୁ। Poll<SPACE>YES କିମ୍ବା Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ । ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସହମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

### ଫଳାଫଳ


ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ - ନିଜର ପ୍ରଥମର ଦରମାରୁ ହିଁ ଜଣକୁ ନିଜର ଆର୍ଥିକ ଲକ୍ଷ୍ୟ ପାଇଁ ନିବେଶ ଆରମ୍ଭ କରିଦେବା ଉଚିତ ବୋଲି ଆପଣ ଭାବନ୍ତି କି?

ଆପଣମାନଙ୍କ ମତାମତ ଏହିପରି ଥିଲା

ହିଁ ୯୧% | ନା ୯%

### ବିଶେଷଜ୍ଞଙ୍କ ମତ

ନିଜ ଆର୍ଥିକ ଲକ୍ଷ୍ୟକୁ ଯଥାସମ୍ଭବ ଶୀଘ୍ର ଚିହ୍ନଟ କରିବା ଓ ନିବେଶ ଆରମ୍ଭ କରିଦେବା ସର୍ବୋତ୍ତମ କାରଣ ଧନ ସୃଜନ ପାଇଁ ସମୟ ଆବଶ୍ୟକ ହୋଇଥାଏ। ଏହି କାରଣରୁ, ଆପଣ ଯେତେଶୀଘ୍ର ଆରମ୍ଭ କରିବେ, ସମୟ ସହିତ ଆପଣଙ୍କ ପାଣ୍ଠିର ଆକାର ସେତେ ବଡ଼ ହେବ। ଆଉ ସବୁଠାରୁ ଭଲ କଥା ହେଉଛି ସଅଳ ଆରମ୍ଭ କଲେ, ଆପଣଙ୍କୁ କମ୍ ପରିମାଣ ନିବେଶ କରିବାକୁ ହୋଇଥାଏ। ମାସିକ ₹୧,୦୦୦ କିମ୍ବା ₹୨,୦୦୦ର ମାସିକ ଏସ୍ଆଇପି ମଧ ଏକ ଭଲ ପ୍ରାରମ୍ଭିକ ନିବେଶ ରାଶି ହୋଇଥାଏ।




ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ ।

0708

ବଜାରର ଜଟିଳତାକୁ ବୁଝିବା, ଅନୁସନ୍ଧାନ କରିବା ଏବଂ ବୈଷୟିକ ବିଶ୍ଳେଷଣର ପ୍ରୟାସ କରିବା ନିରୁତ୍ସାହିତ ହୋଇପାରେ।

ଉତ୍ତମ ଖବର ଏହା ଅଟେ କି, ଏକ ଶୃଙ୍ଖଳିତ ନିବେଶ ଦୃଷ୍ଟିକୋଣ ଆପଣଙ୍କୁ ଏହି ସବୁରେ ସାହାଯ୍ୟ କରେ।

**ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି):**
ସମୟ-ସମୟରେ ବିଶେଷ ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ନିଶ୍ଚିତ ରାଶି ନିବେଶ କରିବାର ଏହି ପ୍ରକ୍ରିୟା ମାଧ୍ୟମରେ ନିବେଶର ଏକ ଶୃଙ୍ଖଳ ବନାନ୍ତୁ।

**ସିଷ୍ଟମେଟିକ୍ ଟ୍ରାନ୍ସଫର ପ୍ଲାନ୍ (ଏସ୍ଟିପି):**
ପୂର୍ବ ଅଧିକୃତ ଧନରାଶିରୁ ଏକ ନିଶ୍ଚିତ ବା ପରିବର୍ତ୍ତନଶୀଳ ରାଶିକୁ ଅନ୍ୟ ଫଣ୍ଡରେ ଙ୍କ ନିୟମିତ ଟ୍ରାନ୍ସଫରକରିବାର ଏକ ପ୍ରକ୍ରିୟା* ।

**ସିଷ୍ଟମେଟିକ୍ ୱିଥଡ୍ରଲ୍ ପ୍ଲାନ୍ (ଏସ୍ଡବ୍ଲୁପି):**
ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଏକ ନିଶ୍ଚିତ ତାରିଖରେ ଫଣ୍ଡରୁ ନିଶ୍ଚିତ ରାଶି ଉଠାଣରେ ଆପଣଙ୍କୁ ସାହାଯ୍ୟ କରେ#।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା
Visit us at www.utiswatantra.com
Follow us on
Scan this QR code to know more.

*ଟ୍ରାନ୍ସଫର୍ କେବଳ ସମାନ ମ୍ୟୁଚ୍ୟୁଆଲ୍ ଫଣ୍ଡର ଦୁଇଟି ସ୍କିମ୍ ମଧ୍ୟରେ କରାଯାଇ ପାରିବ । #ଏହା ଖାତାରେ ବକେୟା ରାଶିର ଉପଲବ୍ଧତା ଅଧୀନ ଅଟେ।
କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc। ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍ସ ପୋର୍ଟାଲ୍) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।
ସୁବ୍ୟବସ୍ଥିତ ନିବେଶ ଯୋଜନା (ଏସ୍ଆଇପି) ଏକ ନିଶ୍ଚିତ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ପୂର୍ବ ନିଶ୍ଚିତ ତାରିଖରେ ଏକ ନିଶ୍ଚିତ ରାଶିକୁ ଅନୁଶାସିତ ନିବେଶ କରିବାର ଏକ ପ୍ରକ୍ରିୟା ଅଟେ, ଯାହା ନିୟମିତ ରୂପେ ସମୟ ଅବଧି ଉପରେ ହୋଇଥାଏ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ । ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ ।
■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

### ଟ୍ୟାକ୍ସ କର୍ନର୍

ଆପଣ ଯଦି ଦୀର୍ଘ-ମିଆଦରେ ଭଲ ରିଟର୍ନ ଉପାର୍ଜନ କରିବା ତଥା ସ୍ୱଳ୍ପ-ମିଆଦରେ ଟିକସ ଲାଭ ଉପଭୋଗ କରିବାକୁ ଚାହୁଁଛନ୍ତି, ତେବେ ଇକ୍ୱିଟି ଲିଙ୍କ୍ଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍) ଆପଣଙ୍କ ପାଇଁ ଏକ ଉପଯୁକ୍ତ ବିକଳ୍ପ ଅଟେ!



**ଆର୍ଥିକ ଶାନ୍ତି ହାସଲ ପାଇଁ ଏସ୍ଆଇପି ଆପଣଙ୍କ ମନ୍ତ୍ର ହୋଇପାରିବ**

ପ୍ରଶାନ୍ତି ସମ୍ପର୍କରେ ଚିନ୍ତା କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଏବେ ହିଁ ଆରମ୍ଭ କରନ୍ତୁ!



ପରବର୍ତ୍ତୀ ସଂସ୍କରଣରେ: ଆର୍ଥିକ ଶାନ୍ତି ହାସଲ ପାଇଁ ନିବେଶ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ଅଟେ । ତଥାପି, ଅନେକ ଲୋକ 'ଭୟ' କାରଣରୁ ନିବେଶ କରି ନ ଥାନ୍ତି। ପରବର୍ତ୍ତୀ ସଂସ୍କରଣରେ, ଆମେ ଏହି ବ୍ୟବହାରିକ ଆର୍ଥିକ ଅବଧାରଣା ସମ୍ପର୍କରେ ଆଲୋଚନା କରିବା ଓ ତାହାକୁ ପରାଜିତ କରିବାର ମାର୍ଗ ସନ୍ଧାନ କରିବା।

f LIVE ନିବେଶକୁ କାହିଁକି ବିଳମ୍ବିତ କରାଯିବ ନାହିଁ ତାହା ବୁଝିବା ପାଇଁ ୩୦ ଜାନୁୟାରୀ, ୨୦୨୦ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌କୁ ଟ୍ୟୁନ୍ ଇନ୍ କରନ୍ତୁ ଏବଂ 'ଡୋଣ୍ଟ ପ୍ରୋକ୍ରାଷ୍ଟିନେଟ୍, ଇନ୍‌ଭେଷ୍ଟ ଟୁଡେ' ଶୋ' ଦେଖନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

ଦାବିତ୍ୟାଗ: କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ "ମଧ୍ୟସ୍ଥି/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନର ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗକୁ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍ସ ପୋର୍ଟାଲ୍) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।



## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

**1. Answer the following questions, each in a word or a phrase.** [1×5=5
(i) What was the postmaster like?
(ii) When will India awake to life and freedom?
(iii) Where did Kapil hit many a towering six as a magnificent batsman?
(iv) How long can a man live without air?
(v) Who is the speaker of the essay "School's Goodbye"?

**2. Answer the questions, each in a word or a phrase.** [1×5=5
(i) What do we see in the green wood ?
(ii) What does the cottage girl knit near the graves?
(iii) Who would the daughter grieve if she went to the wild forest ?
(iv) What does live for ever ?
(v) What is the destination of the brook ?

**3. Fill in blanks with right words.** [1×5=5
(i) The river is running by the ______.
(ii) "O Master ! We are Seven." Here 'master' refers to ______.
(iii) The poem 'Village Song' is a ______.
(iv) ______ is the bride in the poem "Virtue".
(v) The colour of the gravel is ______.

**4. Answer the following questions, each in a word or a phrase.** [1×5=5
(i) Who named the tiger cub as 'Timothy' ?
(ii) What is the story "The Beggar" about ?
(iii) Who used to drive an ekka to the town ?
(iv) "I am obliged to by circumstances." Who said it?
(v) Who suggested the king to ask the peasants?

**5. Fill in blanks with correct words.** [1×5=5
(i) The camp itself was ______.
(ii) The beggar was sent away for his ______.
(iii) God lives in the heart of a ______.
(iv) The bullock was dead tired by day's ______.
(v) In the past people were leading a ______.

**6. Fill in the blanks using the correct forms of words given in brackets.** [1×5=5
(i) Jim had no ______ (free) because he was a slave.
(ii) He ______ (resolution) to help the poor.
(iii) The girl started laughing ______. (heart)
(iv) Mr. Mishra is working in the ______ (Meteorology) Department.
(v) The Government started Air Quality Programme to ______ (sure) quality air.

**7. Do as directed.** [1×5=5
(i) My father has gone to Mumbai. He is a pilot. (Join the sentences making one of the clauses as non-defining relative clause)
(ii) Your argument is quite ______. (Fill in the gap adding a prefix to 'logical')
(iii) She can stitch dresses. She can knit sweaters. (Join the sentences using not only ......but also)
(iv) My father had a scooter. (Rewrite it using 'used to')
(v) He looks weak. But he is very strong (Join the sentences using 'though')

**8. Do as directed.** [1×5=5
(i) I wish I ______ (have) the faith of the man. (Use the correct form of the verb)
(ii) America is really powerful. (Turn into exclamatory)
(iii) All that glitters is not gold. (Pick out the sub-ordinate clause)
(iv) The boy sat ______ my right side. (Fill in the blank with a suitable preposition)
(v) One of my friends ______ (has/have) come. (Choose the correct alternative)

**9. Do as directed.** [1×5=5
(i) Please ______ the fire. (Fill in the gap with a phrasal verb which means extinguish)
(ii) Pay attention to what I say. (Write the function of the noun clause)
(iii) If I knew the answer, I ______ (tell) you. (Use the correct form of verb)
(iv) The Moghul Empire______ (found) by Babar. (Correct the verb in passive form)
(v) He said to his friend, " Can you type the letter?" (Turn into indirect speech)

**10. Translate into English.** [1×5=5
ଆଗ୍ରା ଏକ ଐତିହାସିକ ସହର । ଏହା ବିଶ୍ୱପ୍ରସିଦ୍ଧ ତାଜମହଲ ପାଇଁ ପ୍ରସିଦ୍ଧ । ତାଜମହଲ ଯମୁନା ନଦୀ କୂଳରେ ଅବସ୍ଥିତ । ଏହା କେବଳ ଧଳା ମାର୍ବଲ ପଥରରେ ନିର୍ମିତ । ମୋଗଲ ସମ୍ରାଟ ଶାହାଜାହାନ ଏହାକୁ ନିର୍ମାଣ କରାଇଥିଲେ ।

**Or,**
ବନ – ଗତକାଲି ସନ୍ଧ୍ୟାରେ ତୁମେ ଘରେ ନ ଥିଲ ।
ବିମଳ – ହଁ, ମୁଁ ଗତକାଲି ଆମ ଗାଆଁକୁ ଯାଇଥିଲି ।
ବନ – କାହିଁକି ଯାଇଥିଲେ ?
ବିମଳ – ଜେଜେବାପା ଅସୁସ୍ଥ ଥିଲେ । ମୁଁ ତାଙ୍କୁ ଦେଖିବାକୁ ସେଠାକୁ ଯାଇଥିଲି ।

### PART – II (SUBJECTIVE)

**11.(i)** What did the postmaster do not to shake Lencho's faith in God ? [5
**Or,** Describe how Kapil batted against Zimbabwe in the Prudential Cup in June 1983.
**(ii)** What are harmful effects of acid rain? [5
**Or,** How, according to Lord Eustace Percy, can one achieve success in life?

**12.** Write an essay, in about 250 words, on any one of the following topics, keeping to the outline given. [12
**(i) A Visit to a Historical Place.**
Location - arrangements of the visit - your companions - your journey to the place - things seen - why famous - your views.
**(ii) Your Best Friend.**
Neccesity of friendship - your best friend - his name, age and appearance, reason for your being friend - his qualities drawbacks, if any - places you have visited together - his hobbies - reason for your liking him.
**(iii) Air Pollution.**
Importance of air – causes of air pollution – its effects – ways of preventing air pollution – human life and pure air.

**13.** Suppose you are Priyanka Panda studying at Government Girls' High School, Bolagarh in Khurda District. Your mother Suchitra Panda is at 302, Koel Nagar, Rourkela. Your school organised a picnic and you took part in it. Write a letter to your mother about your experiences in the picnic. [10

**Or,** Imagine that you are Rakesh Sahu studying in class X of Govt. Boys' High School, Talcher. The students of your class want to have a friendly cricket match with the rest of the students of your school. Write an application to the Headmaster of your school requesting him to allow you to hold the match.

**14. Read the passage and write its summary in about 60 (sixty) words.** [8

Computers are very useful machines. At the same time, computers have also badly affected many people. They have taken over many jobs people used to do. This is because computers can do more things in less time as compared to people. They can work for days together. Everywhere computers have replaced people. So it will be difficult for people to find jobs in the future.

However computers don't have a mind to think. So they can't take a decision. It is only the people who can make decisions. Moreover computers do not know what to do with large amount of information stored in them. Only people can use the information and get result from it. If anything goes wrong, computers cannot find an alternative solution. We can't now imagine a world without computers. We need to learn to use computers to make our lives better.

**Or,** Imagine you are a reporter of the The *Times of India*. There is an accident on the National Highway at Chandikhole in the district of Jajpur. You are now on the spot. Collect necessary information about the accident and write a **report** for the newspaper.

**15. Read the passage carefully and answer the questions that follow, each in about 20 words.** [2×5

In Akbar's palace there were eight servants who looked after the Emperor's clothes and jewellery. Everyday one of these eight servants used to help Akbar get ready to go to the court. None other than these eight servants could enter the Emperor's room.

One day the Emperor was getting ready to go to the court. He wanted to wear his favourite ring that day. He asked one of his eight servants to bring it. But the servant came back saying that he would not find the ring. Akbar was very angry. He felt that one of his servants had stolen the ring. He sent for Birbal. When Birbal came, he told him what had happened and asked him to find the thief.

The following day Birbal called the eight servants. He gave each of them a short stick and asked them to come back to him the following day. He told them that one of them had stolen the Emperor's ring and that the thief's stick would become longer by as much as the length of a finger that night.

**Questions :**
(i) Who helped Akbar get ready to go to the court everyday?
(ii) What did Akbar want to wear one day?
(iii) Why was Akbar very angry?
(iv) What did Akbar do to find the thief ?
(v) What did Birbal tell the eight servants about the sticks?

### ANSWERS: Part - I (Objective)

**1.** (i) fat and amiable person (ii) at the stroke of midnight hour (iii) in East Africa (iv) can not live without air even for a minute (v) Lord Eustace Percy **2.** (i) tall trees (ii) her stockings (iii) lover (iv) a sweet and virtuous soul (v) the brimming river **3.** (i) mountain (ii) the poet, William Wordsworth (iii) folk poetry (iv) The earth (v) golden **4.** (i) Ruskin Bond's grandmother (ii) the dignity of labour (iii) Samjhoo Sahoo (iv) the beggar (v) the learned men **5.** (i) sumptuous (ii) drunkenness (iii) panch (iv) work (v) healthy life **6.** (i) freedom (ii) resolved (iii) heartily (iv) Meteorological (v) ensure **7.** (i) My father, who is a pilot, has gone to Mumbai. (ii) illogical (iii) She can not only stitch dresses but also knit sweaters. (iv) My father used to have a scooter. (v) Though he looks weak, he is very strong. **8.** (i) had (ii) How powerful America is ! (iii) that glitters (iv) on (v) has **9.** (i) put out (ii) object of preposition (iii) would tell (iv) was founded (v) He asked his friend if he could type the letter. **10.** Agra is a historical town / city. It is famous for world famous the Tajmahal. The Tajmahal is on the Yamuna. It has been built only with white marble. The Moghul emperor Shahjahan built it.

**(OR)**
Bana – You were not at home last evening.
Bimal – Yes, I went to my village yesterday.
Bana – Why did you go ?
Bimal – My grandfather was ill. I went there to see him.

### ANSWERS: Part- II (Subjective)

**11.** (i) The post-master wanted to answer the letter. What he needed badly was more than good will, ink and paper. He collected money from his employees. He himself gave a part of his salary and several friends of his were obliged to part away some. He put the money in an envelope and sent it to Lencho.

**(OR)**

During the Prudential World Cup in June 1983, India batting first were in deep trouble having lost five wickets for just seventeen. Kapil went out and played an unforgettable innings. For the first 70 to 80 runs he played cautiously. Once he became rock-solid (strong) in confidence he launched a counter-attack on the Zimbabwean bowlers. He hit the balls for fours and sixers at sweet will and remained 175 not out. His spell of four overs of tight medium pace bowling restricted Zimbabwean batsmen.

(ii) Acid rain contains oxides of Sulphur and Nitrogen. It causes damage in lakes and rivers. It poisons the plants and animals that live in the water. It may affect crops and other plants, stone buildings and monuments and drinking water.

**(OR)**

Success in life comes to those who work hard and continue learning. It largely depends on good health. One must keep one's body fit by cleanliness, fresh air, regular habits, suitable recreations. One must avoid smoking and drinking for success in life.

**12.** (i) **A Visit to a Historical Place.**

Any place having some remarkable features in the history is called a historical place. There are several historical places in Odisha. Konark is one of them. It is situated about 60 kilometers away from Bhubaneswar. During the last Christmas Holidays some students of our school planned to visit Konark. We hired a bus for our journey. We took some food and our personal bag and baggage. In this journey 40 other students and five teacher of our school were my companions.

We left Bir Maharajpur during the early hours of 27th December and reached Konark at about 3 P.M. the same day. On the way to Konark we had our lunch at Bhubaneswar. Although it was a long journey we were not bored. While passing through some new places we enjoyed the journey.

The main attraction of Konark is the Sun temple. It was built by Narasingh Dev in the thirteenth century. The temple was built in the shape of a chariot. Of course the main temple has partly been damaged.

But the remaining part of it is worth watching. We went round the temple and saw the fine stone works of our ancestors. Konark temple is famous for its art, sculpture and architecture. So it attracts hundreds of visitors from far and near places everyday. It is said that twelve hundred architects, sculptors and workers built this temple in twelve years.

A thing of beauty is a joy for ever. I recalled this line of an English verse while visiting this temple. I would like to visit this place again. Everybody should visit Konark at least once in lifetime.

(ii) **Your Best Friend.**

Man is a social animal. He can not live a happy life without the company of others. While living with other people in the society, he makes friends with some other people. Everybody needs friends. I have some friends too.

Deepak Sahu is my best friend. Both of us live in Sunabeda. Deepak is fourteen years old. He is fair and strong. But he is a bit shorter than me. His smiling face makes him look handsome. We are in the same school and same class. I have been studying in Sunabeda High School for the last three years. On the day of my admission in the school Deepak accompanied me as his family lived in the neighbourhood. He sat beside me in the class. In this way we met each other everyday. Gradually we became friends as our hobbies, interests, likings and dislikings have been the same.

Deepak is a clever boy. He is also very simple and sober. He is fully attentive in the class and sincere in his studies. Like me he also scores good marks in the examinations. There has been healthy competitions between both of us for scoring marks in the examinations.

He does not take any interest in games and sports. He is often found eating sweets and chewing chocolate. These are a few drawbacks of Deepak. Due to these bad habits sometimes he becomes ill. Collecting different kinds of stone is his hobby. He has collected a number of rare stones and kept them in his reading room. He is also interested in gardening. He takes care of the plants that his parents have planted in their garden.

We have visited many places together. During the last Christmas holidays we visited the power house at Machkund Hydro-Electric Project. We have been to Gupteswar, Kolab, Bagra and many other picnic spots.

I like him for all his qualities narrated above. There has never been any quarrel between us. I hope that our friendship will last long and we will be life-long best friends.

(iii) **Air Pollution.**

Life on earth would be impossible without air. A man can live without food for a month, without water for two or three days, but he cannot live without air for a minute. There lies the importance of air. Oxygen is a useful gas. But carbon dioxide, carbon monoxide and some other gases are harmful to human life. When the oxygen level gets reduced and harmful gases increases in the atmosphere, air is said to be polluted. This state of the atmosphere is called air pollution.

There are several causes of air pollution. In this modern age of science we use a large numbers of vehicles such as buses, cars, trucks, etc. which leave out a lot of smoke and other harmful gases into the atmosphere and cause air pollution. In the name of industrial development a lot of mills and factories have been set up. These industries spew dense smoke along with other harmful gases through their chimneys and pollute the air. Due to continuous deforestation the number of plants is decreasing day by day which causes reduction in the amount of oxygen in the atmosphere. Shortage of oxygen is also another cause of air pollution.

Air pollution affects the animal world in several ways. By inhaling polluted air people suffer from respiratory illness, eye irritation and skin diseases. Global warming and acid rain are also caused by air pollution. Both of these have damaging effects on human beings, plants and fishes.

Air pollution can be prevented by the use of vehicles which produce less smoke. For this the old vehicles should be redesigned. Automobiles should have pollution free engines and be checked from time to time. The factories should have very high chimneys so that the smoke they leave out should reach the higher level of the atmosphere. Changing the raw materials used in factories, raising the heights of the chimneys and designing equipment to trap pollutants are the three important measures for preventing air pollution.

Human life absolutely depends on pure air. If air is polluted and made impure it may one day cause the destruction of the humanity. Everybody should think it seriously and be very careful about it.

**13.**
Govt. Girls' High School
Bolagarh,
14th December 2020

Dear Mother,

I am very happy to receive your letter. You wanted to know about my experiences in our school picnic. Really, the picnic our school organized last Sunday was very interesting and enjoyable.

Narayani Temple is a few kilometres away both form Balugaon and Khallikote. It is a good picnic spot. We went there for our school picnic. The Narayani Temple is situated in a valley of the Bhaleri Hill. It is a beautiful place with rich natural surroundings. There is an ever flowing stream of cool water. We offered puja to Goddess Narayani and had our lunch there. For sometime we enjoyed the greenery of the hills and the twittering of the birds. The cool breeze brought us extreme pleasure. What a thrilling experience! It can not be expressed in words.

During our return journey we went to Barkul and enjoyed the beauty of lake Chilika.

With love and best regards.

Your affectionately
Priyanka

**Address**

| **From** | **To** |
|---|---|
| **Priyanka Panda** | **Suchitra Panda** |
| Govt. Girls' High School | 302, Koel Nagar |
| At/Po: Bolagarh | Rourkela |
| Dist: Khurda | Dist: Sundargarh |

[See Next Page]

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଏସଏଚଜି ମହାସଂଘ ଗଠନ

**ରଘୁନାଥପୁର, ୧୨।୧ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ରେଡୁଆ ପଞ୍ଚାୟତର ୭୦ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଗଠନ ହୋଇଯାଇଛି। ଓଏଲଏମ୍ କଳ୍ପନା ଦଳାଇ, ମିଶନ ଶକ୍ତି ପକ୍ଷରୁ ସ୍ନେହପ୍ରିୟା ସ୍ୱାଇଁ, ତ୍ରିନାଥ ସ୍ୱାଇଁ ଓ ବାହାରୁ ଆସିଥିବା ୨ ଜଣ କମ୍ୟୁନିଟି ରିସର୍ଚ୍ଚ ପର୍ସନଙ୍କ ଉପସ୍ଥିତିରେ ଏହା ଗଠନ କରାଯାଇଥିଲା। ଶତାଧିକ ମହିଳାଙ୍କ ଉପସ୍ଥିତିରେ ସଭାନେତ୍ରୀ ଭାବେ କୃଷ୍ଣପ୍ରିୟା ବିଶ୍ୱାଳ, ସମ୍ପାଦିକା କାଦମ୍ବିନୀ ବେହେରା, ଉପସଭାପତି ଡଲି ଓଝା, ଯୁଗ୍ମସମ୍ପାଦିକା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓ କୋଷାଧକ୍ଷ ଭାବେ ରୁନୁ ଓଝା ମନୋନୀତ ହୋଇଥିଲେ। ଗ୍ରାମାଞ୍ଚଳ ମହିଳାଙ୍କ ଜୀବନଜୀବିକା ନିମନ୍ତେ ମହାସଂଘ ଅଗ୍ରାଧିକାର ଦେଇ ଯେପରି ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବ ଏହାର ଅସଲ ଉଦ୍ଦେଶ୍ୟ ବୋଲି ଅଧିକାରୀମାନେ କହିଥିଲେ।

### ୧୭ରେ ଭାଜପାର ଜିଲାସ୍ତରୀୟ ରାଲି

**ବାଲିକୁଦା,୧୨।୧(ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ସିଟିଜେନଶିପ୍ ଆମଏଣ୍ଡମେଣ୍ଟ ଆକ୍ଟ (ସିଏଏ)କୁ ସମର୍ଥନ ଜଣାଇ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯିବ। ଉକ୍ତ ଶୋଭାଯାତ୍ରାକୁ ସଫଳ କରିବା ଲକ୍ଷ୍ୟରେ ରବିବାର ବାଲିକୁଦା ବ୍ଲକ ଭାଜପା ୩ ନମ୍ବର ଜୋନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜୋନ ସଭାପତି ସୌଭାଗ୍ୟ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନେତା ସଞ୍ଜୟ ମହାନ୍ତି ଯୋଗଦେଇ ଆସନ୍ତା ୧୭ରେ ହେବାକୁ ଥିବା ଜିଲାସ୍ତରୀୟ ରାଲିକୁ ସଫଳ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ କର୍ମୀମାନେ ବୋରିକିନା ବଜାରଠାରୁ ଏକ ଶୋଭାଯାତ୍ରାରେ ଆସି ନାରଦିଆ ସ୍ଥିତ ସାଇ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଓବିସି ମୋର୍ଚ୍ଚା ସଭାପତି ନୃସିଂହ ସାହୁ, ଜିଲା ଉପସଭାପତି ନିର୍ଲିପ୍ତ ଜେନା, କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ଭାଜପା ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ତାପସ ରାଉତ, ବୋରିକିନା ମଣ୍ଡଳ ପ୍ରତିନିଧି ହରେକୃଷ୍ଣ ମଲ୍ଲିକ, ୧ ନଂ ଜୋନ ସଭାପତି ଦିଲୀପ ରାଉଳ ପ୍ରମୁଖ ଯୋଗଦେଇ ଭାଜପାର ବିଭିନ୍ନ ଜନହିତକର ଯୋଜନା ଓ ସିଟିଜେନଶିପ୍ ଆମଏଣ୍ଡମେଣ୍ଟ ଆକ୍ଟ ଉପରେ କହିଥିଲେ।

■ ୧୮ମ ଜାତୀୟ ସଂହତି ଶିବିର ଓ ପଞ୍ଚବିଂଶ ସ୍କାଉଟ୍ସ, ଗାଇଡ୍ସ ମେଳା

# ‘ଜାତୀୟ ସଂହତି ବଜାୟ ରଖିବା ଜରୁରୀ’



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଜଗତ୍‌ସିଂହପୁର ଅଫିସ୍, ୧୨।୧**

ମାନବ ସମ୍ବଳର ସଫଳ ପରିଚାଳନାରେ ଯେଉଁ ଦେଶ ଯେତେ ପାରଙ୍ଗମ ସେ ଦେଶ ସେତେ ସମୃଦ୍ଧ। ସାମ୍ପ୍ରତିକ ବିଶ୍ୱରେ ଏକ ଯୁଦ୍ଧର ବିଭୀଷିକା ଭିତ୍ତି ସଞ୍ଚାର କରୁଛି। ଏ ପରିସ୍ଥିତିରେ ଜାତୀୟ ସଂହତି ବଜାୟ ରଖିବା ଜରୁରୀ। ରବିବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଚାଲିଥିବା ୧୮ମ ଜାତୀୟ ସଂହତି ଶିବିର ଓ ପଞ୍ଚବିଂଶ ସ୍କାଉଟ୍ସ ଏବଂ ଗାଇଡ୍ସ ମେଳାର ୪ର୍ଥ ଦିବସ (ପୁରସ୍କାର ବିତରଣ ଉତ୍ସବ)ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ଏହା କହିଛନ୍ତି। ସେ କହିଥିଲେ, ଜଗତ୍‌ସିଂହପୁରରେ ଆୟୋଜନ ହୋଇଥିବା ଏଭଳି କାର୍ଯ୍ୟକ୍ରମ ଆମ ପିଲାଙ୍କ ଭିତରେ ଦେଶପ୍ରେମ ଜାଗ୍ରତ କରିବା ସଙ୍ଗେସଙ୍ଗେ ଭାରତୀୟ ଜାତୀୟ ସଂହତି ବଜାୟ ରଖିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ।

ଜିଲା ସ୍କାଉଟ୍ସ, ଗାଇଡ୍ସ ମୁଖ୍ୟ କମିଶନର ତଥା ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ପୌରୋହିତ୍ୟରେ ସଭା ଆୟୋଜନ ହୋଇଥିଲା। ଏଥିରେ ସ୍କାଉଟ୍ସ, ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ଜଗତ୍‌ସିଂହପୁରରେ ଏଭଳି ଶିବିର ଆୟୋଜନ ଏକ ନିଆରା ବାର୍ତ୍ତା ଦେଇଛି। ଗତ ୯ ତାରିଖରେ ଶିବିର ଉଦ୍‌ଘାଟିତ ହୋଇଥିଲା। ସେ ଦିନ ଗାନ୍ଧୀ ୧୫୦ ଫଟୋ ପ୍ରଦର୍ଶନୀ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହି ଫଟୋ ପ୍ରଦର୍ଶନୀ ମାଧ୍ୟମରେ ଅହିଂସା ପରମ ଧର୍ମର ବାର୍ତ୍ତା ଯାଇଥିଲା। ସେହିପରି ୧୧ ତାରିଖରେ ଜୟ ଯବାନ ଜୟ କିଶାନର ନାରା ମାଧ୍ୟମରେ ଶାସ୍ତ୍ରୀଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ମାଧ୍ୟମରେ ଜିଲାର ସ୍କାଉଟ୍ସ ସଙ୍ଗଠନ ପିଲାଙ୍କ ଭିତରେ ଜାତୀୟ ଚେତନା ସୃଷ୍ଟି କରାଯିବାକୁ ପ୍ରୟାସ ହୋଇଛ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ଜଗତ୍‌ସିଂହପୁର ଜିଲାର ଗୁରୁତ୍ୱ ସମ୍ପର୍କରେ ବଖାଣିଥିଲେ। ସେ ଜାତି ପିରତି ବଡ ଗହନ କଥା କବିତା ଛଳରେ ଉପସ୍ଥାପନ କରି ଉପସ୍ଥିତ ଶ୍ରୋତାଙ୍କୁ ଆକର୍ଷିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟ ସଭାପତି ବିଷ୍ଣୁଚରଣ ଦାସ, କମିଶନର ଡ. ଧ୍ରୁବଚରଣ ପରିଡ଼ା, ଏସ୍. କେ. ଏକାଡେମୀ ପ୍ରଧାନଶିକ୍ଷକ ପ୍ରମୋଦ କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍କାଉଟ୍ସ, ଗାଇଡ୍ସ ଜିଲା ସମ୍ପାଦକ ସୁଭାଷ ଚନ୍ଦ୍ର ରାଉତ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଚନ୍ଦନ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ସ୍କାଉଟ୍ସ, ଗାଇଡ୍ସଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ସ୍କାଉଟ୍ସ ଟ୍ରୁପ ଭାବେ ଓଡ଼ିଶୋସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ ଓ ଶ୍ରେଷ୍ଠ ଗାଇଡ୍ସ କମ୍ପାନୀ ଭାବେ ରସଲପୁର ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହିଅବସରରେ ସ୍କାଉଟ୍ସ, ଗାଇଡ୍ସ ମୁଖପତ୍ର ସ୍ମୃତି ଆରାଧନା ଉଦ୍‌ଘାଟିତ ହୋଇଥିଲା।

## ରେଡୁଆରେ ଖୋଲିଲା ଧାନମଣ୍ଡି


ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

**ରଘୁନାଥପୁର, ୧୨।୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଡୁଆ କୃଷି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ରବିବାର ଖୋଲିଛି। ସମ୍ପାଦକ ସୁରେନ୍ଦ୍ର ନାଥ ଦାଶ ଓ ସହସମ୍ପାଦକ ପ୍ରକାଶ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ଜେନା ଓ ତଅଁରା ସରପଞ୍ଚ କବିତା ନାୟକ କଣ୍ଟା ପୂଜା ପରେ ନଡିଆ ବାଡେଇ ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ସମିତିର ସଭାପତି ବିଜୟ କୁମାର ସ୍ୱାଇଁ ଉପସ୍ଥିତ ଚାଷୀଙ୍କୁ ଧାନର ଏଫଏକ୍ୟୁ ମାନ ସମ୍ପର୍କରେ କହିଥିଲେ। ଏହି ସମୟରେ ବୋର୍ଡ ଡାଇରେକ୍ଟର ସରୋଜ କୁମାର ସ୍ୱାଇଁ, ଅଶୋକ ମଲ୍ଲିକ, ସର୍ବେଶ୍ୱର ସ୍ୱାଇଁ. ଆର୍ତ୍ତ ଦାସ, ଚିତ୍ରାଙ୍ଗଦା ପାତ୍ର ଓ ଆରଏମସି ପକ୍ଷରୁ ବୀରକିଶୋର ବେହେରା ଉପସ୍ଥିତ ଥିଲେ। ଭଲ ଧାନ ମଣ୍ଡିକୁ ଆଣିବାକୁ ପ୍ୟାଡି କମିଟି ମେମ୍ବର ଶରତ ଚନ୍ଦ୍ର ମହାପାତ୍ର, ଅମରେନ୍ଦ୍ର ମିଶ୍ର, ବୀରେନ୍ଦ୍ର ପ୍ରସାଦ ସ୍ୱାଇଁ ପ୍ରମୁଖ ପରାମର୍ଶ ଦେବା ସହ ଧାନ କ୍ରୟସ୍ଥଳରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମିଲର ୪ ହଜାର କୁଇଣ୍ଟାଲ ଧାନ କିଣିବାକୁ ନିର୍ଦ୍ଦେଶ ରହିଛି। ତଅଁରା, ରେଡୁଆ ଓ ସାଦେଇପୁର ପଞ୍ଚାୟତର ୩୧୪ ଚାଷୀଙ୍କ ନାମ ଅନଲାଇନ୍‌ରେ ପଞ୍ଜୀକୃତ ହୋଇଛି। ଚାଷୀମାନେ ଧାନ ବିକ୍ରି ପାଇଁ ଟୋକନ ପାଇବା ପରେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଧାନ ଆଣିବାକୁ ପୂର୍ବତନ ସରପଞ୍ଚ ସୁନୀଲ କୁମାର ଜେନା କହିଥିଲେ। ଏଥିରେ ସମିତି କର୍ମଚାରୀ ସୌରଭ ମହାପାତ୍ର ଓ ଉଲ୍ଲାସ ସ୍ୱାଇଁ ସହଯୋଗ କରିଥିଲେ।

## ଗୁରୁ ସମ୍ବର୍ଦ୍ଧନା, ବନ୍ଧୁମିଳନ ଉତ୍ସବ


ବନ୍ଧୁମିଳନରେ ପୁରାତନ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

**ତିର୍ତ୍ତୋଲ,୧୨।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର (ଶ) ପଞ୍ଚାୟତ ଶଙ୍ଖେଶ୍ୱର ସ୍ଥିତ ଭଗିନୀ ନିବେଦିତା ବିଦ୍ୟାପୀଠ ପରିସରରେ ରବିବାର ଗୁରୁ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ୧୯୯୨ ବ୍ୟାଚ ଛାତ୍ରୀଛାତ୍ରଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୁରାତନ ଶିକ୍ଷକ ଉମେଶ ପରିଡା, ହରେକୃଷ୍ଣ ଦାସ, ରଣେନ୍ଦ୍ରନାଥ ମହାନ୍ତି, ପ୍ରସନ୍ନ ସେଠୀ, ମାୟାଧର ମହାନ୍ତି, ସଦାନନ୍ଦ ଦାଶ, ରମେଶ ଚନ୍ଦ୍ର ହୋତା, ବସନ୍ତ ବେହେରା, ନରେନ୍ଦ୍ର ପୃଷ୍ଟି, ଅନ୍ନପୂର୍ଣ୍ଣା ସାହୁ, ସ୍ୱର୍ଣ୍ଣଲତା ଦାସ, ମମତା ଦାସ, ମଧୁସ୍ମିତା ଓଝା, ସାଗରିକା ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଉତ୍ସବ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଦିବଂଗତ ଶିକ୍ଷକ ପଣ୍ଡିତ କୃତିବାସ କର, ପ୍ରଫୁଲ୍ଲ ମିଶ୍ର, ନିରଞ୍ଜନ ସାହୁ, ତପନ ଦାଶଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଚ୍ଚିକାନ୍ତ ବେହେରା, ବିମ୍ବାଧର ପୃଷ୍ଟି, ଆଲୋକ ପୃଷ୍ଟି, କୃତିବାସ ବାରିକ, କ୍ଷୀରୋଦ ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

**ବିରିଡ଼ି, ୧୨।୧ (ଡି.ଏନ.ଏ.):** ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଗ୍ରାମର ମା’ଭଗବତୀ ଠାକୁରାଣୀଙ୍କ ପରିସରରେ ନୂତନ ପଞ୍ଚମୁଖୀ ହନୁମାନ ମନ୍ଦିର ଶ୍ରୀଗଣେଶ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୪ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଠାକୁରାଣୀଙ୍କ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ତିର୍ତ୍ତୋଲ ବିଧାୟକ ରବୀନ୍ଦ୍ର ନାଥ ଭେଇ ସଭାପତିତ୍ୱ କରିଥିଲେ। ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, କାହ୍ନୁଚରଣ ବେହେରା, ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, ସମିତିସଭ୍ୟ ସୁନୀଲ ଦାସ, ଅଜୟ ଭୋଇ, ଅଶ୍ୱିନୀ ସାହୁ, ଅରବିନ୍ଦ ସାହୁ, ସୁଦର୍ଶନ ବେହେରା, ଗଗନ ବେହେରା, ପୀତବାସ ବିଶ୍ୱାଳ, ଜଗନ୍ନାଥ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ସ୍ଥିର କରିଥିଲେ। ସୁବାସ ଦାସ ଧନ୍ୟବାଦ ଦେଇଥିଲେ।

## ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ

**ଜଗତ୍‌ସିଂହପୁର ଅଫିସ୍,୧୨।୧:** ଜଗତ୍‌ସିଂହପୁର ବ୍ଲକ କଲ୍ୟାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ଆନୁକୂଲ୍ୟରେ ଏକ ସଭା ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ବାବନ ବରାଳଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥିଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୋଦ ମିଶ୍ର ଯୋଗଦେଇ ପିଲାଙ୍କୁ ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ କରିଥିଲେ। ଉତ୍ସବ ଆରମ୍ଭରୁ ବିବେକାନନ୍ଦଙ୍କ ଜୀବନୀ ଆଧାରିତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଭାଷଣ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ଦାସଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ୟୁଥ ଆଣ୍ଡ ଇକୋ କ୍ଲବର ସମର୍ପିତ ଶିକ୍ଷୟିତ୍ରୀ ବନଲତା ପଟ୍ଟନାୟକ, ଶିକ୍ଷୟିତ୍ରୀ ସାଗରିକା ନନ୍ଦ ଓ ଶିକ୍ଷୟିତ୍ରୀ କଳ୍ପନା ନାୟକ ପ୍ରମୁଖ ସମସ୍ତକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ୟୁଥ ଆଣ୍ଡ ଇକୋ କ୍ଲବ ପକ୍ଷରୁ ସାର୍ଟିଫିକେଟ୍ ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା।


ବାଲିଆ: ବିବେକାନନ୍ଦ ଜୟନ୍ତୀରେ ମଞ୍ଚାସୀନ ଅତିଥି।

**ବାଲିଆ:** ଈଶାଣିବ୍ରହ୍ମପୁରର ଚନ୍ଦ୍ରଶେଖର ନୋଡାଲ ଉଚ୍ଚବିଦ୍ୟାଳୟରେ ଜାତୀୟ ଯୁବଦିବସ ପାଳିତ ହୋଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧରଣୀଧର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରଘୁନାଥପୁର ଶାଖା ମୁଖ୍ୟ ବି.କେ. ଅନିତା, ମୁଖ୍ୟବକ୍ତା ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ବି.କେ. ମିତା, ସିଆରସିସି ସୁନାକର ଭୋଇ, ଏସଏମସି ସଭାପତି ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବିରିଡ଼ି,୧୨।୧(ଡି.ଏନ.ଏ.)**

ବିରିଡି ବ୍ଲକ ଅନ୍ତର୍ଗତ ୨୨ ମୌଜା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ବାରଡ଼ିଆସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କସ୍ତୁରୀ ଚରଣ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁଦର୍ଶନ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘରେ ନୂତନ ସଭ୍ୟ ଭାବେ ଭଗିରଥୀ ଦାସ ଓ ଶଙ୍କର୍ଷଣ ଗୁରୁଙ୍କୁ ନିଆଯାଇଥିଲା। ସଂଘରେ ଥିବା ୮୦ ବର୍ଷିୟ ସଭ୍ୟ ଗିରିଧାରୀ ମହାନ୍ତି, ଦାସରଥୀ ସାହୁ, ବିଷ୍ଣୁଚରଣ ମିଶ୍ର, ଦିବ୍ୟସିଂହ ଜେନା, ଶଶୀଭୂଷଣ ଦାସ ଓ ସୋମନାଥ ପାଢୀଙ୍କୁ ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତା।

ମାଟ୍ରିକ ମେଧାବୃତ୍ତି ପ୍ରଦାନ ନିମନ୍ତେ ୨୬ ତାରିଖକୁ ସ୍ଥିର କରାଯିବା ସହ ଉକ୍ତ ଦିନରେ ଚାଷୀଖଣ୍ଡ ଗ୍ରାମର ଦୃଷ୍ଟିହୀନ ତପସ୍ୱିନୀ ଦାସ ଓଏଏସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିଲା। ସଂଘ ନୂତନ ସଭାପତି ଭାବେ ଶ୍ୟାମସୁନ୍ଦର ପାଇକରାୟ, ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା, କୋଷାଧକ୍ଷ ସୁଦର୍ଶନ ଭୋଇଙ୍କୁ ଦୁଇ ବର୍ଷ ପାଇଁ ମନୋନୀତ କରାଯାଇଥିଲା। ଶେଷରେ ରବିପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

## ସିଏଏ ସମ୍ପର୍କରେ ସଚେତନ କରାଇବାକୁ ନିଷ୍ପତ୍ତି

**ବାଲିଆ,୧୨।୧:** ବିରିଡ଼ି ବ୍ଲକ ଅଧୀନ ହାଜିପୁର ମଣ୍ଡଳ ଭାଜପାର ଏକ ସାଙ୍ଗଠନିକ ବୈଠକ ଅଲାଣ୍ଡୋସ୍ଥିତ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳର ନୂତନ ସଭାପତି ସୁଦର୍ଶନ ପଣ୍ଡା ସଭାପତିତ୍ୱ କରିଥିଲେ। ମଣ୍ଡଳ ପ୍ରଭାରୀ

**ହାଜିପୁର ମଣ୍ଡଳ ଭାଜପାର ସାଙ୍ଗଠନିକ ବୈଠକ**

ତଥା ଜିଲା କୃଷକମୋର୍ଚ୍ଚା ଉପସଭାପତି ବୈଷ୍ଣବଚରଣ ଜେନା, ଜିଲା ଉପସଭାପତି ସୁଧାକର ସ୍ୱାଇଁ, ପୂର୍ବତନ ସଭାପତି ଶିଶିର ମହାନ୍ତି, ବନମାଳି ବେହେରା, ବନବିହାରି ଜେନା, ଦିପ୍ତୀପ୍ରସାଦ ପରିଜା ପ୍ରମୁଖ ଯୋଗଦେଇ(ସିଟିଜେନଶିପ୍ ଆମେଣ୍ଡମେଣ୍ଟ ଆକ୍ଟ)ସିଏଏ ସପକ୍ଷରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ସିଏଏ ଲୋକସଭା ଓ ରାଜ୍ୟ ସଭାରେ ପରିତ ହୋଇଥିବାରୁ ଏହାର ଜନହିତକର ଉଦେଶ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ବାମଦେବ ମଲ୍ଲିକ, ତୋଫାନ ବିଶ୍ୱାଳ, ସନାତାନ ନାଥ, କୈଳାସ ଚନ୍ଦ୍ର ବେହେରା, ପ୍ରଭାକର ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ଯୁଧିଷ୍ଠିର ମହାପାତ୍ର, ବନମାଳି ବେହେରା, ଜନ୍ମେଜୟ ଚୌଧୁରୀ, ଧୋବେଇ ପ୍ରଧାନ, ଜ୍ଞାନରଞ୍ଜନ ଦାସ, କାଞ୍ଚନ ଭୋଇ, ସୁଦାମ ଚରଣ ପ୍ରଧାନ, ଶରତ ଚନ୍ଦ୍ର ସ୍ୱାଇଁ, ରତନ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗ ଦେଇଥିବା ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

[Continued from previous page]

## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

(OR)

Govt. Boys’ High School
Talcher, 8th October 2019

To
The Headmaster
Govt. Boys’ High School, Talcher
(Through the class teacher)
Sub : Request to allow to a friendly cricket match.
Sir,

With profound honour I beg to inform you that I am Rakesh Sahu, a student of Class X. The students of our class want to have a friendly cricket match with the rest of the students of our school. We have discussed about it with the monitors of all the other classes and they have agreed to our proposal. We have also consulted the physical education teacher of our school. He has already given his consent for the match. We have proposed to hold the match next Sunday.

Therefore, on behalf of the students of Class X, I request you to allow us to hold the match so that we shall remain ever grateful to you.

Yours faithfully,
**Rakesh Sahu**
Student of Class-X

**14.** **Title :** Computer

Computer are very useful machines. They can do more things in less time as compared to people. Since they have replaced people, in future it will be difficult for people to find job. Computers can’t take decision as they don’t have mind. Only people can use the stored information and get result from it. We can’t now imagine a world without computers.

(OR)

Chandikhole, Jajpur
25 September, 2019

To
The Editor,
The Times of India, Bhubaneswar.


**A Road Accident on the National Highway at Chandikhole**

Today a severe road accident took place on the National Highway at Chandikhole at about 4 p.m. A passenger bus coming from Jajpur Town collided with a Hero Honda Motorcycle just at the Chandikhole square. The rider and other occupant of the bike were killed at the spot. It so happened as the driver of bus was attending a call on his mobile phone. Traffic came to a halt after the accident. But the timely arrival and interference of the N.H. Police made the situation normal.

***Santosh Mishra***
Reporter

**15.** (i) There were eight servants at Akbar’s palace. One of them helped Akbar get ready to go to the court everyday.
(ii) One day Akbar wanted to wear his favourite ring.
(iii) Akbar was very angry because he felt that one of his eight servants had stolen his favourite ring.
(iv) Akbar sent for Birbal and asked him to find the thief.
(v) About the sticks Birbal told the eight servants that the thief’s stick would become longer by as much as the length of a finger that night.

❑❑❑



“ଅମ୍ରିତା ଧନୋଆଙ୍କୁ ମୁଁ ଜାଣିନାହିଁ। କେବଳ ପବ୍ଲିସିଟି ଲାଗି ସେ ମୋ ନାମ ନେଉଛନ୍ତି।

-ଆର୍‌ହାନ ଖାନ୍,
ବିଗ୍‌ବସ-୧୩ ପ୍ରତିଯୋଗୀ



# ମଣିଷଙ୍କ ଭଳି ପ୍ରାଣୀ ମଧ୍ୟ ସମ୍ବେଦନଶୀଳ



**ଭିଏନା:** ମଣିଷ ମଧ୍ୟରେ ସମ୍ବେଦନଶୀଳ ଗୁଣ ରହିଥାଏ। ଏହା ଦ୍ୱାରା ଅନ୍ୟ ପ୍ରତି ସହାନୁଭୂତି, ଇର୍ଷା, ଭଲ ପାଇବା ଆଦି ମଣିଷ ପ୍ରଦର୍ଶନ କରିଥାଏ। ମଣିଷ ପ୍ରେମ ପରିପ୍ରକାଶ ପାଇଁ ଆଲିଙ୍ଗନ କରିବା ସହ ଚୁମ୍ବନ ଦେଇଥାଏ। ସେହିପରି ଅନ୍ୟ ସମ୍ବେଦନଶୀଳ ଗୁଣର ପରିପ୍ରକାଶ ଲାଗି ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଥାଏ। ମଣିଷ ଭଳି ପ୍ରାଣୀଙ୍କଠାରେ ମଧ୍ୟ ସମ୍ବେଦନଶୀଳ ଗୁଣ ଦେଖାଦେଇଥାଏ। ଏନେଇ ଭିଏନା ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମଣିଷ ଶରୀରରେ ଖୁସି ହର୍‌ମୋନ ଅକ୍ସିଟୋସିନ୍ ପ୍ରବାହିତ ହେବା ପରି ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ଏହି ହରମୋନ୍ କ୍ଷରଣ ହୋଇଥାଏ। ଏହାର ପ୍ରଭାବରେ ସେମାନଙ୍କଠାରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦୃଷ୍ଟିଗୋଚର ହୋଇଥାଏ। କିଛିପ୍ରାଣୀ ଭଲପାଇବାର ନିଦର୍ଶନ ସ୍ୱରୂପ ଅନ୍ୟକୁ ଚାଟିଥାନ୍ତି। ସିମ୍ପାଞ୍ଜିମାନେ ପରସ୍ପର ମଧ୍ୟରେ ମଣିଷ ଭଳି ସମ୍ବେଦନଶୀଳତା ପରିପ୍ରକାଶ କରିଥାନ୍ତି। କେତେକ ପ୍ରାଣୀ ପରସ୍ପରକୁ ଆଲିଙ୍ଗନ ଓ ଚୁମ୍ବନ ଦେଇ ନିଜ ନିଜ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ସୂଚିତ କରନ୍ତି ବୋଲି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି। କୁକୁର ଏବଂ ହାତୀଙ୍କ କ୍ଷେତ୍ରରେ ଇର୍ଷା ଏବଂ ଭଲ ପାଇବା ଗୁଣ ଅନ୍ୟ ପ୍ରାଣୀଙ୍କ ତୁଳନାରେ ଅଧିକ ରହିଥାଏ। ଅପରପକ୍ଷରେ ମୂଷା ଏବଂ ଅନ୍ୟ ଛୋଟ ଛୋଟ ପ୍ରାଣୀଙ୍କଠାରେ ଏହା କମ୍ ରହିଥାଏ। ତେବେ ଏସବୁ ଗୁଣ ପରସ୍ପର ମଧ୍ୟରେ ସମ୍ପର୍କ ସୂଚିତ କରିବାର ଏକ ପ୍ରାକୃତିକ ମାଧ୍ୟମ ବୋଲି ଏହି ରିପୋର୍ଟ ଦର୍ଶାଯାଇଛି।

# ଝୁଲଣଙ୍କ ବାୟୋପିକ୍‌ରେ ଅନୁଷ୍କା






**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ବିବାହ ପରଠାରୁ ବଡ ପରଦାରୁ ଏକ ପ୍ରକାର ଦୂରେଇ ଯାଇଛନ୍ତି କହିଲେ ଚଳେ। କିଛିବର୍ଷ ପରେ ଏହି ନାୟିକା ପୁଣିଥରେ ବଡ଼ ପରଦାକୁ ଫେରୁଥିବା ଶୁଣିବାକୁ ମିଳିଛି। ମିଳିଥିବା ଖବର ଅନୁଯାୟୀ ଏବେ ବଲିଉଡ୍‌ରେ ଚାଲିଛି ବାୟୋପିକ୍ ଟ୍ରେଣ୍ଡ। ଏହି କ୍ରମରେ ଅନୁଷ୍କା କୁଆଡେ ଜଣେ ମହିଳା କ୍ରିକେଟରଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି କୁହାଯାଉଛି। ଭାରତୀୟ ମହିଳା କ୍ରିକେଟର କ୍ୟାପ୍‌ଟେନ ମିଥାଲି ରାଜଙ୍କ ପରେ ଏବେ ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ଏକ ବାୟୋପିକ୍ ନିର୍ମାଣ କରାଯିବ ବୋଲି ଶୁଣାଯାଉଛି। ଆଉ ଏଥିରେ ଝୁଲଣଙ୍କ ଭୂମିକାରେ ନଜର ଆସିବେ ବଲିଉଡ୍ ବିୟୁଟି ଅନୁଷ୍କା ଶର୍ମା। ହେଲେ ଅଫିସିୟାଲି ଏହି ବାୟୋପିକ୍ ବିଷୟରେ ସେମିତି କିଛି ଘୋଷଣା କରାଯାଇ ନାହିଁ।

# ୧୦ ଘଣ୍ଟା ଗାଧୁଆରେ ଯାଉଛି ଦୈନିକ ୩ ସାବୁନ୍

## ଓସିଡିରେ ପୀଡ଼ିତ ଆଇଟି ପ୍ରଫେଶନାଲ୍



**ବେଙ୍ଗାଲୁରୁ:** କେତେକ ଲୋକ ବାରମ୍ବାର ହାତ ଧୋଇବା ଏବଂ ଗାଧୋଇବା ଆପଣ ଦେଖିଥିବେ। ଏପରି କି ସବୁବେଳେ ଘର ସଫା କରିବା ଏବଂ ଜିନିଷପତ୍ର ଠିକ୍ ସ୍ଥାନରେ ରଖିବାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହା ଓସିଡି(ଅବ୍‌ସେସିଭ୍ କମ୍ପଲ୍‌ସିଭ୍ ଡିସ୍‌ଅର୍ଡର୍) ହୋଇପାରେ। ଆଇଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଙ୍ଗାଲୁରୁର ଜଣେ ଆଇଟି ପ୍ରୋଫେଶନାଲ୍‌ଙ୍କ କ୍ଷେତ୍ରରେ ଏପରି କିଛି ଘଟିଛି। ସେ ଓସିଡିରେ ପୀଡ଼ିତ ଥିବାବେଳେ ଦିନରେ ପ୍ରାୟ ୧୦ ଘଣ୍ଟା ଗାଧୋଇବାରେ ବିତାଉଛନ୍ତି। ଏଥିପାଇଁ ପ୍ରତ୍ୟେକ ଦିନ ସେ ୩ ସାବୁନ୍, ପ୍ରଚୁର ପରିମାଣରେ ପାଣି ଏବଂ ୧୨ରୁ ଅଧିକ ପ୍ଲାଷ୍ଟିକ୍ କଭର୍ ବ୍ୟବହାର କରିଥାନ୍ତି। ଏହା ତାଙ୍କର ଦୈନନ୍ଦିନ ଦିନଚର୍ଯ୍ୟା। ଏ ସବୁ ଲକ୍ଷଣ ଯୋଗୁ ତାଙ୍କୁ ବିବାହ ବିଚ୍ଛେଦ ସହ ସାମାଜିକ ଜୀବନରେ ଅନେକ ସମସ୍ୟା ଭୋଗିବାକୁ ପଡ଼ିଛି। ବାରମ୍ବାର ଗାଧୋଇବା ଯୋଗୁ ସେ ଚର୍ମରୋଗ ସହ ଅନ୍ୟ ରୋଗରେ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଏପରି ଲକ୍ଷଣ ବଢ଼ିବାରୁ ପରିବାର ଲୋକେ ତାଙ୍କୁ ମାନସିକ ରୋଗ ଚିକିତ୍ସକ(ସାଇକିଆଟ୍ରିଷ୍ଟ)ଙ୍କ ନିକଟକୁ ନେଇଥିଲେ। ଡାକ୍ତରଙ୍କ ନିକଟରେ ବ୍ୟକ୍ତି ଜଣକ ଯାହା କହିଥିଲେ, ସେ ଓସିଡିରେ ପୀଡ଼ିତ ଥିବା ସ୍ପଷ୍ଟ ଜଣାପଡ଼ିଥିଲା। ବ୍ୟକ୍ତି ଜଣକ ବାଥ୍‌ରୁମ୍ କବାଟ ଖୋଲିବା, ବନ୍ଦ କରିବା ଏବଂ ଟ୍ୟାପ୍ ବ୍ୟବହାର କରିବା ଏବଂ ଗାଧୋଇବା ପାଇଁ ହାତରେ ଉକ୍ତ ପ୍ଲାଷ୍ଟିକ୍ କଭର୍ ବ୍ୟବହାର କରୁଥିବା ସେ କହିଥିଲେ। ଓସିଡି ଯୋଗୁ ସେ ସଂକ୍ରମଣ ଭୟରେ ନିଜକୁ ସୁରକ୍ଷିତ ରଖିବାପାଇଁ ଅଧିକ ସଚେତନ ହୋଇପଡ଼ିଥିବା ଡାକ୍ତର କହିଥିଲେ। ଡାକ୍ତରଙ୍କୁ ପରାମର୍ଶ ପରେ ଲକ୍ଷଣରେ କିଛି ଦିନ ସୁଧାର ଆସିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ବିବାହ ବିଚ୍ଛେଦ ପରେ ଲକ୍ଷଣ ବଢ଼ିବାରୁ ଡାକ୍ତର ତାଙ୍କୁ ଔଷଧ ସହ ବ୍ୟବହାରିକ ପରିବର୍ତ୍ତନ ପାଇଁ ‘କଗ୍ନିଟିଭ୍ ବିହେଭିଓରାଲ୍ ଥେରାପି’ ପାଇଁ ପରାମର୍ଶ ଦେଇଥିଲେ।

# ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି ଦାବିକଲେ ଯୁବକ

**ମୁମ୍ବାଇ:** କିଛିଦିନ ତଳେ ଜଣେ ମହିଳା ନିଜକୁ ଅନୁରାଧା ପୋଡ଼ୱାଲଙ୍କ ଝିଅ କହି ଚର୍ଚ୍ଚାକୁ ଆସିଥିବାବେଳେ ଏବେ ଜଣେ ୩୨ ବର୍ଷୀୟ ଯୁବକ ନିଜକୁ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପୁଅ ବୋଲି ଦାବି କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରାୟ ବର୍ଷକ ତଳେ ସଂପୃକ୍ତ ଯୁବକ ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି ମଧ୍ୟ ଦାବି କରିଥିଲେ। ଏକ ରିପୋର୍ଟ ଅନୁଯାୟୀ, ମାଙ୍ଗାଲୋରରେ ରହୁଥିବା ୩୨ ବର୍ଷୀୟ ସଙ୍ଗୀତ କୁମାର ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି କହିଛନ୍ତି। ତାଙ୍କୁ ଐଶ୍ୱର୍ଯ୍ୟା ଆଇଭିଏଫ୍ ଜରିଆରେ ଲଣ୍ଡନରେ ଜନ୍ମ ଦେଇଥିବା ସୋସିଆଲ ମିଡିଆରେ ସେ କହିଛନ୍ତି। ୧୯୮୮ ମସିହାରେ ତାଙ୍କର ଜନ୍ମ ଲଣ୍ଡନରେ ହୋଇଥିଲା। ସେତେବେଳେ ଐଶ୍ୱର୍ଯ୍ୟାଙ୍କୁ ୧୫ ବର୍ଷ ହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ପିତା ତାଙ୍କୁ ଯେତେବେଳେ ବିଶାଖାପାଟଣା ଆଣି ଆସିଥିଲେ ଐଶ୍ୱର୍ଯ୍ୟାଙ୍କ ମାତାପିତା ଦୁଇବର୍ଷ ପର୍ଯ୍ୟନ୍ତ ତାଙ୍କର ଦେଖାଶୁଣା କରୁଥିଲେ। ତାଙ୍କର ଜନ୍ମ ପ୍ରମାଣପତ୍ରକୁ ତାଙ୍କ ସମ୍ପର୍କୀୟମାନେ ଚିରି ଦେଇଥିଲେ। ଏବେ ସଙ୍ଗୀତ ଚାହୁଁଛନ୍ତି ମୁମ୍ବାଇ ଫେରିଯିବାକୁ। ଐଶ୍ୱର୍ଯ୍ୟାଙ୍କ ସହିତ ସେଠାରେ ମିଶି ରହିବାକୁ ଇଚ୍ଛା କରିଛନ୍ତି ସେ। ସୋସିଆଲ ମିଡିଆରେ ଏକଥା ଜଣାପଡ଼ିଲା ପରେ ପୋଲିସ ସଙ୍ଗୀତଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି କହିଛି। ମାତ୍ର ଏକଥାରେ କେତେ ସତ୍ୟତା ଅଛି ତାହା ଦେଖିବାକୁ ବାକି ରହିଲା।



# କ୍ୟାନ୍‌ସର ବିଜୟୀ ବାଳକଙ୍କୁ ସ୍ୱାଗତ

**ଓହିୟୋ:** କ୍ୟାନ୍‌ସରରେ ପୀଡ଼ିତ ହୋଇଥିବା ଜଣେ ୬ ବର୍ଷ ବୟସ୍କ ବାଳକ ଚିକିତ୍ସା ପରେ ଶେଷରେ ସୁସ୍ଥ ହୋଇ ସ୍କୁଲକୁ ଫେରିଛନ୍ତି। ତାଙ୍କୁ ତାଙ୍କର ସହପାଠୀ ଏବଂ ଅନ୍ୟ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଳିମାରି ସ୍ୱାଗତ କରିଛନ୍ତି। ଏବେ ଏହାର ଭିଡ଼ିଓ ଏବଂ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଆମେରିକା ଓହିୟୋରେ ଥିବା ସେଣ୍ଟ ହେଲେନ୍ କ୍ୟାଥ୍‌ଲିକ୍ ସ୍କୁଲର ଛାତ୍ର ଜନ୍ ଓଲିଭ୍ର ଜିପ୍ସି ଦୀର୍ଘ ୩ ବର୍ଷ ଧରି କ୍ୟାନ୍‌ସର ଚିକିତ୍ସା ଯୋଗୁ ସ୍କୁଲ ଆସିପାରି ନ ଥିଲେ। ୨୦୧୬ରେ ଓଲିଭ୍ରଙ୍କଠାରେ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକୋମିଆ ଚିହ୍ନଟ ହୋଇଥିଲା। ଏହାପରେ ହସ୍ପିଟାଲରେ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା। ଗତ ଡିସେମ୍ବର ୨୭ରେ ତାଙ୍କର ଶେଷ କେମୋଥେରାପି ହୋଇଥିଲା। ଏହାପରେ ସେ ସ୍କୁଲକୁ ଫେରିଥିଲେ। ତାଙ୍କୁ ବିଜେତା ଭାବେ ସ୍ୱୀକାର କରି ସ୍କୁଲ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରକୃତରେ ଓଲିଭ୍ର କ୍ୟାନସରକୁ ହରାଇଛନ୍ତି ବୋଲି ଭାବବିହ୍ୱଳ ହୋଇ ସ୍କୁଲର ପ୍ରଧାନ ଶିକ୍ଷକ ପୌଟ୍ରିକ୍ ଗାନ୍ନୋନ ସୂଚନା ଦେଇଛନ୍ତି। ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଥିବା ୧୯ ସେକେଣ୍ଡର ଏହି ଭିଡ଼ିଓରେ ଓଲିଭ୍ର ସହପାଠୀଙ୍କ ସ୍ୱାଗତରେ ହସୁଥିବା ଦେଖିବାକୁ ମିଳୁଛି।



# ଇନ୍‌ଷ୍ଟାଗ୍ରାମ୍‌ରେ କିଙ୍ଗ୍ ଖାନ୍‌ଙ୍କ ଫଲୋଅର୍ସ ୨ କୋଟି ଟପିଲା



**ମୁମ୍ବାଇ:** ଶାହରୁଖ ଖାନ୍‌ଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୨ କୋଟି ଟପିଛି। ପୂର୍ବରୁ ବିଗ୍ ବି ଅମିତାଭ ବଚ୍ଚନଙ୍କ ଫଲୋଅର୍ସଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଥିଲା। ଏହା ୧କୋଟି ୪୧ ଲକ୍ଷ ରହିଥିଲା। ଏନେଇ ପ୍ରଶଂସକମାନେ କିଙ୍ଗ୍ ଖାନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇନ୍‌ଷ୍ଟାରେ ସେ କମ୍ ଆକ୍ଟିଭ୍ ରହୁଥିବାରୁ ତାଙ୍କ ଫଲୋଅର୍ସଙ୍କ ସଂଖ୍ୟା ବଢୁ ନ ଥିବା କୁହାଯାଉଛି। ସେ ଇନ୍‌ଷ୍ଟାରେ ମାତ୍ର ୫୪୭ ପୋଷ୍ଟ ଶେୟାର କରିଛନ୍ତି। ଏବେ ଇନ୍‌ଷ୍ଟାରେ ଆମିର ଖାଁଙ୍କ ଫଲୋଅର୍ସ ସଂଖ୍ୟା ୨୯ ଲକ୍ଷ, କାଜୋଲଙ୍କର ୯୩ ଲକ୍ଷ ଏବଂ ଅଜୟ ଦେବଗନଙ୍କର ୫୨ ଲକ୍ଷ ରହିଛି। ସେହିପରି ଦୀପିକା ପାଦୁକୋନ୍‌ଙ୍କର ଫଲୋଅର୍ସଙ୍କ ସଂଖ୍ୟା ୪ କୋଟି ୨୯ ଲକ୍ଷ, ପ୍ରିୟଙ୍କା ଚୋପ୍ରାଙ୍କର ୪ କୋଟି ୮୨ ଲକ୍ଷ, ଶ୍ରଦ୍ଧା କପୁରଙ୍କର ୩ କୋଟି ୮୬ ଲକ୍ଷ, ଆଲିଆ ଭଟ୍ଟଙ୍କର ୪କୋଟି ୧୭ ଲକ୍ଷ, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍‌ଙ୍କର ୩ କୋଟି ୬୦ ଲକ୍ଷ, ଅକ୍ଷୟ କୁମାରଙ୍କର ୩ କୋଟି ୫୩ ଲକ୍ଷ ଫଲୋଅର୍ସ ରହିଛନ୍ତି। ଅପରପକ୍ଷରେ ସନ୍ନୀ ଲିଓନିଙ୍କର ୩ କୋଟି ୨ ଲକ୍ଷ, ସଲମାନ୍ ଖାନ୍‌ଙ୍କର ୨କୋଟି ୯୧ ଲକ୍ଷ, ସୋନମ୍ କପୁରଙ୍କର ୨ କୋଟି ୪୩ ଲକ୍ଷ, କ୍ୟାଟ୍‌ରିନା କୈଫ୍‌ଙ୍କର ୩ କୋଟି ୧୧ ଲକ୍ଷ, ବରୁଣ ଧାୱନଙ୍କର ୨ କୋଟି ୫୦ ଲକ୍ଷ ଏବଂ ଶାହିଦ୍ କପୁରଙ୍କର ୨ କୋଟି ୪୭ ଲକ୍ଷ ଫଲୋଅର୍ସ ଅଛନ୍ତି।

# ଦୈନିକ ୧୦୯ ଶିଶୁ ଯୌନ ନିର୍ଯାତନାର ଶିକାର

## ଏନ୍‌ସିଆର୍‌ବି ରିପୋର୍ଟ



**ନୂଆଦିଲ୍ଲୀ,:** ଦେଶରେ ଯୌନ ନିର୍ଯାତନା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ୨୦୧୮ରେ ଦେଶରେ ପ୍ରତିଦିନ ୧୦୯ ଜଣ ଶିଶୁ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ( ଏନସିଆରବି) ଦ୍ୱାରା ଜାରି କରାଯାଇଥିବା ରିପୋର୍ଟରୁ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ୨୦୧୭ ତୁଳନାରେ ୨୦୧୮ରେ ଶିଶୁଙ୍କ ସହ ହୋଇଥିବା ଯୌନ ନିର୍ଯାତନା ଘଟଣାରେ ୨୨ ପ୍ରତିଶତ ବୃଦ୍ଧି ହୋଇଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଏନସିଆରବି ଦ୍ୱାରା ଜାରି କରାଯାଇଥିବା ସଦ୍ୟତମ ରିପୋର୍ଟ ଅନୁସାରେ ୨୦୧୭ରେ ପୋକ୍ସୋ ଆକ୍ଟ ଅଧୀନରେ ୩୨,୬୦୮ଟି ମାମଲା ରୁଜୁ ହୋଇଥିଲା। ୨୦୧୮ରେ ଏହି ଅପରାଧର ସଂଖ୍ୟା ୩୯,୮୨୭ ଥିବା ରେକର୍ଡ କରାଯାଇଛି। ନାବାଳିକାଙ୍କ ସହ ହେଉଥିବା ଯୌନ ନିର୍ଯାତନା, ଯୌନ ଉତ୍ପୀଡ଼ନ ପରି ଅପରାଧକୁ ରୋକିବା ଏବଂ ଅପରାଧୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଦ୍ଦେଶ୍ୟରେ ୨୦୧୨ ମସିହାରେ ପୋକ୍ସୋ ଆଇନ ପ୍ରଣୟନ କରାଯାଇଥିଲା। ୨୦୧୮ରେ ୨୧,୬୦୫ଟି ଶିଶୁ ବଳାତ୍କାର ମାମଲା ରେକର୍ଡ କରାଯାଇଥିଲା। ଏହା ମଧ୍ୟରୁ ୨୧,୪୦୧ଟି ଦୁଷ୍କର୍ମ ମାମଲା ନାବାଳିକାଙ୍କ ଥିବାବେଳେ ନାବାଳକଙ୍କ ସହ ୨୦୪ଟି ଦୁଷ୍କର୍ମ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୨, ୮୩୨ଟି ବଳାତ୍କାର ମାମଲା ହୋଇଥିବା ରେକର୍ଡ କରାଯାଇଛି। ଦ୍ୱିତୀୟରେ ଉତ୍ତର ପ୍ରଦେଶ (୨,୦୨୩) ଏବଂ ତୃତୀୟ ତାମିଲନାଡୁ (୧୪୫୭) ରହିଛି। ଏକ ଦଶନ୍ଧି ମଧ୍ୟରେ ଶିଶୁଙ୍କ ସହ ହେଉଥିବା ଅପରାଧ ମାମଲାରେ ୬ ଗୁଣା ବୃଦ୍ଧି ହୋଇଛି। ୨୦୦୮ରେ ୨୨,୫୦୦ଟି ଶିଶୁଙ୍କ ସହ ହୋଇଥିବା ଅପରାଧ ରେକର୍ଡ କରାଯାଇଥିବା ବେଳେ ୨୦୧୮ରେ ଏହିପରି ୧,୪୧,୭୬୪ଟି ମାମଲା ରେକର୍ଡ କରାଯାଇଥିବା ଏନସିଆରବି ରିପୋର୍ଟରୁ ସାମ୍ନାକୁ ଆସିଛି। ୨୦୧୭ରେ ୧,୨୯,୦୩୨ଟି ମାମଲା ରେକର୍ଡ କରାଯାଇଥିଲା।

## ସଂକ୍ଷେପରେ

### ୧୯ରୁ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ

**ରାଜନଗର, ୧୨।୧ (ଡି.ଏନ୍.ଏ.):** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡ଼ପଲ୍ଲୀ ମିନି ଷ୍ଟାଡିୟମଠାରେ ଆସନ୍ତା ୧୯ ତାରିଖଠାରୁ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ୩୮ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ୮ ଟିମ ଭାଗ ନେବେ। ଉଦଘାଟନୀ ମ୍ୟାଚରେ କଟକର ନିମପୁର ସ୍ପୋର୍ଟସ ସହ ଯାଜପୁରର ବିଏମ୍‌ସିସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୫ ତାରିଖ ଦିନ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଓ ୨୬ ତାରିଖରେ ମେଗା ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୨୫ ହଜାର ଟଙ୍କା ପୁରସ୍କାର ରାଶି ଓ ରନର୍ସଅପ ଦଳକୁ ଟ୍ରଫି ସହିତ ୧୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ଯୁବକ ସଂଘ ସଭାପତି ଶ୍ରୀନିବାସ ବଳ ଓ ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ ସୂଚନା ଦେଇଛନ୍ତି।

### 'ମୋ ଉପକାରୀ ବଗିଚା' ବୁଲିଲେ ଜାପାନର କୃଷି ଗବେଷକ

**ରାଜନଗର, ୧୨।୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ଗ୍ରାମର ଗୋବର୍ଦ୍ଧନ ପ୍ରଧାନ ନିଜ ବାଡ଼ିରେ କରିଥିବା 'ମୋ ଉପକାରୀ ବଗିଚା'କୁ ରବିବାର ଜାପାନର କୃଷି ଗବେଷକମାନେ ବୁଲି ଦେଖିଛନ୍ତି। ଜାପାନର ହିରୋସୀମା ବିଶ୍ୱବିଦ୍ୟାଳୟର ପ୍ରଫେସର କେଶବଲାଲ ମହାର୍ଜନ, ଜାପାନ ମୁକ୍ତ ବିଶ୍ୱ ବିଦ୍ୟାଳୟର ଶିକ୍ଷକ ନାଗାଟା ଆକିରା, ହାଇଦ୍ରାବାଦର ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସର ସହକାରୀ ପ୍ରାଧାପକ ବିଭୁପ୍ରସାଦ ନାୟକ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି କର୍ନାଟକର ସହକାରୀ ପ୍ରାଧାପକ ପ୍ରଦ୍ୟୋର୍ତ୍ତ ରଞ୍ଜନ ଜେନା ପରିଦର୍ଶନ କରି ବଗିଚା ଦେଖିବା ସହ ପ୍ରତିକୂଳ ପରିସ୍ଥିତିରେ କିପରି ପନିପରିବା ଚାଷ କରାଯାଉଛି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ବହୁସ୍ତରୀୟ କୃଷି ପ୍ରଣାଳୀ, ଭୂତଳ ଜଳପତ୍ତନ ବୃଦ୍ଧି, ଜୈବିକ ଖତ ପ୍ରୟୋଗ ସମ୍ପର୍କରେ ଗବେଷକ ଦଳ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଜୈବିକ ସାରରେ ଚାଷ କରୁଥିବାରୁ ଗୋବର୍ଦ୍ଧନ ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

### ବାଲି ବୋଝେଇ ହାଇୱା, ଟ୍ରାକ୍ଟର ଜବତ

**ମାର୍ଶାଘାଇ, ୧୨।୧ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଅଞ୍ଚଳରେ ବେଆଇନ ବାଲି ଉଠାଣ କରୁଥିବା ଏକ ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ରବିବାର ଜବତ କରାଯାଇଛି। ଗତ କିଛି ଦିନ ହେବ ଏହି ବେଆଇନ ବାଲି ଚାଲାଣ ନେଇ ଅଭିଯୋଗ ହେଉଥିବା ବେଳେ ରବିବାର ମାର୍ଶାଘାଇ ତହସିଲଦାର ଡ. ନିରଞ୍ଜନ ସାହୁ ଓ ମାର୍ଶାଘାଇ ଥାନାଧିକାରୀ ମିଳିତ ଚଢାଉ କରି ଲୁଣାନଦୀ ପଠା ଆଶ୍ରମ ବାଲିକୁଦାରୁ ବାଲି ଉଠାଉଥିବା ହାଇୱା (ନଂ.ଓଆର୍-୯ଏମ୍‌୪୧) ଏବଂ ଟ୍ରାକ୍ଟର (ନଂ.ଓଡି-୨୯ଇ-୬୫୨୩)କୁ ଜବତ କରିଛନ୍ତି।

### ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ

**ରାଜନଗର, ୧୨।୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଦିଘିସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ୨୦୦୯ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବେନ୍ଦ୍ର ରାଉତଙ୍କ ସଂଯୋଜନାରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷକ ବିଷ୍ଣୁ ଚରଣ ବାରିକ, ବ୍ରଜ କିଶୋର ମିଶ୍ର, ପୀତାମ୍ବର ଦାସ, କ୍ଷିତୀଶ ଚନ୍ଦ୍ର ପାତ୍ର ଓ ରାଧାଶ୍ୟାମ ସାମଲଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶୁତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ। ସୁବାସ ମଣ୍ଡଳ, ସଙ୍ଗୀତା ମାନ୍ନା, ରଜନୀକାନ୍ତ ରାଉଳ, ପ୍ରକାଶ ସାହାଣୀ, ଅନୀତା ବେହେରା, ଗୌର ମାଇତି, କମଳାକାନ୍ତ ବେହେରା, ମନୋରଞ୍ଜନ କବି, ମମତା ଦାସ, ଜ୍ଞାନରଞ୍ଜନ ରାଉତ, ସତ୍ୟଭାମା ବାରିକ, ଗୀତାରାଣୀ ବାରିକ, ଦେବସ୍ମିତା ନାୟକ, ଲକ୍ଷ୍ମୀପ୍ରିୟା ଜେନା, ରାଜେଶ ମଲ୍ଲିକ, ପଞ୍ଚାନନ ବାରିକ, ସରୋଜ ବିଶ୍ୱାଳ, ନିତାଇ ମାଇତି, ଦୀପ୍ତିମୟୀ ବେହେରା, କଳ୍ପନା ବାରିକ, ଶାନ୍ତିଲତା ମହାନ୍ତି, ମିନତି ରାଉତ ପ୍ରମୁଖ ଯୋଗଦେଇଥିଲେ।

# ବିଦେଶରେ ଫସିଥିବା ଶ୍ରମିକଙ୍କ ପରିବାର ଚିନ୍ତାରେ

**କେନ୍ଦ୍ରାପଡ଼ା ଅଫିସ୍, ୧୨।୧**

**ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି**


ପରିବାର ସହ ବାସନ୍ତୀ।

ଆମେରିକା ଓ ଇରାନ୍ ମଧ୍ୟରେ ଅଘୋଷିତ ଯୁଦ୍ଧକୁ ନେଇ ନାନା କଳ୍ପନାଜଳ୍ପନା ଜାରି ରହିଛି। ଟିଭି, ଖବରକାଗଜରେ ଏ ସମ୍ପର୍କିତ ଖବର ଦେଖି ସେଠାରେ ରହି କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପରିବାର ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବଛରା ଗ୍ରାମର ଗୋଲେଖ ମହାଳିକ ଦୀର୍ଘ ୨୬ ବର୍ଷ ହେଲା ଇରାକର ବାଗଦାଦ୍‌ଠାରେ ପାଣି ପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି। ହେଲେ ଇରାନ୍-ଆମେରିକା ମଧ୍ୟରେ ଯୁଦ୍ଧ ହେବା ଭଳି ପରିସ୍ଥିତି ଉପୁଜିଥିବା ବେଳେ ଗୋଲେଖଙ୍କ ମୋବାଇଲକୁ କଲ୍ ଯାଉ ନ ଥିବା ନେଇ ପରିବାର ଲୋକେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ବାସନ୍ତୀ କୁହନ୍ତି, ଗତ ଶନିବାର ଗୋଲେଖଙ୍କ ସହ ଫୋନରେ କଥାବାର୍ତ୍ତା ହେବା ସମୟରେ ସେ ଭୟରେ ଘରୁ ବାହାରୁ ନ ଥିବା ପ୍ରକାଶ କରିଥିଲେ। ହେଲେ ଏହାପରଠାରୁ ତାଙ୍କ ଫୋନ୍‌କୁ କଲ୍ ଯାଉ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଥିବା ବାସନ୍ତୀ କହିଛନ୍ତି।

ସେହିପରି ଉକ୍ତ ବ୍ଲକ ଅଧୀନ ମଦନପୁର ଗ୍ରାମର ସଦାଶିବ ରାଉତ କୁହନ୍ତି, ତାଙ୍କ ପୁଅ ଭାସ୍କର (୩୦) ଇରାକର ନଜାଫ ସହରରେ ପାଣି ପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଇରାନ ଓ ଇରାକ ଦେଶ ମଧ୍ୟରେ ଉପୁଜିଥିବା ତିକ୍ତତା ଯୋଗୁ ଯେକୌଣସି ପରିସ୍ଥିତିରେ ଆଶଙ୍କା ରହିଥିବାରୁ ପରିବାର ଲୋକେ ଭାସ୍କରଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ବୋଲି ସଦାଶିବ କହିଛନ୍ତି। ଗୋଗୁଆ ଗ୍ରାମର ସକିଲ ଖାଁଙ୍କ ପୁଅ କାୟୁମ୍ ଇରାକ୍‌ର ତେହେରାନଠାରେ ଏକ ମୋଟର ଗ୍ୟାରେଜରେ ମେକାନିକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଯୋଗୁ କାୟୁମର ସୁରକ୍ଷା ନେଇ ବାପା ସକିଲ ଚିନ୍ତିତ ହୋଇ ପଡିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି, ଗୋଲେଖ, ଭାସ୍କର, କାୟୁମଙ୍କ ବ୍ୟତୀତ ଜିଲାର ୩୦୦ରୁ ଊର୍ଦ୍ଧ୍ୱ ଲୋକ ସେଠାରେ ରହି କାର୍ଯ୍ୟ କରୁଛନ୍ତି। ଜିଲାର ମାନବ ସମ୍ବଳ ବିନିଯୋଗ ପାଇଁ ରାଜନେତା ଓ ପ୍ରଶାସକଙ୍କର କୌଣସି ଭିଜନ ଡକୁମେଣ୍ଟ ନାହିଁ। କୃଷି ଏବେ ଅର୍ଥନୀତିକୁ ସୁଧାରି ପାରୁନଥିବା ବେଳେ ବହୁ ଶିକ୍ଷିତ ଓ ଶ୍ରମିକ ଦେଶ ବିଦେଶରେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଜିଲାରେ ଜଳ ସୁପରିଚାଳନା, କୃଷିର ଉନ୍ନତୀକରଣ, ଶିଳ୍ପ ପ୍ରତିଷ୍ଠା, ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦିଆଯାଇପାରିଲେ ମାନବ ସମ୍ବଳର ବିନିଯୋଗ ହେବା ସହିତ ବିଦେଶରେ ହେଉଥିବା ଦାଦନ ସମସ୍ୟା ରହିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଇରାକରେ ରହୁଥିବା ଶ୍ରମିକଙ୍କ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ରାମଚନ୍ଦ୍ର ନାୟକ କହିଛନ୍ତି, ଜିଲାରୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ସମସ୍ୟାରେ ପଡ଼ିଥିବା ଶ୍ରମିକ ଓ ଶ୍ରମିକଙ୍କ ପରିବାର ଟୋଲ ଫ୍ରି ନଂ. ୧୮୦୦-୩୪୫୬୭୦୩କୁ ଯୋଗାଯୋଗ କଲେ ବିଦେଶରେ ଥିବା ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

## ■ ପୁସ୍ତକମେଳାର ସପ୍ତମ ସନ୍ଧ୍ୟା

# ମାନବଧର୍ମୀ ସାହିତ୍ୟ କାଳଜୟୀ

**କେନ୍ଦ୍ରାପଡା ଅଫିସ, ୧୨।୧**

କଥା ଓ କବିତା ମନର ନିବୃତ୍ତ କୋଣରୁ ଆସିଥାଏ। ଏହାକୁ ରୋକିବା ଅସମ୍ଭବ। ଏହା ପରିପ୍ରକାଶ ପରେ ମନକୁ ଛୁଇଁଲେ ସାହିତ୍ୟ ହୋଇଯାଏ। ଏଥିରେ କେବେ ପ୍ରେମ ଭାବ ଜାଗ୍ରତ ହୋଇଥାଏ ତ କେବେ ଯୁଦ୍ଧ ଲାଗିବା ପାଇଁ ସୁନିଶ୍ଚିତ ପଥ ପରିଷ୍କାର କରିଥାଏ। ତେବେ ମାନବଧର୍ମୀ ସାହିତ୍ୟ ଯୁଗ ଯୁଗକୁ ବିସ୍ତାରିତ ହୋଇଥାଏ ବୋଲି ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ପୁସ୍ତକମେଳାର ସପ୍ତମ ସନ୍ଧ୍ୟାରେ ଅତିଥିମାନେ ମତ ରଖିଛନ୍ତି। କେମ୍ ପକ୍ଷରୁ ଆୟୋଜିତ ସାରସ୍ୱତ ଆସରରେ କଥା କବିତା ସନ୍ଧି ଶୀର୍ଷକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଥିଲା। କେମ କର୍ମକର୍ତ୍ତା କବି ନବଜ୍ୟୋତି ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶତ୍ରୁଘ୍ନ ପାଣ୍ଡବ, ବିଷ୍ଣୁ ସାହୁ, ଅମୀୟ ରଞ୍ଜନ ମହାପାତ୍ର, ଗିରିଶଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା ମହାନ୍ତି ଭାଗ ନେଇଥିଲେ। ଏଥିରେ ସେମାନେ ଦର୍ଶାଇଥିଲେ ଯେ, କଥା ଓ କବିତାର ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇଥିଲେ ଲେଖକ ବା କବି ନିଜର ସାର୍ଥକତା ଉପଲବ୍ଧି କରିଥାଏ। ଆଲୋଚନା ଚକ୍ର ପୂର୍ବରୁ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆମେରିକାର ଆଲାସ୍କା ବିଶ୍ୱ ବିଦ୍ୟାଳୟ ପ୍ରାଧାପକ ଦେବେନ୍ଦ୍ର ଦାସ ଓ ଉପ ଜିଲାପାଳ ଜ୍ୟୋତିଶଙ୍କର ମାହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେମ ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁସ୍ତକ ମେଳାର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ୧୨୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପୁସ୍ତକମେଳା ଆଲୋଚନାଚକ୍ରରେ ଆଲୋଚକଗଣ।

# ଆଳି ଟାଉନ ଟିମ୍ ବିଜୟୀ

**ରାଜକନିକା, ୧୨।୧ (ଡି.ଏନ୍.ଏ.)**


ଟ୍ରଫି ସହ ବିଜେତା ଦଳ ଓ ଅନ୍ୟମାନେ।

ରାଜକନିକା ବ୍ଲକ ଅଧୀନ ହାଟସାହିଠାରେ ଆୟୋଜିତ ଅନ୍ନପୂର୍ଣ୍ଣା କ୍ରିକେଟ କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାନସୁଆର ସିଏମ୍‌ସି ଟିମ୍ ଓ ଆଳି ଟାଉନ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଳି ଟାଉନ ପ୍ରଥମେ ବ୍ୟାଟିଂ କରି ୨୪ ଓଭରରେ ୮ ଉଇକେଟ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା। ଜବାବରେ ସାନସୁଆର ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ୍ କରି ମ୍ୟାଚ୍ ହାରି ଯାଇଥିଲା। ଆଳି ବିଧାୟକ ପ୍ରତାପ କେଶରୀ ଦେବ ଅତିଥି ଭାବେ ଯୋଗଦେଇ ପଶ୍ଚିମ କନିକାରେ କ୍ରୀଡ଼ାର ବିକାଶ ପାଇଁ ଏକ ମିନି ଷ୍ଟାଡିୟମ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରାପଡା ଏମ୍‌ପିଙ୍କ ପ୍ରତିନିଧି ପାରିନୂଆପଡା ସରପଞ୍ଚ ପବିତ୍ର ରାଉତ ଓ ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଳିର ଇକବଲ ଖାଁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍, ବିକାଶ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବୋଲର ଭାବେ କ୍ଷୀରୋଦ ପଡିଆରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଆଳି, ୧୨।୧ (ଡି.ଏନ୍.ଏ.)**

ଆଳି ବ୍ଲକ ଦେମାଳ ପଞ୍ଚାୟତରେ ଥିବା ଦେମାଳ-ଲୋକାପଡା ନିଗମ କଳ୍ପତରୁ ସାରସ୍ୱତ ସଂଘର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଫେବୃୟାରୀ ୧୫ ଓ ୧୬ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ରବିବାର ପୂର୍ବାହ୍ନରେ ବ୍ରଜକେଶରୀ ଦେବ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ସଭାପତି ସତ୍ୟରଞ୍ଜନ ରାୟ ଅଧ୍ୟକ୍ଷତା କରିଥିଲେ। ନମୌଜା ସାରସ୍ୱତ ସଂଘ, ନିଆଳ ସାରସ୍ୱତ ସଂଘ, ଆଳି ଟାଉନ ସଂଘ, ଓଳାଭର ସଂଘ, ଲହୁଣି ସଂଘ ଆଦିର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ନମୌଜା ହାଇସ୍କୁଲରେ ବିବେକାନନ୍ଦ ଜୟନ୍ତୀ

**ଆଳି, ୧୨।୧ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରବିବାର ଆଳି ବ୍ଲକ ନମୌଜା ଉଚ୍ଚ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ୍ ଶଶିଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟଅତିଥି ଓ ଗୋବିନ୍ଦ ଚନ୍ଦ୍ର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସ୍ୱାଗତିକା ବାରିକ, ଅପରାଜିତା ସୂତାର, ସ୍ମୃତିପ୍ରଜ୍ଞା ଜେନା, ଦେବଲକ୍ଷ୍ମୀ ବେହେରା, ଦେବାଶିଷ ମଲିକ, ଶାହାଜାଦୀ ଗୁଲସନ, ସୁଶାନ୍ତ କୁମାର ମଲିକ, ଶିଖାରାଣି ବେହେରା ଓ ପ୍ରଦୀପ କୁମାର ଦାସଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଭୟ କୁମାର ସୂତାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଫୁଲ ପରିଡା, ନାରାୟଣ ସୂତାର, ଭୁବନାନନ୍ଦ ନନ୍ଦ, ରବୀନ୍ଦ୍ର ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଦ୍ଧେଶ୍ୱର ହାଇସ୍କୁଲର ବାର୍ଷିକ କ୍ରୀଡ଼ା


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଜନଗର, ୧୨।୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଅଧୀନ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଚିତ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପତ୍ରକାର ଭି. ରାଉତରାୟ ମୁଖ୍ୟବକ୍ତା ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ସମିତିସଭ୍ୟ ଅଞ୍ଜନ ସେଠୀ, ସରପଞ୍ଚ କୁସୁମଲତା ମଲ୍ଲିକ, ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ମହାନ୍ତି, ପୂର୍ବତନ ଶିକ୍ଷକ ବୃନ୍ଦାବନ ସାହୁ, ବିଷ୍ଣୁଚରଣ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବାବାଜୀ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କମଳାକାନ୍ତ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିବରାମ ପ୍ରଧାନ, ମୁନା ସ୍ୱାଇଁ, ସୋନାଲି ପ୍ରଧାନ, ବିକାଶ ପ୍ରଧାନ, ବିଦ୍ୟୁସ୍ମିତା ସାମଲଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ରବୀନ୍ଦ୍ର ନାଥ ପାଲ ଧନ୍ୟବାଦ ଦେଇଥିଲେ।

### ଜାତୀୟ ଯୁବ ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ, ୧୨।୧**

ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ସହରର କାକଟମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ଏଥିପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱାମୀଜୀଙ୍କ ସମ୍ପର୍କରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଶରତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମାନସ ଭୂଷଣ ପଣ୍ଡିତ, ହୃଷୀକେଶ ରଥ, ସିଆରସିସି ବଳଦେବ ପ୍ରସାଦ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାମୀଜୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିବା ସହ ମହାପୁରୁଷଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସତ୍ୟଭାମା ନାୟକ, ସୌଭାଗ୍ୟ ଦାସ, ରଞ୍ଜିତା ସେଠୀ, ବନ୍ଦନା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଥାନାରେ ସାମାଜିକ କର୍ମୀଙ୍କୁ ଦୁର୍ବ୍ୟବହାର, ମାଡ଼ ଅଭିଯୋଗ

# ପ୍ରତିବାଦରେ ଥାନା ଆଗରେ ଧାରଣା

**ପଟ୍ଟାମୁଣ୍ଡାଇ, ୧୨।୧ (ସ୍ୱ.ପ୍ର)**


ଥାନା ଆଗରେ ଜ୍ୟୋତିପ୍ରକାଶ ପ୍ରଧାନ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

ପଟ୍ଟାମୁଣ୍ଡାଇ ଥାନାକୁ ଆସିଥିବା ସାମାଜିକ କର୍ମୀ ଜ୍ୟୋତିପ୍ରକାଶ ପ୍ରଧାନଙ୍କୁ ପୋଲିସ ଦୁର୍ବ୍ୟବହାର ଦେଖାଇବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଜ୍ୟୋତିପ୍ରକାଶଙ୍କ ସହ ଅନ୍ୟ କେତେଜଣ ସାମାଜିକ କର୍ମୀ ରବିବାର ଥାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆଇଆଇସି ରାକେଶ କୁମାର ତ୍ରିପାଠୀ ଥାନାରେ ନ ଥିବାରୁ ଏ ସମ୍ପର୍କରେ ଖବର ପାଇବା ପରେ ସୋମବାର ଘଟଣାର ସମାଧାନ କରାଯିବ ବୋଲି କହିବା ସହ ଜ୍ୟୋତିପ୍ରକାଶଙ୍କୁ ଧାରଣାରୁ ଉଠିଯିବାକୁ କହିଥିଲେ।

ପ୍ରକାଶ ଯେ, ଏକ ଘଟଣାର ଆପୋସ ସମାଧାନ ପାଇଁ ଜ୍ୟୋତିପ୍ରକାଶ ଥାନାକୁ ଯାଇଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଜ୍ୟୋତିପ୍ରକାଶଙ୍କୁ ଦୁର୍ବ୍ୟବହାର କରିଥିଲେ। ଜ୍ୟୋତିପ୍ରକାଶ ଏହାର ବିରୋଧ କରିବା ବେଳେ ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ତାଙ୍କୁ ଦୁର୍ବ୍ୟବହାର କରିବା ସହ ଧକ୍କା ମାରି ହାଜତରେ ଭର୍ତ୍ତି କରିଦେବାକୁ ଟାଣିଥିଲେ। ତେଣୁ ଜ୍ୟୋତିପ୍ରକାଶ ସେଠାରୁ ବାହାରକୁ ଆସି ଥାନା ଆଗରେ ଧାରଣାରେ ବସିଥିଲେ। ତାଙ୍କ ସହ ବନମାଳୀ ମହାପାତ୍ର, ଶଶିକାନ୍ତ ସିଂହ, ପ୍ରଣିତ କୁମାର ସିଂହ, ବିଭୂତି ଭୂଷଣ ମହାନ୍ତି, ପ୍ରତାପ କୁମାର କର, ସତ୍ୟବ୍ରତ ଦାସ, ରତି ରଞ୍ଜନ ପରିଡ଼ା, ପ୍ରକାଶ କୁମାର ବେହେରା, ବିଜୟ କୁମାର ଖୁଣ୍ଟିଆ, ଅଶୋକ ପ୍ରଧାନ ପ୍ରମୁଖ ଧାରଣାରେ ବସିଥିଲେ।

# ଭାଗବତ ପ୍ରସାଦ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

**କେନ୍ଦ୍ରାପଡ଼ା ଅଫିସ୍, ୧୨।୧**

ସହରର ଟାଉନ ହଲ୍ ପରିସରରେ କେନ୍ଦ୍ରାପଡ଼ା ଜିଲା ପ୍ରଜା ସଂସଦ ପକ୍ଷରୁ ପୂର୍ବତନ ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କୁ ରବିବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଡ. ଦେବେନ୍ଦ୍ର କୁମାର ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅଲେଖ ଚନ୍ଦ୍ର ପଡିଆରୀ, ଡ. ବୈରାଗୀ ପଟ୍ଟନାୟକ, ପୂର୍ବତଟ ରେଳବାଇ ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା କବି ନିରାକାର ଦାସ, ଗ୍ରନ୍ଥକାର ଶ୍ରୀରାମ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଉମେଶ ଚନ୍ଦ୍ର ସିଂ, ଡ. ଅଲେଖ ଚନ୍ଦ୍ର ଦାଶ, ଡ. ବାସୁଦେବ ଦାସ, ଇଂ. ତପନ କୁମାର ପାତ୍ର, ବୁଦ୍ଧିଜୀବୀ ପରିକ୍ଷିତ ପାତ୍ର, ଚିତ୍ତରଞ୍ଜନ ଦାସ, ଗୟାଧର ଧଳ, ସନ୍ତୋଷ କର, ତମସା ପାତ୍ର, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଯଶ୍ମିନ ବେଗମ, ଧୀରେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଯୋଜକ ଗୋଲଖ ପଡ଼ିଆରୀ, ମନୋଜ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ■ ହାଇୱା ଧକ୍କାରେ ଯୁବକ ମୃତ

# ମୃତଦେହ ରଖି ରାସ୍ତା ଅବରୋଧ

**ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.)/ରାଜନଗର (ଡି.ଏନ୍.ଏ.), ୧୨।୧**


ମଦନପୁର କଲେଜ ଛକରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ରାଜନଗରରୁ ପଟ୍ଟାମୁଣ୍ଡାଇ ଆସୁଥିବା ଏକ ହାଇୱା (ନଂ- ଓଡି୦୪ଏଫ୬୨୪୭) ଧକ୍କାରେ ପଟ୍ଟାମୁଣ୍ଡାଇ ଥାନା ଅଧୀନ ବାଲିପାଟଣା ଗ୍ରାମର ଶରତ ଓଝା(୩୭)ଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ରାଜନଗର ବ୍ଲକ ନୁରୁଗାଁ ଛକ ଓ ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର କଲେଜ ଛକଠାରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ହାଇୱାଟି ଦୁର୍ଘଟଣା ଘଟାଇବା ପରେ ଦ୍ରୁତଗତିରେ ପଟ୍ଟାମୁଣ୍ଡାଇ ଆଡକୁ ପଳାଇଯାଉଥିବା ବେଳେ ସଂସାରଫଳଠାରେ ଯୁବକମାନେ ହାଇୱାକୁ ଅଟକାଇବା ସହ ପଟ୍ଟାମୁଣ୍ଡାଇ ପୋଲିସ୍‌କୁ ଖବର ଦେଇଥିଲେ। ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଏଥିସହ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ, ସେକେଣ୍ଡ୍ ଅଫିସର୍ ଅଜୟ କୁମାର ସାହୁ ଓ ପଟ୍ଟାମୁଣ୍ଡାଇ ଆଇଆଇସି ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି ରାସ୍ତାରୋକୋ ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରୋକୋରେ ବସି ରହିଥିଲେ। ଏହାପରେ ରାଜନଗର ବିଧାୟକ ଧ୍ରୁବ ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ତହସିଲଦାର ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିବା ସହିତ କ୍ଷତିପୂରଣ ବାବଦରେ ଅଧିକ ଟଙ୍କା ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟା ବେଳେ ରାସ୍ତାରୋକୋ ହଟିଥିଲା। ସ୍ଥାନୀୟ ଗ୍ରାମର ମନୋଜ ରାଉଳ, ଅରବିନ୍ଦ ରାଉଳ, କୈଳାଶ ନାୟକ, ଶ୍ରୀଚରଣ ଓଝା, ଶିଶିର ଓଝା, ବସନ୍ତ ଓଝା, ପ୍ରିୟବ୍ରତ ଓଝାଙ୍କ ସମେତ ଶତାଧିକ ମହିଳାପୁରୁଷ ରାସ୍ତାରୋକୋରେ ବସିରହିଥିଲେ। ଏଥିଯୋଗୁ ପ୍ରାୟ ୪ ଘଣ୍ଟା ଧରି ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବା ବେଳେ ଜାତୀୟ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକମାନେ ନାନା ଅସୁବିଧା ଭୋଗିଥିଲେ।



# ବିପଦସଙ୍କୁଳ ସାମୁଦ୍ରିକ ଜୀବ

**ସମୁଦ୍ର ପ୍ରଦୂଷଣ ପାଇଁ ୩୩ପ୍ରତିଶତ ବାୟୁ ପ୍ରଦୂଷଣ ଓ ୪୪ପ୍ରତିଶତ ଜଳ ପ୍ରଦୂଷଣ ଦାୟୀ । ଉପକୂଳବର୍ତ୍ତୀ ସ୍ଥାନରୁ ବିଷାକ୍ତ ପଦାର୍ଥ ସମୁଦ୍ରରେ ମିଶେ । ନଦୀ, ଝରଣାରେ ବିଷାକ୍ତ ପଦାର୍ଥ ଶେଷରେ ସମୁଦ୍ରରେ ମିଶୁଛି । ପ୍ରତିବର୍ଷ ବର୍ଜ୍ୟବସ୍ତୁର ପରିମାଣ ସମୁଦ୍ରରେ ବଢ଼ିବାରେ ଲାଗିଛି । ତେଣୁ ସାମୁଦ୍ରିକ ଜୀବମାନଙ୍କ ପାଇଁ ଏହା ନିଶ୍ଚୟ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି ...**



ସ୍ମିତା ଚାନ୍ଦ

ଜୀବଜଗତ ବଞ୍ଚିରହିବା ପାଇଁ ଅନୁକୂଳ ଏହି ଜଳଗ୍ରହ ପୃଥିବୀର ଉପରପୃଷ୍ଠ ଚାରିଭାଗରୁ ତିନିଭାଗ କେବଳ ଜଳ ଦ୍ୱାରା ଆବୃତ । ସମୁଦାୟ ଜଳକୁ ଯଦି ଶହେ ବାଲ୍‌ଟି ବୋଲି ଭାବିବା, ତା'ହେଲେ ସତାନବେ ବାଲ୍‌ଟି ଜଳ ଲୁଣିଆ ଓ ତିନି ବାଲ୍‌ଟି ମଧୁରଜଳ । ଏହି ତିନି ବାଲ୍‌ଟି ଜଳରୁ ମାତ୍ର ଏକ ଚାମଚରୁ କମ୍ ଜଳ ଚାଷୋପଯୋଗୀ, ଶିଳ୍ପୋପଯୋଗୀ ଓ ଘରୋଇ ବ୍ୟବହାରଯୋଗ୍ୟ । ଆକଳନ କରାଯାଇଛି ଯେ ପୃଥିବୀ ପୃଷ୍ଠର ସମୁଦାୟ ଜୀବଜଗତରୁ ୫୦ରୁ ୮୦ ପ୍ରତିଶତ ଜୀବ ସମୁଦ୍ରରେ ବାସ କରନ୍ତି । ଏଥିରୁ ସହଜରେ ଅନୁମେୟ, ସମୁଦ୍ର ହେଉଛି ଜୀବମାନଙ୍କର ଉତ୍ତମ ଆଶ୍ରୟସ୍ଥଳୀ ।

ପୃଥିବୀ ପୃଷ୍ଠକୁ ସମୁଦ୍ର ଏତେ ମାତ୍ରାରେ ଆବଦ୍ଧ କରିଥିଲେ ବି ମଣିଷ ଏହି ବିଶାଳ ସମୁଦ୍ରର ୧୦ ପ୍ରତିଶତରୁ କମ୍ ସ୍ଥାନ ଆବିଷ୍କାର କରିଛି । ସମୁଦାୟ ସମୁଦ୍ରକୁ ଜାଣିବା ପାଇଁ ଆହୁରି ସମୟ ଦରକାର । ସମୁଦ୍ରର ୯୦ପ୍ରତିଶତ ଆୟତନକୁ ଗଭୀର ସମୁଦ୍ର କହନ୍ତି । ସମୁଦ୍ରର ହାରାହାରି ଗଭୀରତା ୩,୭୯୫ ମିଟର । ସ୍ଥଳଭାଗର ହାରାହାରି ଉଚ୍ଚତା ୮୪୦ ମିଟର । ମହାସାଗର ପୃଥିବୀ ପୃଷ୍ଠର ୭୨ ପ୍ରତିଶତ ଅଞ୍ଚଳକୁ ଆଚ୍ଛାଦିତ କରିଛି । ପ୍ରଶାନ୍ତ ମହାସାଗର ପୃଥିବୀ ପୃଷ୍ଠର ତିନିଭାଗରୁ ଏକଭାଗ ଅଞ୍ଚଳକୁ ଆଚ୍ଛାଦିତ କରିଛି, ଯାହାକି ଅନୁମାନ କରାଯାଏ ୧୬୯୭ ଲକ୍ଷ ବର୍ଗ କିଲୋମିଟର । ଏଥିରେ ପାଖାପାଖି ୨୫ ହଜାର ଆଇଲାଣ୍ଡ ଅଛି । ଅନୁମାନ କରାଯାଇଛି ଯେ ସମୁଦ୍ରରେ ୩ ଶହରୁ ସାଢେ ତିନିଶହ କୋଟି ବର୍ଷ ପୂର୍ବେ ଜୀବ ସୃଷ୍ଟି ହୋଇଥିଲା । ଅର୍ଥାତ୍ ମୋଟାମୋଟି ଭାବେ କହିଲେ, ସମୁଦ୍ର ହେଉଛି ଜୀବମାନଙ୍କର ଆଦିମ ବାସସ୍ଥଳୀ । କିନ୍ତୁ ଉଷ୍ଣସ୍ରୋତ, ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ପ୍ରଦୂଷଣ, ଆଗ୍ନେୟ ଉଦ୍‌ଗିରଣ ଇତ୍ୟାଦି ବିଭିନ୍ନ ବିପର୍ଯ୍ୟୟ ଯୋଗୁ ସାମୁଦ୍ରିକ ଜୀବମାନଙ୍କର ସ୍ଥିତି ଏବେ ପ୍ରଶ୍ନବାଚୀ । ଏହା ବୈଜ୍ଞାନିକମାନଙ୍କ ପାଇଁ ଚିନ୍ତାର ବିଷୟ ଏବଂ ନୂତନ ଗବେଷଣା ପାଇଁ ଆହ୍ୱାନ । ମଣିଷ ଜୈବ ଇନ୍ଧନ କୋଇଲା, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍‌କୁ ବିଭିନ୍ନ କ୍ଷେତ୍ରରେ ଇନ୍ଧନ ରୂପେ ବ୍ୟବହାର କରି ଶକ୍ତି ପାଏ । ଏହି ପ୍ରକ୍ରିୟାରେ ଆମର ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ସବୁଜ କୋଠରି ଗ୍ୟାସ୍ ନିର୍ଗତ ହୁଏ । ସବୁଜ କୋଠରି ଗ୍ୟାସ୍ ତାପ ଅବଶୋଷଣକରି ବାୟୁମଣ୍ଡଳକୁ ଉତ୍ତପ୍ତକରେ । ପୁଣି ବୈଜ୍ଞାନିକମାନେ ଆକଳନ କରିଛନ୍ତି ଯେ, ଏହି ସବୁଜ କୋଠରି ଗ୍ୟାସ୍ ଦ୍ୱାରା ବିକିରଣ ହେଉଥିବା ତାପଶକ୍ତିର ୯୦ପ୍ରତିଶତ ତାପ ସମୁଦ୍ର ଅବଶୋଷଣକରେ । ସମୁଦ୍ରର ଉପର ୧୦ ଫୁଟ୍ ଜଳସ୍ତର ଯେତିକି ତାପ ଧରି ରଖେ, ତାହା ଆମ ବାୟୁମଣ୍ଡଳ ଧରିରଖିଥିବା ତାପର ପରିମାଣ ସହ ସମାନ । ଏଥିପାଇଁ ମେରୁ ଅଞ୍ଚଳର ଥିବା ବରଫ ତରଳି ସମୁଦ୍ରରେ ମିଶୁଛି । ସମୁଦ୍ର ପତ୍ତନ ହାରାହାରି ଶହେ ବର୍ଷକୁ ୧୦ ସେ.ମି. ରୁ ୨୫ ସେ.ମି. ବଢୁଛି । ଦଶହଜାର ବର୍ଷ ପୂର୍ବରୁ ଯେତିକି ସମୁଦ୍ର ପତ୍ତନ ଥିଲା, ଏବେ ତାହା ୧୧୦ ସେ.ମି. ବଢ଼ିଯାଇଛି । ଯଦି ସବୁ ବରଫ ତରଳିଯିବ, ତା'ହେଲେ ଆହୁରି ୧୦୦ ସେ.ମି. ଅଧିକ ବଢ଼ିଯିବ । ଫଳରେ ସମୁଦ୍ରର ଅନେକ ଉପକୂଳବର୍ତ୍ତୀ ସ୍ଥାନ ଜଳମଗ୍ନ ହୋଇଯିବ ।

ସମୁଦ୍ରରେ ତାପମାତ୍ରା ବୃଦ୍ଧି ଯୋଗୁ ଉଷ୍ଣ ସାମୁଦ୍ରିକ ସ୍ରୋତ ବାରମ୍ବାର ବଢୁଛି ଏବଂ ସମୟ ବ୍ୟବଧାନ ମଧ୍ୟ କମୁଛି । ଗବେଷକଙ୍କ ମତରେ ୧୯୨୫ରୁ ୨୦୧୬ ମଧ୍ୟରେ ସାମୁଦ୍ରିକ ଉଷ୍ଣ ସ୍ରୋତ ପ୍ରତିବର୍ଷ ହାରାହାରି ୩୪ପ୍ରତିଶତ ଅଧିକ ଥର, ୧୭ପ୍ରତିଶତ ଅଧିକ ଲମ୍ବ ଏବଂ ୫୪ପ୍ରତିଶତ ଅଧିକ ଦିନ ହେଉଛି । ମୋଟାମୋଟି ଭାବେ ତାପମାତ୍ରା ବୃଦ୍ଧି ଯୋଗୁ ସୃଷ୍ଟ ଉଷ୍ଣ ସାମୁଦ୍ରିକ ସ୍ରୋତ ଅଧିକ ପ୍ରବାହିତ ହେଉଛି । ତେଣୁ ସାମୁଦ୍ରିକ ଜୀବ ଏବେ ବିପଦସଙ୍କୁଳ ଅବସ୍ଥାରେ । ଜଳବାୟୁ ପ୍ରଦୂଷଣ ଯୋଗୁ ସମୁଦ୍ର ଏବେ ପ୍ରଦୂଷିତ । ସମୁଦ୍ର ପ୍ରଦୂଷଣ ପାଇଁ ୩୩ପ୍ରତିଶତ ବାୟୁ ପ୍ରଦୂଷଣ ଓ ୪୪ପ୍ରତିଶତ ଜଳ ପ୍ରଦୂଷଣ ଦାୟୀ । ଉପକୂଳବର୍ତ୍ତୀ ସ୍ଥାନରୁ ବିଷାକ୍ତ ପଦାର୍ଥ ସମୁଦ୍ରରେ ମିଶେ । ନଦୀ, ଝରଣାରେ ବିଷାକ୍ତ ପଦାର୍ଥ ଶେଷରେ ସମୁଦ୍ରରେ ମିଶୁଛି । ପ୍ରତିବର୍ଷ ବର୍ଜ୍ୟବସ୍ତୁର ପରିମାଣ ସମୁଦ୍ରରେ ବଢ଼ିବାରେ ଲାଗିଛି । ତେଣୁ ସାମୁଦ୍ରିକ ଜୀବମାନଙ୍କ ପାଇଁ ଏହା ନିଶ୍ଚୟ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି ।

ପୃଥିବୀର ଏକତୃତୀୟାଂଶ ଜୀବାଶ୍ମ ଇନ୍ଧନ ସମୁଦ୍ର ଶଯ୍ୟାରୁ ହିଁ ମିଳେ । ଏହାକୁ ଉତ୍ତୋଳନ କରିବା ବେଳେ ସମୁଦ୍ରର ଜଳ ପ୍ରଦୂଷିତ ହୁଏ । ଏହା ବି ସାମୁଦ୍ରିକ ଜୀବଙ୍କୁ ମୃତ୍ୟୁମୁଖକୁ ଠେଲିଦିଏ । ପୁଣି ୯୦ପ୍ରତିଶତ ଆଗ୍ନେୟ ଉଦ୍‌ଗିରଣ ସମୁଦ୍ର ବକ୍ଷରେ ହୁଏ । ଏଥିଯୋଗୁ ସମୁଦ୍ରର ତାପମାତ୍ରା ଅଧିକ ବୃଦ୍ଧି ହୁଏ । ତେଣୁ ଅଧିକ ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ଜୀବ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି । ଖାଲି ଯେ ସାମୁଦ୍ରିକ ଜୀବ ବିଲୁପ୍ତପ୍ରାୟ, ତାହା ନୁହେଁ, ସ୍ଥଳଭାଗରେ ବି ମହାବାତ୍ୟା, ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ନିକଟରେ ବାରମ୍ବାର ମହାବାତ୍ୟା ଦେଖାଯାଉଛି । ସ୍ଥଳଭାଗରେ କେତେକ ଜୀବ ଆଜି ପରିସ୍ଥାନ ହରାଇ ବିଲୁପ୍ତ, ଲୁପ୍ତ ପ୍ରାୟ ଓ ଅସୁରକ୍ଷିତ ପରିସ୍ଥିତିରେ । ଭାରତରେ ଚିତାବାଘ, ଟାସ୍‌ମାନିଆ ଉଲ୍‌ଫ, ପାହାଡ଼ି ଛେଳି, ଡୋଡୋ ପକ୍ଷୀ, ବୃହତ୍‌କାୟ ପାଣ୍ଡା, ଦୁଇଶିଙ୍ଗ ବିଶିଷ୍ଟ ଗଣ୍ଡା, ପାତାଳ ଗରୁଡ଼ ଗଛ, କମଣ୍ଡଳୁ ଗଛ, ଏକଶିଙ୍ଗ ବିଶିଷ୍ଟ ଗଣ୍ଡା, ଗ୍ରେଟ୍ ଇଣ୍ଡିଆନ୍ ବୁଷ୍ଟାର୍ଡ, ଅନେକ ପ୍ରକାର ଔଷଧୀୟ ଗୁଳ୍ମ, ସରୀସୃପ ଓ ତୃଣଭୋଜୀ ପ୍ରାଣୀ ଏଥିରେ ଅନ୍ତର୍ଭୁକ୍ତ । ସାମୁଦ୍ରିକ ଜୀବମାନଙ୍କର ପରିସଂସ୍ଥାନ ଆଜି ଧ୍ୱଂସାଭିମୁଖୀ ପରିସ୍ଥିତିରେ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ସମୁଦ୍ର ବିଜ୍ଞାନ ଉପରେ ଗବେଷଣାରତ ରବର୍ଟ ମିଲରଙ୍କ ମତରେ ଜଳବାୟୁର ପରିବର୍ତ୍ତନ ଯୋଗୁ ଧୀରେ ଧୀରେ କେତେକ ପରିସଂସ୍ଥାନ ତାହାର ପୂର୍ବ ଅବସ୍ଥାକୁ ଆଉ କେବେ ବି ଫେରିପାରିବନି । ଏହା ଏବେ ଆଉ ଏକ ଚିନ୍ତାର ବିଷୟ ।

ସମୁଦ୍ରରେ ତାପମାତ୍ରାର ଆଧିକ୍ୟ ଯୋଗୁ ପକ୍ଷୀମାନେ ବି ବୁଡ଼ ପାରୁନାହାନ୍ତି । ତାଙ୍କର ଖାଦ୍ୟ ବି ମିଳୁନି । ଆମେ ଜାଣିଛନ୍ତି ସବୁ ଜୀବ ନିଜ ନିଜ ମଧ୍ୟରେ ଛନ୍ଦାଛନ୍ଦି ଓ ନିର୍ଭରଶୀଳ । କୋଉ ଜୀବ ଖାଦ୍ୟ ତ ଆଉ କିଏ ଖାଦକ । ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ୍ ମହାସାଗର ଓ ଭାରତ ମହାସାଗରରେ ଅଧିକ ସାମୁଦ୍ରିକ ଜୀବ ତଥା ଉଦ୍ଭିଦ ଓ ପ୍ରାଣୀଙ୍କର ବାସସ୍ଥାନ ରହିଛି । ଜଳ ଭିତରେ ରହିଥିବା ସାମୁଦ୍ରିକ ଘାସ ଅଙ୍ଗାରକାମ୍ଳକୁ ଶୋଷଣକରି ଅମ୍ଳଜାନ ଯୋଗାଏ । ବିଭିନ୍ନ ପ୍ରକାର ସାମୁଦ୍ରିକ ଶୈବାଳ, ଘାସ, ବ୍ଲୁ ଫିନ୍ ଟୁନା ମାଛ, ସିଲ୍, ସାର୍କ, ବ୍ଲୁ ହ୍ୱେଲ, ସମୁଦ୍ର କଇଁଛ, ଡଲ୍‌ଫିନ ଇତ୍ୟାଦି ବିଭିନ୍ନ ପ୍ରକାର ମାଛ ଆଜି ମୃତ୍ୟୁର ଦ୍ୱାର ଦେଶରେ । ଯଦି ଏମିତି ଅବ୍ୟବସ୍ଥା ଓ ପ୍ରଦୂଷଣ ଲାଗିରହେ, ତେବେ ଆଉ କିଛିଦିନ ପରେ ସାମୁଦ୍ରିକ ଜୀବସମୂହ ସମୁଦ୍ର ଗର୍ଭରୁ ସବୁଦିନ ପାଇଁ ବିଦାୟ ନେଇଯିବେ । ଆମର ଭବିଷ୍ୟତ ପିଢ଼ି କେବଳ ସାମୁଦ୍ରିକ ଜୀବମାନଙ୍କର ଫଟୋଚିତ୍ର ଦେଖି ସେସବୁ ଜୀବମାନଙ୍କର କଳ୍ପନା କରିବେ, ମାତ୍ର ବାସ୍ତବରେ ଦେଖିବା ସମ୍ଭବ ହେବ ନାହିଁ । ତା'ପରେ କିଛି ବର୍ଷ ପରେ ଏହି ଧାରାରେ ସାମିଲ ହୋଇପାରେ ଆଜିର ମଣିଷ । ଅତଏବ ଆମର ବି ସ୍ଥିତି ପ୍ରଶ୍ନବାଚୀ ।

*-ବିଜ୍ଞାନ ଶିକ୍ଷୟିତ୍ରୀ,*
*ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ,*
*ଭଦ୍ରକ*




## ନିଜ କାମ ନିଜେ କରିବ ରୋବୋ

ନିକଟରେ ଜାପାନର ବୈଜ୍ଞାନକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯିଏ ନିଜ କାମ ନିଜେ କରିପାରିବ । ଉନ୍ନତ ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ରୋବୋ ସହ ଏକ ପ୍ରୋଗ୍ରାମିଂକୁ ସଂଯୋଗ କରାଯାଇଛି । ଏହାଦ୍ୱାରା ରୋବାକୁ ନିଜ କାମ ସମ୍ପର୍କରେ ଶିଖିଇବା ପରେ ସେ ନିଜ କାମ ନିଜେ କରିପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏପରି କି ପୋଷାକପତ୍ରକୁ ହ୍ୟାଙ୍ଗରରେ ରଖିବା ସହ ବୋତଲର ଠିପି ମଧ୍ୟ ରୋବୋ ବନ୍ଦ କରିପାରିବ ବୋଲି ଉକ୍ତ ରୋବୋର ଅନ୍ୟତମ ପ୍ରସ୍ତୁତକର୍ତ୍ତା ପିଟର ଆବେଲ ପ୍ରକାଶ କରିଛନ୍ତି ।



## ମ୍ୟୁଜିକ୍ ଥେରାପି

ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ ସଙ୍ଗୀତ । ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ମାନସିକତା ସକାରାତ୍ମକ ରହିଥାଏ । କେତେକ ରୋଗର ଯନ୍ତ୍ରଣା ଲାଘବ ପାଇଁ ସଙ୍ଗୀତର ସାହାଯ୍ୟ ନିଆଯାଇପାରେ । ଏପରି ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ରୋଗୀମାନଙ୍କୁ ପ୍ରତିଦିନ କିଛି ସମୟ ମ୍ୟୁଜିକ ଶୁଣିବାକୁ ଦିଆଯାଇଥିଲା । ନିୟମିତ ସମୟ ବ୍ୟବଧାନରେ ଏହାର ସେମାନଙ୍କ ଉପରେ କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ



କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏପରି ପ୍ରଣାଳୀ ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ରୋଗୀ ଯନ୍ତ୍ରଣାରୁ ଉପଶମ ଲାଭ କରୁଥିବା ଜଣାପଡ଼ିଥିଲା । ଏହାକୁ 'ମ୍ୟୁଜିକ ଥେରାପି' ଭାବରେ ନାମିତ କରାଯାଇଛି । ହେଲେ ରୋଗୀର ଅବସ୍ଥା ଦେଖି ଏବଂ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ଏପରି ଥେରାପିକୁ ବ୍ୟବହାର କରିବା ଭଲ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ସ୍ୱାସ୍ଥ୍ୟ ସୂଚନା



- ଶୀତଦିନେ ମଧ୍ୟ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ । ତେଣୁ ଏହି ଦିନରେ ପ୍ରଚୁର ପାଣି ପିଇବା ସହ ତଟକା ଫଳ ଜୁସ୍ ପିଅନ୍ତୁ ।
- ଶୀତଦିନେ ବ୍ରେକ୍‌ଫାଷ୍ଟରେ କମଳା ଜୁସ୍ ସାମିଲ କରନ୍ତୁ
- ଖାଦ୍ୟ ତାଲିକାରେ ଖଟାଜାତୀୟ ଖାଦ୍ୟ ରଖିପାରନ୍ତି । ଏପରି କି ମଧ୍ୟାହ୍ନ ଭୋଜନ ସମୟରେ ଖଟା ଜାତୀୟ ଖାଦ୍ୟ ଖାଇବା ସହ ଜୁସ୍ ପିଇପାରନ୍ତି ।
- ରସୁଣରେ ଥିବା 'ଏଲିନ୍' ନାମକ ଫ୍ଲେବରିଂ ତତ୍ତ୍ୱ ଶୀତଦିନେ ଆମ ଶରୀର ପାଇଁ ବେଶ୍ ଉପକାରୀ । ଏହା ଥଣ୍ଡାଜନିତ ସମସ୍ୟା ଦୂରକରିଥାଏ । ଏହାବ୍ୟତୀତ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀର ପାଇଁ ବେଶ୍ ଲାଭପ୍ରଦ ।
- ଶୀତଦିନେ ଅଦାମିଶ୍ରିତ ଚା' ପିଇଲେ ଥଣ୍ଡାରୁ ଆରାମ ଲାଗିଥାଏ । ଅଦାମିଶ୍ରିତ ପାଣି ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ ।

## ହୃଦ୍‌ରୋଗୀ ଓ ଶୀତଦିନ

ଶୀତଦିନେ ପରିବେଶ ଥଣ୍ଡା ରହିଥାଏ । ବେଳେବେଳେ କେତେକ ସ୍ଥାନରେ ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିଯାଏ । ଏହି ଋତୁରେ ବିଶେଷଭାବରେ ହୃଦ୍‌ରୋଗୀ ଅଧିକ ସତର୍କ ରହିବା ଆବଶ୍ୟକ । କାରଣ ପ୍ରବଳ ଶୀତ ଯୋଗୁ ଶରୀରରେ ଥିବା ଶିରାପ୍ରଶିରାଗୁଡ଼ିକ ସଙ୍କୁଚିତ ହୋଇଯାଏ । ଏହାଦ୍ୱାରା ରକ୍ତ ପ୍ରବାହ ବାଧାପ୍ରାପ୍ତ ହୋଇଥାଏ । ତେଣୁ ଶୀତଦିନେ ହୃଦ୍‌ରୋଗୀ ଏ ନେଇ ଧ୍ୟାନଦେବା ଜରୁରୀ । ଏହି ସମୟରେ ସେମାନେ ଏପରି ପୋଷାକ ପିନ୍ଧନ୍ତୁ ଯେମିତି ଶରୀର ଉଷ୍ମ ରହିବ । ବାହାରକୁ ଗଲେ ସ୍ୱେଟର, ଜ୍ୟାକେଟ ପିନ୍ଧିବା ସହ ମୁଣ୍ଡରେ ଟୋପି ପିନ୍ଧନ୍ତୁ । ତା'ସହ ଏହି ଋତୁରେ ସେମାନେ ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ । ଶୀତଋତୁରେ ଅଧିକ ଫ୍ୟାଟ୍ ଏବଂ ଲବଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ସବୁଠାରୁ ଖାସ୍ କଥା ହେଲା, ନିଶାଦ୍ରବ୍ୟ ସେବନଠାରୁ ଦୂରେଇରହନ୍ତୁ । ସକାଳୁ ହାଲ୍‌କା ସୂର୍ଯ୍ୟକିରଣରେ କିଛି ସମୟ ବସିଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏହାସହ ପ୍ରତିଦିନ ମର୍ନିଂୱାକ୍ କରିବାକୁ ଭୁଲନ୍ତୁ ନାହିଁ ।



## କୋଲେଷ୍ଟ୍ରଲ ନିୟନ୍ତ୍ରଣ କରେ ଗ୍ରୀନ୍ ମଟର

ଗ୍ରୀନ୍ ମଟରରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲକଲେ ତାହା ଶରୀରରେ କୋଲେଷ୍ଟରଲକୁ ନିୟନ୍ତ୍ରଣ କରିଥାଏ । ତା'ସହ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ଗ୍ରୀନ୍ ମଟରରେ 'ଭିଟାମିନ୍-କେ' ଭରି ରହିଛି । ତେଣୁ ଏହାକୁ ଖାଇଲେ ଅସ୍ଥି ମଜଭୁତ ହୋଇଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି । ହୃଦ୍‌ରୋଗୀ ଏହାକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି । ଗ୍ରୀନ୍ ମଟରରେ ପ୍ରଚୁର ପରିମାଣରେ ଫାଇବର ରହିଛି । ତେଣୁ ଏହାକୁ ଆଲଜିମର୍ସ ରୋଗୀ ଖାଇଲେ ସେମାନଙ୍କ ସ୍ମରଣ ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ । ଏକ ସଦ୍ୟତମ ଗବେଷଣାରୁ ଆମେରିକୀୟ କ୍ୟାନ୍‌ସର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଫୁସ୍‌ଫୁସଜନିତ କ୍ୟାନ୍‌ସର ରୋଗୀ ଏହାକୁ ଖାଇଲେ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ଲାଭ କରିପାରିବେ ।

## ଶୀତଦିନ ଓ ଅବସାଦ



ଡା ଦ୍ୱିଜେଶ କୁମାର ପଣ୍ଡା

**ଶୀତଦିନେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଫଳରେ ଉତ୍ତର ଗୋଲାର୍ଦ୍ଧରେ ଦିନ କମି ରାତି ଅଧିକ ସମୟ ହୁଏ । ତେଣୁ ସୂର୍ଯ୍ୟାଲୋକ ଆମ ଦେହରେ କମ୍ ସମୟ ପାଇଁ ପଡ଼େ । ୨୦୦୮ ମସିହାରେ ଜର୍ମାନ୍ ବୈଜ୍ଞାନିକମାନେ ଚର୍ମକୋଷରେ ଜୈବ ଘଡ଼ିକାର ଜିନ୍ ଥିବା ପ୍ରମାଣକଲେ । ଏହା ଉପରେ ୟୁ.ଭି. ଆଲୋକ ପଡ଼ିଲେ ମସ୍ତିଷ୍କ ଭିତରେ ଥିବା 'ହାଇପୋଥାଲାମ୍‌ସକୁ' ସନ୍ଦେଶ ଯାଏ । ରାତି ଅଧିକ ସମୟ ହେଲେ ଆଖିର ସ୍ନାୟୁ ଦେଇ ଆଲୋକ ହାଇପୋଥାଲାମ୍‌ସରେ ଯଥେଷ୍ଟ ପହଞ୍ଚିପାରେ ନାହିଁ...**

ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସୂର୍ଯ୍ୟରଶ୍ମି ଅଭାବରୁ ଜୀବ ଓ ଉଦ୍ଭିଦଜଗତ ତିଷ୍ଠିପାରିବ ନାହିଁ । ଦେହରେ ସୂର୍ଯ୍ୟାଲୋକ ପଡ଼ିଲେ ମନ ଆନନ୍ଦିତ ହୋଇଉଠେ । ଏଥିରେ ଥିବା ଅଲଟ୍ରାଭାଓଲେଟ୍ ବିକିରଣ ଜୀବକୋଷ ଭିତରେ ଥିବା ଡିଏନ୍‌ଏକୁ ସମୃଦ୍ଧକରେ । ଆମକୁ ଆନନ୍ଦ ଦେଉଥିବା ହରମୋନ ସିରୋଟୋନିନ୍, ଡୋପାମିନ୍ ଓ ଏଣ୍ଡୋରଫିନ୍ ପରିମାଣ ବୃଦ୍ଧି ଘଟେ । ଏମାନେ ଶରୀରର ପ୍ରାକୃତିକ ଅଫିମ । ଶୀତଦିନେ ମସ୍ତିଷ୍କରୁ ନିସ୍ରବଣ ହେଉଥିବା 'ମେଲାଟୋନିନ୍' ହରମୋନ କମିଯାଏ । ଫଳରେ ଅଳସୁଆ ଲାଗେ ଓ ନିଦ ହୁଏନାହିଁ । ନୂତନ ବୈଜ୍ଞାନିକ ତଥ୍ୟ ଅନୁଯାୟୀ ଆଲୋକ ଚର୍ମ ଉପରେ ପଡ଼ିବା ଫଳରେ ଆମୋଦଦାୟକ ହରମୋନ ନିସ୍ରବଣ ବୃଦ୍ଧି ହୁଏ ଓ ଏହା ରକ୍ତରେ ମିଶି ମସ୍ତିଷ୍କକୁ ଯାଏ । ସୂର୍ଯ୍ୟରଶ୍ମି ଜୈବ ଘଡ଼ିକାକୁ ନିୟନ୍ତ୍ରଣକରେ । ଦେହର ଉତ୍ତାପକୁ କମ୍ ବେଶି କରେ । ସଜାଗ ରହିବା, ନିଦ ହେବା, ହରମୋନ ନିସ୍ରବଣ, ସମୟ ଅନୁସାରେ ଖାଇବା ଓ ଶରୀରର ବିଭିନ୍ନ କାର୍ଯ୍ୟ ଆଲୋକ ଦ୍ୱାରା ସଂଘଟିତ ହୁଏ । ଆଲୋକ ଅଭାବରୁ ଅବସାଦ ବୃଦ୍ଧି ହୁଏ ।

ଶୀତଦିନେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଫଳରେ ଉତ୍ତର ଗୋଲାର୍ଦ୍ଧରେ ଦିନ କମି ରାତି ଅଧିକ ସମୟ ହୁଏ । ତେଣୁ ସୂର୍ଯ୍ୟାଲୋକ ଆମ ଦେହରେ କମ୍ ସମୟ ପାଇଁ ପଡ଼େ । ୨୦୦୮ ମସିହାରେ ଜର୍ମାନ୍ ବୈଜ୍ଞାନିକମାନେ ଚର୍ମକୋଷରେ ଜୈବ ଘଡ଼ିକାର ଜିନ୍ ଥିବାର ପ୍ରମାଣକଲେ । ଏହା ଉପରେ ୟୁ.ଭି. ଆଲୋକ ପଡ଼ିଲେ ମସ୍ତିଷ୍କ ଭିତରେ ଥିବା 'ହାଇପୋଥାଲାମସକୁ' ସନ୍ଦେଶ ଯାଏ । ରାତି ଅଧିକ ସମୟ ହେଲେ ଆଖିର ସ୍ନାୟୁ ଦେଇ ଆଲୋକ ହାଇପୋଥାଲାମସରେ ଯଥେଷ୍ଟ ପହଞ୍ଚିପାରେ ନାହିଁ । ଏହି ଗ୍ରନ୍ଥି ମନର ପ୍ରବୃତ୍ତିକୁ ନିୟନ୍ତ୍ରଣକରେ । ଡୋପାମିନ୍ ଓ ସିରୋଟୋନିନ୍ ନିସ୍ରବଣ ବନ୍ଦ ହୋଇଯାଏ । ତେଣୁ ଅବସାଦ ବୃଦ୍ଧି ହୁଏ । ଏହା ଶୀତଦିନେ ଅଧିକ ଦେଖାଯାଏ । ଅଧିକ ମିଠା ଓ ଶ୍ୱେତସାର ଜାତୀୟ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ । ତେଣୁ ଶୀତଋତୁରେ ଦେହର ଓଜନ ବଢ଼ିଯାଏ । ଅଧିକ ସମୟ ଶୋଇବାକୁ ପଡ଼େ । ବିରକ୍ତ ଲାଗେ । ଏହାକୁ ଋତୁଗତ ଅସୁସ୍ଥତା କିମ୍ବା ଶୀତଋତୁ ଅବସାଦ କୁହାଯାଏ । ବିଷୁବରେଖାଠାରୁ ଉତ୍ତରରେ ଥିବା ଦେଶଗୁଡ଼ିକରେ ଏହାର ପ୍ରାଦୁର୍ଭାବ ବେଶି । ପୁରୁଷଙ୍କ ଅପେକ୍ଷା ୪ଗୁଣ ମହିଳା ଏଥିରେ ଆକ୍ରାନ୍ତ ହୁଅନ୍ତି । ଆମେରିକାରେ ୫ ରୁ ୭ ପ୍ରତିଶତ ଲୋକ ଶୀତଋତୁରେ ଆକ୍ରାନ୍ତ ହୁଅନ୍ତି । ଆମେରିକାରେ ୫ରୁ ୭ ପ୍ରତିଶତ ଲୋକ ଶୀତଋତୁ ଅସୁସ୍ଥତା ଭୋଗ କରନ୍ତି । ଅନ୍ଧାର ମସ୍ତିଷ୍କରେ ଥିବା 'ପିନିଆଲ' ଗ୍ରନ୍ଥିରୁ ହରମୋନ 'ମେଲାଟୋନିନ୍' ନିସ୍ରବଣ କମ୍ କରିଦିଏ । ତେଣୁ ଋତୁଗତ ଅସୁସ୍ଥତା ବୃଦ୍ଧି ହୁଏ । ସୂର୍ଯ୍ୟକିରଣରେ ଶୀତଦିନେ



ଏକଘଣ୍ଟା ସମୟ ନିୟୋଜିତ କଲେ ଏହିସବୁ ସମସ୍ୟା ଦୂରହୋଇପାରିବ । ଅପ୍ରାକୃତିକ ଆଲୋକ ଏହାର ପରିପୂରକ ନୁହେଁ । ସକାଳ ଉଦିତ ସୂର୍ଯ୍ୟ ରଶ୍ମି ଜୈବ ଘଡ଼ିକାକୁ ନିୟମିତକରେ । ଶାରୀରିକ ସକ୍ରିୟତା ସକାଳ ଆଲୋକରେ ଏବଂ ଘର ବାହାରେ ସବୁଠାରୁ ଉତ୍କୃଷ୍ଟ । ଦିନରେ ଘର ଭିତରେ ରହୁଥିଲେ ପର୍ଦ୍ଦା ଖୋଲା ରଖିବା ଉଚିତ । ଏହାଦ୍ୱାରା ଶୀତଋତୁଜନିତ ଅବସାଦ ଦୂରହୋଇପାରିବ ।

*-ବରିଷ୍ଠ ବୈଜ୍ଞାନିକ,*
*୧୨, ଆଚାର୍ଯ୍ୟବିହାର, ଭୁବନେଶ୍ୱର,*
*ଫୋ: ୦୬୭୪-୨୫୪୨୯୩୪*



❝ ୨୦୨୦ର ତୃତୀୟ ତ୍ରୈମାସରେ ଅଟୋମୋବାଇଲ ଶିଳ୍ପରେ ବିକ୍ରି ବୃଦ୍ଧି ହେବାର ବିଶେଷ ସମ୍ଭାବନା ରହିଛି।
– ନବୀନ ସୋନି, ବରିଷ୍ଠ ଉପସଭାପତି, ଟୟୋଟା କିର୍ଲୋସ୍କାର ମୋଟର୍ସ



❝ ଆଗାମୀ ୩ ବର୍ଷରେ ସୋଲାର ବିଜନେସରୁ ୫୦୦ କୋଟି ରାଜସ୍ୱ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ଦୀନେଶ ଅଗ୍ରୱାଲ, ଯୁଗ୍ମ ଏମ୍‌ଡି, ପାନାସୋନିକ ଲାଇଫ ସଲ୍ୟୁଶନ୍ସ

## ବଜେଟକୁ ନେଇ ବଜାର ବିଶେଷଜ୍ଞଙ୍କ ମତ

# ବିକଳ୍ପ ଉପରେ ଫୋକସ କରିପାରନ୍ତି ସୀତାରାମନ୍

ମୁମ୍ବାଇ,୧୨-୧

ଦେଶର ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଫେବୃୟାରୀ ପହିଲାରେ ଆସିବାକୁ ଥିବା ବଜେଟରେ ସରକାର ମାନ୍ଦାବସ୍ଥା ବିରୋଧରେ ଲଢେଇ ଲାଗି ବିଭିନ୍ନ ପଦକ୍ଷେପ ନେଇପାରନ୍ତି ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ଏବେ ଅର୍ଥ ବ୍ୟବସ୍ଥାରେ ଚାହିଦା ପ୍ରଭାବିତ ସ୍ଥିତିରେ ରହିଛି। ସେହିଭଳି ଧାର୍ଯ୍ୟ ଲକ୍ଷ୍ୟ ମୁତାବକ ଟିକସ ସଂଗ୍ରହ ହେଉନାହିଁ। ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୫% ରହିବ ବୋଲି ନ୍ୟାଶନାଲ ସାମ୍ପଲ ସର୍ଭେ(ଏନ୍‌ଏସ୍‌ଓ) ପକ୍ଷରୁ ଆକଳନ କରାଯାଇଛି। ଏହା ୧୧ ବର୍ଷର ସର୍ବନିମ୍ନ ସ୍ତର ବୋଲି ଜଣାପଡିଛି। ଅର୍ଥନୀତିକୁ ସୁଧାରିବା ଲାଗି ସୀତାରାମନ ଯେତେବେଳେ ବି ଆଗକୁ ପାଦ କାଢିଛନ୍ତି ତାଙ୍କ ସାମ୍ନାରେ ଏକ ସୀମା ରେଖା ଆସିଛି। ମାତ୍ର ଏବେ ମଧ୍ୟ କିଛି ଉପାୟ ଅର୍ଥମନ୍ତ୍ରୀଙ୍କ ନିକଟରେ ରହିଛି। ବଜେଟରୁ ଏବେ ଶିଳ୍ପ ଜଗତ ଆଶା କିଛି ଖାସ୍ ନାହିଁ। ସରକାର ଶିଳ୍ପ ଜଗତ ଲାଗି କର୍ପୋରେଟ ଟିକସ ହ୍ରାସ କରିବା ସହ ଅନ୍ୟ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିସାରିଛନ୍ତି।

ଚଳିତ ବର୍ଷ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ଟପି ଯାଇଥିବା ବେଳେ ଏହାକୁ ନେଇ ଅର୍ଥନୀତିଜ୍ଞମାନେ ଯଥାର୍ଥବାଦୀ ହୋଇପଡିଛନ୍ତି। ବିତ୍ତୀୟ ନିଅଣ୍ଟ ଟପିବାର ଆବଶ୍ୟକତାକୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଜୁଲାଇରେ ଆସିଥିବା ବଜେଟରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମୋଟ ଜିଡିପିର ୩.୩% ଧାର୍ଯ୍ୟ କରାଯାଇଥିଲା। ଏଭଳି ସ୍ଥିତିରେ ସୀତାରାମନଙ୍କ ନିକଟରେ କେଉଁ ସବୁ ବିକଳ୍ପ ରହିଛି ସେ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଗୁଡଗାଓଁ ଭିତ୍ତିକ ଫିଟବ୍ୟାକ ଇନଫ୍ରାର ବିନାୟକ ଚାଟାର୍ଜୀ କହିଛନ୍ତି ଯେ, କୋର ସେକ୍ଟର ପ୍ରକଳ୍ପଗୁଡିକୁ ପୂରଣ କରିବା ଲାଗି ବଜେଟରେ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେଶନ(ଡିଏଫ୍‌ଆଇ) ସ୍ଥାପନ ନେଇ ବିଚାର କରାଯାଇପାରେ। ପୂର୍ବତନ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ବିରମାନୀଙ୍କ କହିଛନ୍ତି, ବିତ୍ତୀୟ ନିଅଣ୍ଟ ବଢିବାକୁ ବିରୋଧ କରାଯାଇ ନ ପାରେ। ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସୁଧାର ଏବଂ ପରୋକ୍ଷ ଟିକସ ଜିଏସ୍‌ଟିରେ ସରଳୀକରଣ ଆସିବା ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରିପାରନ୍ତି।

ହିରାନନ୍ଦନ ଗ୍ରୁପର ଏମ୍‌ଡି ନିରଞ୍ଜନ ହିରାନନ୍ଦୀନି କହିଛନ୍ତି ଯେ, ବଜାରରେ ମୁଦ୍ରା ସଞ୍ଚାଳନ ଏବଂ ନଗଦ ବଢାଇବାକୁ ହେବ। ଏହା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଧ୍ୟାନ ଦେବାକୁ ପଡିବ। ଅର୍ଥ ବ୍ୟବସ୍ଥାକୁ ଟ୍ରାକରେ ଆଣିବା ଦିଗରେ ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ସେହିଭଳି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ଯୁଗ୍ମ ଏମ୍‌ଡି ଶେଷାଗିରି ରାଓ କହିଛନ୍ତି ଯେ, ମାନ୍ଦାବସ୍ଥାରୁ ବାହାରକୁ ଆସିବା ଲାଗି ଅତୀତରେ ବ୍ୟାଙ୍କଗୁଡିକୁ କମ୍ପାନୀ ଋଣ ମାଗିଛନ୍ତି। ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ବ୍ୟାଙ୍କଗୁଡିକର ସ୍ଥିତି ସମ୍ପୂର୍ଣ୍ଣ ବଦଳି ନ ଥିଲେ ମଧ୍ୟ ସେମାନେ ପ୍ରୋଭିଜନିଂ ଉପରେ ଧ୍ୟାନ ଦେଉଛନ୍ତି।



### ବଜେଟରୁ ବିଭିନ୍ନ କ୍ଷେତ୍ରର ଆଶା

**ପର୍ଯ୍ୟଟନ:-** ଗତ ବଜେଟରେ ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ସରକାର ୧୩୭୮ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଆଗାମୀ ବଜେଟରେ ଏହି କ୍ଷେତ୍ର ଅଧିକ ବ୍ୟୟ ବରାଦ ଆଶା କରୁଛି। ଗ୍ରୀନ ଟୁରିଜମ ଏବଂ ଆଞ୍ଚଳିକ ମଲ୍ଟି ମୋଡାଲ ସଂଯୋଗ ଉପରେ ବିଚାର କରିବାକୁ ଶିଳ୍ପର ଦାବି ରହିଛି।

**ସୂଚନା ପ୍ରଯୁକ୍ତି:-** ବର୍ତ୍ତମାନ ଭାରତୀୟ ଆଇଟି ଏବଂ ଆଇଟିଇଏସ୍ ବାଣିଜ୍ୟ କାରବାର ୧୭୭ ବିଲିୟନ ଡଲାର ରହିଛି। ଏହି କ୍ଷେତ୍ରର ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ସ୍ଥାପନ ଉପରେ ଶିଳ୍ପର ଦାବି ରହିଛି। ସେହିଭଳି ଅଧିକ ଗବେଷଣା ଏବଂ ଉନ୍ନତୀକରଣ କେନ୍ଦ୍ର ସ୍ଥାପନ, ଫାର୍ମଗୁଡିକ ଲାଗି ଟିକସ ରିହାତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ରୋବଟିକ୍ସର ପ୍ରୋତ୍ସାହନକୁ ଗୁରୁତ୍ୱ ଦେବାକୁ ଶିଳ୍ପ ଆଶାବାଦୀ ରହିଛି।

**ବୟନ:-** ଦେଶର ବୟନ ଶିଳ୍ପରେ ବର୍ତ୍ତମାନ ୪୫ ନିୟୁତ ଲୋକ ପ୍ରତ୍ୟକ୍ଷ ଭାବେ କାମ କରୁଛନ୍ତି। ଏହାର ଆନୁଷଙ୍ଗିକ କ୍ଷେତ୍ରରେ ୬୦ ନିୟୁତ ଲୋକ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି କ୍ଷେତ୍ରରେ ରପ୍ତାନିକୁ ଅଧିକ ପ୍ରତିଦ୍ୱନ୍ଦ୍ୱୀ କରିବାକୁ ଶିଳ୍ପ ପକ୍ଷରୁ ମତ ରହିଛି। ପ୍ରମୁଖ ବଜାରଗୁଡିକରେ ଟିକସ ମୁକ୍ତ ପ୍ରବେଶର ସୁବିଧା ହାସଲ ନେଇ ଏହି ଶିଳ୍ପ ଆଶାବାଦୀ ରହିଛି। ସେହିଭଳି ଏହି କ୍ଷେତ୍ରରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଗୁ କରିଥିବା ଟିକସ କମାଇବାକୁ ଦାବି ହେଉଛି।

**ଜେମସ ଆଣ୍ଡ ଜୁଏଲେରୀ:-** ଦେଶର ମୋଟ ଜିଡିପିକୁ ଏହାର ଯୋଗଦାନ ୭%। ମର୍ଚାଣ୍ଡାଇଜ ରପ୍ତାନିରେ ଏହାର ଅଂଶ ୧୫%। ସୁନା ଆମଦାନୀ ଟିକସ କ୍ଷେତ୍ରରେ ରିହାତି, ଆର୍ଥିକ ସେବାରେ ନୂଆ ଗୋଲ୍ଡ ମନିଟାଇଜେଶନ ଏବଂ ସେଭିଙ୍ଗସ ପ୍ରଡକ୍ଟ ଉପରେ ବିଚାର କରିବାକୁ କୁହାଯାଇଛି।

**କୃଷି କ୍ଷେତ୍ର:-** ୨୦୧୯-୨୦ରେ କୃଷି କ୍ଷେତ୍ରର ବିକାଶ ହାର ୨.୮% ରହିବା ନେଇ ଅନୁମାନ କରାଯାଇଛି। ଏହା ୨୦୧୮-୧୯ରେ ୨.୯% ରହିଥିଲା। ଯୋଗାଣ କ୍ଷେତ୍ରରେ ଆସୁଥିବା ବିଭିନ୍ନ ସମସ୍ୟା ସମାଧାନ, ପୋକମରା ଉପରୁ ଜିଏସ୍‌ଟି ହ୍ରାସ ଭଳି ବିଭିନ୍ନ ଦାବି ଏହି ଶିଳ୍ପ ରଖିଛି।

**ପୁଞ୍ଜି ବଜାର:-** ଯଦି ସବୁକିଛି ଠିକ୍ ଚାଲେ ତେବେ ଦେଶର ପୁଞ୍ଜି ବଜାର ସୂଚକାଙ୍କ ୫୦ ହଜାର ପଏଣ୍ଟ ଛୁଇଁବା ନେଇ ସମ୍ଭାବନା ରହିଛି ବୋଲି କୁହାଯାଉଛି। ଏହି କ୍ଷେତ୍ରରେ ଲାଗୁ ହେଉଥିବା ଲଙ୍ଗ ଟର୍ମ କ୍ୟାପିଟାଲ ଗେନ୍ସର ଉଚ୍ଛେଦ ସହ ଆୟକର ହ୍ରାସ ଉପରେ ଶିଳ୍ପର ଧ୍ୟାନ ରହିଛି।

**ରିୟଲ ଇଷ୍ଟେଟ:-** ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ସରକାର ୨୫ ହଜାର କୋଟି ଟଙ୍କାର ଅଲଟରନେଟିଭ ଇନଭେଷ୍ଟମେଣ୍ଟ ଫଣ୍ଡ ସମ୍ପର୍କରେ ଘୋଷଣା କରିଛନ୍ତି। ବନ୍ଦ ହୋଇ ପଡୁଥିବା ପ୍ରକଳ୍ପଗୁଡିକ ଲାଗି ଏହି ପାଣ୍ଠି କାମରେ ଆସିପାରିବ। ଆୟକର ଆଇନ ଧାରା ୪୩ସିଏ ସଂଶୋଧନ ନେଇ ଶିଳ୍ପ ପକ୍ଷରୁ ଦାବି ରଖାଯାଇଛି। ରେଣ୍ଟାଲ ହାଉସିଂର ଫୋକସ ଏବଂ ୨୦୨୨ ସୁଦ୍ଧା ସମସ୍ତଙ୍କ ଲାଗି ବାସଗୃହ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି।

**ସ୍ୱାସ୍ଥ୍ୟ ସେବା:-** ଆୟୁଷ୍ମାନ ଭାରତ ଲାଗୁ ହେବା ପରେ ଏହା ମଧ୍ୟରେ ୬.୯ ନିୟୁତ ହସ୍ପିଟାଲ କେସ୍ ସାମ୍ନାକୁ ଆସିଛି। ଶିଶୁ ମୃତ୍ୟୁ ରୋକିବା , ସରକାରୀ ଚିକିତ୍ସା ବ୍ୟବସ୍ଥାର ସୁଧାର, ଭିତ୍ତିଭୂମିର ଉନ୍ନତି, ଫାର୍ମା କମ୍ପାନୀଗୁଡିକର ଗବେଷଣା ଏବଂ ଉନ୍ନତୀକରଣ କ୍ଷେତ୍ରରେ ଟିକସ ପ୍ରୋତ୍ସାହନ ଦେବାକୁ କୁହାଯାଇଛି।

# ୪.୭ ଲକ୍ଷ କୋଟି ଟଙ୍କାର କୃଷି ଋଣ ଛାଡ଼

ମୁମ୍ବାଇ,୧୨-୧

- ୧୦ ବର୍ଷ ସମୟ ଅବଧିରେ ହୋଇଛି ଋଣ ଛାଡ଼
- ୨୦୧୮-୧୯ରେ କୃଷି ଋଣ ଏନ୍‌ପିଏ ୧୨% ବଢିଛି
- ୧୦ ବଡ଼ ରାଜ୍ୟ ବୃହତ୍ ଋଣ ଛାଡ଼ କରିଛନ୍ତି

ଗତ ଏକ ଦଶନ୍ଧି ମଧ୍ୟରେ ଦେଶର ବିଭିନ୍ନ ରାଜ୍ୟ ୪.୭ ଲକ୍ଷ କୋଟି ଟଙ୍କାର କୃଷି ଋଣ ଛାଡ଼ କରିଛନ୍ତି। ଏହା ଶିଳ୍ପ ସ୍ତରର ମୋଟ ଅନାଦାୟ ଋଣ(ଏନ୍‌ପିଏ)ର ପ୍ରାୟ ୮୨% ବୋଲି ଏକ ରିପୋର୍ଟରେ କୁହାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ଋଣର ଏନ୍‌ପିଏ ୧୨.୪% ବଢି ୧.୧ ଲକ୍ଷ କୋଟି ଟଙ୍କା ଛୁଇଁଥିବା ନଜରକୁ ଆସିଛି। ସିଷ୍ଟମରେ ଏବେ ୮.୭୯ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ୫.୬୬ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ସିଷ୍ଟମରେ ରହିଥିଲା। ଏଥିରେ କୃଷି ଋଣର ଅଂଶ ୮.୬% ବା ୪୮,୮୦୦ କୋଟି ଟଙ୍କା ରହିଥିଲା ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୮-୧୯ରେ ମୋଟ ଏନ୍‌ପିଏ କ୍ଷେତ୍ରରେ କୃଷି ଋଣର ଅଂଶ ୧୨.୪% ବା ୧.୧ ଲକ୍ଷ କୋଟି ଟଙ୍କା ରହିଛି। ମାତ୍ର ଗତ ଦଶନ୍ଧିରେ ମାଫ ହୋଇଥିବା ମୋଟ କୃଷି ଋଣ ୩.୧୪ ଲକ୍ଷ କୋଟି ଟଙ୍କାକୁ ଯୋଡିଲେ ଏହାର ମୋଟ ପରିମାଣ ୪.୨ ଲକ୍ଷ କୋଟି ଟଙ୍କା ହେବ। ଯଦି ମହାରାଷ୍ଟ୍ରର ୪୫ରୁ ୫୧ ହଜାର କୋଟି ଟଙ୍କାର ଋଣ ଏଥିରେ ଯୋଡି ଦିଆଯାଏ ଏହା ୪.୭ ଲକ୍ଷ କୋଟି ଟଙ୍କା ହେବ। ଆର୍ଥିକ ବର୍ଷ ୨୦୧୪-୧୫ରେ ୧୦ ବଡ ରାଜ୍ୟ ୩,୦୦,୨୪୦ କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି। ମନମୋହନ ସିଂଙ୍କ ଶାସନ ସମୟରେ ୨୦୦୭-୦୮ରେ କରାଯାଇଥିବା ଋଣ ଛାଡ଼କୁ ଏହି ଧାରାରେ ଯୋଡି ଦିଆଯାଏ ତେବେ ଏହା ବୃଦ୍ଧି ଘଟି ୪ ଲକ୍ଷ କୋଟି ହୋଇଯିବ। ୨୦୧୭ ପରେ ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କୃଷି ଋଣ ଛାଡ଼ କରାଯାଇଛି।

୨୦୧୪-୧୫ ଆନ୍ଧ୍ର ପ୍ରଦେଶ ୨୪ ହଜାର କୋଟି ଟଙ୍କାର କୃଷି ଋଣ ଛାଡ଼ କରିଛି। ସେହିଭଳି ତେଲଙ୍ଗାନା ୧୭ ହଜାର କୋଟି ଟଙ୍କାର କୃଷି ଋଣ ଛାଡ଼ ନେଇ ଘୋଷଣା କରିଥିଲା। ୨୦୧୬-୧୭ରେ ତାମିଲନାଡୁ ୫୨୮୦ କୋଟି ଟଙ୍କାର କୃଷି ଋଣ ଛାଡ଼ କରିଛି। ୨୦୧୭-୧୮ରେ ମହାରାଷ୍ଟ୍ର ୩୪,୦୨୦ କୋଟି, ଉତ୍ତର ପ୍ରଦେଶ ୩୬,୩୬୦ କୋଟି, ପଞ୍ଜାବ ୧୦ ହଜାର କୋଟି, କର୍ଣ୍ଣାଟକ ୧୮ ହଜାର କୋଟି ଋଣ ଛାଡ଼ କରିଛି। ଏହାବାଦ ୨୦୧୮-୧୯ରେ କର୍ଣ୍ଣାଟକ ୪୪ ହଜାର କୋଟି, ରାଜସ୍ଥାନ ୧୮ ହଜାର କୋଟି, ମଧ୍ୟ ପ୍ରଦେଶ ୩୬,୫୦୦ କୋଟି, ଛତିଶଗଡ ୬,୧୦୦ କୋଟି ଏବଂ ମହାରାଷ୍ଟ୍ର ପ୍ରାୟ ୫୧ ହଜାର କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି।

# ୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ଲୋଡ଼ା ୯% ବିକାଶ ହାର

ମୁମ୍ବାଇ,୧୨-୧

୨୦୨୪-୨୫ ବେଳକୁ ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ କରିବାକୁ ହେଲେ ବାର୍ଷିକ ୯% ହାରରେ ଜିଡିପି ଅଭିବୃଦ୍ଧି ଲୋଡା । ଏହା ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ । ମାତ୍ର ଧାର୍ଯ୍ୟ ସମୟରେ ଏହା ହାସଲ କରିବା କଳ୍ପନା ବାହାରେ ବୋଲି ଅର୍ଥନୀତିଜ୍ଞ ଆର୍.ନାଗରାଜ ରବିବାର କହିଛନ୍ତି। ମୋଦି ସରକାର ତାଙ୍କ ଦ୍ୱିତୀୟ ପାଳିରେ ଅଗାମି ପାଞ୍ଚ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର ଏହା ପରଠାରୁ ଅର୍ଥ ବ୍ୟବସ୍ଥା ଉପରେ ଅନେକ କଳାବାଦଲ ଛାଇ ରହିଛି। ଯାହା ଏହି ଲକ୍ଷ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ପୂରଣ ହେବ କି ନାହିଁ ସେ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତର ଜିଡିପି ବର୍ତ୍ତମାନ ୨.୮ ଟ୍ରିଲିୟନ ଡଲାର ଭିତ୍ତିକ ହୋଇଛି। ବିକାଶ ହାର କମୁଥିବାରୁ ଏହି ସମୟ ମଧ୍ୟରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ହେବା ନେଇ ପ୍ରଶ୍ନ ଉପୁଜୁଥିବା ଇନ୍ଦିରାଗାନ୍ଧି ଇନଷ୍ଟିଚ୍ୟୁଟ ଅଫ୍ ଡେଭଲପମେଣ୍ଟ ରିସର୍ଚ୍ଚ(ଆଇଜିଆଇଡିଆର)ର ଅର୍ଥନୀତି ପ୍ରଫେସର ଥିବା ନାଗରାଜ ମତ ରଖିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୧୧ ବର୍ଷର ସର୍ବନିମ୍ନ ସ୍ତରକୁ ଖସିବ ବୋଲି ସରକାର ଆକଳନ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରରେ ଜିଡିପି ବିକାଶ ହାର ୪.୫% ରହିଛି। ସେହିଭଳି ବାଣିଜ୍ୟ ଧାରା ଶୀଘ୍ର ପରିବର୍ତ୍ତନ ନେଇ କୌଣସି ସମ୍ଭାବନା ଦେଖା ଯାଉ ନ ଥିବା ସେ କହିଛନ୍ତି। ୨୦୧୦ ପରଠାରୁ ଜିଡିପି ଏବଂ ରପ୍ତାନି ଅନୁପାତରେ ହ୍ରାସ ହେଉଛି। ଏଣୁ ବାଣିଜ୍ୟ ଏବଂ ରପ୍ତାନି ଧାରାରେ ଉନ୍ନତି ହେଉନଥିବା ଏଥିରୁ ସ୍ପଷ୍ଟ ହେଉଛି। ଆର୍ଥିକ ମାନ୍ଦାବସ୍ଥା ବିରୋଧରେ ଆର୍ଥିକ ପ୍ୟାକେଜ ଦ୍ୱାରା ଲଢାଯାଇ ପାରିବା ନେଇ ଏକ ପ୍ରଶ୍ନର ଉତ୍ତରରେ ନାଗରାଜ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ସୁଧହାର ଲଗାତାର ହ୍ରାସ ହୋଇଥିଲେ ମଧ୍ୟ ଏହାର ଫାଇଦା ମିଳୁନାହିଁ।

# ୭୦ ବିଲିୟନ ଡଲାର ନିବେଶ କରିବ ଇସ୍ପାତ ମନ୍ତ୍ରଣାଳୟ

କଲିକତା,୧୨-୧

ଦେଶର ଇସ୍ପାତ କ୍ଷେତ୍ର କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ୭୦ ବିଲିୟନ ଡଲାର ନିବେଶ କରିବ। ଏହି ନିବେଶ ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ହେବ। ଏ ନେଇ ମନ୍ତ୍ରଣାଳୟ ବିଚାର କରୁଥିବା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କହିଛନ୍ତି। କଲିକତାଠାରେ ପୂର୍ବୋଦୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପ୍ରଧାନ କହିଛନ୍ତି ଯେ, ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା ଆଡକୁ ଭାରତକୁ ଅଗ୍ରସର କରାଇବ। ପୂର୍ବ ଭାରତ ରାଜ୍ୟଗୁଡିକରେ ବିପୁଳ ସମ୍ଭାବନା ରହିଛି। ଏହି ରାଜ୍ୟଗୁଡିକରେ ବିପୁଳ ପରିମାଣର ପ୍ରାକୃତିକ ସମ୍ବଳ ଥିବା ସତ୍ତ୍ୱେ ଆର୍ଥିକ ବିକାଶ କ୍ଷେତ୍ରରେ ବହୁ ପଛରେ ରହିଛି। ତେଣୁ ସମନ୍ୱିତ ଇସ୍ପାତ ହବ ଜରିଆରେ ଇସ୍ପାତ କ୍ଷେତ୍ରରେ ଦ୍ରୁତ ବିକାଶ ଦ୍ୱାରା ପୂର୍ବୋଦୟ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ପ୍ରଧାନ ମତ ରଖିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

FINANCE FINANCE

BUSINESS BUSINESS

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

FINANCE
ବାଳାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

❝ ରୋହିତ ଶର୍ମା ଓ ଡେଭିଡ ୱାର୍ନର ମାନସିକ ଓ ଶାରୀରିକ ଭାବେ ଫିଟ୍। ଉଭୟଙ୍କର ରନ୍ ସଂଗ୍ରହ କ୍ଷୁଧା ଆଗାମୀ ସିରିଜକୁ ରୋମାଞ୍ଚକର କରିବ।
–ଡିନ୍ ଜୋନ୍ସ, ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ



❝ ସାମ୍ପ୍ରତିକ ସ୍ଥିତିରେ ରୋହିତ ଶର୍ମା, ଲୋକେଶ ରାହୁଲ ଓ ଶିଖର ଧାୱନଙ୍କ ମଧ୍ୟରୁ ଓପନିଂ ଯୋଡ଼ି ବାଛିବା କ୍ଷେତ୍ରରେ ଚୟନକର୍ତ୍ତା ଦ୍ୱନ୍ଦ୍ୱରେ ରହିବେ।
–ବିକ୍ରମ ରାଠୋର, ଟିମ୍ ଇଣ୍ଡିଆ ବ୍ୟାଟିଂ କୋଚ୍



## ସଂକ୍ଷେପରେ

### ଭୁବନେଶ୍ୱର ଓପନ ଚେସ୍: ରାଜେନ୍ଦ୍ର ଚାମ୍ପିୟନ

ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି)- ୟୁନିଟ-୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଆୟୋଜିତ ୩୩ତମ ଭୁବନେଶ୍ୱର ଓପନ ଚେସ୍‌ରେ ରାଜେନ୍ଦ୍ର ସାହୁ ଚାମ୍ପିୟନ ହୋଇଛନ୍ତି। ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାଜେନ୍ଦ୍ର ୮ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ହର୍ଷିତ ସାହୁ ଓ ନଟବର ଦାସ ୭.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ପରିଡ଼ା, ତନ୍ମୟ ତ୍ରିପାଠୀ, ସୌମ୍ୟରଞ୍ଜନ ମିଶ୍ର, ଆଦିତ୍ୟ ରଞ୍ଜନ ଦାସ, ଦୀପ୍ତି ରଞ୍ଜନ ଦାସ, ସର୍ବେଶ୍ୱର ସାହୁ ଓ ରବୀନ୍ଦ୍ର କୁମାର ଓଝା ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ୨୫ ପ୍ରତିଯୋଗୀଙ୍କୁ ମୁଖ୍ୟ ପୁରସ୍କାର ସହ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସଞ୍ଜୟ ପଟ୍ଟନାୟକ ଓ ନବନୀତା ପଟ୍ଟନାୟକ ଯଥାକ୍ରମେ ଶ୍ରେଷ୍ଠ ଭେଟେରାନ ଓ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଭୁବନେଶ୍ୱର ଚେସ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସ୍ମୃତିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କମିଶନରେଟ ପୋଲିସ ଜୋନ-୧ ଏସିପି ମାନସ ରଞ୍ଜନ ଗଡ଼ନାଏକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ପକ୍ଷରୁ ସୀତେନ୍ଦୁ ରାଜଗୁରୁ, ବଂଶୀଧର ଭୋଇ ଦେବାଶିଷ ପାଣିଗ୍ରାହୀ ପ୍ରଭାତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଡିଆ-ଏ ଦଳରୁ ପାଣ୍ଡ୍ୟା ବାଦ୍

ନୂଆଦିଲ୍ଲୀ, ୧୨।୧: ଷ୍ଟାର୍ ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ପୁଣିଥରେ ବିଳମ୍ବ ହୋଇଛି। ପିଠି ଯନ୍ତ୍ରଣାଜନିତ ସମସ୍ୟାରୁ ସୁସ୍ଥ ହେବାପରେ ପାଣ୍ଡ୍ୟାଙ୍କୁ ଆଗାମୀ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଭାରତ-ଏ ଦଳରେ ସାମିଲ କରାଯାଇଥିଲା। ବରୋଦା ପକ୍ଷରୁ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଖେଳି ନ ଥିଲେ ମଧ୍ୟ ଚୟନକର୍ତ୍ତାମାନେ ତାଙ୍କୁ ଭାରତ-ଏ ଦଳରେ ସ୍ଥାନ ଦେଇଥିଲେ। କିନ୍ତୁ ପାଣ୍ଡ୍ୟା ବାଧ୍ୟତାମୂଳକ ଫିଟ୍‌ନେସ ପରୀକ୍ଷାରେ ବିଫଳ ହେବାରୁ ତାଙ୍କୁ ଏହି ଗସ୍ତରୁ ବାଦ୍ ଦିଆଯାଇଛି। ଅନ୍ତର୍ଜାତୀୟ ଖେଳାଳିଙ୍କ ପାଇଁ ରହିଥିବା ଫିଟ୍‌ନେସସ୍ତରଠାରୁ ୨୬ ବର୍ଷୀୟ ପାଣ୍ଡ୍ୟାଙ୍କ ଆହୁରି କମ୍ ରହିଛି। ଯେଉଁ କାରଣରୁ ତାଙ୍କୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ-ଏ ଦଳରୁ ବାଦ୍ ଦିଆଯିବା ନିଷ୍ପତ୍ତି ହୋଇଛି।

# ହରମନପ୍ରୀତଙ୍କୁ ନେତୃତ୍ୱ, ରିଚା ନୂଆ ମୁହଁ

## ଟି୨୦ ମହିଳା ବିଶ୍ୱକପ୍

ମୁମ୍ବାଇ,୧୨।୧(ପି.ଟି.)

ଆସନ୍ତା ଫେବୃୟାରୀ ୨୧ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍ ପାଇଁ ରବିବାର ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ କୌରଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ମୁଖ୍ୟ ଚୟନକର୍ତ୍ତା ହେମଲାତା କାଲାଙ୍କ ଅଧ୍ୟକ୍ଷତାରେ ଚୟନକମିଟି ଦଳ ଘୋଷଣା କରିଛି।

ବେଙ୍ଗଲ ବ୍ୟାଟ୍ସଓମ୍ୟାନ ରିଚା ଘୋଷ ଏକମାତ୍ର ନୂଆ ମୁହଁ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଦଳରେ ଚୟନକର୍ତ୍ତାମାନେ ଆଉ କୌଣସି ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇନାହାନ୍ତି। ୧୫ ବର୍ଷୀୟା ହରିୟାଣା ସ୍କୁଲ୍ ଛାତ୍ରୀ ଶେଫାଲୀ ବର୍ମାଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଶେଫାଲି ପ୍ରଥମଥର ପାଇଁ ଏହି ଗ୍ଲୋବାଲ ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ପାଇବେ। ଅନ୍ତର୍ଜାତୀୟସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ଶେଫାଳୀ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଛନ୍ତି। କଟକରେ ଖେଳାଯାଇଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ରିଚା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଟ୍ରଫିର ଗୋଟିଏ ମ୍ୟାଚ୍‌ରେ ସେ ୪ ଚୌକା ଓ ୧ ଛକା ସହ ୨୬ ବଲରୁ ୩୬ ରନ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶ୍ୱକପ୍‌ପୂର୍ବରୁ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ମଧ୍ୟ ଏକ ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ନୁଝତ ପରବୀନଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୩୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଆୟୋଜକ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ ଓ ଭାରତ ଏଥିରେ ଅଂଶଗ୍ରହଣ କରିବେ।



ହରମନପ୍ରୀତ କୌର

**ଟି୨୦ ବିଶ୍ୱକପ୍ ଦଳ**
ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ଜେମିମା ରୋଡ୍ରିଗୁଏଜ, ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ବେଦା କ୍ରିଷ୍ଣମୂର୍ତ୍ତି, ରିଚା ଘୋଷ, ତାନିଆ ଭାଟିଆ, ପୁନମ ଯାଦବ, ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଶିଖା ପାଣ୍ଡେ, ପୂଜା ବସ୍ତ୍ରକାର ଓ ଅରୁନ୍ଧତୀ ରେଡ୍ଡୀ।

**ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଦଳ**
ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ଜେମିମା ରୋଡ୍ରିଗୁଏଜ, ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ବେଦା କ୍ରିଷ୍ଣମୂର୍ତ୍ତି, ରିଚା ଘୋଷ, ତାନିଆ ଭାଟିଆ, ପୁନମ ଯାଦବ, ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଶିଖା ପାଣ୍ଡେ, ପୂଜା ବସ୍ତ୍ରକାର, ଅରୁନ୍ଧତି ରେଡ୍ଡୀ ଓ ନୁଝତ ପରବୀନ।

# ରୋମାଞ୍ଚକ ସ୍ଥିତିରେ ଓଡ଼ିଶା-ହରିୟାଣା ମ୍ୟାଚ୍

## ରଣଜୀ ଟ୍ରଫି

କଟକ ଅଫିସ,୧୨।୧

ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ହରିୟାଣା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଦ୍ୱିତୀୟ ଦିବସରେ ଘରୋଇ ହରିୟାଣା ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଭ୍ରମଣକାରୀ ଓଡ଼ିଶାକୁ ପ୍ରଥମ ଇନିଂସରେ ୧୬୦ରନରେ ସୀମିତ ରଖିବା ପରେ ହରିୟାଣା ଦ୍ୱିତୀୟ ଇନିଂସ ଆରମ୍ଭ କରି ୫ ଉଇକେଟ ବିନିମୟରେ ୨୧୮ରନ କରିଛି। ଫଳରେ ପ୍ରଥମ ଇନିଂସରେ ମାତ୍ର ୯୦ରନରେ ଅଲଆଉଟ ହୋଇଥିବା ହରିୟାଣା ମୋଟ୍ ୧୪୮ରନର ଅଗ୍ରଣୀ ନେଇଛି। ହାତରେ ୫ ଉଇକେଟ ବାକି ରହିଛି। ତେବେ ଅବଶିଷ୍ଟ ୫ ଉଇକେଟ ଅଳ୍ପ ରନ ବ୍ୟବଧାନରେ ଦଖଲ କରି ଓଡ଼ିଶା ଟୁର୍ଣ୍ଣାମେଣ୍ଟରେ ୪ର୍ଥ ବିଜୟ ଲକ୍ଷ୍ୟରେ ରହିଛି।

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୫ ଉଇକେଟ ହରାଇ ୧୪୧ରନ କରିଥିଲା। ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ହେବା ପରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ୫ମ ଓ ୬ଷ୍ଠ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ସୃଷ୍ଟି କରି ଦଳକୁ ଅଗ୍ରଣୀ କରାଇଥିଲେ। ବିପ୍ଳବ ୪୫ରନରେ ଓ ଉଇକେଟ କିପର ସୁଜିତ ଲେଙ୍କା ୨୧ରନରେ ଅପରାଜିତ ଥିଲେ। ଦ୍ୱିତୀୟ ଦିବସର ପ୍ରଥମ ସେସନ୍‌ରେ ଅପ୍ରତ୍ୟାଶିତଭାବେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳୀୟ ସ୍କୋରରେ ମାତ୍ର ୧୯ରନ ଯୋଡ଼ି ଦଳ ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ସୁଜିତ ୨୬ରନରେ ଆଉଟ ହୋଇଥିଲେ। ବାମହାତୀ ଅର୍ଥୋଡକ୍ସ ଟିନୁ କୁଣ୍ଡୁ ହରିୟାଣାକୁ ଏହି ବ୍ରେକଥ୍ରୁ ଦେଇଥିଲେ। ପରେ ସୂର୍ଯ୍ୟକାନ୍ତ ପ୍ରଧାନ ୦, ରାଜେଶ ମହାନ୍ତି ୬ ଓ ବସନ୍ତ ମହାନ୍ତି ୦ରେ ଟିନୁଙ୍କ ଶିକାର ହୋଇଥିଲେ। ୧୧୬ବଲରୁ ୫୨ରନ କରିଥିବା ବିପ୍ଳବଙ୍କୁ ହରିୟାଣା ଅଧିନାୟକ ହର୍ଷଲ ପଟେଲ ଏଲବିଡବ୍ଲ୍ୟୁ କରି ଓଡ଼ିଶା ଇନିଂସର ସମାପ୍ତି ଘଟାଇଥିଲେ। ଟିନୁ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିବା ବେଳେ ହର୍ଷଲ ୩ଟି, ଆଶିଷ ହୁଡା ଓ ଅଜିତ ଚହଲଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ପ୍ରଥମ ଇନିଂସରେ ଓଡ଼ିଶା ମୋଟ୍ ୭୦ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ହରିୟାଣା ଦଳ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ବିନା ଉଇକେଟରେ ୬୫ରନ ସଂଗ୍ରହ କରିଥିଲା। ଓପନର ଶୁଭମ ରୋହିଲା ଓ ଅଙ୍କିତ କୁମାର ୨୮ରନ ଲେଖାଏ କରିଥିଲେ। ଏହି ଦୁଇ ଖେଳାଳି ଓପନିଂ ଭାଗୀଦାରିରେ ୧୦୧ରନ ଯୋଡ଼ିବା ଫଳରେ ଓଡ଼ିଶା ଉପରେ ଚାପ ପଡ଼ିଥିଲା। ଅଙ୍କିତ କୁମାରଙ୍କୁ ୪୬ରନରେ ରାଜେଶ ଧୂପର ରନଆଉଟ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ପରେ ଶୁଭମ ୪୮ରନରେ ଓ ଉଇକେଟ କିପର ନିତିନ ସଇନି ୬ରନରେ ରାଜେଶ ମହାନ୍ତିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମଧ୍ୟକ୍ରମର ଖେଳାଳି ଶିବମ ଚୌହାନ ୧୩, ହିମାଂଶୁ ରାଣା ୪୦ରନରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ପ୍ରମୋଦ ଚଣ୍ଡିଲା ୨୪ ଓ ଅଧିନାୟକ ହର୍ଷଲ ୨୫ରନରେ ଅପରାଜିତ ଅଛନ୍ତି।

# ବୁମ୍‌ରା ପାଇଲେ ପଲି ଉମ୍ରିଗର ପୁରସ୍କାର

ମୁମ୍ବାଇ,୧୨।୧(ପି.ଟି.)

ଭାରତୀୟ ତରାକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପାଇଲେ ସମ୍ମାନଜନକ ପଲି ଉମ୍ରିଗର ପୁରସ୍କାର। ୨୦୧୯-୨୦ ସିଜନରେ ଅନ୍ତର୍ଜାତୀୟ କ୍ରିକେଟରେ ଅସାଧାରଣ ପ୍ରଦର୍ଶନ ପାଇଁ ଏଥର ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଗଲା ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ରବିବାର ତାଙ୍କୁ ବିସିସିଆଇ ବାର୍ଷିକ ପୁରସ୍କାର ଉତ୍ସବରେ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ବୁମ୍‌ରା ୨୦୧୮ ଜାନୁୟାରୀରେ ଦକ୍ଷିଣ ଅଫ୍ରିକା ଗସ୍ତରେ ଟେଷ୍ଟ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜରେ ସେ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ସେ ଏସିଆର ପ୍ରଥମ ତଥା ଏକମାତ୍ର ବୋଲର ଭାବେ ଏହି ସଫଳତା ପାଇଛନ୍ତି। ପୁରୁଷ କ୍ରିକେଟ ଭାବେ ବୁମ୍‌ରା ଏହି ସମ୍ମାନ ହାସଲ କରିଛନ୍ତି। ପୁନମ୍ ଯାଦବ ମହିଳା ବିଭାଗରେ ଏହି ପୁରସ୍କାର ପାଇଛନ୍ତି। ପୁନମ୍‌ଙ୍କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ଲେଗ୍ ସ୍ପିନର ପୁନମ ଅର୍ଜୁନ ପୁରସ୍କାର ହାସଲ କରିଛନ୍ତି। ସେହିପରି ପୂର୍ବତନ ଅଧିନାୟକ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଓ ଅଞ୍ଜୁମ ଚୋପ୍ରାଙ୍କୁ ଯଥାକ୍ରମେ ସିକେ ନାୟୁଡୁ ଲାଇଫଟାଇମ୍ ଆଚିଭମେଣ୍ଟ ଓ ବିସିସିଆଇ ଲାଇଫଟାଇମ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି । ଏଥର ୪ଟି ନୂଆ ପୁରସ୍କାରକୁ ଏଥିରେ ସାମିଲ କରାଯାଇଛି। ଦିନିକିଆରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ଓ ସର୍ବାଧିକ ଉଇକେଟ ହାସଲକାରି ବୋଲରଙ୍କୁ ପୁରସ୍କୃତ କରାଯାଇଛି। ଏଥି ସହିତ ପୁରୁଷ ମହିଳା ବିଭାଗରେ ଶ୍ରେଷ୍ଠ ଅନ୍ତର୍ଜାତୀୟ ପଦାର୍ପଣ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।



# ସିଏସି ସଦସ୍ୟ ହେବେ ମଦନ ଲାଲ, ଗମ୍ଭୀର

ନୂଆଦିଲ୍ଲୀ, ୧୨।୧ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଶ୍ୱକପ୍ ବିଜୟୀ ପୂର୍ବତନ ଭାରତୀୟ ଖେଳାଳି ମଦନ ଲାଲ ଏବଂ ଗୌତମ ଗମ୍ଭୀରଙ୍କୁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଭାବେ ନିଯୁକ୍ତି ଦେବା ସମ୍ଭାବନା ରହିଛି। ନାମକୁ ଗୋପନ ରଖିବା ସର୍ତ୍ତ ରଖି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ଏ ବିଷୟରେ ସୂଚନା ଦେଇଛନ୍ତି। ସିଏସି ୨୦୨୦ରୁ ଆସନ୍ତା ୪ ବର୍ଷ ପାଇଁ ବିଭିନ୍ନ ସିଲେକ୍ସନ କମିଟି ମନୋନୟନ କରିବ। ମୁମ୍ବାଇର ମହିଳା ଅନ୍ତର୍ଜାତୀୟ ଖେଳାଳି ସୁଲକ୍ଷଣା ନାଏକ ପ୍ୟାନେଲର ତୃତୀୟ ସଦସ୍ୟ ହେବା ସମ୍ଭାବନା ରହିଛି। ସୁଲକ୍ଷଣା ଦେଶ ପାଇଁ ଦୁଇଟି ଟେଷ୍ଟ ଏବଂ ୪୬ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ୩ ବିଶ୍ୱକପ୍ ବିଜୟୀ ଭାରତ ଦଳର ହିରୋ ମଦନ ଲାଲ ସବୁଠାରୁ ବରିଷ୍ଠ ସଦସ୍ୟ ହୋଇଥିବାରୁ ସେ କମିଟିର ମୁଖ୍ୟ ହେବାକୁ ଥିବାବେଳେ ୨୦୧୧ ବିଶ୍ୱକପ୍ ହିରୋ ଗୌତମ ଗମ୍ଭୀର ଏବଂ ତୃତୀୟ ସଦସ୍ୟ ତାଙ୍କୁ ସହାୟତା କରିବେ। ମଦନ ଲାଲ ୧୯୭୪ରୁ ୧୯୮୭ ମଧ୍ୟରେ ଭାରତ ତରଫରୁ ୩୯ ଟେଷ୍ଟ ଏବଂ ୬୭ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୮୩ ବିଶ୍ୱକପ୍ ହେଉଛି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଘଟଣାବଳୀ। ବର୍ତ୍ତମାନ ସେ ଏକ ଟିଭି ଚ୍ୟାନେଲର କ୍ରିକେଟ ବିଶେଷଜ୍ଞ ଅଛନ୍ତି। ନୂଆ ନିଯୁକ୍ତି ପାଇଲେ ସେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସରକୁ ଆସିବେ ବୋଲି ତାଙ୍କୁ ପ୍ରଶ୍ନ କରାଯିବାରେ ନିଯୁକ୍ତି ପତ୍ର ପାଇବା ପରେ ସେ ଯାହା ମନ୍ତବ୍ୟ ଦେବେ। କିନ୍ତୁ ଖବର ଅନୁସାରେ ବିସିସିଆଇ ତରଫରୁ ତାଙ୍କୁ ମିଳିଥିବା ଅଫରକୁ ସେ ଗ୍ରହଣ କରିଛନ୍ତି।





ରାଜ୍ୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଓଡ଼ିଶା ପାଇଁ ମନୋନୀତ ଖୋର୍ଦ୍ଧା ଦଳ ।

# ଖୋର୍ଦ୍ଧା ସୁନ୍ଦର ସ୍ୱାସ୍ଥ୍ୟ ଦଳ ଘୋଷିତ

ଭୁବନେଶ୍ୱର,୧୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ଫେବୃୟାରୀ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ୧୭ତମ ରାଜ୍ୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଓଡ଼ିଶା। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ଆମେଚର ବଡିବିଲ୍‌ଡର୍ସ ଆସୋସିଏଶନ ପକ୍ଷରୁ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସଂଘର ନିୟମାନୁଯାୟୀ, ବିଭିନ୍ନ ଓଜନ ବର୍ଗରେ ହୋଇଥିବା ପ୍ରତିଯୋଗିତାରେ ସୌର ଅମ୍ଳାନ ଜ୍ୟୋତି ମହାନ୍ତି, ଜିତୁନ ମହାପାତ୍ର, ସଞ୍ଜୀପ ରାଉତ, ସାନୁ ପଟ୍ଟନାୟକ, ସମ୍ବିତ ନନ୍ଦ, ଜିତୁନ କୁମାର ଦାସ, ସୁରଜ କୁମାର ବେହେରା, ବାଦଲ ବେହେରା, ଦୀପକ କୁମାର ଦାସ, ପ୍ରକାଶ ପ୍ରଧାନଙ୍କୁ ଚୟନ କରାଯାଇଥିବା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରକାଶ କରିଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ, ଉପସଭାପତି ବିଜୟ କୁମାର ଦାସ, ବିନୋଦ ମହାରଣା, ଭବାନୀ ଶଙ୍କର ସାହୁ, ହେମନ୍ତ ପଣ୍ଡା, ଜିତେନ୍ଦ୍ର କୁମାର ଜେନା, ଭୁବନେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି କବିରାଜ ସ୍ୱାଇଁ ସହଯୋଗ କରିଥିଲେ।

### ମୁକ୍ତି ଓଡ଼ିଶା ଖେଲୋ ଇଣ୍ଡିଆ ପ୍ରତିନିଧି ଦଳର ମୁଖ୍ୟ ଫିଜିଓ



ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି)- ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ପ୍ରତିନିଧି ଦଳର ମୁଖ୍ୟ ଫିଜିଓ ଭାବେ ନିଯୁକ୍ତ ହୋଇଛନ୍ତି ଗ୍ଲୋବାଲ ଫିଜିଓ ସେଲ୍‌ର ମୁଖ୍ୟ ମୁକ୍ତି ପ୍ରସାଦ ଦାଶ। ଏଥିପାଇଁ ରବିବାର ଗୁଆହାଟୀ ଯାତ୍ରା କରିଥିବା ମୁକ୍ତି ସେଠାରେ ୨୩ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବେ। ଇତିମଧ୍ୟରେ ମୁକ୍ତି ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କୋର୍ସ ସମ୍ପୂର୍ଣ୍ଣ କରି ପ୍ରମାଣପତ୍ର ହାସଲ କରିଛନ୍ତି। ଏକ୍ସୟୁବିର ରେଜିଷ୍ଟ୍ରାର ପ୍ରଫେସର ଇ.ଏ. ଅଗଷ୍ଟିନ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

# ସେରେନାଙ୍କୁ ଟାଇଟଲ

ଅକଲାଣ୍ଡ,୧୨।୧(ଏଏଫ୍‌ପି)

ଆମେରିକୀୟ ଅଭିଜ୍ଞ ମହିଳା ଟେନିସ ତାରକା ସେରେନା ୱିଲିୟମ୍ସ ଦୀର୍ଘ ୩ ବର୍ଷ ପରେ କୌଣସି ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ୍ ଟୁର୍ଣ୍ଣାମେଣ୍ଟରେ ସେ ରବିବାର ଫାଇନାଲ ମ୍ୟାଚ୍‌ରେ ନିଜ ଦେଶର ଜେସିକା ପେଗୁଲାଙ୍କୁ ୬-୩, ୬-୪ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ବିଜୟ ହାସଲ କରିବା ପରେ ସେ ତାଙ୍କ ପୁରସ୍କାର ରାଶି (୪୩ ହଜାର ଆମେରିକୀୟ ଡଲାର)କୁ ଅଷ୍ଟ୍ରେଲିଆର ଜଙ୍ଗଲ୍‌ରେ ନିଆଁ ଲାଗିବା କାରଣରୁ କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଦାନ କରିଥିଲେ। ଏଥିସହି ମା' ହେବା ପରେ ସେରେନା ପ୍ରଥମ ଟାଇଟଲ ଜିତିଛନ୍ତି।

ଆଉ କିଛି ଦିନ ପରେ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍ ଟାଇଟଲରେ ସଫଳ ହେଲେ ସେରେନା କିମ୍ବଦନ୍ତୀ ଖେଳାଳି ମାର୍ଗାରେଟ କୋର୍ଟଙ୍କ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହେବେ। ଶେଷଥର ପାଇଁ ସେ ୨୦୧୭ରେ ମେଲବୋର୍ନରେ ଟାଇଟଲ ଜିତିଥିଲେ।



ଝିଅ ଅଲିମ୍ପିଆଙ୍କ ସହ ସେରେନା

# ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

ଭଣ୍ଡାରିପୋଖରୀ, ୧୨।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ତ୍ରୟୋଦଶତମ ବାର୍ଷିକ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ସୋଲାର କ୍ଲବକୁ ହରାଇ କଟକ ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସୋଲାର କ୍ଲବ ଟସ୍ ଜିତି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ ନାୟକ ୩୯ ବଲରେ ୩ ଛକା ଓ ୨ ଚଉକାରେ ୩୭ ରନ୍, ଶ୍ରୀନିବାସ ମହାରଣା ୧୮ ବଲରେ ଗୋଟିଏ ଛକା ଓ ଗୋଟିଏ ଚଉକାରେ ୨୦ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ରାକେଶ ସାହୁ ୫ ଓଭର ୨୧ ରନ୍ ଦେଇ ଗୋଟିଏ ଉଇକେଟ, ଆଶିଷ ରାୟ ୫ଓଭର ୭ ରନ୍ ଦେଇ ଗୋଟିଏ ଉଇକେଟ୍, ତପନେନ୍ଦ୍ର ସିଂ ୫ ଓଭର ୧୭ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୬.୫ ଓଭରରେ ୪ ଉଇକେଟ ହରାଇ ୧୦୪ ରନ୍ କରି ମ୍ୟାଚ୍ ଜିତିଥିଲା। ଦଳ ପକ୍ଷରୁ ଦୀପକ ଟୁଡୁ ୪୪ ବଲରେ ୩ ଛକା ଓ ୨ ଚଉକାରେ ୩୩ ରନ୍, ସତ୍ୟ ସଞ୍ଜୟ ୧୦ ବଲରେ ୨ ଛକା ବଲରେ ୧୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରଘୁନାଥ ସାହୁ ୫ ଓଭରରେ ୧୭ ରନ୍ ଦେଇଥିଲେ। ରାଜେଶ ଦାସ ୫ ଓଭରରେ ୩୭ ରନ୍ ଦେଇ ୨ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ୟୁନିୟନ ସ୍ପୋର୍ଟିଂର ଦୀପକ ଟୁଡୁଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଖଗେଶ୍ୱର ମଲିକ, ଶରତ କୁମାର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ ଓ ରଘୁନାଥ ମାଝି ସ୍କୋରର ଥିଲେ। ବିଷ୍ଣୁ ବୋଇତାଇ, ପ୍ରଦୀପ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ବିଷ୍ଣୁ ବୋଇତାଇଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଗୋପୀନାଥ ନାୟକ, ସଭାପତି ବିଶ୍ୱନାଥ ମାଝୀ ଓ ଡ. ଆଶୁତୋଷ ବଳ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ଏବଂ ରନର୍ସଅପ୍ ଟିମ୍‌କୁ ନଗଦ ଅର୍ଥ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ଅବସରରେ ଗ୍ରାମର ବନ୍ଦିପ୍‌ସା ବୋଇତାଇ କିକ୍ ବକ୍ସିଂ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ସିଲ୍‌ଭର ମେଡାଲ ପାଇଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେଶ ଚନ୍ଦ୍ର ସାହୁ, ସୁଶାନ୍ତ ନାୟକ, ନୀଳମଣି ବୋଇତାଇ, ଶ୍ରୀଜୟ ମହାପାତ୍ର, ଗୋପବନ୍ଧୁ ମାଝୀ, ସୁବ୍ରତ ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ହୋଇଥିଲା।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

“କ୍ରିକେଟରେ ଟେଷ୍ଟ ଫର୍ମାଟ ସବୁଠାରୁ ସ୍ୱତନ୍ତ୍ର। ଏହି ଫର୍ମାଟ ତା’ର ସ୍ଥିତି ବଜାୟ ରଖିବାରେ ସଫଳ ହେବା ଟେଷ୍ଟ ଖେଳିବାରେ ପ୍ରକୃତ ଚ୍ୟାଲେଞ୍ଜ୍ ଥାଏ। –ଚେତେଶ୍ୱର ପୂଜାରା, ଭାରତୀୟ କ୍ରିକେଟର



“ଜଣେ ଖେଳାଳି ଓ ଅଧିନାୟକଭାବେ କଠିନ ପରିସ୍ଥିତିରେ ମାନସିକ ଦୃଢ଼ତା ପାଇଁ ଅଷ୍ଟ୍ରେଲିଆର କ୍ରିକେଟ କିମ୍ବଦନ୍ତୀ ଷ୍ଟିଭ ୱ ସମ୍ମାନର ହକ୍‌ଦାର। –ଅଜିଙ୍କ୍ୟ ରାହାନେ, ଭାରତୀୟ ଟେଷ୍ଟ ଉପଅଧିନାୟକ



## ସଂକ୍ଷେପରେ

### ଋତୁପର୍ଣ୍ଣା ଚାମ୍ପିୟନ




ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି): ବେଙ୍ଗାଲୁରୁଠାରେ ରବିବାର ଉଦ୍‌ଯାପିତ ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ସଫଳ ହୋଇଛନ୍ତି। କେ. ମନୀଷାଙ୍କୁ ଓ ଋତୁପର୍ଣ୍ଣା ଯୋଡ଼ି ଏଥିରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଋତୁପର୍ଣ୍ଣା-ମନୀଷା ୨୧-୧୯, ୨୧-୭ ପଏଣ୍ଟରେ ଶିଖା ଗୌତମ ଓ ଅଶ୍ୱିନ ଭଟ କେ. ଯୋଡ଼ିଙ୍କୁ ମାତ୍ର ୪୦ ମିନିଟ ସମୟ ନେଇ ପରାସ୍ତ କରିଛନ୍ତି। ପ୍ରତିଯୋଗିତାରେ ମିଥୁନ ଏମ. ପୁରୁଷ ଓ ଆକର୍ଷି କଶ୍ୟପ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ।

### ଅଧିନାୟକ ପଦ ଛାଡ଼ିବାକୁ ମାଲିଙ୍ଗା ପ୍ରସ୍ତୁତ

କଲମ୍ବୋ, ୧୨।୧: ନିକଟରେ ଶେଷ ହୋଇଥିବା ଭାରତ ବିପକ୍ଷ ଟି୨୦ ସିରିଜକୁ ୦-୨ରେ ହାରିବା ପରେ ଶ୍ରୀଲଙ୍କା ଅଧିନାୟକ ପଦ ଛାଡ଼ିବାକୁ ଲସିଥ୍ ମାଲିଙ୍ଗା ପ୍ରସ୍ତୁତ ଥିବା କହିଛନ୍ତି। ‘ଟି୨୦ କ୍ରିକେଟ୍‌ରେ ପ୍ରଭାବ ପକାଇବା ଲାଗି ଶ୍ରୀଲଙ୍କା ଦଳ ପାଖରେ ପର୍ଯ୍ୟାପ୍ତ ଦକ୍ଷତା ନାହିଁ। ଶ୍ରୀଲଙ୍କା ବୋଲରମାନେ ପ୍ରତିପକ୍ଷକୁ ଅଟକାଇବା ଲାଗି ସକ୍ଷମ ନୁହେଁ ଏବଂ ମ୍ୟାଚ୍‌ରେ ଲଢ଼ିବା ଲାଗି ଆବଶ୍ୟକ ୧୭୦ ରନ କରିବାକୁ ଏହାର ବ୍ୟାଟ୍ସମ୍ୟାନ ଅସମର୍ଥ’ ବୋଲି ଭାରତ ଗସ୍ତରୁ ପ୍ରତ୍ୟାବର୍ତ୍ତନ ପରେ ଖବରଦାତା ସମ୍ମିଳନୀରେ ମାଲିଙ୍ଗା ଏହା କହିଛନ୍ତି। ଏହି ଅବସରରେ ସେ ଆହୁରି ମଧ କହିଛନ୍ତି, ଦଳର ଏହି ପ୍ରଦର୍ଶନ ଲାଗି ସେ ଦାୟୀ। ଏଥିସହ ଅଧିନାୟକ ପଦ ଛାଡ଼ିବାକୁ ପ୍ରସ୍ତୁତ ରହିଛି। ୨୦୧୪ ବିଶ୍ୱକପ୍‌ରେ ମାଲିଙ୍ଗା ଶ୍ରୀଲଙ୍କା ଦଳର ନେତୃତ୍ୱ ନେଇ ୨୦୧୬ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଥିଲେ।

# ଓଡ଼ିଶା ପାଇଁ ସ୍ୱର୍ଣ୍ଣ ଜିତିଲେ ଦୀନେଶ

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଭୁବନେଶ୍ୱର, ୧୨।୧ (କ୍ରୀଡ଼ା ପ୍ରତିନିଧି)

ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୦ରେ ଚମତ୍କାର ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଛନ୍ତି ଓଡ଼ିଶାର ଦୀନେଶ କୁମାର। ସେ ରବିବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତାରେ ସେ ୪୦:୧୧:୧୩୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୨୦୧୯ ଜାତୀୟ ଜୁନିୟର ଟାଇମ୍ ଟ୍ରାଏଲ (୩୦ କିଲୋମିଟର)ଚାମ୍ପିୟନ ମନୀଷ କୁମାର ଏବଂ ୪୦ କିଲୋମିଟର ଜାତୀୟ ରୌପ୍ୟ ବିଜେତା ଜିଟି ଗଗନ ରେଡ୍ଡୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଏହି ବିଜୟ ସହଜ ନ ଥିଲା ବୋଲି ପରେ ଦୀନେଶ କହିଛନ୍ତି। ବଙ୍କା ଓ ଉଠାପକା ରାସ୍ତା ଯୋଗୁ ସାଇକେଲର ସ୍ପିଡ୍‌କୁ ବଜାୟ ରଖିବାରେ ସମସ୍ୟା ହେଉଥିଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ ନ କରି ମୁଁ ଆଗକୁ ବଢ଼ିଥିଲି ବୋଲି ସେ ପ୍ରକାଶ କରିଛନ୍ତି। ରେସ୍‌ରେ ତାଙ୍କର ଆଭରେଜ ସ୍ପିଡ୍ ଘଣ୍ଟାପ୍ରତି ୪୪.୭୯ କିଲୋମିଟର ରହିଥିଲା।

ଗୋଟିଏ ପଦକରେ ରାଉରକେଲାର ଦୀନେଶଙ୍କ ଅଭିଯାନ ଶେଷ ହୋଇନାହିଁ। ସୋମବାର ସେ ରୋଡ୍ ରେସ୍ ଏବଂ ପରେ ଟ୍ରାକ୍ ଇଭେଣ୍ଟରେ ଭାଗ ନେବେ। ସ୍ୱର୍ଣ୍ଣ ସଫଳତା ପାଇଁ ମୋ ସାଙ୍ଗସାଥୀମାନେ ବହୁତ ଖୁସି ଅଛନ୍ତି। ମୋର ଆହୁରି ୨ଟି ଇଭେଣ୍ଟ ବାକି ରହିଛି। ସେଗୁଡ଼ିକ ଶେଷ ହେବାପରେ ଯାଇ ମୁଁ ସାଥୀ ମାନଙ୍କ ସହ ଖୁସି ମନାଇବି ବୋଲି ୧୯ ବର୍ଷୀୟ ଦୀନେଶ କହିଛନ୍ତି। ଦୀନେଶ ଏକ ସାଧାରଣ ପରିବାରରୁ ଆସିଛନ୍ତି। ତାଙ୍କ ପିତା ଜଣେ ଦୋକାନୀ। ପିଲାଦିନରୁ ସାଇକ୍ଲିଂ ପ୍ରତି ତାଙ୍କର ପ୍ରଗାଢ଼ ଆଗ୍ରହ ରହିଥିଲା। ଏପରିକି ବେଳେବେଳେ ବାଇକ୍ ଛାଡ଼ି ସେ ସାଇକେଲରେ ଲଙ୍ଗ୍ ଡ୍ରାଇଭ୍‌ରେ ଯାଉଥିଲେ। ଏଥିରେ ସେ ଆନନ୍ଦ ଅନୁଭବ କରୁଥିଲେ। ୨୦୧୫ରେ ସେ କେରଳରେ ଅନୁଷ୍ଠିତ ନ୍ୟାଶନାଲ ଟ୍ରାକ୍ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ଭଲ ପ୍ରଦର୍ଶନ କରିବାରୁ ସେ ଦିଲ୍ଲୀସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ପାଇଁ ମନୋନୀତ ହୋଇଥିଲେ। ଏହା ତାଙ୍କୁ ଅଧିକ ଉତ୍ସାହିତ କରିଥିଲା। ତାଙ୍କ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥିଲା। ଦୁଇ ବର୍ଷ ପରେ ଭାରତୀୟ ବାୟୁ ସେନାରେ ନିଯୁକ୍ତି ମିଳିବା ପରଠାରୁ ସେ ପଟିଆଲାସ୍ଥିତ ଏନଆଇଏସ୍‌ଠାରେ ସେ ଅଭ୍ୟାସ କରି ଆସୁଛନ୍ତି। ‘‘ମୁଁ ପିତାମାତାଙ୍କ ୪ର୍ଥ ସନ୍ତାନ। ଏକ ସାଧାରଣ ପରିବାରରୁ ଆସିଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ପ୍ରତିଯୋଗିତାମୂଳକ କ୍ରୀଡ଼ା ପ୍ରତି ଢ଼ଳିବା ସହଜ ନ ଥିଲା। ମାତ୍ର ସାଇକ୍ଲିଂ ପ୍ରତି ଏତେଟା ମୋହ ଦେଖି ମୋ ବାପା ମୋତେ ଉତ୍ସାହିତ କରିଥିଲେ। ବର୍ତ୍ତମାନ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି’’ ବୋଲି ଦୀନେଶ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ କୋଚ୍ ସୁଶୀଲ ଦାସ, ଓଡିଶା ସାଇକେଲ ସଂଘର ସମ୍ପାଦକ ବିଜୟ ରାଉତ, ସୁଶାନ୍ତ ବେହେରା, ନୃସିଂହ ଚରଣ ସାହୁ , ଗୋପୀନାଥ ପଣ୍ଡା, ସୁଭାଷ ଦାସ ଓ ନୀହାର ଜେନା ପ୍ରମୁଖ ଦୀନେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜଗଦୀଶ ବାରିକ ଏହି ପ୍ରତିଯୋଗିତାର ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୭ ବର୍ଷରୁ କମ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଟେବୁଲରେ ସ୍ୱର୍ଣ୍ଣ ଏବଂ ହୋରିଜଣ୍ଟାଲ ବାର୍‌ସରେ ରୌପ୍ୟ ପଦକ ହାସଲ କରିଥିଲେ।

| ଶ୍ରେଷ୍ଠ ୩ ପ୍ରତିଯୋଗୀ | | | |
|---|---|---|---|
| ପ୍ରତିଯୋଗୀ | ରାଜ୍ୟ | ଟାଇମିଂ(ସେକେଣ୍ଡ) | ସ୍ପିଡ୍@କିମି |
| ଦୀନେଶ କୁମାର | ଓଡ଼ିଶା | ୪୦:୧୧.୧୩୩ | ୪୪.୭୯ |
| ଅନିଲ ମଙ୍ଗଲୋ | ହରିୟାଣା | ୪୦:୨୩.୩୬୧ | ୪୪.୫୭ |
| ରାଜୁ ବାଟି | କର୍ଣ୍ଣାଟକ | ୪୧:୦୫.୧୭୯ | ୪୩.୮୧ |






ପଦକ ସହ ସ୍ୱର୍ଣ୍ଣ ବିଜୟୀ ଦୀନେଶ କୁମାର (ମଝି)।

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ରବିବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ୩୦ କିଲୋମିଟର ରୋଡ୍ ରେସ୍ ଟାଇମ୍ ଟ୍ରାଏଲ ସାଇକ୍ଲିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଦୀନେଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ସେ ଭାଗ ନେବାକୁଥିବା ଅନ୍ୟ ଇଭେଣ୍ଟ ଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି।

### ଆହୁରି ପଦକ ଆସିବ

ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସାଇକ୍ଲିଂ ଇଭେଣ୍ଟରେ ଦୀନେଶଙ୍କ ପ୍ରଦର୍ଶନରେ ମୁଁ ଅତ୍ୟନ୍ତ ଖୁସି। ତାଙ୍କ ଟାଇମିଂ ବହୁତ ଭଲ ରହିଲା। ବିପରୀତ ଦିଗରୁ ପବନ ବହୁଥିଲେ ହେଁ ସେ ପରିବେଶ ସହିତ ଭଲଭାବେ ଖାପ ଖୁଆଇ ପାରିଲେ। ଦୀନେଶ ଅବଶିଷ୍ଟ ୨ଟି ଇଭେଣ୍ଟ ୪୦୦୦ ମିଟର ବ୍ୟକ୍ତିଗତ ପର୍ସୁଟ(ଟ୍ରାକ୍) ଏବଂ ୧୦୦୦୦ ମିଟର ସ୍କ୍ରାଚ୍(ରୋଡ)ରେ ମଧ୍ୟ ପଦକ ଜିତିବା ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି କୋଚ୍ ସୁଶୀଲ କୁମାର ଦାସ। ସେହିପରି ସ୍ୱସ୍ତି ୪ଟି ଯାକ ଇଭେଣ୍ଟରେ ଚମତ୍କାରିତା ଦେଖାଇବା ନେଇ ମୁଁ ଆଶାବାଦୀ ବୋଲି ସେ କହିଛନ୍ତି।



### ଡାକାର ରାଲିରେ ଗନ୍‌କ୍ଲେଭ୍ସଙ୍କ ମୃତ୍ୟୁ

ରିୟାଦ୍, ୧୨।୧ (ପି.ଟି.)

ହିରୋ ମୋଟର ସ୍ପୋର୍ଟ୍ସ ଟିମ୍‌କୁ ଶକ୍ତ ଧକ୍କା ଲାଗିଛି। ସୌଦି ଆରବରେ ଚାଲିଥିବା ଡାକାର ରାଲିର ୭ମ ଷ୍ଟେଜ୍ ବେଳେ ଏହାର ପର୍ତ୍ତୁଗିଜ୍ ରାଇଡର ପଲୋ ଗନକ୍ଲେଭ୍ସଙ୍କ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୨୦୦୬ରେ ପଦାର୍ପଣ ପରଠାରୁ ୪୦ବର୍ଷୀୟ ପଲୋଙ୍କ ୧୩ତମ ଡାକାର ରାଲି। ରବିବାର ରାଜଧାନୀ ରିୟାଦଠାରୁ ୱାଦି ଅଲ୍ ଦାୱାସିର ପର୍ଯ୍ୟନ୍ତ ୨୭୬ କିଲୋମିଟର ସ୍ପେଶାଲ ଷ୍ଟେଜ୍‌ରେ ସେ ହୃଦ୍‌ଘାତରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଖବର ପାଇବାପରେ ଆୟୋଜକଗଣ ତାଙ୍କୁ ଏକ ମେଡିକାଲ ହେଲିକପ୍ଟରରେ ଲେଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ୨୦୧୫ରେ ରନର୍ସଅପ୍ ହୋଇଥିବା ଗନ୍‌କ୍ଲେଭ୍ସ ଚଳିତ ସଂସ୍କରଣରେ ୪ଥର ଟପ୍ ଟେନ୍‌ରେ ରହିଥିଲେ। ସେ ୨୦୧୩ ଏଫଆଇଏମ୍ କ୍ରସ୍ କଣ୍ଟ୍ରି ରାଲି ୱାର୍ଲ୍ଡ ଚାମ୍ପିୟନ ଟାଇଟଲ ଜିତିଥିଲେ। ୨୦୧୫ରେ ଆର୍ଜେଣ୍ଟିନାରେ ପୋଲଣ୍ଡ ମୋଟରସାଇକେଲ ରାଇଡର ମିଚାଲ ହେନରିକ୍‌ଙ୍କ ପରେ ଏହି କଷ୍ଟସାଧ ଇଭେଣ୍ଟରେ ମୃତ୍ୟୁ ବରଣ କରିବାରେ ଗନ୍‌କ୍ଲେଭ୍ସ ହେଉଛନ୍ତି ପ୍ରଥମ ପ୍ରତିଯୋଗୀ। ରବିବାର ୫୪୬ କିଲୋମିଟର ବିଶିଷ୍ଟ ଷ୍ଟେଜ୍ ଇଭେଣ୍ଟର ସବୁଠାରୁ ଦୀର୍ଘତମ। ସ୍ପେନ୍‌ର ଜୋହାନ ବାରେଡା ଜିତିଥିବାବେଳେ ଆମେରିକାର ରିକି ବ୍ରାବେକ୍ ଓଭର ଅଲ ଅଗ୍ରଣୀରେ ତାଙ୍କ ସ୍ଥାନ ଆହୁରି ମଜଭୁତ କରିଛନ୍ତି। ଅଷ୍ଟ୍ରେଲିଆର ତଥା ଗତଥରର ଚାମ୍ପିୟନ ଟୋବି ପ୍ରାଇସ୍ ବାରେଡାଙ୍କଠାରୁ ଏକ ଘଣ୍ଟା ଏବଂ ୨୦ ମିନିଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ବାଟରେ ଅଟକି ସେ ଗନ୍‌କ୍ଲେଭ୍ସଙ୍କୁ ସହାୟତା କରିଥିବାରୁ ତାଙ୍କ ପୋଜିଶନର ପୁନଃ ମୂଲ୍ୟାୟନ କରାଯିବ।

# ଜିଏନଡିୟୁ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ତାମିଲନାଡୁର ଆନ୍ନାମଲାଇ ବିଶ୍ୱବିଦ୍ୟାଳୟକୁ ୨-୦ ଗୋଲରେ ହରାଇ ଜିଏନଡିୟୁ (ଗୁରୁ ନାନକ ଦେବ) ଅମୃତସର ଚାମ୍ପିୟନ ହୋଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଗୋଆ ବିଶ୍ୱବିଦ୍ୟାଳୟ ୨-୦ରେ ଏମଡିୟୁ ରୋହତକକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିବାବେଳେ ପ୍ରଦର୍ଶନ ଭିତ୍ତିରେ ଉପରୋକ୍ତ ୪ଟି ଦଳ ସମେତ ପଞ୍ଜାବ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଅଫ୍ କାଲିକଟ, ଏଲଏନଆଇପିଇ ଗ୍ୱାଲିୟର ଓ ତାମିଲନାଡୁର ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଉପ-କୁଳାଧିପତି ପ୍ରଫେସର ସସ୍ମିତା ସାମନ୍ତ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ: ଉତ୍କଳ ବିଜୟୀ

କଟକ ଅଫିସ,୧୨।୧

ରେଭେନ୍‌ଶାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଉତ୍କଳ ୧୧୬ରନରେ ବିନୋବାଭାବେ ବିଶ୍ୱବିଦ୍ୟାଳୟକୁ ହରାଇଛି। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ୟୁବିଏସ୍ ପୂର୍ବାଞ୍ଚଳ ୭୭ରନରେ ହେମଚାନ୍ଦ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଉତ୍କଳ ଦଳ ୭ ଉଇକେଟ ବିନିମୟରେ ୨୨୪ରନ କରିଥିଲା। ନିର୍ନିମେଷ ଜେନା ସର୍ବାଧିକ ୫୨ରନ କରିଥିବା ବେଳେ ରଘୁନାଥ ମଲ୍ଲ ୪୮, ଆଶିଷ ସାହୁ ୪୫, ଶୁଭମ ନାୟକ ୨୧ରନ କରିଥିଲେ। ବିନୋବାଭାବେ ପକ୍ଷରୁ ଅଜୟ କୁମାର ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ଶୁଭମ ନାୟକ ଓ ସୁମିତ ମହାରଣାଙ୍କ ୪ଟି ଲେଖାଏ ଉଇକେଟ ସଫଳତା ଯୋଗୁ ବିନୋବା ଭାବେ ୧୦୮ରନରେ ଅଲଆଉଟ ହୋଇଥିଲା। ଅନ୍ୟଏକ ମ୍ୟାଚ୍‌ରେ ୟୁ.ବି.ଏସ୍ ପୂର୍ବାଞ୍ଚଳ ପ୍ରଥମେ ବ୍ୟାଟିଂ କରି ୧୮୩ରନରେ ଅଲଆଉଟ ହୋଇଥିଲା। ଅମର ଚୌଧୁରୀ ସର୍ବାଧିକ ୪୯ରନ କରିଥିବା ବେଳେ ହେମଚାନ୍ଦ ପକ୍ଷରୁ ପ୍ରତୀକ ତ୍ରିପାଠୀଙ୍କୁ ୩ଟି ଉଇକେଟ ମିଳିଥିଲା। ଜବାବରେ ହେମଚାନ୍ଦ ୧୦୬ରନରେ ଅଲଆଉଟ ହୋଇଥିଲା।

# କ୍ରାଉନ୍ ଜିତିଲା ନିମାପଡ଼ା କପ୍

ନିମାପଡ଼ା,୧୨।୧(ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ନିମାପଡ଼ା କ୍ରିକେଟ କପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ନିମାପଡ଼ା ସିପି ଫାଉଣ୍ଡେଶନକୁ ୬ ଉଇକେଟରେ ହରାଇ କ୍ରାଉନ୍ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ସିପି ଫାଉଣ୍ଡେଶନ ଧାର୍ଯ୍ୟ ୨୫ ଓଭରରୁ ୨୩.୪ ଓଭର ଖେଳି ୧୦୭ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଇକ୍‌ବାଲ ହୁସେନ ୨୭ ଓ ଲୋକନାଥ ରାଉତ ୨୬ ରନ୍ କରିଥିଲେ। ବୋଲିଂରେ କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ରଶ୍ମିରଞ୍ଜନ ସାହୁ ୪ ଉଇକେଟ ନେଇଥିଲେ। ଜବାବରେ ୪ ଉଇକେଟ ହରାଇ ନିର୍ଦ୍ଧାରିତ ଓଭର ପୂର୍ବରୁ କ୍ରାଉନ୍ ସ୍ପୋର୍ଟିଂ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ଲାଗି ଦିବ୍ୟ ପଣ୍ଡା ସର୍ବାଧିକ ୩୪ ଓ ନାୟକ ଜନ୍ମେଜୟ ୨୮ ରନ୍ କରିଥିଲେ। ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଅମ୍ପାୟର ରହି ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ଥିଲେ ଦେବାଶିଷ ରାୟ ଓ ପାର୍ଥସାରଥି ପରିଡ଼ା। କ୍ରାଉନ୍ ସ୍ପୋର୍ଟିଂର ରଶ୍ମିରଞ୍ଜନ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସିପି ଫାଉଣ୍ଡେଶନର ନାୟକ ଜନ୍ମେଜୟଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ଦିବ୍ୟ ପଣ୍ଡାଙ୍କୁ ହଟ୍‌ଷ୍ଟାର ପ୍ଲେୟାର ଅଫ୍ ଦି ମ୍ୟାଚ୍, ଡି.ଏସ୍ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୂର୍ଯ୍ୟକାନ୍ତ ସାମଲଙ୍କୁ ଶ୍ରେଷ୍ଠ ବୋଲର, ସତ୍ୟେନ୍ଦ୍ର ମୋହନ ମହାନ୍ତିଙ୍କୁ ଶ୍ରେଷ୍ଠ ଅମ୍ପାୟର ରୂପେ ବିବେଚିତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧା ପାଣିଗ୍ରାହୀ, ନୃସିଂହ ରାଉଳ, ପ୍ରାଣକୃଷ୍ଣ ନାୟକ, ଧର୍ମେନ୍ଦ୍ର ସାହୁ, ନିମାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ମାତୃକା ପ୍ରସାଦ ମିଶ୍ର, ଆୟୋଜକ କ୍ଲବର ସମ୍ପାଦକ ଅକ୍ଷୟ ବେହେରା, କ୍ଷୀରୋଦଚନ୍ଦ୍ର ରାୟ ମହାପାତ୍ର, ଗୋପବନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କ୍ରାଉନ୍ ସ୍ପୋର୍ଟିଂକୁ ଚାମ୍ପିୟନ ଟ୍ରଫି ସହ ୩୦ ହଜାର ଓ ରନର୍ସଅପ୍ ସିପି ଫାଉଣ୍ଡେଶନକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଅମ୍ପାୟର ନିର୍ମଳ ମିଶ୍ର, ଅୟସକାନ୍ତ ମିଶ୍ର, ଦେବେନ୍ଦ୍ର ମିଶ୍ର, ତାପସ ଦାସ, ଅଭିନନ୍ଦନ ପାତ୍ର, ସୌମ୍ୟଶେଖର ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଚାମ୍ପିୟନ କ୍ରାଉନ୍ ସ୍ପୋର୍ଟିଂର ଖେଳାଳି।


ମନେ ପଡ଼ନ୍ତି

ସ୍ମୃତି ତର୍ପଣ




ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ : ୩୧.୦୧.୧୯୨୦
ତିରୋଧାନ : ୧୩.୦୧.୧୯୯୫
ଆଜି ଆପଣଙ୍କ ପବିତ୍ର ୨୫ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୧୬୧୭୦

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ସଞ୍ଜୟ କୁମାର ବସ୍ତିଆ
ପିତା-ସଚ୍ଚିଦାନନ୍ଦ ବସ୍ତିଆ
ମାତା-ରେଣୁବାଳା ବସ୍ତିଆ
ପୋଖରୀଗାଁ, ପୋ-ବଗଲସାହି, ନିଆଳି
ଜନ୍ମ: ୦୪।୦୨।୧୯୮୯ (ମାଘମାସ ଶନିବାର)
ତିରୋଧାନ: ୧୩।୦୧।୨୦୧୮ (ମାଘମାସ ଶନିବାର)
ଚାହୁଁ ଚାହୁଁ ବର୍ଷେ ବିତିଗଲା କାହିଁକିରେ ଧନ ତୁ ସେ ଅଫେରା ପଥର ପଥିକ ହେଲୁ। ତୋର ସ୍ନେହଶ୍ରଦ୍ଧା, ତ୍ୟାଗ, ଆବେଗ ଆତ୍ମୀୟତାର ଅନୁପସ୍ଥିତି ପ୍ରତିମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୋର ସ୍ଥାନ ଅପୂରଣୀୟ। ତୋର ସରଳ ଅମାୟିକ ପବିତ୍ର ଅମର ଆତ୍ମାର ସଦ୍‌ଗତି ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୮୭୫୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ବ୍ରଜ କିଶୋର ଦାସ
ଆମ୍ବଯୋଡା (ବେତନଟି) ସୁନ୍‌ଗଡିଆ (ବାରିପଦା)
ବାସସ୍ଥାନ: ଆଇ. ଭି. ବି.- ୧୯/୪, ୟୁନିଟ୍-୩, ଭୁବନେଶ୍ୱର
ଆବିର୍ଭାବ: ୧୫।୧୧।୧୯୩୫
ତିରୋଧାନ: ୦୩।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଦାସ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୬୧୧୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ




ସ୍ୱର୍ଗତା ସଞ୍ଜୁକ୍ତା ସାହୁ
ଆବିର୍ଭାବ:୦୫।୦୪।୧୯୭୨
ତିରୋଧାନ: ୦୪।୦୧।୨୦୧୮
ମମି ! ତୋର ଭଲପାଇବା, ସ୍ନେହଶ୍ରଦ୍ଧା, ତ୍ୟାଗ ଆମକୁ ମଣିଷ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗଜ୍ଜନନୀ ମା’ଙ୍କ ନିକଟରେ ତୋର ଅନ୍ତର ଆତ୍ମାର ସଦ୍‌ଗତି କାମନା କରୁଛନ୍ତି
ତୋର ଶୋକସନ୍ତପ୍ତ ସ୍ୱାମୀ, ପୁଅ ଓ ପରିବାର ଏବଂ ବନ୍ଧୁବର୍ଗ।
ଧ-୧୬୧୪୫

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୃଥ୍ୱୀରାଜ ମହାନ୍ତି
(ବଡବାପା)
PH-1, A/L-31, ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୧୦।୦୪।୧୯୪୧
ତିରୋଧାନ: ୦୩।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁପୁ, ଲିପି, ଶିବୁଲା, ଅଙ୍କୁ, ସିଟୁ, ସିଡନ୍
ଧ-୧୬୧୧୦

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ବିଳାସିନୀ ନାୟକ
ଜନ୍ମ: ରଡବଜାର, ଖେଲାର, ପୁରୀ
ଆବିର୍ଭାବ: ୦୧।୦୧।୧୯୨୩
ତିରୋଧାନ: ୦୩।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ବନ୍ଧୁ, ଓ ପରିବାରବର୍ଗ।
ଧ-୧୬୧୦୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୩/୨୦୨୦ Bhubaneswar, Monday, January 13/ 2020

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ନାଉଗାଁ,୧୨।୧(ସ୍ୱ.ପ୍ର.): ନାଉଗାଁ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ନଂ-୬/୨୦ରୁଜୁ କରାଯିବା ସହ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ପରେ ଘଟଣାସ୍ଥଳକୁ ଥାନାଧିକାରୀ ପ୍ରଜ୍ଞାରିତାମ୍ବର କର ଯାଇ ତଦନ୍ତ କରିଛନ୍ତି। ସୋମବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକରୀ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଯୁବତୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ସେହି ଅଞ୍ଚଳର ଜଣେ ଯୁବକ ଆସି ତାଙ୍କ ମା'ଙ୍କୁ ଖୋଜିଥିଲେ। ଯୁବତୀଙ୍କ ମା' ବିଲକୁ ଧାନ କାଟିବା ପାଇଁ ଯାଇଥିବା ଯୁବତୀ କହିଥିଲେ। ଏହାପରେ ସମ୍ପୃକ୍ତ ଯୁବକ ତାଙ୍କୁ ମା'ଙ୍କ ମୋବାଇଲ ନମ୍ବର ମାଗିଥିଲା। ମୋବାଇଲ ନମ୍ବର ଦେବା ସମୟରେ ସେ ଯୁବତୀଙ୍କୁ ବଳାତ୍କାର କରିଥିଲେ।

### ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୨।୧ (ଡି.ଏନ୍.ଏ.) ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ବନବିଭାଗ ପାଟ୍ରୋଲିଂ ଟିମ ପଇଁତରା ମାରୁଥିବା ବେଳେ ମାଦଳୀମାଉଥ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ଲକ୍ଷ୍ମୀପ୍ରିୟା-୧ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିସହ ୯ ମତ୍ସ୍ୟଜୀବୀ ଚନ୍ଦନ କୁମାର ଜାନା, ପିଣ୍ଟୁ ଜେନା, ବଳିଆ ସାମନ୍ତରାୟ, ଲାଲମୋହନ ମଣ୍ଡଳ, ପ୍ରଦୀପ ଗିରି, ରାମଚନ୍ଦ୍ର ଧଡା, ବାବୁଲି ବାରିକ, ଭାଗୀରଥି ଜେନା, ପ୍ରଦୀପ କୁମାର ବାଗଙ୍କୁ ଗିରଫ କରିଥିଲେ।

### ବାସଗୃହ ସହ ଗୁହାଳ ଜଳିଗଲା: ୨ ଗାଈ ଅର୍ଦ୍ଧଦଗ୍ଧ


ରଘୁନାଥପୁର, ୧୨। ୧ (ଡି.ଏନ.ଏ.)- ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଶାଳିଜଙ୍ଗାସ୍ଥିତ କେଲୁ ସାହୁଙ୍କ ଘରେ ନିଆଁ ଲାଗି ବାସ ଗୃହ ସମେତ ଗୁହାଳ ଘର ପୋଡି ଯାଇଛି। ଗୁହାଳରେ ବନ୍ଧା ହୋଇଥିବା ଦୁଇ ଗାଈ ନିଆଁରେ ପୋଡି ଅର୍ଦ୍ଧଦଗ୍ଧ ହୋଇ ଯାଇଛନ୍ତି। ଗୁହାଳରେ ଦିଆଯାଇଥିବା ଧୂଆଁରୁ ନିଆଁ ଝୁଲ ଉଠି ଚାଳରେ ଲାଗିଯାଇଥିଲା। ପରେ ନିଆଁ ଗୁହାଳକୁ ଲାଗିକି ଥିବା ବାସଗୃହରେ ଲାଗି ଯାଇଥିଲା। ଗାଁ ଲୋକ ପାଣି ପକାଇ ନିଆଁକୁ ଆୟତ୍ତ କରି ପାରି ନ ଥିଲେ ହେଁ ଗାଈ ଦୁଇଟିଙ୍କୁ ଉଦ୍ଧାର କରିଥିଲେ। ଦମକଳ ବାହିନୀ ବଳମ୍ବରେ ପହଞ୍ଚିଲା ବେଳକୁ ସବୁକିଛି ପୋଡି ନଷ୍ଟ ହୋଇଯାଇଥିଲା। କେଲୁ ଜନ୍ମରୁ ଅନ୍ଧ ଥିବା ବେଳେ ତାଙ୍କର ଏକ ଝିଅ ଅଛି। ପତ୍ନୀ ଗାଈ ଦୁଇଟି ରଖି ପରିବାର ପ୍ରତିପୋଷଣ କରୁଥିଲେ। କେଲୁଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ବିବାଦୀୟ ଜମିରେ ଲଜିଷ୍ଟିକ ପାର୍କ ନିର୍ମାଣ ମାମଲା

# ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଲା ଏନ୍‌ଜିଟି

ଯାଜପୁର ଅଫିସ, ୧୨।୧

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଦାନଗଦୀ ତହସିଲ ଯଖପୁରା ମୌଜାର ୧୧.୯୯୦ ଏକର ପରିମିତ ଶାଳ କିସମ ଜମିରେ ବିନା ପରିବେଶ ମଞ୍ଜୁରୀରେ ସାଇଜର ଲଜିଷ୍ଟିକ ପାର୍କ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ରେ ୪୨/୨୦୧୯ (ଇଜେଡ)ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଏକ ଯୁଗ୍ମ ତଦନ୍ତକାରୀ ଦଳ ନୀରିକ୍ଷଣ କରି ଗତ ନଭେମ୍ବର ଦ୍ୱିତୀୟ ସପ୍ତାହରେ ରିପୋର୍ଟ ଦାଖଲ କରିଛନ୍ତି। ତେବେ ଯୁଗ୍ମ ରିପୋର୍ଟରେ ଜଙ୍ଗଲ କିସମ ଜମିକୁ ଅଣ ଜଙ୍ଗଲ ଜମି ଭାବେ ବ୍ୟବହାର ପାଇଁ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ରେ ପରିବର୍ତ୍ତନ କରାଯାଇଛି ବୋଲି ଦର୍ଶାଯାଇଛି। ଏହାସହ ଅନ୍ୟାନ୍ୟ ଅଭିଯୋଗ ସଂକ୍ରାନ୍ତରେ ସକରାତ୍ମକ ରିପୋର୍ଟ ପ୍ରଦାନ କରିବା ସହ ଏହି ପ୍ରକଳ୍ପ ପାଇଁ ଇଆଇଏ (ଏନଭାରମେଣ୍ଟ ଇମ୍ପାକ୍ଟ ଏସେସମେଣ୍ଟ) ନୋଟିଫିକେସନ-୨୦୦୬ ଅନୁଯାୟୀ



■ଶିଳ୍ପ ପାଇଁ ପରିବର୍ତ୍ତନ ହୋଇଛି ଜଙ୍ଗଲ ଜମି: ଯୁଗ୍ମ କମିଟି

■ଯୁଗ୍ମ କମିଟିର ରିପୋର୍ଟକୁ ଚ୍ୟାଲେଞ୍ଜ କଲା ସମିତି

କୌଣସି ପରିବେଶଗତ ଅନୁମତିର ଆବଶ୍ୟକତା ନାହିଁ ବୋଲି କମିଟୀ ପକ୍ଷରୁ ରିପୋର୍ଟ ଦାଖଲ ହୋଇଛି। ତେବେ ଏହି ପ୍ରକଳ୍ପ ପାଇଁ ପରିବେଶଗତ ମଞ୍ଜୁରୀର ଆବଶ୍ୟକତା ରହିଛି କି ନାହିଁ ତାହା ସ୍ପଷ୍ଟ କରିବାକୁ ଏନଜିଟି ପକ୍ଷରୁ ୬।୧।୨୦୨୦ ତାରିଖ ଶୁଣାଣିରେ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ହୋଇଛି। ଏହିକ୍ରମରେ ଏନ୍‌ଜିଟିର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮।୨।୨୦୨୦ରେ ସ୍ଥିରୀକୃତ ହୋଇଛି।

ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁସାରେ ଯଖପୁରାସ୍ଥିତ ୧୪୧୯.୯୫ ହେକ୍ଟର ଜଙ୍ଗଲ ଜମିକୁ ପରିବର୍ତ୍ତନ କରାଯାଇ ଲୁହାପଥର (ଆଇରନ ଓର) ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଇଡକୋ ଦ୍ୱାରା ଜମି ପରିବର୍ତ୍ତନ ପ୍ରସ୍ତାବ ୧୯୯୩ ମସିହାରେ ଦାଖଲ ହୋଇଥିଲା। ଯାହାକି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ହୋଇଛି। ଏଥିରୁ ଯଖପୁରା ମୌଜାର ଖାତା ନମ୍ବର ୪୧୯ ଅନାବାଦି ପ୍ଲଟ ନମ୍ବର ୮୬୫ ଓ ୮୬୭, କିସମ ଶାଳଜଙ୍ଗଲ ୧୧.୯୯୦ ଏକର ଜମିରେ ଏକ ଲଜିଷ୍ଟିକ ପାର୍କ ନିର୍ମାଣାଧିନ ରହିଛି ବୋଲି ଯୁଗ୍ମ ରିପୋର୍ଟରେ ଦାଖଲ ହୋଇଛି। ଏହାସହ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ୨୦୦୫ ଜାନୁୟାରୀ ୧୪ରେ ଏହି ଜମିକୁ ଶିଳ୍ପ ପାଇଁ ବ୍ୟବହାର ଉପଯୋଗୀ ବୋଲି ମଧ ଆମେଣ୍ଡମେଣ୍ଟ ମଞ୍ଜୁରୀ ମିଳିଛି। ଯାହାକି ରାଜ୍ୟ ସରକାର ଓ ଇଡକୋ ମଧ୍ୟରେ ଚୁକ୍ତି ମଧ ହୋଇଛି। ସେଥିମଧରୁ ୧୧.୯୯୦ ଏକର ଜମିକୁ ସାଇଜର ଇଣ୍ଟରପ୍ରାଇଜେସ ପ୍ରାଇଭେଟ ଲିଃକୁ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ପାଚେରୀ, ଜମି ଉନ୍ନତୀକରଣ ବ୍ୟତୀତ ଲଜିଷ୍ଟିକ ପାର୍କ ସୁବିଧା ପାଇଁ ନିର୍ମାଣ ଆରମ୍ଭ ହୋଇନାହିଁ। ଏହି ସ୍ଥିତିରେ ପରିଚାଳନା ଅନୁମତିର ଆବଶ୍ୟକତା ନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ପତ୍ରସଂଖ୍ୟା ୧୩୫୬/୨୬।୭।୨୦୧୯ ତାରିଖରେ ପ୍ରତିଷ୍ଠା ଅନୁମତି ମିଳିସାରିଛି। ଅନ୍ୟପକ୍ଷେ ଟାଟା ଷ୍ଟିଲ କାରଖାନା ପରିସରରୁ ଏହି ଜମିର ଉନ୍ନତିକରଣ ପାଇଁ ମାଟି, ମୋରମ ଆଦି ଅଣାଯାଇ ବ୍ୟବହାର ହୋଇଛି। ଏପରିକି ବ୍ୟବହୃତ ହୋଇଥିବା ମାଟି ଓ ମୋରମ ପାଇଁ ଦାନଗଦି ତହସିଲଦାରଙ୍କ ନିକଟରେ ଆବଶ୍ୟକ ରାଜସ୍ୱ ପୈଠ କରାଯାଇଛି। ଭୂତଳ ଜଳ ବ୍ୟବହାର ପାଇଁ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ଅଥରିଟି(ସିଜିଡବ୍ଲୁଏ)ଙ୍କ ନିକଟରୁ ପତ୍ରସଂଖ୍ୟା ୨୦୧୯/୫୬୩୧ରେ ଏନ୍‌ଓସି ନିଆଯାଇଛି। ଯୁଗ୍ମ କମିଟିର ନୀରିକ୍ଷଣରେ ପ୍ରକଳ୍ପ ପରିସରରେ ୨ଟି ବୋରୱେଲ ସ୍ଥାପନ ହୋଇଛି। ତେବେ ଏନ୍‌ଜିଟିରେ ଅଭିଯୋଗ ଅନୁସାରେ ପରିବେଶଗତ ଅନୁମତି (ଇସି)ର ଆବଶ୍ୟକତା ଉପରେ କେବଳ ପ୍ରଶ୍ନ ଉଠିଛି। ତେଣୁ ଏହି ପ୍ରଶ୍ନ ଉପରେ ଏନଜିଟିର ପରବର୍ତ୍ତି ଶୁଣାଣି ୧୯।୨।୨୦୨୦ ପୂର୍ବରୁ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ଯୁଗ୍ମ କମିଟିର ଏହି ରିପୋର୍ଟ ଉପରେ ଚ୍ୟାଲେଞ୍ଜ କରି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଏନ୍‌ଜିଟିରେ ଏକ ସତ୍ୟପାଠ ଦାଖଲ ହୋଇଛି। ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି ସାଇଜର ଲଜିଷ୍ଟିକ ପାର୍କ ପାଇଁ ଇସିର ଆବଶ୍ୟକତା ରହିଛି କି ନାହିଁ ତାହା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯିବ। ଏଥିପାଇଁ ପ୍ରକ୍ରିୟା ଚାଲିଛି ବୋଲି ସେ କହିଛନ୍ତି।

### ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ବିରୋଧ କରିବ ଉପଭୋକ୍ତା ମହାସଂଘ

ତିର୍ତ୍ତୋଲ,୧୨।୧(ଡି.ଏନ.ଏ.)

ଖିଲାପି ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସେସୁ ଯେଉଁ ନିଷ୍ପତ୍ତି ନେଇଛି ତାହା ସମ୍ପୂର୍ଣ୍ଣ ଏକତରଫା। ତେଣୁ ଏହାକୁ ରାଜ୍ୟ ଉପଭୋକ୍ତା ମହାସଂଘ ଜଗତ୍‌ସିଂହପୁର ଜିଲାରେ ବିରୋଧ କରିବାକୁ ନିଷ୍ପତ୍ତି ନେଇଛି। ଏସମ୍ପର୍କରେ ମହାସଂଘ ସଭାପତି ବଂଶୀଧର ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ବର୍ଷବର୍ଷ ଧରି ବିଦ୍ୟୁତ ବଣ୍ଟନ କମ୍ପାନୀ (ସେସୁ) ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶିତ ଗାଇଡଲାଇନକୁ ଅଣଦେଖା କରିଆସୁଛି। ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟୁତ୍ ବିଲ ଆଦାୟ ନ କରିବା, ବିନା ମିଟରରେ ବିଦ୍ୟୁତ ସଂଯୋଗ ଦେଇ ଲୋଡ ଫ୍ୟାକ୍ଟର ବିଲିଂ ପ୍ରଦାନ କରିବା ସମ୍ପୂର୍ଣ୍ଣ ଭୁଲ ବୋଲି ସେ କହିଛନ୍ତି। ଏଥିସହ ତ୍ରୁଟି ଓ ବିବାଦୀୟ ବିଦ୍ୟୁତ୍ ବିଲିଂକୁ ସଂଶୋଧନ ନ କରି ବକେୟା ବଢାଇ ଚାଲିବା, ବିଦ୍ୟୁତ ବିବାଦ ପ୍ରତିବିଧାନ ମଞ୍ଚର ଆଦେଶ କାର୍ଯ୍ୟକାରୀ ନ କରିବା, ବିଦ୍ୟୁତ୍ ଉପଭୋକ୍ତାଙ୍କ ଅଭିଯୋଗର ତ୍ୱରିତ ସମାଧାନ ନ କରି ବିଳମ୍ବ କରିବା ଦ୍ୱାରା ଉପଭୋକ୍ତାଙ୍କ ବିଦ୍ୟୁତ ବକେୟା ବଢିଚାଲିଛି। ଏଥିପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ ଦାୟୀ ଓ ଏହାର ସମାଧାନ ପାଇଁ ସରକାର ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଯଦି କୌଣସି ସମାଧାନର ବାଟ ବାହାର ନ କରି ଉପଭୋକ୍ତାଉଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଏ ଏହାକୁ ମହାସଂଘ ତରଫରୁ ତିବ୍ର ବିରୋଧ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଜାତୀୟ ଯୁବ ଦିବସରେ ଗଣଦୌଡ଼



ଗଣଦୌଡ଼ରେ ସାମିଲ ହୋଇଥିବା ଯୁବପିଢ଼ି ।

ପାରାଦୀପ,୧୨।୧(ସ୍ୱ.ପ୍ର.)

ପାରାଦୀପ ସତ୍ୟସାଇ ସବାସମିତି ପକ୍ଷରୁ ରବିବାର ଜାତୀୟ ଯୁବ ଦିବସ ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ମଧୁବନ ଜଗନ୍ନାଥ ମନ୍ଦିରଠାରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ନୂଆବଜାର ସାଇ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଯୁବଗୋଷ୍ଠୀ ଓ ଏନ୍‌ସିସି ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ ସାଇମନ୍ଦିରଠାରେ ସୁସ୍ଥ ଜୀବନ ଗଢ଼ିବାର ମନ୍ତ୍ର ସମ୍ପର୍କରେ ସମସ୍ତେ ସଙ୍କଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ସମିତିର ରାଜ୍ୟ ସଂଯୋଜକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିପିନ ବିହରୀ ପ୍ରାଣୀଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ ସାରଳା ମନ୍ଦିର ଭୋଗ ଦୋକାନୀ ସମେତ ୬ ଗିରଫ

ଜଗତ୍‌ସିଂହପୁର ଅଫିସ,୧୨।୧

ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ସାରଳା ହାଟରେ ରବିବାର ସନ୍ଧ୍ୟାରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ସାରଳା ମନ୍ଦିର ପରିସରରେ ଭୋଗ ଦୋକାନ କରିଥିବା ରମେଶ ରାଉଳ ଅନ୍ୟତମ। ଅଭିଯୁକ୍ତମାନଙ୍କ ନିକଟରୁ ୪୬୦୦ ଟଙ୍କା, ୩ ମୁଠା ତାସ ଜବତ କରାଯାଇଥିବା ନେଇ ଆଇଆଇସି କୃଷ୍ଣ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେହ ରମେଶଙ୍କ ସମେତ ଏକାଧିକ ଜୁଆରୀ ସାରଳା ହାଟରେ ଜୁଆ ଖେଳୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା।

## ବଳଦେବଜୀଉ ମନ୍ଦିରରେ ରାଜାଭିଷେକ ଉତ୍ସବ

ଜଗତ୍‌ସିଂହପୁର ଅଫିସ୍,୧୨।୧

ସିଦ୍ଧଳସ୍ଥିତ ଶ୍ରୀଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ରାଜାଭିଷେକ ଓ ପୁଷ୍ପାଭିଷେକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଠାକୁର ରାଜାଭାବେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ମନ୍ଦିର ପରିକ୍ରମା କରିଥିଲେ। ନାଟ୍ୟ ମଣ୍ଡପଠାରେ ରାଜାଭିଷେକ ଉତ୍ସବ ରୀତିନୀତି ଅନୁଯାୟୀ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଥିଲା। ରାମଚନ୍ଦ୍ର ଦାସ ଏବଂ ପ୍ରଫୁଲ ସାହୁଙ୍କ ଦ୍ୱାରା ମନ୍ଦିର ଇତିବୃତ୍ତି ପାଠ କରାଯାଇଥିଲା। ଏଥିସହ ଜିଲାପାଳଙ୍କୁ ଆନୁଷ୍ଠାନିକ ଭାବେ ଅଭିଷେକ କରାଯାଇଥିଲା। ଉତ୍ସବରେ ଜିଲାପାଳ, ତାଙ୍କ ସହଧର୍ମିଣୀ ଓ ପାରାଦୀପ ବନ୍ଦର ନ୍ୟାସ ଟ୍ରଷ୍ଟି ପ୍ରତାପ ମିଶ୍ରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରତି ବର୍ଷ ପରି ଠାକୁର ରାଜାଙ୍କ ଦରବାର ବସିଥିଲା। ଏହି ସମୟରେ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ପ୍ରତିକାର ପାଇଁ ଲୋକେ ଗୁହାରି କରିଥିଲେ। ଏହା ପୂର୍ବରୁ ପାରାଦୀପ ବନ୍ଦର ନ୍ୟାସ ଅନୁଦାନରେ ନିର୍ମିତ ପାନ୍ଥନିବାସ ଗୃହକୁ ଜିଲାପାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିପରି ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟର ନୂତନ ୱେବସାଇଟ୍ ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସୂଚନାଯୋଗ୍ୟ, ରବିବାର ସକାଳେ ମନ୍ଦିର ପୁରୋଧା ସୁରେନ୍ଦ୍ର ନାଥ ଦାଶ, କାଳି କିଙ୍କର ଆଚାର୍ଯ୍ୟ ଓ ନାରାୟଣ ଦାଶ ପ୍ରମୁଖ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଜିଲାପାଳଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରୁ ବରଣୀ କରିଥିଲେ। ପରେ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରୁ ଠାକୁର ରାଜାଙ୍କୁ ଶତାଧିକ ସେବାୟତ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନେତୃବୃନ୍ଦ ଓ ସଙ୍କୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଉତ୍ସବ ପରିଚାଳନାରେ ଟ୍ରଷ୍ଟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ପାଦକ ଜ୍ୟୋତିରଞ୍ଜନ ପରିଡ଼ା, ସହ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଅଭୟ ଦାଶ, ପ୍ରିୟନାଥ ରାୟ, ଲିଙ୍ଗରାଜ ରାୟ, ଅରୁଣ ପରିଡା, ତରଙ୍ଗସେନ ପରିଡ଼ା ଓ ସାରଦା ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଜିଲାପାଳଙ୍କୁ ରାଜାଭିଷେକ କରାଯାଉଛି।

## ଲୁହାରଡ଼ରେ ଆକ୍ରମଣ, ଜଣେ ଗୁରୁତର

ନରାଜ,୧୨।୧(ଡି. ଏନ୍.ଏ.)

ବାରଙ୍ଗ-ଭୁବନେଶ୍ୱର ମୁଖ୍ୟରାସ୍ତାର ମଧୁପୁର ନିକଟରେ ରବିବାର ଅପରାହ୍ଣରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଲୁହାରଡ଼ରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମଧୁପୁର ଗ୍ରାମର ଶଙ୍କର ପ୍ରଧାନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ଶଙ୍କର ଅପରାହ୍ଣରେ ମଧୁପୁର ନିକଟ ମୁଖ୍ୟ ରାସ୍ତାର ଜଣେ ବିଲ୍‌ଡରଙ୍କ ଜାଗାରେ ଠିଆହୋଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବାରଙ୍ଗ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

## ଧଳାଜହର ବଳୟରେ କୁଜଙ୍ଗ ଅଞ୍ଚଳ

କୁଜଙ୍ଗ,୧୨।୧(ଡି.ଏନ.ଏ.)

■ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି

■ଅବକାରୀ ବିଭାଗ ନିକଟରେ ଖବର ନାହିଁ

■ଧାର୍ମିକ ସ୍ଥାନ ଓ ଶିକ୍ଷାନୁଷ୍ଠାନ ସନ୍ନିକଟରେ ଚାଲୁଛି ବ୍ୟବସାୟ

ନିଶା ସେବନ କରି ଯୁବସମାଜ ପଥଭ୍ରଷ୍ଟ ହେବା ସାଙ୍ଗକୁ ନାନଦି କୁକର୍ମରେ ଲିପ୍ତ ରହି ନିଜର ଉଜ୍ଜ୍ୱଳ ଭବିଷ୍ୟତକୁ ଅନ୍ଧକାରମଧ୍ୟକୁ ଠେଲି ଦେଉଛନ୍ତି। ଯଦ୍ଦ୍ୱାରା ସେମାନଙ୍କ ମା'ବାପା ଚିନ୍ତାରେ ରହୁଛନ୍ତି। ନିଶା କାବାରକୁ ସାମାଜିକସ୍ତରରେ ବିରୋଧ କରାଯାଉଥିଲେବି ବାସ୍ତବରେ ନିଶାକାରବାରର କାୟା ଦିନକୁଦି ବୃଦ୍ଧିପାଇବାରେ ଲାଗିଛି। ବେଆଇନ ନିଶା କାରବାର ରୋକିବାପାଇଁ ଅବକାରୀ ବିଭାଗ ରହିଥିଲେ ମଧ ସେ ନାମକୁ ମାତ୍ର ଚଢ଼ାଉକରି ବେଆଇନ ନିଶା ବେପାରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ଛାଡ଼ି ଦେଉଥିବା ଅଭିଯୋଗ ହେଉଛି। ଯେଉଁଥି ପାଇଁ କୁଜଙ୍ଗ ଅଞ୍ଚଳରେ ନିଶା କାରବାର ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ନିଶା କାରବାର ନ କରି ଭିନ୍ନଭିନ୍ନ ସ୍ଥାନରେ ବେପାର କରିବାକୁ ନିଶା ବେପାରୀଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଥିବା ମଧ ଅଭିଯୋଗ ହୋଇଛି। ଏହିକ୍ରମରେ ବର୍ତ୍ତମାନ କୁଜଙ୍ଗ ଅଞ୍ଚଳରେ ବ୍ରାଉନ ସୁଗାର ବା ଧଳା ଜହରର କାରବାର ଅହେତୁକ ଭାବେ ବୃଦ୍ଧିପାଇଛି। ବ୍ରାଉନ ସୁଗାରବେପାରୀ ଏବେ ଧାର୍ମିକ ସ୍ଥାନ ଓ ଶିକ୍ଷାନୁଷ୍ଠାନ ସନ୍ନିକଟ ସ୍ଥାନକୁ ନିରାପଦ ଭାବେ ବାଛି ନେଇଛନ୍ତି। କୁଜଙ୍ଗ ବଜାରର ପ୍ରଥମେ ଏକ ଧାର୍ମିକ ସ୍ଥାନ ନିକଟରେ ଟୁଙ୍ଗି କରାଯାଇ ବ୍ରାଉନ ସୁଗାର କାରବାର ଚାଲିଥିଲା। ଯଦିଓ ସେ ସ୍ଥାନ ମୂଳପିଣ୍ଡିଭାବେ ନିଶା ବେପାରୀଙ୍କ କବଜାରେ ରହିଛି କିନ୍ତୁ ଏବେ ସେ ସ୍ଥାନରେ ଆଉ ବିଶେଷ କାରବାର ହେଉନାହିଁ। ଅନ୍ୟପକ୍ଷରେ ନିଶା ବେପାରୀ ସିଧାସଳଖ କାରବାରରେ ଲିପ୍ତ ନ ରହି କେତେକ ଅପରାଧ ପ୍ରବଣ ଯୁବକ ଯେଉଁମାନେ ବିଭିନ୍ନ ସମୟରେ ରାହାଜାନୀ, ଛିନ୍‌ତାଇ ଭଳି ଅପରାଧରେ ଜେଲ ଯାଇଛନ୍ତି ସେହିମାନଙ୍କ ଜରିଆରେ ବେପାର ଚଳାଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ସେହି ଯୁବକଙ୍କ ମଧ୍ୟରୁ ଜଣେ ଏବେ କୁଜଙ୍ଗର ପ୍ରତିଷ୍ଠିତ ବିଦ୍ୟାଳୟ ଫାଟକ ସମ୍ମୁଖ ଓ ନିକଟସ୍ଥ ସ୍ଥାନରେ ଛିଡ଼ା ହୋଇ ବେପାର କରୁଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ବ୍ରାଉନ ସୁଗାର କାରବାରର ମାଷ୍ଟର ମାଇଣ୍ଡ ଅସାମାଜିକ ଯୁବକଙ୍କ ଜରିଆରେ ଅଞ୍ଚଳର ବିଭିନ୍ନ ସ୍ଥାନକୁ ବ୍ରାଉନ ସୁଗାର ଯୋଗାଉଥିଲେ ବି ଅବକାରୀ ବିଭାଗ ନିକଟରେ କୌଣସି ଖବର ନାହିଁ। ତେଣୁ ଅବକାରୀ ବିଭାଗ ଓ ପୋଲିସ ଏଦିଗରେ ଦୃଷ୍ଟି ଦେଲେ ଅଞ୍ଚଳ ନିଶା କବଳରୁ ରକ୍ଷା ପାଇପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ଜିଲା ଅବକାରୀ ବିଭାଗ ଉପନିରୀକ୍ଷକ ପ୍ରଭାକର ସେଠୀଙ୍କୁ ପଚାରିବାରେ ସେ କହିଥିଲେ, ଗଞ୍ଜେଇ ବେପରୀଙ୍କ ଉପରେ ଚଢ଼ାଉ ଜାରିରହିଛି। ମୁଁ ଏବେ ନୂଆ ଯୋଗ ଦେଇଥିବାରୁ ବ୍ରାଉନସୁଗାର କାରବାର ଖବର ମୋ ନଜରକୁ ଆସିନାହିଁ। ଯଦି ଏଭଳି କାରାବାର ହେଉଛି ତେବେ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## କେଡିଏମ କ୍ରିକେଟ ଟୁର୍ନାମେଣ୍ଟ

# ବିଧାୟକ ଦଳକୁ ହରାଇଲା ଜିଲା ପ୍ରଶାସନ

ଧର୍ମଶାଳା,୧୨।୧(ଡିଏନ୍‌ଏ)



ବିଧାୟକ ଦଳକୁ ହରାଇ ବିଜୟୀ ହୋଇଥିବା ଜିଲା ପ୍ରଶାସନ ଦଳ।

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ନିର୍ବାଚନମଣ୍ଡଳୀସ୍ତରୀୟ କେଡିଏମ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଏକାଦଶକୁ ୧୯ରନରେ ପରାସ୍ତ କରି ଯାଜପୁର ଜିଲା ପ୍ରଶାସନ ବିଜୟୀ ହୋଇଛି। ଟସ୍ ଜିତି ଜିଲା ପ୍ରଶାସନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟପ୍ରକାଶ ନାୟକ ୪୪ ଓ ଉମେଶ ସାହାଣୀ ୨୫ ରନ କରିଥିଲେ। ବିପକ୍ଷ ବିଧାୟକ ଏକାଦଶର ପ୍ରଣବ ପ୍ରକାଶ ଦାସ ୨ଟି ଓ କିଶୋର ନାୟକ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ବିଧାୟକ ଏକାଦଶ ୧୨ ଓଭରରେ ୭ ୱିକେଟ ହରାଇ ୧୦୬ ରନ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଅଧିନାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ୨୬ ରନ ଓ ପ୍ରଣବ ପ୍ରକାଶ ଦାସ ୧୭ ରନ କରିଥିଲେ। ବିପକ୍ଷ ଜିଲା ପ୍ରଶାସନ ପକ୍ଷରୁ ଅଧିନାୟକ ତଥା ଯାଜପୁର ଏସ୍‌ପି ଚରଣ ସିଂ ମୀନା ୩ଟି ଓ ଦେବୀ ପ୍ରସାଦ ମହାନ୍ତି ୨ଟି ୱିକେଟ ଅକ୍ତିଆର କରିଥିଲେ। ବିଧାୟକ ଏକାଦଶ ପକ୍ଷରୁ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ପ୍ରକାଶ ମାଝୀ, ଜଗନ୍ନାଥ ନାୟକ, ସୌଭିକ ବିଶ୍ୱାଳ, ପ୍ରଶାନ୍ତ ବେହେରା, ଉମାକାନ୍ତ ସାମନ୍ତରାୟ, ଅସିତ ପଟ୍ଟନାୟକ, କିଶୋର ନାୟକ, ସମ୍ବିତ ରାଉତରାୟ, ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଖେଳରେ ଭାଗ ନେଇଥିବାବେଳେ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଆଳି ବିଧାୟକ ପ୍ରତାପ ଦେବ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, କୋରେଇ ବିଧାୟକ ଅଶୋକ ବଳ, ବରୀ ବିଧାୟିକା ସୁନନ୍ଦା ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମରେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଲାଗିଥିଲା। ମ୍ୟାଚକୁ ସୁଶୀଲ ମହାନ୍ତି ଓ ପ୍ରତାପ ଜେନା ପରିଚାଳନା କରିଥିଲାବେଳେ ବାସୁଦେବ ମିଶ୍ର ଓ ଦିଲକ ଜେନା ସ୍କୋରରେ ସହାୟତା କରିଥିଲେ।

## ଗୋଆ ନୌଚାଳନା ଶିବିର ପାଇଁ ପାରାଦୀପରୁ ୨ ଛାତ୍ରୀଛାତ୍ର ସାମିଲ

ପାରାଦୀପ,୧୨।୧(ସ୍ୱ.ପ୍ର.)

ଭାରତୀୟ ନୌସେନା ପକ୍ଷରୁ ଗୋଆଠାରେ ମେ' ୧୩ରୁ ୧୫ ପର୍ଯ୍ୟନ୍ତ ନୌଚାଳନା ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ୟାଟିଂ କ୍ଲବ ଦ୍ୱାରା ଛାତ୍ରୀଛାତ୍ର ଭାଗନେବେ। ଏଥିରେ ପାରାଦୀପରୁ ୨ଜଣ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ସେମାନେ ହେଲେ ସୁଚିତ୍ରା ବଳବନ୍ତରାୟ ଓ ତେନ୍ଦୁଲକର ମୁଣ୍ଡା। ତାଲିମ ପାଇଁ ଓଡ଼ିଶା ଟିମ୍ ବୁଧବାର ଗୋଆ ଗସ୍ତ କରିବ ବୋଲି ପ୍ରଶିକ୍ଷକ ତଥା ଆନ୍ତର୍ଜାତିକ ସ୍କୁବା ଡାଇଭର ସବିର ବକ୍ସ ଜଣାଇଛନ୍ତି। ଛାତ୍ରୀଛାତ୍ର ଦ୍ୱୟ ଗତ ନଭେମ୍ବରରେ ଚଉମୁହାଣିଠାରେ ଆୟୋଜିତ ଜଳକ୍ରୀଡ଼ାରେ ସାମିଲ ହୋଇ ସଫଳତା ପାଇଥିଲେ। ପାରାଦୀପ ସେଲିଂ କ୍ଲବ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଆଇନଜୀବୀ ଗତିକୃଷ୍ଣ ଶତପଥୀ ଏହି ଜଳକ୍ରୀଡ଼ା ପ୍ରତିଯୋଗିତା କରିଥିଲେ। ଏଥିରେ ଅନୁପ୍ରାଣୀତ ହୋଇ ପାରାଦୀପର କଂଗ୍ରେସ ନେତା ତଥା ଓଡ଼ିଶା ୟାଟିଂ କ୍ଲବ ଉପସଭାପତି ବାପି ସର୍ଖେଲ ଏହି ଅଲମ୍ପିକ୍ ଭିତ୍ତିକ ଖେଳ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଜିଲାର ଇଚ୍ଛୁକ ଛାତ୍ରୀଛାତ୍ର ଜଳକ୍ରୀଡ଼ାରେ ସାମିଲ ହେବାକୁ କହିଛନ୍ତି। ଏଥିପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଗୋଆ ଶିବିର ପାଇଁ ଯେଉଁ ଛାତ୍ରୀଛାତ୍ର ଇଚ୍ଛୁକ ହେବେ ଯାଇପାରିବେ ବୋଲି ମଧ କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



“ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।

- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ୨୪ରୁ ଆରମ୍ଭ ରାଜ୍ୟସ୍ତରୀୟ କଳିଙ୍ଗ ଯୁବ ମହୋତ୍ସବ

**କୋରେଇ,୧୨।୧(ସ୍ୱ.ପ୍ର):** ଯାଜପୁର ଜିଲା କୋରେଇ ବ୍ଲକ ଅର୍ନ୍ତଗତ ଶଙ୍ଖଚିଲାସ୍ଥିତ ମା’ ହିଙ୍ଗୁଳା ପୀଠରେ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ‘କଳିଙ୍ଗ ଯୁବ ମହୋତ୍ସବ-୨୦୨୦’ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଆସନ୍ତା ୨୪, ୨୫ ଓ ୨୬ ତାରିଖ ତିନିଦିନ ଧରି ଚାଲିବ। ଏ ନେଇ ଶନିବାର ଏକ ସାମ୍ବାଦିକ ସମ୍ମିଳନୀ ଶଙ୍ଖଚିଲା ହିଙ୍ଗୁଳା ମଣ୍ଡପ ପରିସରରେ ମହୋତ୍ସବ କମିଟି ଅଧକ୍ଷ ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମିଟି ଉପାଧକ୍ଷ ଅକ୍ଷୟ କୁମାର ଜେନା, ଲକ୍ଷ୍ମୀକାନ୍ତ ରଥ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ(ଖ), ଆବାହକ ମଦନମୋହନ ବେହେରା, ମୁଖ୍ୟ ସଂଯୋଜକ ଗୁଣନିଧି ଗୁରୁ ଯୋଗଦେଇ ମହୋତ୍ସବର କାର୍ଯ୍ୟସୂଚୀ ପ୍ରକାଶ କରିଥିଲେ। ମହୋତ୍ସବ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦଯାପନୀ ଦିବସରେ ବିଶିଷ୍ଟ ରାଜନେତା, ସାହିତ୍ୟିକ, ଶିକ୍ଷାବିତ ଅତିଥିଭାବେ ଯୋଗଦେବେ। ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଏଥି ସହିତ ପ୍ରତ୍ୟେକ ସନ୍ଧ୍ୟାରେ ସଭା ଓ ମନୋରଞ୍ଜନ କର୍ଯ୍ୟକ୍ରମ ସିନେମା, କ୍ରୀଡା, ସଙ୍ଗୀତ, ଯାତ୍ରା ଆଦି କ୍ଷେତ୍ରର ସେଲିବ୍ରିଟୀଙ୍କ ଦ୍ୱାରା ପରିବେଷଣ କରାଯିବ ବୋଲି କମିଟି ଅଧକ୍ଷ ଜେନା ନିବେଦନ କରିଛନ୍ତି।

### ଅଗ୍ନିବିପନ୍ନଙ୍କୁ ସହାୟତା

**ସିଂହପୁର,୧୨।୧(ଡିଏନଏ):** ବିଂଝାରପୁର ବ୍ଲକ ଜରୀ ଓ ବାଙ୍ଗରା ଗ୍ରାମରେ ଗତ ଦିନରେ ଦୁଇଟି ସ୍ଥାନରେ ନିଆଁ ଲାଗି ଉଭୟ ଗ୍ରାମର ଦୁଇ ତିନି ପରିବାରଙ୍କ ସମସ୍ତ ଆସବାବପତ୍ର ସହ ଧନ ସମ୍ପତ୍ତି ଜଳି ପାଉଁଶ ହୋଇଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁରଭି, ବିଞ୍ଝାରପୁର ପକ୍ଷରୁ ଜରୀ ଗ୍ରାମର ସୁରଥ ମଲିକ, ସଞ୍ଜୟ ମଲିକ ଏବଂ ଅନିମା ମଲିକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା ଏବଂ ବାଙ୍ଗରା ଗ୍ରାମର ଶିଶିର ଜେନା, ଅରୁଣ ଜେନା, ତ୍ରିଲୋଚନ ଜେନା ଏବଂ ସଖି ଜେନାଙ୍କୁ ସହାୟତାଭାବେ କମ୍ବଳ, ସପ, ଗାମୁଛା ଏବଂ ଶୁଖିଲା ଖାଦ୍ୟ ଆଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟରେ ନିର୍ମଳଚନ୍ଦ୍ର ମଲ୍ଲିକ, ଅମିୟ ସାମଲ, ବିକ୍ରମ ଧଳ, ସଞ୍ଜୟ ମିଶ୍ର, ଅକ୍ଷୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଙ୍ଗରା ପଞ୍ଚାୟତ ଭାଜପା ପକ୍ଷରୁ କୃଷ୍ଣଚନ୍ଦ୍ର ଭୂୟାଁ, ଜ୍ଞାନରଞ୍ଜନ ଜେନା, କୃତୀବାସ ମଲିକ ଆର୍ଥିକ ସହାୟତା ଦେଇଛନ୍ତି।

## ସୌରିକ ଯୁବ ମହୋତ୍ସବ ଉଦ୍‌ଯାପିତ

# ‘ମହୋତ୍ସବ ସମାପନ ଯୁବପିଢ଼ିଙ୍କ ବିକାଶର ଆରମ୍ଭ’



ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କାଳିଆପାଣି,୧୨।୧(ଡିଏନଏ)**

ଓଡ଼ିଶା ଖଣି ନିଗମ ଖେଳ ପଡିଆରେ ଚାଲିଥିବା ୫ମ ସୌରିକ ଯୁବ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଯୁବ ମହୋତ୍ସବର ଶେଷ ଦିବସରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଘଡେଇ ଉଦ୍‌ବୋଧନ ଦେଇ ସୌରିକ ଯୁବ ମହୋତ୍ସବ ସମାପନ ନୁହେଁ, ଯୁବପିଢ଼ିଙ୍କ ବିକାଶର ଆରମ୍ଭ ବୋଲି କହିଥିଲେ। ସୌରିକ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ସମ୍ମୁଖକୁ ଆଣିବା ଓ ସେମାନଙ୍କୁ ସେ ଦିଗରେ ପ୍ରୋତ୍ସାହନ ପ୍ରଦାନ କରି ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ଏହି ପଞ୍ଚ ଦିବସୀୟ ମହୋତ୍ସବର ଲକ୍ଷ୍ୟ ଥିଲା ; ଯାହା ସଫଳ ହୋଇଛି ବୋଲି ସେ କହିଥିଲେ। ଗୋଲମାଲ ବ୍ୟଙ୍ଗ ସମାଲୋଚନା ପତ୍ରିକାର ସମ୍ପାଦକ ମାଧବାନନ୍ଦ ସ୍ୱାଇଁ ସ୍ୱତନ୍ତ୍ର ଅତିଥିଭାବେ ଉପସ୍ଥିତ ରହି ଚିରାଚରିତ ଢଙ୍ଗରେ ଯୁବପିଢ଼ିଙ୍କ ମାର୍ଗଦର୍ଶନ କରିଥିଲେ। ସେହିପରି କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୁବପିଢିଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷଦିନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ବହୁ ସମ୍ମାନସ୍ପଦ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷ ବିଶ୍ୱଜିତ ଦାସ, ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ବ୍ଲକ ଉପାଧକ୍ଷ ଦିବ୍ୟରଞ୍ଜନ ବରାଳ, ପୂର୍ବତନ ଜିଲା ପରିଷଦ ବିଦ୍ୟାଧର ପାତ୍ର, ଯୁବନେତା ପ୍ରଭାତ ପ୍ରଧାନ, ସୌରିକ ଯୁବ ମହୋତ୍ସବର ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ଜିଲାପରିଷଦ ସଭ୍ୟ ପ୍ରତାପ ପାତ୍ର, ସରପଞ୍ଚ କଳ୍ପନା ଜେନା, ସମିତି ସଭ୍ୟା ସଂଗୀତା ପ୍ରଧାନ, ଚିଙ୍ଗୁଡ଼ିପାଳ ସରପଞ୍ଚ ନିଳେନ୍ଦ୍ର ପ୍ରଧାନ, ସମିତି ସଭ୍ୟା ଲଳିତା ମହାନ୍ତ, ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ସମିତି ସଭ୍ୟ କେଶବ ହେସାଁ, କାଙ୍କଡପାଳ ସରପଞ୍ଚ ସବିତା ମହାନ୍ତ,ସମିତି ସଭ୍ୟା ରଶ୍ମିରେଖା ପରିଡା ମଞ୍ଚାସୀନ ଥିଲେ।

### ସମ୍ବର୍ଦ୍ଧିତ ହେଲେ ବିଶିଷ୍ଟ ବ୍ୟକ୍ତି

ସୌରିକ ଯୁବ ମହୋତ୍ସବର ଅନ୍ତିମ ଦିବସରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ସୌରିକ ଅଞ୍ଚଳର ୧୦ ପଞ୍ଚାୟତ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୦ଟି ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବହୁ ବରିଷ୍ଠ ବ୍ୟକ୍ତିମାନେ ଘଡେଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଟାଟାଷ୍ଟିଲ ସୁକିନ୍ଦା ଖଣିର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀଙ୍କୁ ସୌରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜୁଦୁର ସଂଘ ପ୍ରତିଷ୍ଠାତା ସଭ୍ୟ ପ୍ରବୋଧ କୁମାର ରାୟ ଓ ବ୍ରଜବନ୍ଧୁ ଦେଓଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅସୀମା ପଣ୍ଡା

### ଅନ୍ତାକ୍ଷରୀରେ ବାଜି ମାରିଲେ ଜନପ୍ରତିନିଧି ଦଳ

ସୌରିକ ଯୁବ ମହୋତ୍ସବର ଶେଷ ଦିବସରେ ଦିବା କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା ଅନ୍ତାକ୍ଷରୀ ପ୍ରତିଯୋଗିତାରେ ସୁକିନ୍ଦାର ନିର୍ବାଚିତ ମହିଳା ପ୍ରତିନିଧି ଦଳ ପ୍ରଥମ ସ୍ଥାନ କରି ପୁରସ୍କୃତ ହୋଇଥିଲେ। ନିର୍ବାଚିତ ମହିଳା ଜନପ୍ରତିନିଧି ଦଳ, ଟାଟାଷ୍ଟିଲର ପ୍ରତିଭା ମହିଳା କ୍ଲବ, ଓଡିଶା ଖଣି ନିଗମର ଅନନ୍ୟା ମହିଳା କ୍ଲବ ଓ ଇମ୍ଫାର ପ୍ରେରଣା ମହିଳା କ୍ଲବ ମଧ୍ୟରେ ଅନ୍ତାକ୍ଷରୀ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଚଳଚ୍ଚିତ୍ର ଅଭିନେତା ପୁପିନ୍ଦର ସିଂ ପରିଚାଳନା କରିଥିବାବେଳେ ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ମିଲନ ରଞ୍ଜନ କର, ଜିନ୍ଦଲର ବରିଷ୍ଠ ଅଧିକାରୀ ଶକ୍ତି ପ୍ରସାଦ ବିଶ୍ୱାଳ ଓ ନାରାୟଣ ବାହାଦୁର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ତାକ୍ଷରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧି ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଖଣି ନିଗମର ଅନନ୍ୟା ଓ ଇମ୍ଫାର ପ୍ରେରଣା କ୍ଲବକୁ ଯୁଗ୍ମ ଉପବିଜେତା ଭାବେ ପୁରସ୍କୃତ କରାଯାଇଥିଲା। ଜନ ପ୍ରତିନିଧିଙ୍କ ପକ୍ଷରୁ ଜିଲା ପରିଷଦ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ନେତୃତ୍ୱରେ ସମସ୍ତ ମହିଳା ସରପଞ୍ଚ ଓ ସମିତି ଭାଗ ନେଇଥିଲେ। ଇମ୍ଫାର ପ୍ରେରଣା କ୍ଲବର ଅନୀତା ପାଟନୀ, ଅନୀତା ପୃଷ୍ଟି, ଶ୍ରୀଲେଖା ପାତ୍ର ଭାଗ ନେଇଥିଲେ। ସେହିପରି ଓଏମସି ଅନନ୍ୟା କ୍ଲବ ସଂଯୁକ୍ତା ନାଥଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଭାଗ ନେଇଥିଲେ। ସୌରିକ ଯୁବ ମହୋତ୍ସବର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଲିଉଡ ସେଲବ୍ରିଟି ଅନୁଭା ଓ ପୁପିନ୍ଦର, ପ୍ରସିଦ୍ଧ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଅଶୁତୋଷ ମହାନ୍ତି, ଗୌତମ ଗିରି, ଯାଜ୍ଞସେନୀ ପ୍ରମୁଖଙ୍କ ସୁମଧୁର ସଂଗୀତ ଦର୍ଶକଙ୍କ ମନୋରଞ୍ଜନ କରିଥିଲା।

## ନୀଳାଚଳ ଘରୋଇକରଣ ବିରୋଧରେ ଗଣଧାରଣା ଜାରି




ନୀଳାଚଳ କାରଖାନା ଘରୋଇକରଣ ବିରୋଧରେ ଗଣଧାରଣା ଦିଆଯାଇଛି।

**କଳିଙ୍ଗନଗର,୧୨।୧(ଡି.ଏନ.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ନୀଳାଚଳ କାରଖାନାରୁ କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହର କରି ଘରୋଇକରଣ କରିବାକୁ ନିଷ୍ପତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ବିରୋଧ କରି ଶନିବାରଠାରୁ ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚ ତରଫରୁ କାରଖାନାର ଉଭୟ ଫାଟକ ସମ୍ମୁଖରେ ଗଣଧାରଣା ଦେଉଛନ୍ତି। ସେହିପରି ରବିବାର ମଧ ଏହି ଗଣଧାରଣା ଜାରି ରହିଥିବା ଦେଖାଯାଇଛି। ଏହି ଧାରଣାରେ ରଞ୍ଜନ ନାୟକ, ବାବୁଲି ପୂର୍ତ୍ତୀ, ମହିରାମ ପୂର୍ତ୍ତୀ, ରାଜକିଶୋର ମହନ୍ତ, ବିଜୟ ମହନ୍ତ, ପୂର୍ଣ୍ଣଚନ୍ଦ୍ର ମହନ୍ତ, ମନୋରଞ୍ଜନ ମହନ୍ତ, କାଳିଆ ମହନ୍ତ, ବେନୁ ମହନ୍ତ, ରାଜୁ ଦେହୁରୀ, ସିକନ୍ଦର ପୂର୍ତ୍ତୀ, ପଦ୍ମାବତୀ ମହନ୍ତ ନେତୃତ୍ୱ ନେଇଛନ୍ତି।

## ନନ୍ଦିଘୋଷ ଚକ ଶୋଭାଯାତ୍ରା ନେଇ ପ୍ରସ୍ତୁତି

**ଧର୍ମଶାଳା,୧୨।୧(ଡିଏନ୍ଏ):** ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ରବିବାର ମନ୍ଦିର ପରିସରରେ ନନ୍ଦିଘୋଷ ଚକ ଶୋଭାଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଶୁଭେନ୍ଦୁ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଣମାଧମକୁ ସୂଚନା ଦେଇ ସ୍ୱାଇଁ କହିଲେ ଯେ, ଆସନ୍ତା ୨୧ରେ ପୁରୀ ଜଗନ୍ନାଥ ମନ୍ଦିର ପରିସରରୁ ନନ୍ଦିଘୋଷ ଚକ, ଜଗନ୍ନାଥଙ୍କ ୨୪ ବେଶ, ୫୬ ଭୋଗ ଅଳଙ୍କାର କୁଡିଆ ପଦର୍ଶନ ହେବ। ସେହିଦିନ ମନ୍ଦିର ତରଫରୁ ଏକ ରଥ ଚକ ଶୋଭାଯାତ୍ରାରେ ବାହାରି ସାକ୍ଷୀଗୋପାଳ, ପିପିଲି, ଭୁବନେଶ୍ୱର, କଟକ, ଛତିଆ, ୨୨ମୌଜା, କ୍ଷେତ୍ରପାଳ, ଚଣ୍ଡିଖୋଲ, ଜାରକା, ଧର୍ମଶାଳା ମାଉସୀ ମା’ ମନ୍ଦିର ଦେଇ ୨୨ତାରିଖ ସନ୍ଧ୍ୟାରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ଥାପନ ହେବ। ୨୩ରେ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଭାରତର ବିଭିନ୍ନ ସହରରୁ ୧୭୭ ମନ୍ଦିରର ପୂଜକ ଓ ପ୍ରବଚକମାନେ ଯୋଗଦେବେ। ଖବରଦାତା ସମ୍ମିଳନୀରେ ସନ୍ଥ ଦିନଦୟାଲ ସରସ୍ୱତ, ସରୋଜ ଚନ୍ଦ୍ର ପାତ୍ର, ହରିଶଚନ୍ଦ୍ର ସାହୁ, କମିଟି ସଭାପତି ତଥା ଥାନାଧିକାରୀ ସରୋଜ କୁମାର ସାହୁ, ପତ୍ରିକା ସମ୍ପାଦକ ଗଣେଶ୍ୱର ପରିଡା, ସମ୍ପାଦକ ପ୍ରସନ୍ନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ■ ଜଳ ସମ୍ପଦ, ପିଆର ବିଭାଗରେ ପାଣ୍ଠିର ଅଭାବ

## ୯ଟି ରାସ୍ତା ଆରଡି ବିଭାଗକୁ ହସ୍ତାନ୍ତର ପ୍ରସ୍ତାବ

**ଯାଜପୁର ଅଫିସ,୧୨।୧**

ଜଳ ସମ୍ପଦ ଓ ପଞ୍ଚାୟତିରାଜ(ପିଆର) ବିଭାଗରେ ପାଣ୍ଠିର ଅଭାବ ତଥା ସୀମିତ ଅନୁଦାନ ଯୋଗୁ ସମ୍ପୃକ୍ତ ରାସ୍ତାଗୁଡିକର ଆବଶ୍ୟକ ଉନ୍ନତି ସହ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ଏଣୁ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ଜଳ ସମ୍ପଦ ୧ଟି ଓ ପଞ୍ଚାୟତିରାଜ ବିଭାଗୀୟ ଅଧୀନ ୮ଟି ରାସ୍ତାକୁ ଆରଡି (ଗ୍ରାମ୍ୟ ଉନ୍ନୟନ) ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହୋଇଛି। ଏହି ମର୍ମରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ତାଙ୍କ ପତ୍ରସଂଖ୍ୟା ୧/୨।୧୦।୨୦୨୦ରେ ଯାଜପୁର ଜିଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି। ଡିଷ୍ଟ୍ରିକ୍ଟ ଏମ୍ପାୱାର କମିଟି(ଡିଇସି) ବୈଠକରେ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ସେ ଅନୁରୋଧ କରିଛନ୍ତି। ଏଥିରେ ଜଳ ସମ୍ପଦ ବିଭାଗ ଅଧୀନ ବିଞ୍ଝାରପୁର ବ୍ଲକର ଶାସନପଡାରୁ ମନ୍ଦାରଖଣ୍ଡ, ଚମ୍ପା ୮ କି.ମି. ରାସ୍ତା, ପଞ୍ଚାୟତିରାଜ ବିଭାଗ ଅଧୀନ ବିଞ୍ଝାରପୁର ବ୍ଲକର କନ୍ତିତରରୁ କୁଆଁଲୋ ବେଙ୍ଗ ବ୍ରିଜ ଭାୟା କୁଆଁଲୋ ମଲ୍ଲିକସାହି ୫ କି.ମି. ରାସ୍ତା, ଜରି-ଗଦଗଦି ଭାୟ ମାହାରା ୪ କି.ମି. ରାସ୍ତା, ସିଂହପୁର-ଅନ୍ଧାଲୋ ୫ କି.ମି. ରାସ୍ତା ଓ ଆର ଆଣ୍ଡ ବି ରାସ୍ତା ଅମିତାଭ ବଚନ ଛକରୁ ସୋରଡିହ ୭ କି.ମି. ରାସ୍ତା ଏବଂ ଦଶରଥପୁର ବ୍ଲକର ଏନଏଚ୍‌ରୁ ଆମ୍ବଖିଆ ସାଇମଦ ବିଲା ହରିଜନ ସାହି ୪ କି.ମି. ରାସ୍ତା, ଆର ଆଣ୍ଡ ବି ରାସ୍ତାରୁ ନାଉବାଙ୍କରୁ ଇବ୍ରାହିମପୁର ଭାୟା ନେମରା ୭ କି.ମି. ରାସ୍ତା, ଆର ଆଣ୍ଡ ବି ରାସ୍ତାରୁ ଚଷାଖଣ୍ଡ ପଞ୍ଚାୟତ ଅଫିସ ଭାୟା କନ୍ହେଇ, ପଦିଆ, କାନ୍ତପରି ୬ କି.ମି. ରାସ୍ତା ଓ ଜାଫରପୁରଠାରୁ ଚାଉଳିଆ ୭.୫ କି.ମି. ରାସ୍ତା ରହିଛି। ଉପରୋକ୍ତ ରାସ୍ତାମାନଙ୍କରେ ଆବଶ୍ୟକ ପାଣ୍ଠି ଅଭାବରୁ ସମସ୍ୟାରେ ଗତି କରୁଥିବା ସହ ମରାମତି, ନିର୍ମାଣ ଓ ରକ୍ଷଣାବେକ୍ଷଣ ହୋଇ ପାରୁନାହିଁ ବୋଲି ବିଧାୟିକା ମଲିକ ସୂଚନା ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଆର ଆଣ୍ଡ ବି ଡିଭିଜନ ପାଣିକୋଇଲି, ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନ ଯାଜପୁର ନିର୍ବାହୀ ଅଧିକାରୀଙ୍କ ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଜିଲାପାଳଙ୍କୁ ପତ୍ର ଲେଖିଲେ ବିଞ୍ଝାରପୁର ବିଧାୟିକା

## ଅର୍ଥାଭାବ ଯୋଗୁ ଚିକିତ୍ସାରୁ ବଞ୍ଚିତ ଯୁବକ

**ଯାଜପୁର ଟାଉନ,୧୨।୧(ଡିଏନ୍ଏ)**

ରାଜ୍ୟ ସରକାର ସାଧାରଣଙ୍କ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ ସାଧାରଣ ଲୋକଙ୍କ ପାଖରେ ତାହା ପହଞ୍ଚି ପାରୁନାହିଁ। ଅନ୍ଧ ବିଶ୍ୱାସର ଶିକାର ହୋଇ ଗାଁ ଗହଳିରେ ବିଭିନ୍ନ ଲୋକ ନାନା ପ୍ରକାର ହଇରାଣ ହେଉଛନ୍ତି। ମାତ୍ର ସେମାନଙ୍କ ପାଖରେ ପହଞ୍ଚି ପାରୁନି ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମରେ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଅଜଣା ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣାରେ ଛଟପଟ ହେବା ସହ ମୃତ୍ୟୁ ସହ ସଂଗ୍ରାମ କରିଚାଲିଛନ୍ତି ୨୭ବର୍ଷର ଯୁବକ ଘଣ୍ଟେଶ୍ୱର ଦେହୁରୀ। ଦିନ ମଜୁରିଆଭାବେ କାର୍ଯ୍ୟ କରି ଘଣ୍ଟେଶ୍ୱର ତାଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ବର୍ଷେତଳେ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେବାରୁ ଡାକ୍ତରୀ ଚିକିତ୍ସା ନ କରାଇ ଗୁଣିଗାରେଡ଼ି ମାଧମରେ ଚିକିତ୍ସା କରାଉଥିଲେ। ଘଣ୍ଟେଶ୍ୱରଙ୍କ ମଳଦ୍ୱାରରେ ଏକ ବଥ ହୋଇଥିଲା। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ତାହା ଅପରେଶନ୍ କରାଇବା ପରେ ସେ ରକ୍ତହୀନତାର ଶିକାର ହୋଇଥିଲେ। ଡାକ୍ତର ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ପଠାଇଥିଲେ ମଧ ଘଣ୍ଟେଶ୍ୱର ଅର୍ଥ ଅଭାବରୁ ଚିକିତ୍ସା କରାଇପାରି ନ ଥିଲେ। ଫଳରେ ତାଙ୍କ ଅବସ୍ଥା ସାଂଘାତିକ ହେବାକୁ ଲାଗିଛି। ଘଣ୍ଟେଶ୍ୱରଙ୍କର ଗୋଟିଏ ୭ମାସର ଝିଅ ଥିବାବେଳେ ତାଙ୍କ ମୁଣ୍ଡରେ ବୁଢ଼ୀ ମା’ ଓ ସ୍ତ୍ରୀଙ୍କ ବୋଝ । ଓଳିଏ ଖାଇ ଓଳିଏ ଓପାସ ରହୁଥିବା ଘଣ୍ଟେଶ୍ୱରଙ୍କ ପରିବାରକୁ ଗ୍ରାମବାସୀ କିଛି କିଛି ଅର୍ଥ ଦାନ କଲେ ତାଙ୍କ ପରିବାର ଚଳୁଛି। ଅପରପକ୍ଷରେ ଘଣ୍ଟେଶ୍ୱରଙ୍କର ଗୋଟିଏ ବଖରା ମାଟିଘର ଥିବାବେଳେ ତାଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ମାଧମରେ ଘରଟିଏ ମିଳିପାରି ନାହିଁ। ଘଣ୍ଟେଶ୍ୱର ଦିନ ମଜୁରିଆ ହୋଇଥିବାରୁ ଏବେ ମୂଲ ମଧ ଲାଗିପାରୁ ନାହିଁ। ଫଳରେ ଘଣ୍ଟେଶ୍ୱର ନିଜ ଚିକିତ୍ସା କରାଇବା ଅସମ୍ଭବ ହୋଇପଡିଥିବାବେଳେ ପରିବାରକୁ ପ୍ରତିପୋଷଣ କରିପାରୁ ନାହାନ୍ତି। ଏ ସମ୍ପର୍କରେ ଚଇନିପୁର ସରପଞ୍ଚ ମିନତୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ତାଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଘଣ୍ଟେଶ୍ୱର ବର୍ତ୍ତମାନ ଡାକ୍ତରୀ ଚିକିତ୍ସା କରିବା ପରିବର୍ତ୍ତେ ଗୁଣିଗାରେଡି ଉପରେ ନିର୍ଭର କରୁଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟାଧିକାରୀ ଅରୁଣ କୁମାର ପାତ୍ରଙ୍କୁ ପଚାରିବାରେ, ତାଙ୍କ ପାଖରେ ଘଣ୍ଟେଶ୍ୱରଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ କହିବା ସହ ଏକ ଡାକ୍ତରୀ ଟିମ୍ ସେହି ଗ୍ରାମକୁ ପଠାଯିବ ବୋଲି କହିଛନ୍ତି।



ଘଣ୍ଟେଶ୍ୱର ଦେହୁରୀ


[Continued from previous page]


## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

(OR)

Govt. Boys’ High School
Talcher, 8th October 2019

To
The Headmaster
Govt. Boys’ High School, Talcher
(Through the class teacher)
Sub : Request to allow to a friendly cricket match.
Sir,

With profound honour I beg to inform you that I am Rakesh Sahu, a student of Class X. The students of our class want to have a friendly cricket match with the rest of the students of our school. We have discussed about it with the monitors of all the other classes and they have agreed to our proposal. We have also consulted the physical education teacher of our school. He has already given his consent for the match. We have proposed to hold the match next Sunday.

Therefore, on behalf of the students of Class X, I request you to allow us to hold the match so that we shall remain ever grateful to you.

Yours faithfully,
**Rakesh Sahu**
Student of Class-X

**14. Title :** Computer

Computer are very useful machines. They can do more things in less time as compared to people. Since they have replaced people, in future it will be difficult for people to find job. Computers can’t take decision as they don’t have mind. Only people can use the stored information and get result from it. We can’t now imagine a world without computers.

(OR)

Chandikhole, Jajpur
25 September, 2019

To
The Editor,
The Times of India, Bhubaneswar.

**A Road Accident on the National Highway at Chandikhole**

Today a severe road accident took place on the National Highway at Chandikhole at about 4 p.m. A passenger bus coming from Jajpur Town collided with a Hero Honda Motorcycle just at the Chandikhole square. The rider and other occupant of the bike were killed at the spot. It so happened as the driver of bus was attending a call on his mobile phone. Traffic came to a halt after the accident. But the timely arrival and interference of the N.H. Police made the situation normal.

***Santosh Mishra***
Reporter

**15.** (i) There were eight servants at Akbar’s palace. One of them helped Akbar get ready to go to the court everyday.
(ii) One day Akbar wanted to wear his favourite ring.
(iii) Akbar was very angry because he felt that one of his eight servants had stolen his favourite ring.
(iv) Akbar sent for Birbal and asked him to find the thief.
(v) About the sticks Birbal told the eight servants that the thief’s stick would become longer by as much as the length of a finger that night.

□□□



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

**କଳିଙ୍ଗନଗର,୧୨।୧(ଡି.ଏନ.ଏ):** ଜାନୁୟାରୀ ୧୧ରୁ ୧୭ ପର୍ଯ୍ୟନ୍ତ ଯାଜପୁର ଜିଲା ପୋଲିସ ପକ୍ଷରୁ ଯାଜପୁର ରୋଡ ଥାନା ଅନ୍ତର୍ଗତ ଚୋରଦା ବାଇପାସ ନିକଟରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଯାଜପୁରରୋଡ ଏସ୍‌ଡିପିଓ ଚିନ୍ମୟୀ ସାହୁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଡକ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବା ସହ ସିଟବେଲ୍ଟ ବାନ୍ଧି ଗାଡି ଚଳାଇବା, ହେଲମେଟ ପିନ୍ଧି ମୋଟର ସାଇକେଲ ଚଳାଇବା ସହ ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ କରିବାକୁ ଚାଳକଙ୍କୁ ଉପଦେଶ ଦେଇଥିଲେ।

### ରାଇଜିଂ ୟୁଥ ଷ୍ଟାର କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ: ହାତିବାରି ଚାମ୍ପିୟନ

**ସୁକିନ୍ଦା,୧୨।୧(ଡିଏନଏ):** ସୁକିନ୍ଦା ବ୍ଲକ କୁହିକାଠାରେ ରାଇଜିଂ ୟୁଥ ଷ୍ଟାର କ୍ଲବ ପକ୍ଷରୁ ୨୩ତମ କ୍ରିକେଟ ଟୁର୍ନାମେଣ୍ଟ ମହାଗିରି ଏମ୍‌ଇ ସ୍କୁଲ ପ୍ରାଙ୍ଗଣରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ରଥମେ ଟସ୍ ଜିତି ମାର୍ଥାପୁର କ୍ରିକେଟ ଟିମ ୨୦ ଓଭରରେ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ହାତିବାରି କ୍ରିକେଟ ଟିମ ୧୫.୩ ଓଭରରେ ୫ ୱିକେଟ ବିନିମୟରେ ୧୬୮ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଫାଇନାଲ ମ୍ୟାଚରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, କୁହିକା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀପକ କୁମାର ନାୟକ, ସରପଞ୍ଚ ଶୁଭାସିନି ପାତ୍ର, ୩୭ ନମ୍ବର ଜିଲା ପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ପାତ୍ର, ବ୍ରଜ କିଶୋର ବାରିକ, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ସିରିଜ, ବେଷ୍ଟ ସ୍କୋରର, ବେଷ୍ଟ ଅମ୍ପାୟାରଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ବିକାଶ ଶୁକ୍ଲା, ମହେନ୍ଦ୍ର ମୁଣ୍ଡା, ତ୍ରିଲୋଚନ ମହାକୁଡ, ଉତ୍କଳ ବାରିକ, ତପିନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରତ୍ନଗିରି,୧୨।୧(ଡିଏନ୍ଏ):** ବରୀ ବ୍ଲକ ମନ୍ଦାରୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ବନବିହାରୀ ଜେନାଙ୍କର ୯୧ବର୍ଷ ବୟସରଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥତା ଅନୁଭବ କରିବା ସହିତ ଚିକିତ୍ସିତ ହେଉଥିଲେ। ସେ ଜଣେ ସରଳ, ନିଷ୍ଠଭାଷୀ, ବ୍ୟକ୍ତିଭାବେ ଜଣାଶୁଣା ଥିବାବେଳେ ବରୀ ଅଞ୍ଚଳର ବହୁ ସାମାଜିକ ସଂଗଠନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବରୀ ବିଧାୟିକା ସୁନନ୍ଦା ଦାସ, ବ୍ଲକ ଅଧକ୍ଷା ସୁବାସିନୀ ଶର୍ମା, ପ୍ରାକ୍ତନ ବରୀ ବ୍ଲକ ଅଧକ୍ଷ ଗଗନ ବିହାରୀ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ଦାସ, ପ୍ରାକ୍ତନ ବିଜେଡି ବ୍ଲକ ସଭାପତି ବିଚିତ୍ରାନନ୍ଦ ଜେନା, ପ୍ରାକ୍ତନ ସମିତିସଭ୍ୟ ମାନସ ଜେନା, ହରିହର ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥଲା।


### 'ଗାନ୍ଧିଜୀଙ୍କ ନୀତି ଆପଣେଇଲେ ସମାଜ ହିଂସାମୁକ୍ତ ହେବ'

**ରସୁଲପୁର,୧୨।୧(ଡଏନଏ):** ଗାନ୍ଧିଜୀଙ୍କ ନୀତି ଆଦର୍ଶ ବିଶ୍ୱ ଦରବାରରେ ଗ୍ରହଣୀୟ ହୋଇପାରିଛି। ସମାଜକୁ ହିଂସାମୁକ୍ତ କରିବାକୁ ହେଲେ ଗାନ୍ଧିଜୀଙ୍କ ଅହିଂସା ନୀତି ଆପଣେଇବା ଆବଶ୍ୟକ। ରାମରାଜ୍ୟ ପ୍ରତିଷ୍ଠା ପ୍ରସଙ୍ଗ ହେଉ ଅବା ସମାଜରେ ସୁଶାସନ ପ୍ରତିଷ୍ଠା କରିବା ଆଦି ଦିଗରେ ଗାନ୍ଧୀଜୀଙ୍କ ନୀତି ଆଦର୍ଶକୁ ଛାଡି ଏଭଳି ପରିକଳ୍ପନା ସମ୍ଭବ ନୁହେଁ ବୋଲି ବ୍ରହ୍ମବରଦା ଜୁନିଅର ଓ ଡିଗ୍ରୀ କଲେଜ ସମୂହରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଡିଗ୍ରୀ କଲେଜ ଅଧକ୍ଷ ମହେଶ୍ୱର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗାନ୍ଧୀ ଚର୍ଚ୍ଚା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜେବି କଲେଜର ଅବସରପ୍ରାପ୍ତ ପ୍ରଧାପକ ସୁଧିର ଚନ୍ଦ୍ର ଜେନା, ସମ୍ମାନିତ ଅତିଥିଭାବେ ଗୋପବନ୍ଧୁ ରମାଦେବୀ ଆଶ୍ରମ ସମ୍ପାଦକ ରମାକାନ୍ତ ମଣ୍ଡଳ, କାମଦେବ ଶତପଥୀ, ରୟୁଫ ଖାଁ, ପ୍ରଶାନ୍ତ ସାହୁ, ସୁଦର୍ଶନ ପୃଷ୍ଟି, ସୁଚିତ୍ରାନନ୍ଦ ଦାଶ, ଉଲାସ ଚନ୍ଦ୍ର ବିଶ୍ୱାଳ, ରାଜ କିଶୋର ପଣ୍ଡା, ରଶ୍ମିତା ସାମଲ, କନକଲତା ଲେଙ୍କା ପ୍ରମୁଖ ସାଂପ୍ରତିକ ସମୟରେ ଗାନ୍ଧୀବାଦର ପ୍ରାସଙ୍ଗିତା ଉପରେ ଆଲୋକପାତ କରିଥିଲେ।

## ଇଜିମାଇଲ ଜମି ଉପରେ ବିଜୁ ପକ୍କାଘର ନିର୍ମାଣ ଅଭିଯୋଗ

# ତ୍ରୁଟିପୂର୍ଣ୍ଣ ପଟ୍ଟା ଦେଇ ସରକାରୀ ଅର୍ଥ ହଡ଼ପ

**ରସୁଲପୁର,୧୨।୧(ଡିଏନଏ)**



- କୋର୍ଟଙ୍କ ଆଦେଶକୁ ବେଖାତିର
- ସ୍ଥିତାବସ୍ଥା ଜାରି ସତ୍ତ୍ୱେ ଘର କାମ କଲେ
- ୨ଟି କିସ୍ତିରେ ହାତେଇ ସାରିଲେଣି ୫୫ହଜାର ଟଙ୍କା

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଓ ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ବାସହୀନଙ୍କୁ ଗୃହ ଯୋଗାଇ ଦିଆଯାଉଛି। ତେବେ ଏ ନେଇ ରହିଥିବା ନିୟମାବଳୀକୁ କଡାକଡ଼ି ପାଳନ କରାଯାଉ ନାହିଁ। ସର୍ବୋପରି ହିତାଧିକାରୀ ଦାଖଲ କରୁଥିବା ଜମିଜମା ସମ୍ପର୍କିତ କାଗଜପତ୍ରକୁ ଆଦୌ ଯାଞ୍ଚ କରା ନଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ଫଳରେ ହିତାଧିକାରୀ ଅନ୍ୟ ଏକ ସ୍ଥାନର ଜମିଜମା ସମ୍ପର୍କିତ ପଟ୍ଟା ପ୍ରଦାନ କରି ଆଉ ଏକ ଜମି ଉପରେ ସରକାରୀ ଆବାସ ନିର୍ମାଣ କରୁଛନ୍ତି। ଏ ଦିଗରେ ଅଭିଯୋଗ ହେବା ପରେ ବି ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତଦନ୍ତ ଅଧିକାରୀ ଅଭିଯୋଗକୁ ଅଣଦେଖା କରି ଘର ନିର୍ମାଣ ବାବଦକୁ ବିଲ୍ ପୈଠ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଯାଜପୁର ଜିଲା ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ଶଙ୍କର୍ଷଣ ମହାପାତ୍ର କରିଛନ୍ତି। ପ୍ରକାଶ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ବିଶ୍ୱନାଥ ମହାପାତ୍ରଙ୍କୁ ବିଜୁ ପକ୍କାଘର ଯୋଜନାରେ ୧.୩୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସଂଖ୍ୟା-୫୫୪୭/୨୧।୧୦।୨୦୧୭ରେ ବ୍ଲକରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟାଦେଶ ହାତେଇବା ପୂର୍ବରୁ ହିତାଧିକାରୀ ବିଶ୍ୱନାଥ ଖାତା ନଂ-୪୯୬ ଓ ପ୍ଲଟ ନଂ୨୧୬୨ ଉପରେ ୧୩ ଡିସିମିଲ ଓ ୨୧୬୩ ଉପରେ ୬ ଡିସିମିଲ ଉପରେ ଘର କରିବା ପାଇଁ ଜମିଜମା ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ସେହି ଜମି ଉପରେ ଘର ନିର୍ମାଣ କରା ନ ଯାଇ ଏକ ଇଜିମାଇଲ ସମ୍ପତି ଖାତା ନଂ-୪୯୯ ଓ ପ୍ଲଟ ନଂ-୨୧୫୬ ଉପରେ ଘର ନିର୍ମାଣ କରୁଛନ୍ତି। ଏହି ଜମିଜମାକୁ ପାର୍ଟିସନ କେସ୍ ନଂ-୩୦୯/୨୦୦୯ରୁ ସିଭିଲ କୋର୍ଟରେ ମାମଲା ବିଚରାଧୀନ ରହିଛି। ଏଥିସହ ଉକ୍ତ ମାମଲାରେ କୋର୍ଟ ୯ ଏପ୍ରିଲ, ୨୦୧୦ରେ ପକ୍ଷଙ୍କୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ହିତାଧିକାରୀ ଏହାକୁ ଖିଲାପ କରିବା ସହ ବିବାଦୀୟ ଜମିରେ ଘର ନିର୍ମାଣ କରି ଏ ବାବଦରେ ୨ଟି କିସ୍ତିରେ ୫୫,୦୦୦ଟଙ୍କା ହାତେଇ ସାରିଲେଣି। ଏବେ ଛାତସ୍ତର ପର୍ଯ୍ୟନ୍ତ ନିର୍ମାଣ ସାରି ବିଲ୍ ହାତେଇବାକୁ ଯୋଜନା କରୁଛନ୍ତି। ଏ ଦିଗରେ ନିର୍ବାହୀ ଅଧିକାରୀ ତାଙ୍କୁ ସହଯୋଗ କରୁଛନ୍ତି ବୋଲି କହୁଛନ୍ତି। ଏ ସମ୍ପର୍କରେ ବିଶ୍ୱନାଥଙ୍କ ପକ୍ଷ ଯାଜପୁର ଜିଲାପାଳ ଓ ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି। ଉକ୍ତ ଅଭିଯୋଗ ବ୍ଲକ ପ୍ରଶାସନ ପାଇଁ ମୂଲ୍ୟହୀନ ହୋଇପଡିଛି। ଅଭିଯୋଗ ପାଇବା ପରେ ନିର୍ବାହୀ ଅଧିକାରୀ କାର୍ଯ୍ୟାଦେଶ ବାତିଲ କରିବା ବଦଳରେ ଏକାଧିକ ବିଲ ପୈଠ ପାଇଁ ସୁପାରିଶ କରି ଚାଲିଛନ୍ତି। ଏପରିକି ହିତାଧିକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ବଦଳରେ ଚାଲୁ ରଖିଛନ୍ତି। ନିର୍ମାଣ କାର୍ଯ୍ୟ ୩୧ମାର୍ଚ୍ଚ, ୨୦୧୮ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଥିଲା। ଏହା ଭିତରେ ୨ବର୍ଷ ବିତିବାକୁ ବସିଲାଣି, ହେଲେ ହିତାଧିକାରୀଙ୍କ କାର୍ଯ୍ୟାଦେଶକୁ ବାତିଲ କରିବା ବଦଳରେ ପ୍ରଶାସନ କାହିଁକି ସହଯୋଗ କରୁଛି ତାହା ବୁଝାପଡୁ ନାହିଁ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତଙ୍କୁ ପଚାରିବାରୁ, ସେ ଅଭିଯୋଗ ପାଇଛନ୍ତି। ତେବେ ଏନେଇ ତାଙ୍କୁ କୋର୍ଟରୁ ବିଡିଓଙ୍କୁ କୌଣସି ନିର୍ଦ୍ଦେଶ ନାହିଁ। ଅଭିଯୋଗ ମୁତାବକ ଜମିର ମାପଚୁପ କରାଯିବା ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡିବ। ହିତାଧିକାରୀ ଛାତ ସ୍ତର ପର୍ଯ୍ୟନ୍ତ କାମ ସାରିଛନ୍ତି। ଏଭଳି ଅଭିଯୋଗ ଥିବାରୁ ସେ ଛାତ ପକାଇବା ପରେ ତାଙ୍କୁ ବିଲ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ବାରବାଟୀରେ ଗୋଶାଳା ନିର୍ମାଣ ନେଇ ପ୍ରସ୍ତୁତି

**ଚଣ୍ଡିଖୋଲ,୧୨।୧(ଡି.ଏନ.ଏ)**

ବଡଚଣା ବ୍ଲକ ପଲେଇ ପଞ୍ଚାୟତ ଅଧୀନ ଐତିହାସିକ ବାରବାଟି ପଡିଆରେ ନୂତନଭାବେ ଗୋଶାଳା ନିର୍ମାଣ କରାଯିବା ନେଇ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରମାକାନ୍ତ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋସୁରକ୍ଷା ସମିତି ରାଷ୍ଟ୍ରୀୟ ଉପସଭାପତି ବୀର କିଶୋର ପାଣିଗ୍ରାହୀ ଯୋଗଦେଇ ଗୋସେବା ହେଉଛି ମାନବ ଜାତିର ସେବା। ପ୍ରଥମ ଯଜ୍ଞାଧିକର୍ମ ହେବା ସମୟରେ ଗୋପୂଜା କରାଯାଇଥାଏ। ତେଣୁ ଏଠାରେ ଗୋଶାଳା ନିର୍ମାଣ ଏକ ଭଲ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେବିଶିଷ୍ଟ ଶିକ୍ଷାବିତ ସୁରେନ୍ଦ୍ରନାଥ ଭୂୟାଁ, ସ୍ୱାଧିନତା ସଂଗ୍ରାମୀ ପରିବାରର ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ମହିଳା ନେତ୍ରୀ ମନୋରମା ଆଚାର୍ଯ୍ୟ, ଶ୍ରମିକ ନେତା ବ୍ରଜ କିଶୋର ସାମଲ, ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇ ବଡଚଣା ଅଞ୍ଚଳରେ ପ୍ରଥମ କରି ଗୋଶାଳା ନିର୍ମାଣକୁ ସ୍ୱାଗତ କରିଥିଲେ। କମିଟି ସମ୍ପାଦକ ରତିକାନ୍ତ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଳାକାର ଓଡିଶାର ସଭାପତି ସତ୍ୟବ୍ରତ ପୁହାଣ ଧନ୍ୟବାଦ ଦେଇଥିଲେ।

## ଗଣପତି ଜ୍ଞାନମନ୍ଦିର ବାର୍ଷିକୋତ୍ସବ

# 'ଛାତ୍ରୀଛାତ୍ରମାନେ ଏକଲବ୍ୟଙ୍କ ଭଳି ଶିଷ୍ୟ ହେବା ଉଚିତ'



ଗଣପତି ଜ୍ଞାନମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଚଣ୍ଡିଖୋଲ,୧୨।୧(ଡି.ଏନ.ଏ)**

ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଦ୍ୱାପର ଯୁଗରେ ଏକଲବ୍ୟ ନିଜ ଗୁରୁଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରି ବିନା ଗୁରୁରେ ଏକ ଦକ୍ଷ ଶିଷ୍ୟ ହୋଇପାରିଥିଲେ। ସେହିଭଳି ଇଚ୍ଛାଶକ୍ତି ରହିଲେ ପ୍ରତ୍ୟେକ ପିଲା ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ପାରିବେ। ସେଥିପାଇଁ ଛାତ୍ରୀଛାତ୍ରମାନେ ଏକଲବ୍ୟ ଭଳି ଶିଷ୍ୟ ହେବା ଉଚିତ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ପ୍ରକାଶ କରିଥିଲେ। ଚଣ୍ଡିଖୋଲ ନିକଟସ୍ଥ ଚାରିବାଟିଆସ୍ଥିତ ଗଣପତି ଜ୍ଞାନମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଶିକ୍ଷାବିତ ବିନାୟକ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ଭାଷା ସାହିତ୍ୟ ବିଭାଗର ପ୍ରାଧାପକ ରାଜେନ୍ଦ୍ର କିଶୋର ପାଢୀ ଯୋଗଦେଇ ପୁସ୍ତକରେ ଥିବା ଶିକ୍ଷା ସହ ଛାତ୍ରୀଛାତ୍ରଙ୍କୁ ସାରା ଦୁନିଆର ପରିବର୍ତ୍ତନଶୀଳ ଶିକ୍ଷା ସମ୍ପର୍କରେ ଅଧିକ ଶିକ୍ଷା ଦେବା ଉପର ଗୁରୁତ୍ୱାରାପ କରିଥିଲେ। ସମ୍ମାନିତ ଅତିଥିଭାବେ କବି ଭକ୍ତଚରଣ ସାହୁ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ପ୍ରଦୀପ୍ତ କୁମାର ପରିଡା ବିଦ୍ୟାଳୟର ବିଭିନ୍ ସମସ୍ୟା ନେଇ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲାବେଳେ ଅଧକ୍ଷ ସତ୍ୟବାଦୀ ଶତପଥି ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସାମଲ ମାନପତ୍ର ପାଠ କରିଥିଲେ। ନରେନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ । ଚଳିତ ବର୍ଷ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଭାବେ ପଞ୍ଚମ ଶ୍ରେଣୀର ସୋନାଲୀ ପୃଷ୍ଟିଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିବାବେଳେ ସ୍ୱର୍ଗତ ଖବରଦାତା ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ

**ସିଂହପୁର,୧୨।୧(ଡିଏନଏ):** ବିଞ୍ଝାରପୁର ତହସିଲ ହଳଦୀଡିହ ଗ୍ରାମରେ ରବିବାର ଗ୍ୟାସ ଲିକ ହୋଇ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ଖିଲାରଙ୍କ ଦୁଇବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ରୋଷେଇ କରୁଥିବାବେଳେ ରବିବାର ମଧ୍ୟାହ୍ନରେ ଗ୍ୟାସ ଲିକ ହେବାରୁ ସଂଗେସଂଗେ ନିଆଁ ବ୍ୟାପୀ ଯାଇଥିଲା। ଫଳରେ ଦୁଇବଖରା ଘର ସମେତ ଘରର ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିବା ପୂର୍ବରୁ ସମସ୍ତ ସାମଗ୍ରୀ ପୋଡିଯାଇଥିଲା।

### ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଚଢେଇଧରା,୧୨।୧(ଡିଏନଏ)**

ଜେନାପୁର ପୋଲିସ ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବିବାର ସଡ଼କ ସୁରକ୍ଷା ସଚେତନତା ରାଲି କରିଥିଲେ। ପ୍ରଥମେ ଜେନାପୁର ଥାନାରୁ ବାହାରି ଗଡମଧୁପୁର, କୁକୁଡାଖେଳେଇ ବରଡା ଚଢେଇଧରା ବାଲିସାହି ଶ୍ୟାମସୁନ୍ଦରପୁର ମୁକୁନ୍ଦପୁର, ମଧୁସୂଦନପୁର, ସୋରେଇ କବାଟବନ୍ଧ ଆଦି ବିଭିନ୍ନ ଛକରେ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ଯୋଗଦେଇ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଇ ସଚେତନ କରାଇଥିଲେ। ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରୋଜ ବେହେରା ବରିଷ୍ଠ ନାଗରିକ ସନ୍ତୋଷ ବିଶ୍ୱାଳ, ଜଗଦିଶ ଜେନାମଣି, କାମାକ୍ଷା ପ୍ରସାଦ ନାୟକ, ଅଶୋକ ରାଉତ, ମହିଶରା ସରପଞ୍ଚ ଚକ୍ରଧର ବେହେରା, ସମିତି ସଭ୍ୟ ମଧୁସୂଦନ ବେହେରା, ପବିତ୍ର ସାହୁ, ଅକ୍ଷୟ ପ୍ରଧାନ, ଧନେଶ୍ୱର ପରିଡା ଓ ଜେନାପୁର ଥାନା କର୍ମଚାରୀମାନେ ସହେଯାଗ କରିଥିଲେ।

## ସାମନ୍ତରାପୁର ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ରସୁଲପୁର,୧୨।୧(ଡିଏନଏ)**

ରସୁଲପୁର ବ୍ଲକର ୧୧ଟି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ମଧ୍ୟରୁ ଅଗ୍ରଣୀ ସାମନ୍ତରାପୁର ପାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପାକ୍ସ ସଭାପତି ବିଦ୍ୟାଧର କରଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିକାଶ ମିଶ୍ର ଯୋଗଦେଇ କୃଷକଙ୍କୁ ମଣ୍ଡି ସମ୍ପର୍କିତ ସଂଶୋଧିତ ଆଇନ ସମ୍ପର୍କରେ ବୁଝାଇଥିଲେ। ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ କାରବାରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ନକଲି ଚାଷୀ ଚିହ୍ନଟ ଉପରେ ମଧ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମବାୟ ସମ୍ପ୍ରସାରଣ ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ମହାଳିକ, ଗ୍ରାମ୍ୟ କୃଷି କର୍ମଚାରୀ ସୁବାସ ସାମଲ, ସୁକାନ୍ତ ସାମଲ, ବନମାଳି ବେହେରା, ତ୍ରୈଲୋକ୍ୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମଣ୍ଡିର ସୁପରିଚାଳା ଦିଗରେ ମତ ରଖିଥିଲେ।



ଧାନମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଚାଷୀ।

## ଫ୍ରେଣ୍ଡ୍‌ସ କ୍ଲବ ତାଳଚେର ସେମିରେ

**ରାଜ୍ୟସ୍ତରୀୟ ଚକା ଆଖି କ୍ରିକେଟ ଟୁର୍ନାମେଣ୍ଟ**

**ଧର୍ମଶାଳା,୧୨।୧(ଡିଏନ୍ଏ):** ଧର୍ମଶାଳା ବ୍ଲକ ରାମଚନ୍ଦ୍ରପୁରସ୍ଥିତ ଚକା ଆଖି ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୬ତମ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ବିଏମ୍‌ସି ଯାଜପୁରକୁ ୭ ୱିକେଟରେ ପରାସ୍ତ କରି ଫ୍ରେଣ୍ଡ୍ କ୍ଲବ ତାଳଚେର ସେମି ଫାଇନାଲରେ ପ୍ରବେଶ କରିଛି। ବିଏମସି ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୪.୩ ଓଭରରେ ସମସ୍ତ ୱିକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଫ୍ରେଣ୍ଡସ କ୍ଲବ ୧୬.୧ ଓଭରରେ ୩ ୱିକେଟ ହରାଇ ୧୫୮ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ପ୍ରବୀନ ଦଳବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଆଜିର ଖେଳକୁ ହେମନ୍ତ ଦାସ ଓ ଚ୍ୟାଉକାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ।

## ଜାତୀୟ ଯୋଗ ଦିବସ ଉପଲକ୍ଷେ ମିନି ମାରାଥନ୍

# 'ଯୁବଗୋଷ୍ଠୀ ସଚେତନ ହେଲେ ଦେଶ ଆଗେଇବ'

**ଯାଜପୁର ଟାଉନ,୧୨।୧(ଡିଏନଏ)**



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଜାତୀୟ ଯୋଗ ଦିବସ ଅବସରରେ ଅଶୋକ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଏକ ମିନି ମାରାଥନ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ୍ କୋଠାର ମଠାଧୀଶ ଦିବେଶାନନ୍ଦଜୀ ମହାରାଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯାଜପୁରର ମାଳଆନନ୍ଦପୁରଠାରୁ ବାଳାଶ୍ରମ ପଡ଼ିଆ ପର୍ଯ୍ୟନ୍ତ ୧୧ କି.ମି. ବ୍ୟାପୀ ଏହି ମିନି ମାରାଥନ୍ କରାଯାଇଥିଲା। ଏହି ମାରାଥନ୍‌ରେ ରାଜ୍ୟର ୨ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ବାଳାଶ୍ରମ ପଡ଼ିଆରେ ଏକ ସଭାର ଆୟୋଜନ କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାରେ ମଠର ମଠାଧୀଶ ଦେବାସ ନନ୍ଦଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବକମାନେ ଭାରତବର୍ଷର ଭବିଷ୍ୟତ। ତାଙ୍କ ସହଯୋଗରେ ଭାରତବର୍ଷ ଏକ ପୂର୍ଣ୍ଣାଙ୍ଗ ଦେଶ ହୋଇ ଗଢ଼ି ଉଠିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଅଶୋକ ଦାସ ଫାଉଣ୍ଡେଶନ୍ କାର୍ଯ୍ୟକାରୀ ସଭାପତି ସବ୍ୟସାଚୀ ମହାପାତ୍ର ଯୋଗଦେଇ ଯୁବକମାନେ ଯେତେ ସଚେତନ, ସୁଦୃଢ଼, ପରିଶ୍ରମୀ ଓ ସହନଶୀଳ ହେବେ ଦେଶ ସେହି ଅନୁଯାୟୀ ଆଗକୁ ବଢ଼ିବ ବୋଲି କହିଥିଲେ। ସଭାକୁ ପ୍ରାଧାପକ ବଟକୃଷ୍ଣ ମହାପାତ୍ର ପରିଚାଳନା କରିଥିବାବେଳେ ପୂର୍ବତନ ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ସଞ୍ଚାଳନ କରିଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନା ଯୋଗଦେଇ ମିନି ମାରାଥନ୍‌ରେ ଏତେ ସଂଖ୍ୟକ ପ୍ରତିଯୋଗୀ ଯୋଗଦେବା ନେଇ ଖୁସି ବ୍ୟକ୍ତ କରିଥିଲେ। ଏହି ମିନି ମାରାଥନ୍‌ରେ ପୁରୁଷ ବିଭାଗରେ ମାଲକାନଗିରିର ମୃତ୍ରବିଶି ନାୟକ ପ୍ରଥମସ୍ଥାନ ଅଧିକାର କରି ୨୦ହଜାର ଟଙ୍କା ଅର୍ଥରାଶି ପ୍ରାପ୍ତି ହୋଇଥିଲେ। ସେହିପରି ଅନୁଗୋଳର ସୁଧାଂଶୁ ନାୟକ ଦ୍ୱିତୀୟସ୍ଥାନ ଅଧିକାର କରି ୧୫ହଜାର ଟଙ୍କାର ଅର୍ଥରାଶି ପ୍ରାପ୍ତ କରିଥିବାବେଳେ ଯାଜପୁର ଜିଲାର ଚିତାଲୋ କଲେଜ ଛାତ୍ର ଭୀମସେନ ଝାନକ୍କା ୧୦ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପାଇଥିଲେ। ଝାଡ଼ଖଣ୍ଡର ଦାମନେର ଝାମଡ଼ା, ରାଉରକେଲାର ରୋହିତ କୁମାର ଓ ଜଗନ୍ନାଥ ଦାସ, ମୟୂରଭଞ୍ଜର ସୁରେନ୍ଦ୍ର ତିରିଆ ଓ ଦଶରଥ ହେମ୍ବ୍ରମ୍, ଭୁବନେଶ୍ୱରର ରଶ୍ମିରଞ୍ଜନ ନାୟକ, ଝାଡ଼ଖଣ୍ଡର ମେଗେସ ତିରିଆଙ୍କୁ ୫ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ମହିଳା ବିଭାଗରେ ଖୋର୍ଦ୍ଧାର ସମସାଦଆରା ପ୍ରଥମ ହୋଇ ୨୦ ହଜାର ଟଙ୍କା, ମୟୂରଭଞ୍ଜର ଇତିଶ୍ରୀ ମହାନ୍ତି ୨ୟ ହୋଇ ୧୫ ହଜାର ଟଙ୍କା ଓ ବାଙ୍ଗିରିପୋଷୀର ସନ୍ଧ୍ୟା ମୁର୍ମୁ ୩ୟ ସ୍ଥାନ ଅଧିକାର କରି ନଗଦ ୧୦ ହଜାର ଟଙ୍କା ପୁରସ୍କାର ସ୍ୱରୂପ ଦିଆଯାଇଥିଲା। ସେହିପରି ଭଦ୍ରକର ଲିଲିରାଣୀ ବେହେରା, କଳିଙ୍ଗନଗରର ଶ୍ରୀମତୀ ସିଙ୍କୁ, ଯାଜପୁରର ସେହେନା ବେଗମ, ଜଗତସିଂହପୁରର ଅସ୍ମିତା ସେଠୀ, ଯାଜପୁରର ଅର୍ଚ୍ଚନା ଜେନା, କଟକର ଲିଲି ମାଝୀ ଓ କେନ୍ଦୁଝରର ଓଡ଼ିଶା ପୋଲିସର ସୁକୁମାରୀ ଲାଗୁରୀଙ୍କୁ ନଗଦ ୫ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମାରାଥନ୍‌ରେ ବୁଦ୍ଧାଦିତ୍ୟ ସ୍ୱାଇଁ ଶିଶୁ ଧାବକଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ବଣମଲ୍ଲୀ ସାହିତ୍ୟ, ସେବା ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ

**ଜେନାପୁର,୧୨।୧(ଡ଼ିଏନଏ)**

ଧର୍ମଶାଳା ବ୍ଲକ ଅଧୀନ ବୃନ୍ଦାଦେଇପୁରସ୍ଥିତ ଅଗ୍ରଣୀ ସାମାଜିକ ସଂଗଠନ ବଣମଲ୍ଲୀ ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ପୁରୁଣା ବୋଉଳମାଳ ପଞ୍ଚାୟତ ଅଧୀନ ଖଜୁରୀବାଟି ଗ୍ରାମ ଓ ସାହାଣୀଡ଼ିହ ପଞ୍ଚାୟତର ଚାରଗୋଠ ଗ୍ରାମ ଉଭୟ ଦୁଇ ଗ୍ରାମରେ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା କରିବା ପାଇଁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ଉପସଭାପତି ଲାଲମୋହନ ଶତପଥୀ, ସଭ୍ୟ ଦଶରଥ ତରାଇ, ଧରଣୀଧର ଦଳାଇ, ରୀତା ଦଳାଇ, ଯୋଗେନ୍ଦ୍ର ରାଉତ, ସିଦ୍ଧେଶ୍ୱର ବେଜ୍, ରୁଦ୍ରନାରାୟଣ ଓଝା, ମାନସ ଭୂତିଆ ଓ ବସନ୍ତ ସାମଲ ପ୍ରମୁଖ ବିଭିନ୍ନ ଅସହାୟ ବ୍ୟକ୍ତିଙ୍କ ଘରେ ପହଞ୍ଚି ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିବା ସହ କମ୍ବଳ ବଣ୍ଟନ କରିଥିଲେ।

**ସଂକ୍ଷେପରେ**

## ସଡ଼କ ସୁରକ୍ଷା ସପ୍ତାହ

**ଦଶପଲ୍ଲା,୧୨।୧(ଡି.ଏନ୍.ଏ.):** ସଡ଼କ ସୁରକ୍ଷା ସପ୍ତାହ ଅବସରରେ ରବିବାର ସ୍ଥାନୀୟ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ତରଫରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଛାତ୍ରୀମାନେ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ପ୍ଲାକାର୍ଡ଼ ଧରି ସଚେତନତା ସୃଷ୍ଟି କରିଥିଲେ। ଅଧକ୍ଷା ପୂର୍ଣ୍ଣମାସୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏନ୍ଏସି ଅଧକ୍ଷା ବବିତା ସାହୁ ମୁଖ୍ୟଅତିଥି ଓ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, ଜୁନିୟର ଏମ୍‌ଭିଆଇ ଦୁର୍ଗାପ୍ରସାଦ ରାଓ, ଟ୍ରାଫିକ ସବ୍‌ଇନ୍ସପେକ୍ଟର ସ୍ୱୟଂପ୍ରଭା ରାଉତ, ସବ୍‌ଇନ୍ସପେକ୍ଟର ସୁବାସ ଚମ୍ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଡ଼କ ସୁରକ୍ଷା ଉପରେ ଅତିଥିମାନେ ଉଦ୍‌ବୋଧନ ଦେଇ ସଚେତନ ହେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଧୀରେନ୍ଦ୍ର କୁମାର ମହାରଣା ସଂଯୋଜନା କରିଥିଲେ।

## ହାଇସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**ଭାପୁର,୧୨।୧(ଡି.ଏନ୍.ଏ.):** ଅଧବସାୟ ବଳରେ ଜ୍ଞାନ ଆହରଣ କରାଯାଇପାରିବ। ଜ୍ଞାନଯୁକ୍ତ ବ୍ୟକ୍ତିଙ୍କର ସମାଜରେ ସ୍ୱତନ୍ତ୍ର ପରିଚୟ ଓ ଗରିମା ରହିଛି। ତରବାଲୋ-ନୀଳକଣ୍ଠପ୍ରସାଦ ହାଇସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତ ଦେଇଛନ୍ତି। ସମାରୋହରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଅଧାପକ ତଥା ଗ୍ରନ୍ଥକାର ଡ଼. ପବିତ୍ର କୁମାର ସୁବୁଦ୍ଧି, ଭୁବନେଶ୍ୱର ଓୟୁଏଟିର ଅବସରପ୍ରାପ୍ତ ପ୍ରାଧାପକ ଡ଼. ମକର ପଣ୍ଡା, ଯୋଗୀନାଥ ସାହୁ, ବୀରକିଶୋର ପ୍ରଧାନ, ଦିବାକର ପରମଗୁରୁ, ଗୋଲାପୋଖରୀ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ଧନିଶ୍ୱର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ସ୍ମରଣିକା ମଧ ଉନ୍ମୋଚନ ହୋଇଥିଲା।

# ୨୪ ଦିନରେ ୨ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ

**ନୟାଗଡ଼ ଅଫିସ,୧୨।୧**

ନୟାଗଡ଼ ଜିଲାରେ ଗତମାସ ୧୮ ତାରିଖଠାରୁ ମଣ୍ଡିରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ (କ୍ରୟ) ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୨୪ ଦିନରେ ୫୬୫୭ ଚାଷୀଙ୍କଠାରୁ ୨ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ୪୦ ହଜାର ୮୦୪ ଚାଷୀଙ୍କଠାରୁ ୧୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଥିଲା। ଚାଷୀମାନେ ଟୋକନ୍ ପାଉ ନ ଥିବାରୁ ସେମାନଙ୍କ ଅମଳ ଧାନ ମଣ୍ଡିରେ ବିକ୍ରି କରିପାରୁ ନ ଥିବା ଜଣାପଡ଼ିଛି। କୁଇଣ୍ଟାଲ କୁଇଣ୍ଟାଲ ଧାନକୁ ସେମାନେ ଘରେ ସଂରକ୍ଷିତ କରି ରଖିଛନ୍ତି। ଏହାକୁ ସୁଯୋଗ ମନେକରି କିଛି ସ୍ଥାନରେ ବେପାରୀମାନେ କମ୍ ମୂଲ୍ୟରେ ଚାଷୀଙ୍କଠାରୁ ଧାନ କ୍ରୟ କରୁଛନ୍ତି। ସେହିଭଳି ଯେଉଁ ଚାଷୀମାନେ ମହାଜନଠାରୁ ଋଣ ଆଣି ଫସଲ କରିଥିଲେ ଟଙ୍କା ଦେବା ଲାଗି ବାଧ୍ୟ ହୋଇ ବେପାରୀଙ୍କୁ ବିକ୍ରି କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୫୬୫୭ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିବାବେଳେ



ଏକ ଖଳାରେ ଧାନ ସଂରକ୍ଷିତ କରି ରଖାଯାଇଛି।

- ଟୋକନ୍ ସମସ୍ୟାରେ ଚାଷୀ
- କଟ୍‌ନିଛଟ୍‌ନିକୁ ନେଇ ଅସନ୍ତୋଷ

୪୧୭୩ ଜଣ ଚାଷୀଙ୍କୁ ଟଙ୍କା ପଇଠ କରାଯାଇଛି। ଅନ୍ୟମାନଙ୍କୁ କିଛିଦିନ ଭିତରେ ଆକାଉଣ୍ଟରେ ଟଙ୍କା ପ୍ରଦାନ କରାଯିବ। ଜିଲାର ୧୭ଟି ମିଲ ମଣ୍ଡିରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରୁଛି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଧାନ କିଣା ପାଇଁ ସମୟ ଥିବାରୁ ଏହା ଭିତରେ ଧାନ ସଂଗ୍ରହର ଲକ୍ଷ୍ୟ ପୂରଣ ହୋଇଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ୧୬୦ ମଣ୍ଡିରେ ଧାନ କ୍ରୟ ଚାଲୁ ରହିଛି। କିଛି ମଣ୍ଡିରେ କୁଇଣ୍ଟାଲ ପିଛା ୩ରୁ ୪ କିଲୋ ଧାନ କଟ୍‌ନିଛଟ୍‌ନି ହେଉଥିବାରୁ ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଳିତବର୍ଷ ସାଧାରଣ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୧୮୧୫ ଟଙ୍କା ରହିଥିବାବେଳେ ସରୁ ଧାନ ୧୮୩୫ ଟଙ୍କା ରହିଛି। ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାରେ ଧାନ ସଂଗ୍ରହ ଜାରି ରହିଛି। ଆଉ କିଛିଦିନ ମଧ୍ୟରେ ପଞ୍ଜୀକୃତ କରିଥିବା ଚାଷୀମାନଙ୍କୁ ଟୋକନ୍ ପ୍ରଦାନ କରାଯିବ। ଫଳରେ ଚାଷୀମାନେ ମଣ୍ଡିରେ ସେମାନଙ୍କ ଧାନ ବିକ୍ରି କରିପାରିବେ। କେଉଁଠାରେ ବି ଧାନର କଟ୍‌ନିଛଟ୍‌ନି ହେଉ ନ ଥିବା ସେ ପ୍ରକାଶ କରିଥିଲେ।

■ ମା’ ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଶିଖରପୁର ଦଳ ଚାମ୍ପିୟନ

**ନୟାଗଡ଼ ଅଫିସ,୧୨।୧**

ମା’ ବାଉତୀ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପଞ୍ଚରିଡ଼ା ମାନପୁର ଲୋକନାଥ ନୋଡ଼ାଲ ବିଦ୍ୟାପୀଠଠାରେ ୨୪ତମ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିଖରପୁର ଓ ଗୋଡ଼ିପଡ଼ା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଖରପୁର ଦଳ ବିଜୟୀ ହୋଇ ଚାମ୍ପିୟନ୍ ଟ୍ରଫି ହାସଲ କରିଥିଲା। ଶିଖରପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ଜବାବରେ ଗୋଡ଼ିପଡ଼ା ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା ଫଳରେ ୪୮ ରନରେ ଶିଖରପୁର ଦଳ ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହିତ ୫ ହଜାର ଟଙ୍କା ଓ ଗୋଡ଼ିପଡ଼ା ଦଳକୁ ରନର୍ସ ଅପ୍ ଟ୍ରଫି ସହିତ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଟିମର ହାପି ୧୧୬ ରନ୍ କରିବା ସହିତ ୬ ଉଇକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ପଞ୍ଚରିଡ଼ା ମାନପୁର ସରପଞ୍ଚ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୟ ପ୍ରଧାନ ଓ ଆଲୋକ ରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଖଣ୍ଡପଡ଼ାରେ ରାଷ୍ଟ୍ରୀୟ ଯୁବ ଦିବସ

**ଖଣ୍ଡପଡ଼ା, ୧୨।୧(ସ୍ୱ.ପ୍ର.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖଣ୍ଡପଡା ନଗର ଶାଖା ପକ୍ଷରୁ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ୧୫୭ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ସ୍ଥାନୀୟ ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ଶିଶୁ କବି କାଶୀନାଥ ଦାସ ମୁଖ୍ୟଅତିଥି

**ଶୋଭାଯାତ୍ରାରେ ସହର ପରିକ୍ରମା କଲେ ଏବିଭିପି ସଦସ୍ୟ**

ଓ ପଠାଣି ସାମନ୍ତ ପୂଜ୍ୟ ପୂଜାର ସମ୍ପାଦକ ମହେନ୍ଦ୍ର କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମାର ମଳିନତାକୁ ଦୂର କରିପାରିଲେ ମାନବ ସମାଜ ସୁଖରେ ରହିପାରିବ ବୋଲି ମତ ଦେଇଥିଲେ। ଏବିଭିପିର ସଦସ୍ୟମାନେ ସ୍ୱାମୀ ବିବେକାନନ୍ଦଙ୍କ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଏବିଭିପିର ସଦସ୍ୟମାନେ।

ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେବା ସହ ଏକ ଶୋଭାଯାତ୍ରାରେ ଖଣ୍ଡପଡା ସହର ପରିକ୍ରମା କରିଥିଲେ। ପ୍ରାରମ୍ଭରେ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ଖଣ୍ଡପଡା ସହରର ସାମନ୍ତ ଛକ ଓ ମୁଖ୍ୟ ବଜାର ମଧ୍ୟରେ ଅବସ୍ଥିତ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ଏବିଭିପି ସଦସ୍ୟ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଙ୍ଗଠନର ନୟାଗଡ଼ ଜିଲା ପ୍ରମୁଖ ପରମେଶ୍ୱର ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ନୟାଗଡ଼ ଅଫିସ,୧୨।୧**

ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଏସ୍‌ପି ଦିଲୀପ ସାହାଣୀ ଉଦ୍‌ଘାଟନ କରିଥିଲେ। ସକାଳେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ବିଦ୍ୟାଳୟ ପରିସରରେ ରକ୍ତଦାନ କାର୍ଯ୍ୟକ୍ରମ କରାଯିବା ସହିତ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ରକ୍ତଦାନ କାର୍ଯ୍ୟକ୍ରମକୁ ଏସିଏଫ ଦିଲୀପ ରାଉତ ଉଦ୍‌ଘାଟନ କରିଥିବା ବେଳେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠିତ ସଭାରେ ପ୍ରଫେସର ରାମଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଭାରତ ବିକାଶ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଅଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଦଶପଲ୍ଲା ମହୋତ୍ସବର ୨ୟ ସନ୍ଧ୍ୟା

**ଦଶପଲ୍ଲା,୧୨।୧(ଡି.ଏନ୍.ଏ.)**

ସ୍ଥାନୀୟ ତ୍ରିନାଥ ବଜାରଠାରେ ସୀତାରାମ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହକ ଉତ୍ସବର ରବିବାର ଦ୍ୱିତୀୟ ଦିବସ ପୂର୍ବାହ୍ନରେ ମୁରୁଜ, ଝୋଟି, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ନାରାୟଣ ପଣ୍ଡା, ମୁଖ୍ୟଅତିଥି ରୂପେ ସମାଜସେବିକା ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା, ସମ୍ମାନନୀୟ ଅତିଥି ରୂପେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ସାମାଜିକ କର୍ମୀ ପ୍ରଦୋଷ କୁମାର ଜେନା, ଉପଦେଷ୍ଟା ତ୍ରିନାଥ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଯୁବକମାନେ ଦେଶର ଭବିଷ୍ୟତ। ତେଣୁ ସେମାନେ ଦେଶ ଗଠନରେ ସହାୟକ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପରେ ସାଂସ୍କୃତି କାର୍ଯ୍ୟକ୍ରମରେ ଜୟ ଜଗନ୍ନାଥ ଲୋକନୃତ୍ୟ ବୌଦ୍ଧ ଓ ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ଶୀତସତ୍ତ୍ୱେ ବହୁ ଦର୍ଶକ ଏହାକୁ ଉପଭୋଗ କରିଥିଲେ।



ସଭାରେ ମଞ୍ଚାସୀନ ଅତିଥି।

■ ରାଜ୍ୟସ୍ତରୀୟ ଗୋଲାପୋଖରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ବଜରଙ୍ଗୀବାଲି ସ୍ପୋର୍ଟସ କ୍ଲବ ଚାମ୍ପିୟନ୍

**ଭାପୁର,୧୨।୧(ଡି.ଏନ୍.ଏ.)**

ଭାପୁର ବ୍ଲକ ଗୋଲାପୋଖରୀ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗୋଲାପୋଖରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱର ଘାଟିକିଆର ବଜରଙ୍ଗୀବାଲି ସ୍ପୋର୍ଟସ କ୍ଲବ ଓ ସତ୍ୟନାରାୟଣ ଯୁବକସଂଘ ଚନ୍ଦପୁଟ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଘାଟିକିଆ ଦଳ ୩ଟି ଗୋଲ ଦେଇଥିଲା ବେଳେ ପ୍ରତିପକ୍ଷ ଟିମ୍ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ଫଳରେ ବଜରଙ୍ଗୀବାଲି ସ୍ପୋର୍ଟସ କ୍ଲବ ୩-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ୍ ଘୋଷିତ ହୋଇଥିଲା। ରେଫରି ଭାବେ ଏମ୍‌ଏସ୍ ବେଗ୍, ରବିନାରାୟଣ ରଣା, ସୁଶାନ୍ତ କୁମାର ମିଶ୍ର, ଲକ୍ଷ୍ମୀଧର ଚୌଧୁରୀ ଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ବିଜୟ କୁମାର ସାମନ୍ତରାୟ। ଉଦ୍‌ଯାପନୀ ସମାରୋହରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ବେଣୁଧର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍‌ର ଖେଳାଳି।

**ପୂଜ୍ୟପୂଜାର ଭିନ୍ନ ନମୁନା**

# ଗୁରୁ ପ୍ରଣାମ ଉତ୍ସବ

**ଖଣ୍ଡପଡ଼ା,୧୨।୧(ସ୍ୱ.ପ୍ର.)**

ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଗୁରୁ ଭକ୍ତି କିମ୍ବା ପୂଜ୍ୟପୂଜାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। କିନ୍ତୁ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀମାନେ ଯେଉଁଭଳି ଭାବେ ସେମାନଙ୍କ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ମାନ ପ୍ରଦର୍ଶନ କଲେ ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଏଠାରେ ଆଲୋଚନା ହୋଇଥିଲା।

ବାଳିକା ହାଇସ୍କୁଲରେ ପୁରାତନ ଛାତ୍ରୀ ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧାପିକା କନକ ଲତା ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୧୯୫୮ ମସିହାରୁ ଏ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଥିବା ୨ଶହରୁ ଉର୍ଦ୍ଧ୍ୱ ସହପାଠିନୀ ଏକତ୍ରିତ ହୋଇଥିଲେ। ଅଧାପିକା ଜ୍ୟୋତ୍ସ୍ନା ମହାରଣା ବେଦପାଠ



ପୁରାତନ ଛାତ୍ରୀମାନଙ୍କ ଗହଣରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ।

କରି ଦୀର୍ଘବର୍ଷର ବ୍ୟବଧାନ ପରେ ଗୋଟିଏ ସ୍ଥାନରେ ଭାବର ଆଦାନପ୍ରଦାନ ପାଇଁ ସୁଯୋଗ ପାଇଥିବାରୁ ଆୟୋଜକ ଭଉଣୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉତ୍ସବକୁ ତତ୍କାଳୀନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର କାଣ୍ଡି, ସୁଷମାମୟୀ ମିଶ୍ର, ଉଜ୍ଜ୍ୱଳ ମହାରଣା, ନବ କିଶୋର ସାହୁ, ନେତ୍ରମଣୀ ଦେଈ, ଅନ୍ନପୂର୍ଣ୍ଣା ଦାସ, ବାସନ୍ତୀ ପଣ୍ଡା ପ୍ରମୁଖଙ୍କୁ ନିମନ୍ତ୍ରିତ କରାଯାଇଥିଲା। ପୁରାତନ ଛାତ୍ରୀ ଜୟନ୍ତୀ ସାହୁ, ବାସନ୍ତୀ ସାହୁ, ଉଷାରାଣୀ ସାହୁ, ପୁଷ୍ପଲତା ସାମନ୍ତରାୟ, କୌଶଲ୍ୟା ସାହୁ ପ୍ରମୁଖ ଉପସ୍ଥିତ ପୂଜ୍ୟ ଗୁରୁଜୀମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ପରେ ସମସ୍ତ ପୁରାତନ ଛାତ୍ରୀ ଓ ସେମାନଙ୍କ ପିଲାମାନେ ଗୁରୁମାନଙ୍କ ପାଦ ଧୌତ କରି ଆସନରେ ବସାଇଥିଲେ। ଏଭଳି ଆୟୋଜନ ସହପାଠୀମାନଙ୍କ ମଧ୍ୟରେ ସୁ ସମ୍ପର୍କ ଆଣିବା ସହ ବନ୍ଧୁତା ସ୍ଥାପନର ଏକ ମାଧ୍ୟମ ବୋଲି ସହପାଠିନୀମାନେ ସେମାନଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ପୁରାତନ ଛାତ୍ରୀମାନଙ୍କ ଗହଣରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସମୟ ଅତିବାହିତ କରି ସନ୍ତୋଷ ବ୍ୟକ୍ତ କରିବା ସହିତ ସେମାନଙ୍କ ମଙ୍ଗଳ କାମନା କରିଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘର ସଭାପତି ଅଖିଳ କୁମାର ମହାରଣା ଓ କଣ୍ଟିଲୋ ନାଗରିକ ମଞ୍ଚର ପୂର୍ବତନ ସଭାପତି ଭୀମସେନ କାଣ୍ଡି ଯୋଗଦେଇ ଏପରି ଏକ ଗୁରୁପୂଜନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହାସହ ଆଗାମୀ ଦିନରେ କିପରି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ସେଥିପ୍ରତି ପୁରାତନ ଛାତ୍ରୀମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବାସନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

[Continued from previous page]

## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**(OR)**

Govt. Boys’ High School
Talcher, 8th October 2019

To
The Headmaster
Govt. Boys’ High School, Talcher
(Through the class teacher)
Sub : Request to allow to a friendly cricket match.
Sir,

With profound honour I beg to inform you that I am Rakesh Sahu, a student of Class X. The students of our class want to have a friendly cricket match with the rest of the students of our school. We have discussed about it with the monitors of all the other classes and they have agreed to our proposal. We have also consulted the physical education teacher of our school. He has already given his consent for the match. We have proposed to hold the match next Sunday.

Therefore, on behalf of the students of Class X, I request you to allow us to hold the match so that we shall remain ever grateful to you.

Yours faithfully,
**Rakesh Sahu**
Student of Class-X

**14.** **Title :** Computer

Computer are very useful machines. They can do more things in less time as compared to people. Since they have replaced people, in future it will be difficult for people to find job. Computers can’t take decision as they don’t have mind. Only people can use the stored information and get result from it. We can’t now imagine a world without computers.

**(OR)**

Chandikhole, Jajpur
25 September, 2019

To
The Editor,
The Times of India, Bhubaneswar.

**A Road Accident on the National Highway at Chandikhole**

Today a severe road accident took place on the National Highway at Chandikhole at about 4 p.m. A passenger bus coming from Jajpur Town collided with a Hero Honda Motorcycle just at the Chandikhole square. The rider and other occupant of the bike were killed at the spot. It so happened as the driver of bus was attending a call on his mobile phone. Traffic came to a halt after the accident. But the timely arrival and interference of the N.H. Police made the situation normal.

***Santosh Mishra***
Reporter

**15.** (i) There were eight servants at Akbar’s palace. One of them helped Akbar get ready to go to the court everyday.
(ii) One day Akbar wanted to wear his favourite ring.
(iii) Akbar was very angry because he felt that one of his eight servants had stolen his favourite ring.
(iv) Akbar sent for Birbal and asked him to find the thief.
(v) About the sticks Birbal told the eight servants that the thief’s stick would become longer by as much as the length of a finger that night.

❑❑❑

## ସଂକ୍ଷେପରେ

### ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ନୟାଗଡ଼ ଅଫିସ,୧୨।୧:** ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲର ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ରୋଟାରୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ହାଇସ୍କୁଲର ୨୦୧୮-୧୯ ମସିହାର କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ଆର୍ଥିକ ପୁରସ୍କାର ପ୍ରଦାନ ଓ ନୟାଗଡ଼ରେ ଥିବା ବୃଦ୍ଧାଶ୍ରମ ପାଇଁ ଅର୍ଥଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଡ. ଅଶ୍ୱିନୀ କୁମାର ମିଶ୍ର, ଶରତ ଚନ୍ଦ୍ର ଦଳବେହେରା, ସୁଧାଂଶୁ ମିଶ୍ର, ନିରଞ୍ଜନ ମିଶ୍ର, ଭବାନୀ ଶଙ୍କର ଦାଶ, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଫକୀର ଚରଣ ପଟ୍ଟନାୟକଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ନୂତନ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୧୨।୧:** ଖୋର୍ଦ୍ଧା ଗୀତା ଭବନ ପରିସରରେ ନୂତନ ଜାତୀୟ ଶିକ୍ଷାନୀତି ଉପରେ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଡେମୋକ୍ରାଟିକ୍ ଶିକ୍ଷକ ସଙ୍ଗଠନ (ଡିଟିଓ) ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ସଭାର ଆବାହକ କେଶବ ଚନ୍ଦ୍ର ବିଶ୍ୱାଳ ଓ ଶିକ୍ଷକ ନେତା ଉମାଶଙ୍କର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟବକ୍ତା ରୂପେ ଡିଟିଓର ରାଜ୍ୟ ଉପସଭାପତି କ୍ଷୀରୋଦ ଚନ୍ଦ୍ର କର, ଶିକ୍ଷକ ନେତା କେଶବ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଭିତ୍ତିଭୂମି ନ ଥିବାରୁ ସ୍କୁଲ କମ୍ପ୍ଲେକ୍ସ ଗଠନ ଓ ସ୍କୁଲ ମିଶ୍ରଣ ଚାଲିଛି। ତେବେ ଭିତ୍ତିଭୂମି, ଖେଳପଡିଆ, ନିଜସ୍ୱ ଜମି ନ ଥାଇ ବେସରକାରୀ ସ୍କୁଲ ଅନୁମତି ପାଉଛନ୍ତି। ପୁଣି ସିଟି ବନ୍ଦ କରାଇ ୪ ବର୍ଷିଆ ଇଣ୍ଟଗ୍ରେଟେଡ ବିଏଡ ପାଇଁ ରାସ୍ତା ପ୍ରସ୍ତୁତ କରାଯାଇ ଏନଆଇଓଏସ୍ ମାଧ୍ୟମରେ ଶିକ୍ଷକ ତାଲିମ୍ ଦିଆଯାଉଛି। ପରୀକ୍ଷା ନ କରି ସେମିଷ୍ଟାର ବ୍ୟବସ୍ଥା ପ୍ରଚଳନ ପାଇଁ ଚେଷ୍ଟା ଜାରି ରହିଛି। ଯାହାଦ୍ୱାରା ଗୁଣାତ୍ମକ ଶିକ୍ଷା ବଦଳରେ ଶୈକ୍ଷିକ ପରିବେଶକୁ ଧ୍ୱଂସ କରାଯାଉଛି। ନୂତନ ଶିକ୍ଷାନୀତିର ଚିଠାଟି ପଢ଼ିବା ଓ ଶୁଣିବା ମଧୁର, କିନ୍ତୁ ବାସ୍ତବ ଲକ୍ଷ୍ୟଠାରୁ ବହୁ ଦୂରରେ। ଏ ନେଇ ସମସ୍ତେ ସଚେତନତା ହେବା ଦରକାର। ସେହିଭଳି ନୂଆ ଶିକ୍ଷାନୀତି ଲାଗୁ ପରେ ସରକାରୀ ସ୍କୁଲରେ ତାଲା ଝୁଲିବ ଓ ବେସରକାରୀ ସ୍କୁଲ ବଢ଼ିବାରେ ଲାଗିବ। ଶିକ୍ଷା ବ୍ୟୟ ବହୁଳ ହେବ। ଗରିବ, ଖଟିକିଆ ପିଲା ହଇରାଣ ହେବେ। ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ଓ ପଦବୀ ସଙ୍କୁଚିତ ହେବ। ନୂଆ ପଦବୀ ସୃଷ୍ଟି ହେବନାହିଁ। ଏଣୁ ନୂଆ ଶିକ୍ଷାନୀତିକୁ ବିରୋଧ କରାଯିବା ଦରକାର।

### ସିସିଟିଭିରେ ଚୋରଙ୍କ କାରନାମା

**ଖୋର୍ଦ୍ଧା ଅଫିସ,୧୨।୧:** ଖୋର୍ଦ୍ଧା ଆଦର୍ଶ ଥାନା ବିଡିଏ କଲୋନୀ ନିକଟସ୍ଥ ମୋଦି କେୟାର ଡିଷ୍ଟ୍ରିବ୍ୟୁଶନ ପଏଣ୍ଟର ଶଟର ତାଲା ଭାଙ୍ଗି ଶନିବାର ରାତିରେ ଚୋରି ହୋଇଛି। ତେବେ ସିସିଟିଭି ଫୁଟେଜରେ ଚୋରଙ୍କ ଚୋରି ସମୟର ଦୃଶ୍ୟ କଏଦ୍ ହୋଇ ରହିଛି। ଦୋକାନ ମାଲିକ ଶିବ ପ୍ରସାଦ କର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

■ ୮ମ ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ

# କନ୍ୟା ସନ୍ତାନ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ

**ଓଡ଼ଗାଁ,୧୨।୧(ସ୍ୱ.ପ୍ର.)**

ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମହୋତ୍ସବ ପଡିଆରେ ୪ଦିନ ବ୍ୟାପୀ ଆୟୋଜିତ ୮ମ ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଓକିଲ ଗୋବିନ୍ଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି, ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ମୁଖ୍ୟବକ୍ତା, ଡିଏଫ୍‌ଓ ଧନ୍‌ଧାର ଧନ୍‌ରାଜ ହନୁମନ୍ତେ, ଏସ୍‌ପି ଶଶିଭୂଷଣ ଶତପଥୀ ଓ ପ୍ରାଧ୍ୟାପକ ବିଜୟ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଘରେ ଦୁଧର ଆବଶ୍ୟକତା ଥିବା ବେଳେ ଆମେ ଗୋପାଳନ କରୁନାହାନ୍ତି, ପବନ ଦରକାର ଥିବା ବେଳେ ଆମେ ଗଛ ଲଗାଉନାହାନ୍ତି ସେହିପରି ଘରକୁ ବୋହୂ ଦରକାର ଥିବାବେଳେ ଆମେ କନ୍ୟା ସନ୍ତାନକୁ ହତାଦର କରୁଛନ୍ତି। ଏପରିସ୍ଥଳେ ପାଣିପବନ ପରିବେଶ ଓ କନ୍ୟାସନ୍ତାନ ପ୍ରତି ଯତ୍ନବାନ ହେବାକୁ ଡିଏଫ୍‌ଓ ହନୁମନ୍ତେ ଓ ମୁଖ୍ୟବକ୍ତା ଜିଲାପାଳ ଟୁଡୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ପ୍ରାଧ୍ୟାପକ ଚୌଧୁରୀ ମହୋତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ବିଚାରପତି ଷଡଙ୍ଗୀ ତାଙ୍କ ଭାଷଣରେ ନୟାଗଡ ରାଜ୍ୟର ଇତିହାସ ବ୍ୟାଖ୍ୟାନ କରି ଗଡଜାତ ସମୟରେ କେବଳ ରାସ୍ତା କଡରେ ଆମ୍ବ ଗଛ ହିଁ ନୟାଗଡ ଷ୍ଟେଟକୁ ପ୍ରତିପାଦିତ କରୁଥିଲା । ହେଲେ ସମ୍ପ୍ରତି ରାସ୍ତା ପ୍ରଶସ୍ତୀକରଣ ଚାଲିଥିବା ବେଳେ କାଟି ଦିଆଯାଇଥିବା ଆମ୍ବଗଛ ରୋପଣ କରିବା ସହିତ ସ୍ଥାନୀୟ ହସପିଟାଲକୁ ସ୍ୱୟଂସମ୍ପୂର୍ଣ୍ଣ କରିବାକୁ ମତ ଦେଇଥିଲେ। ଆୟୋଜକ କମିଟି ତରଫରୁ ଅତିଥିମାନଙ୍କୁ ଶ୍ରୀରଘୁନାଥଜୀଉଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ମାନିତ କାରାଯାଇଥିଲା। ଏଠାରେ କାର୍ଯ୍ୟରତ ବରିଷ୍ଠ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ହୃଦୟ ରଞ୍ଜନ ମହାରଣା, ସାରସ କୁମାର ମିଶ୍ରଙ୍କ ସମେତ ଅନ୍ୟ ଖବରଦାତା, ବିଚାରକ ମଣ୍ଡଳୀ, ଉପସ୍ଥାପକଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ବୈଦେହୀ ସଙ୍ଗୀତାୟନ, ସରସ୍ୱତୀ ଡ୍ୟାନ୍ସ ଗ୍ରୁପ ସମେତ ବିଭିନ୍ନ ସ୍କୁଲର କୁନିକୁନି କଳାକାରଙ୍କ ନୃତ୍ୟାଭିନୟ ପ୍ରଶଂସନୀୟ ଥିଲା । ମହୋତ୍ସବ କମିଟି ସଭାପତି ତଥା ମନ୍ତ୍ରୀ ଅରୁଣ କୁମାର ସାହୁ, ସମ୍ପାଦକ ଲୋକନାଥ ସାହୁ, ବିଭୁପ୍ରସାଦ ସାହୁ, ପ୍ରଫୁଲ୍ଲ ଡାକୁଆ, ବିଜନ ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରକ୍ଷୀ ବାହିନୀ ମୁତୟନ ରହିଥିବା ବେଳେ ଅତିରିକ୍ତ ତହସିଲଦାର ଶରତ କୁମାର ମଲ୍ଲିକ ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ଷ୍ଟଲରେ ବ୍ୟବସାୟୀ ଓ ମହିଳା ଗ୍ରୁପ ସେମାନଙ୍କ ଚାରିଦିନର ବ୍ୟବସାୟରେ ସନ୍ତୁଷ୍ଟ ଥିବା ପ୍ରକାଶ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ ଆରମ୍ଭ

**ପୁରୀ ଅଫିସ,୧୨।୧**

ପୁରୀ ସିନର୍ଜୀ ଟ୍ରଷ୍ଟ ଆନୁକୂଲ୍ୟରେ ସୋମବାର ରାଷ୍ଟ୍ରୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରୁ ୭ମ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବର ଶୁଭାରମ୍ଭ ହୋଇଛି। ପ୍ରଥମେ ବେଳାଭୂମିର ଦିଗବାରେଣୀସ୍ଥିତ ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ବୁଦ୍ଧିଜୀବୀ କୃଷ୍ଣ ଜଗଦ୍ଦେବ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ସଭାପତି କୃଷ୍ଣଚନ୍ଦ୍ର ପାଢୀ, ସମ୍ପାଦକ ସଚ୍ଚିଦାନନ୍ଦ ଦାଶ, ଜଗନ୍ନାଥ ଷଡ଼ଙ୍ଗୀ, ପିନାକୀ ଶ୍ରୀହରିଚନ୍ଦନ, ରାଜ ପୂଜାପଣ୍ଡା, ଅନିଲ ସାହୁ, ସପନ ତରାଇ, ଆଶିଷ ସାହୁ, ରାଜକିଶୋର ମିଶ୍ର, ଜଗନ୍ନାଥ ପଣ୍ଡା ଓ ବିଶ୍ୱଭୂଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ପାଢୀ କହିଛନ୍ତି, ଆସନ୍ତା ୧୮ ଓ ୧୯ ତାରିଖରେ ଗୋଏଙ୍କା ଧର୍ମଶାଳାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ୨୨ରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସକାଳ ୯ଟାରୁ ଭଏସ ଅଫ ଶ୍ରୀକ୍ଷେତ୍ର ଏବଂ ଶ୍ରୀକ୍ଷେତ୍ର ଘୁଙ୍ଗୁର (ଓଡ଼ିଶୀ/ଲୋକନୃତ୍ୟ) ପ୍ରତିଯୋଗିତା ହେବ। ସେହିଦିନ ସନ୍ଧ୍ୟା ୬ଟାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି ମହୋତ୍ସବ ଆସନ୍ତା ୨୩ତାରିଖ ନେତାଜୀ ଜୟନ୍ତୀରେ ଉଦ୍‌ଯାପନ ହେବ।

# ରାଷ୍ଟ୍ରୀୟ ଯୁବ ଦିବସ ପାଳିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଦ୍ୟାର୍ଥୀ ପରିଷଦର ସଦସ୍ୟମାନେ।

**ନୟାଗଡ଼ ଅଫିସ,୧୨।୧**

ନୟାଗଡ଼ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରବିବାର ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ତ୍ରିନାଥ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଦିବସର ବାର୍ତ୍ତା ବିଷୟରେ ସୂଚନା ଦିଆଯାଇଥିଲା। ଏଥିରେ ଜିଲା ସହ ସଂଯୋଜକ ପରମେଶ୍ୱର ସାହୁ, ନଗର ସମ୍ପାଦକ ଦିଲୀପ ନାୟକ, ତାପସ ଜେନା, ବିଶ୍ୱରଞ୍ଜନ ବେହେରା, ସଚିକାନ୍ତ ବାଇ, ଋଷି ପଟ୍ଟନାୟକ, ସ୍ପନ୍ଦନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ଦଶପଲ୍ଲା କପ୍ ଫୁଟ୍‌ବଲ: ଭଦ୍ରକ ବିଜୟୀ


ଖେଳର ଏକ ଦୃଶ୍ୟ।

**ଦଶପଲ୍ଲା,୧୨।୧(ଡି.ଏନ୍.ଏ.)**

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଚାଲିଥିବା ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ରବିବାର ଖେଳ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ ୟୁନାଇଟେଡ କ୍ଲବ ଚରମ୍ପା ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଦଳ ୧-୦ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ରୂପେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା, ରାଜୁ ମହାନ୍ତି ଓ ରବି ନାୟକ। ସୋମବାର ମହିଳା ଫୁଟ୍‌ବଲ ଖେଳ ଓଡ଼ିଶା ପୋଲିସ ଓ ବିଜୁ ପଟ୍ଟନାୟକ ଏକଡ଼େମୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସୂତ୍ରରୁ ପ୍ରକାଶ।

## ପରମେଶ୍ୱର ମେମୋରିଆଲ କ୍ରିକେଟ, ମୋଟା ଦଳ ବିଜୟୀ

**ନିରାକାରପୁର,୧୨।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ରମାବିଲସ୍ଥିତ ବାବା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଧ୍ରୁବଚରଣ ପଡିଆଠାରେ ୭ମ ପରମେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଲିଗ୍ ମ୍ୟାଚ ମା’ ଭଗବତୀ କ୍ରିକେଟ କ୍ଲବ ମୋଟା ଓ ରମାବିଲି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୋଟା କ୍ରିକେଟ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ରନ ସଂଗ୍ରହ କରିଥିଲା। ଜବାବରେ ରମାବିଲ ଦଳ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୪୦ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା।

# ଗ୍ରାମ ସମସ୍ୟା ବୁଝିଲେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୧୨।୧**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମାଷ୍ଟର ଇନ ସୋସିଆଲ୍ ୱାର୍କ (ଏମଏସ୍‌ଡ଼ବ୍ଲ୍ୟୁ)ରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ରବିବାର ଓଡ଼ଗାଁ ବ୍ଲକ ବାଣପୁର ପଞ୍ଚାୟତ ନେପାଳ ଗ୍ରାମକୁ ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ। ଗାଁ ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ ସହ ଖାଦ୍ୟସାମଗ୍ରୀ ବଣ୍ଟନ କରିଥିଲେ। ବିଭାଗର ମୁଖ୍ୟ ସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ର ଜ୍ୟୋତି ରଞ୍ଜନ ମହାପାତ୍ର, ଚନ୍ଦ୍ରଶେଖର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଗ୍ରାମକୁ ରାସ୍ତା ନ ଥିବାବେଳେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଏହିଭଳି ବିଭିନ୍ନ ଅବ୍ୟବସ୍ଥା ଲାଗିରହିଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେମାନେ ଅନୁରୋଧ କରିଥିବା କହିଛନ୍ତି।

# ସ୍ୱଚ୍ଛତାର ବାର୍ତ୍ତା ଦେଲେ ବିଦ୍ୟାର୍ଥୀ, ସ୍ୱେଚ୍ଛାସେବୀ

**ପୁରୀ ଅଫିସ, ୧୨।୧**

ଯୁବ ଦିବସ ଅବସରରେ ରବିବାର ଭାରତ ବିକାଶ ପରିଷଦ ଆନୁକୂଲ୍ୟରେ ‘ମୋ ବିଚ୍ ସଫେଇ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ସୁରଜ ମଲ୍ଲ ଶାହା କଲେଜ ଏନ୍‌ଏସ୍‌ଏସ୍ ଏବଂ ଏନ୍‌ସିସି ୟୁନିଟ, ସମ୍ପର୍କ, ପୁରୀ ସେବା ସମିତି, ସେଣ୍ଟ ଜୋନ୍ସ ଆମ୍ବୁଲାନ୍ସ ଶ୍ରୀଜଗନ୍ନାଥ ଧାମ ଶାଖା, ଏନ୍‌ୱାଇକେ, ଏବିଭିପି, ଗୋପବନ୍ଧୁ ସ୍ମୃତି ପରିଷଦର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସାମିଲ ହୋଇ ଦିଗବାରେଣୀ ଖୁଣ୍ଟିଠାରୁ ଚୈତନ୍ୟ ଛକ ପର୍ଯ୍ୟନ୍ତ ବେଳାଭୂମି ସଫେଇ କରିଥିଲେ। ଅଳିଆ ଆବର୍ଜନା, ପଲିଥିନ ଆଦି ବେଳାଭୂମିରେ ନ ପକାଇ ଡଷ୍ଟବିନ୍‌ରେ ପକାଇବା ଲାଗି ସମସ୍ତଙ୍କୁ ସଚେତନ କରାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପରିଷଦର ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଆବାହକ ସୌମେନ୍ଦ୍ର ଦାସ, ଡ. ଜଗବନ୍ଧୁ ମିଶ୍ର, ଦିଗ୍‌ବିଜୟ ପଟ୍ଟନାୟକ, ଦୀପକ ନାୟକ, ମାନସ କୁମାର ଲେଙ୍କା, ରାଜକିଶୋର ସାହୁ, ଜୟଶଙ୍କର ଯୋଶୀ ପ୍ରମୁଖ ଯୋଗଦାନ କରିଥିଲେ।

## ପୂର୍ବତନ ପ୍ରଶାସନିକ ସେବା ଅଧିକାରୀ ସଂଘ ବୈଠକ

**ପୁରୀ ଅଫିସ, ୧୨।୧**

ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘର ସାଧାରଣ ବୈଠକ ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଉଲ୍ଲାସ ବେହେରା ସଭାପତିତ୍ୱ କରିଥିଲେ। ଟ୍ରାଫିକ ନିୟମ ପାଳନ ଓ ସଚେତନତା ପାଇଁ ମତ ପ୍ରକାଶ ପାଇଥିଲା। ଆସନ୍ତା ସାଧାରଣତନ୍ତ୍ର ଦିବସ ଓ ଫେବୃୟାରୀ ୧୪ରେ ସଂଘର ଏକାଦଶ ପ୍ରତିଷ୍ଠା ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ସଭ୍ୟ ହରମୋହନ ମହାନ୍ତି ନିଜ ପ୍ରକାଶିତ ଗଳ୍ପ ସଙ୍କଳନ ‘ନୀଳ ଆକାଶର ଛାଇ’ ସମସ୍ତଙ୍କୁ ପ୍ରଦାନ କରିଥିଲେ। ଉପସଭାପତି ଲୋକନାଥ ମହାନ୍ତି, ଗୋକୁଳାନନ୍ଦ ସାମଲ, ବ୍ରଜକିଶୋର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

■ ପୁସ୍ତକ ମେଳାର ୮ମ ଦିବସ

# ଜଣା ଅଜଣା ସାଙ୍ଗକୁ ଜମୁଛି ନାଚ, ଗୀତ

**ପୁରୀ ଅଫିସ, ୧୨।୧**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୁଲ୍ୟରେ ଶରଧାବାଲିରେ ଚାଲିଥିବା ୨୬ତମ ପୁସ୍ତକ ମେଳା ରବିବାର ୮ମ ଦିନ ବିତିଛି। ଏଥିରେ ଗ୍ରାହକ ଓ ପାଠକଙ୍କ ପ୍ରବଳ ଭିଡ଼ ଜମୁଛି। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର ଜଣା ଅଜଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ପକ୍ଷରୁ ପଠନ ଟୁଙ୍ଗି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ପାଠ କରିଥିଲେ।

### ଭଜନ, ଓଡ଼ିଶୀ ନୃତ୍ୟ ପରିବେଷଣ

ସନ୍ଧ୍ୟାରେ ପୁରୀର ଲିଙ୍ଗରାଜ କଳା ନିକେତନର ପକ୍ଷରୁ ଭଜନ ସମାରୋହ ହୋଇଥିଲା। କଣ୍ଠଶିଳ୍ପୀମାନେ ଭଜନ ଏବଂ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ମନୋଜ କୁମାର ପ୍ରଧାନ ଓ ନୃତ୍ୟଶିଳ୍ପୀ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସିପ୍ରା ମିଶ୍ର, ଅର୍ଚ୍ଚନା ସାହୁ, ମମତା ଦାସ, କିରଣ ପଟ୍ଟନାୟକ, ରଶ୍ମିତା ଦାସ, ପୁଷ୍ପା ନାୟକ, ଶୁଭଶ୍ରୀ ପଣ୍ଡା, ସୁପ୍ରିୟା ପଲାଇ ପ୍ରମୁଖ ସରସ୍ୱତୀ ବନ୍ଦନା, ଦଶାବତାର, ଭଜନ ନୃତ୍ୟ, ମିଠା ମିଠା ହସ, ନନ୍ଦ ଲାଲା, ମଥାରେ ନାଇଲି ସିନ୍ଦୁର ପ୍ରଭୃତି ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କବିତାରେ ସମାଜର ବାସ୍ତବତା ପ୍ରତିଫଳନ ହୋଇଥାଏ


ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ କବିତା ଆସର ହୋଇଥିଲା। ଏଥିରେ ପରିଷଦ ସଭାପତି ପ୍ରତିମା ମିଶ୍ର ସଭାପତିତ୍ୱ କରିଥିଲେ। ଜଗନ୍ନାଥ ମହାନ୍ତି ମୁଖ୍ୟ ଅତିଥି, ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟବକ୍ତା, ପ୍ରଫେସର ଅଦ୍ୱୈତ ଚରଣ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବିତାରେ ସମାଜର ବାସ୍ତବତା ପ୍ରତିଫଳନ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମଞ୍ଜୁଶ୍ରୀ ମିଶ୍ର ଓ ଅର୍ଜୁନ ପରମଗୁରୁ କବିତା ପାଠ ସଂଯୋଜନା କରିଥିଲେ। ପରିଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ସ୍ୱାମିଜୀଙ୍କ ଜୀବନୀ, ବାଣୀ ପ୍ରଚାର ପାଇଁ ସେବାଶ୍ରମରେ ପ୍ରତିଯୋଗିତା

# କଅଁରପୁର ବେଗୁନିଆ ମୂଳ ଗ୍ରାମ ପରିକ୍ରମା

**ବୋଲଗଡ,୧୨।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ଟିକାତାଲସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମରେ ରବିବାର ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ବାଣୀ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେବାଶ୍ରମର ସହସମ୍ପାଦକ ସର୍ବେଶ୍ୱର ସାହୁଙ୍କ ସମେତ ସେବାଶ୍ରମର ସଦସ୍ୟମାନଙ୍କ ଦ୍ୱାରା ଏହି ପ୍ରତିଯୋଗିତା ପରିଚାଳିତ ହୋଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଆଗ୍ରହୀ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସାଧାରଣଜ୍ଞାନ, ଗୀତା ଆବୃତ୍ତି ଆଦି ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ପୁସ୍ତକ ବଣ୍ଟନ କରାଯାଇଥିଲା। ସେହିପରି ବେଗୁନିଆ ମୂଳ ଓ କଅଁରପୁରଠାରେ ଆଦର୍ଶ ଶିକ୍ଷକ ହୃଷୀକେଶ ଚମ୍ପତିଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଯୁବ ଦିବସ ପାଳିତ ହୋଇଛି। ଏଥିରେ ସ୍ଥାନୀୟ ବିଦ୍ୟାଳୟର ପୂର୍ବତନ ଏବଂ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସ୍ୱାମିଜୀଙ୍କ ଫଟୋଚିତ୍ର ଏବଂ ବିଭିନ୍ନ ବାଣୀର ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଥିଲେ। ଏଠାରେ ପ୍ରତିବର୍ଷ ଯୁବ ଦିବସ ଅବସରରେ ବିବେକାନନ୍ଦଙ୍କର ବାଣୀ ପ୍ରଚାର ପାଇଁ ଏଭଳି କାର୍ଯ୍ୟକ୍ରମ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କେଦାର ନାଥ ପାଟଯୋଶୀ, ସାମାଜିକ କର୍ମୀ ଦିଲୀପ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାମିଜୀଙ୍କ ତ୍ୟାଗ ଓ ସେବାର ଆଦର୍ଶ ବିଷୟରେ ଉଦ୍‌ବୋଧନ ଦେଇଥିଲେ।


ଗ୍ରାମ ପରିକ୍ରମା କରୁଛନ୍ତି ଛାତ୍ରୀଛାତ୍ର।

# କୌଶଳ ଦେଖାଇଲେ ୧୮ ପ୍ରଜାତିର ୧୪୭ କୁକୁର

## ପୁରୀରେ ଡଗ୍ ଶୋ’

**ପୁରୀ ଅଫିସ, ୧୨।୧**

କୁକୁର ହେଲେ ବି ମାଲିକଙ୍କ ପ୍ରତି ଥିଲା ସେମାନଙ୍କର ଢେର୍ ଭଲପାଇବା ଆଉ ବିଶ୍ୱସନୀୟତା। ମାଲିକଙ୍କ ପ୍ରତିଟି ନିର୍ଦ୍ଦେଶ ମାନି ବିଚାରକଙ୍କୁ ଦେଖାଉଥିଲେ ନିଜ କଳା କୌଶଳ। କିଏ କେତେ ପାରଦର୍ଶିତା ତାହାକୁ ପରଖୁଥିଲେ ବିଚାରକ। ରବିବାର ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପଡ଼ିଆରେ ନେଚର ଲଭର୍ସ କ୍ଲବ ପକ୍ଷରୁ ଆୟୋଜିତ ଡଗ୍ ଶୋ’ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରଜାତିର କୁକୁର ଭିନ୍ନ ଭିନ୍ନ ପୋଷାକରେ ସଜେଇ ହୋଇଥିଲେ। କିଏ ମାଲିକଙ୍କ ଇସାରାରେ ପଡ଼ିଆରେ ଦୌଡ଼ି ଦର୍ଶକଙ୍କ ମନ ଜିଣୁଥିଲେ ତ ଆଉ କିଏ ବିଭିନ୍ନ ଅଙ୍ଗଭଙ୍ଗୀ ଦେଖାଇ ଆକର୍ଷଣ ସାଜୁଥିଲେ। ଏହି ଡଗ୍ ଶୋରେ ଭାଗ ନେଇଥିଲେ ୧୮ ପ୍ରଜାତିର ୧୪୭ କୁକୁର। ସବୁ ପ୍ରଜାତିରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୁକୁରଙ୍କୁ ପୁରସ୍କୃତ କରାଯାଇଥିଲା। ଯେଉଁ ପ୍ରଜାତିର ଗୋଟିଏ କିମ୍ବା ଦୁଇଟି କୁକୁର ଆସିଥିଲେ ସେମାନଙ୍କ ପୁରସ୍କାର ନିଶ୍ଚିତ ଥିବାବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। କିଛି ବର୍ଷ ବ୍ୟବଧାନ ପରେ ପୁରୀରେ ଆୟୋଜିତ ହୋଇଥିଲା ଏହି ଡଗ୍ ଶୋ। ଏଥିପାଇଁ କୁକୁରପ୍ରେମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିରେ ଲାବ୍ରାଡର, ଜର୍ମାନ ଶେଫର୍ଡ, ପଗ୍, ପୋମେରାନିଆନ, ସ୍ପିଜ୍, ଗ୍ରେଡେନ୍, ଇଣ୍ଡିଆନ ପରିହା, ଲାସା ଆପ୍‌ସୋ, ସେଣ୍ଟ ବର୍ଣ୍ଣାଡ, ଆମେରିକାନ ବୁଲି, ବିଗଲ୍, ଡାସ୍‌ହାଉଣ୍ଡ, ଡାଲମିସିଆନ, ଗୋଲଡେନ୍ ରିଟ୍ରିଭର, ରଟ୍‌ୱିଲର, ଡୋବରମ୍ୟାନ ଆଦି ପ୍ରଜାତିର କୁକୁର ଅଂଶଗ୍ରହଣ କରିଥିଲେ। ସର୍ବାଧିକ ଲାବ୍ରାଡର ପ୍ରଜାତିର ୩୪ଟି କୁକୁର ଏଥିରେ ଭାଗ ନେଇଥିବାବେଳେ ଡାଲମିସିଆନ, ବିଗଲ ଓ ସେଣ୍ଟ ବର୍ଣ୍ଣାଡ ପ୍ରଜାତିର ଗୋଟିଏ ଲେଖାଏ କୁକୁର ଆସିଥିଲେ।

ଏହି ଶୋ’କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରି କହିଥିଲେ, କୁକୁରମାନେ ହେଉଛନ୍ତି ସବୁଠୁ ବିଶ୍ୱାସଯୋଗ୍ୟ, ଯେଉଁଥିପାଇଁ ମାଲିକମାନେ ତାଙ୍କୁ ଘର ଜଗାଇ ବାହାରକୁ ମଧ ଯାଇଥାନ୍ତି। ଆଗକୁ ଏଭଳି ଶୋ’ ଅଧିକ ହେବା ଦରକାର। ଫଳରେ କୁକୁରଙ୍କ ପ୍ରତି ଭଲ ପାଇବା ଆହୁରି ବୃଦ୍ଧି ପାଇବ। ଉଦ୍‌ଯାପନୀ ସଭାରେ ଟ୍ରାଫିକ ଡିଏସ୍‌ପି ମନୋବ୍ରତା ଶତପଥୀ ଅତିଥିଭାବେ ଯୋଗଦେଇ ବିଜେତା କୁକୁରଙ୍କ ମାଲିକମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ବିଚାରକ ଭାବେ ଡ. ଡେଭିଡ, ଡ. ପ୍ରସନ୍ନ କୁମାର ପୃଷ୍ଟି ଯୋଗଦେଇ ମୂଲ୍ୟାୟନ କରିଥିଲେ। କ୍ଲବ ସଭାପତି ଚକ୍ରଧର ସାହୁ, ସମ୍ପାଦକ ରବୀନ୍ଦ୍ର କୁମାର ସେନାପତି, ଉପସଭାପତି ଡ. ଅନନ୍ତ କୁମାର ସାହୁ ଓ ଯମୁନା ଦାଶ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସଦସ୍ୟ ବିରଜା ପ୍ରସାଦ ସାମଲ, ଲୋକନାଥ ପ୍ରସାଦ ଦାଶ, ଚକ୍ରଧର ମହାପାତ୍ର ଓ ପତିତପାବନ ସାମନ୍ତରାୟ ଏହାକୁ ପରିଚାଳନା କରିଥିଲେ।


ଡଗ୍ ଶୋ’ରେ ଭାଗନେଇଥିବା ବିଭିନ୍ନ ପ୍ରଜାତିର କୁକୁର।